# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୪/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, March 24/2023 | Page 18 | ₹ 7.00

୪୯ଶ ଭାଗ ୧୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 118 | ମୂଲ୍ୟ ₹୭/-





**ଫାଇନାଲରେ ନିଖତ ଜରିନ୍**

କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍ ଫାଇନାଲରେ ଭାରତର ନିଖତ ଜରିନ୍। **୧୮**

**୧୫** **ପରିଣୀତି ରାଜନେତାଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା**

ନିକଟରେ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆମ୍ ଆଦ୍‌ମୀ ପାର୍ଟି ନେତା ରାଘବ ଚଡ୍ଢାଙ୍କୁ ରେଷ୍ଟୁରାଣ୍ଟ ବାହାରେ ଦେଖିବାକୁ ମିଳିଛି।




# ଓଡ଼ିଶା ଆତିଥ୍ୟକୁ ମମତାଙ୍କ ପ୍ରଶଂସା

- କୌଣସି ରାଜନୈତିକ ଆଲୋଚନା ହୋଇନି: ନବୀନ
- ମମତା ଦେଲେ ବେଙ୍ଗଲ ମିଠା, ନବୀନ ଦେଲେ ଛେନାପୋଡ଼
- ଅତିଥି ଭବନ ପାଇଁ ପଶ୍ଚିମବଙ୍ଗଙ୍କୁ ୨ ଏକର ଜମି ଉପହାର

ଭୁବନେଶ୍ୱର,୨୩ା୩(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଆତିଥ୍ୟ ବହୁତ ଭଲ। ପ୍ରଭୁ ଜଗନ୍ନାଥଙ୍କୁ ସେ ଭଲ ଭାବେ ଦର୍ଶନ କରିବାର ସୁଯୋଗ ପାଇଲେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଗଣମାଧ୍ୟମରେ ଏହା କହିଛନ୍ତି। ଏଥିସହିତ ପୁରୀରେ ପଶ୍ଚିମବଙ୍ଗ ଯାତ୍ରୀଙ୍କ ପାଇଁ ଅତିଥିଭବନ ନିର୍ମାଣ ସକାଶେ ଓଡ଼ିଶା ସରକାର ୨ ଏକର ଜାଗା ଦେଇଥିବାରୁ ସେ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଅପରାହ୍ନରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ନବୀନ ତାଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରିବା ସହିତ ତିନି ରଥର କାଠ ତିଆରି ପ୍ରତିକୃତି ଉପହାର ଆକାରରେ ପ୍ରଦାନ କରିଛନ୍ତି। ଏଥିସହିତ ରୁପା ତାରକସିର କାରୁକାର୍ଯ୍ୟ ଓ ଛେନାପୋଡ଼ ମଧ୍ୟ ଉପହାର ଦେଇଛନ୍ତି। ଏହି ଅବସରରେ ପଶ୍ଚିମବଙ୍ଗ ଜନସାଧାରଣଙ୍କ ପ୍ରତି ସଦିଚ୍ଛା ସ୍ୱରୂପ ମୁଖ୍ୟମନ୍ତ୍ରୀ ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ଓଡ଼ିଶାବାସୀଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ୨ ଏକର ଜମି ଉପହାରସ୍ୱରୂପ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବୀନଙ୍କୁ ବିଶ୍ୱ ବାଂଲା ଦ୍ୱାରା ପ୍ରସ୍ତୁତ ଏକ ସାଲ୍ ଉପହାର ଦେଇଛନ୍ତି। ଏହା ସହିତ ବିଜୁବାବୁ ଓ ଜ୍ଞାନ ପଟ୍ଟନାୟକଙ୍କ ଫଟୋରେ ଜାମଦାନି ଶାଢ଼ି ଦେଇ ଶ୍ରଦ୍ଧା ନିବେଦନ କରିଛନ୍ତି। ଗତ ୨୧ ତାରିଖରେ ମମତା ଭୁବନେଶ୍ୱରରେ ପହଞ୍ଚିବା ☞ ପୃଷ୍ଠା-୪



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବୀନ ନିବାସଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ବାଂଲା ଦ୍ୱାରା ପ୍ରସ୍ତୁତ ଏକ ସାଲ୍ ପ୍ରଦାନ କରୁଛନ୍ତି।

# ଏ ବର୍ଷ ବଢ଼ିବନି ବିଜୁଳି ଦର

## ବିଦ୍ୟୁତ୍ ଉପଭୋକ୍ତା ଆଶ୍ୱସ୍ତ

**ରନ୍ଧନ ଗ୍ୟାସ ସମେତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧି ଲୋକଙ୍କୁ ଅଣନିଃଶ୍ୱାସୀ କରିଛି। ସାଧାରଣ ଓ ମଧ୍ୟବିତ୍ତ ପରିବାର ଲୋକଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡ଼ୁଛି। ଏପରି ସମୟରେ ବିଜୁଳି ଦର ବୃଦ୍ଧି ହେବା ନେଇ ଗତ କିଛି ଦିନ ହେବ ଚର୍ଚ୍ଚା ହେଉଥିଲା। ତେବେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି) ଦର ଅପରିବର୍ତ୍ତିତ ରଖିବା ଯୋଗୁ ଉପଭୋକ୍ତାଙ୍କୁ ଆଶ୍ୱସ୍ତି ମିଳିଛି। ଅନ୍ୟପକ୍ଷରେ ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବାରୁ ଲୋକଙ୍କ ଉପରେ ଅତିରିକ୍ତ ବିଜୁଳି ବୋଝ ଲଦିବାକୁ ସରକାର ଚାହିଁ ନ ଥିବା ଆଲୋଚନା ହେଉଛି।**

ଭୁବନେଶ୍ୱର,୨୩ା୩(ବ୍ୟୁରୋ)

୨୦୨୩-୨୪ ଆର୍ଥିକବର୍ଷ ପାଇଁ ବିଜୁଳି ଦର ବଢ଼ିବ ନାହିଁ। ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ ପକ୍ଷରୁ ଗୁରୁବାର ଏ ନେଇ ସୂଚନା ଦିଆଯାଇଛି। ଦର ଅପରିବର୍ତ୍ତିତ ରହିଥିବା ଯୋଗୁ ବିଦ୍ୟୁତ୍ ଉପଭୋକ୍ତା ଆଶ୍ୱସ୍ତ ହୋଇଛନ୍ତି। ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ପୂର୍ବଭଳି ଦର ଅପରିବର୍ତ୍ତିତ ରହିଛି। ଓଇଆରସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପୂର୍ବଭଳି ଶୂନରୁ ୫୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୩ ଟଙ୍କା ରହିଥିବାବେଳେ ୫୦ରୁ ୨୦୦ ୟୁନିଟ୍ ପାଇଁ ୪ ଟଙ୍କା ୮୦ ପଇସା ଓ ୨୦୦ରୁ ୪୦୦ ୟୁନିଟ୍ ପାଇଁ ୫ ଟଙ୍କା ୮୦ ପଇସା ଧାର୍ଯ୍ୟ କରାଯାଇଛି। ସେହିପରି ୪୦୦ ୟୁନିଟ୍‌ରୁ ଅଧିକ ପାଇଁ ୟୁନିଟ୍ ପିଛା ୬ ଟଙ୍କା ୨୦ ପଇସା ଧାର୍ଯ୍ୟ କରାଯାଇଛି।



**ଡିଜିଟାଲ ପେମେଣ୍ଟ କଲେ ମିଳିବ ୪% ରିହାତି**

**ଠିକ୍ ସମୟରେ ବିଲ୍ ପୈଠ କଲେ ଗାଁ ଉପଭୋକ୍ତାଙ୍କୁ ମିଳିବ ୧୦ ପଇସା ରିହାତି**

ଶୀତଳଭଣ୍ଡାର ପାଇଁ ୟୁନିଟ୍ ପିଛା ୧ ଟଙ୍କା ୬୦ ପଇସା ଛାଡ଼ କରାଯାଇଛି। ପୂର୍ବରୁ ଶୀତଳଭଣ୍ଡାରଗୁଡ଼ିକୁ ୟୁନିଟ୍ ପିଛା ଏଚ୍‌ଟି ଲାଇନ ପାଇଁ ୪ଟଙ୍କା ୬୦ ପଇସା ଦେବାକୁ ପଡୁଥିବା ବେଳେ ଏଲ୍‌ଟି ଲାଇନ ୟୁନିଟ୍ ପିଛା ୪ ଟଙ୍କା ୭୦ ପଇସା ଦେବାକୁ ପଡୁଥିଲା। ଅଫ୍ ପିକ୍ ଆୱାର ଅର୍ଥାତ୍ ରାତି ୧୨ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପ୍ରତି ୟୁନିଟ୍ ପିଛା ୨୦ ପଇସା ରିହାତି ସୁବିଧା ଦିଆଯାଇଛି। ସେହିପରି ସବୁଜ ଶକ୍ତି ସାର୍ଟିଫିକେଟ ପ୍ରିମିୟମ୍ ୟୁନିଟ୍ ପିଛା ୫୦ ପଇସାରୁ ୨୫ ପଇସାକୁ କମାଇ ଦିଆଯାଇଛି। ରେଳବାଇ କ୍ଷେତ୍ରରେ ୨୫ ପ୍ରତିଶତ ରିହାତିକୁ ମଧ୍ୟ ମଞ୍ଜୁର କରାଯାଇଛି। ଗ୍ରାମାଞ୍ଚଳ ଉପଭୋକ୍ତା ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କଲେ ୟୁନିଟ୍ ପିଛା ୧୦ ପଇସା ରିହାତି ପାଇବେ। ବିଦ୍ୟୁତ୍ ବିଲ୍ ଡିଜିଟାଲ ମୋଡ୍‌ରେ ପେମେଣ୍ଟ ☞ ପୃଷ୍ଠା-୪






# ମନମୋହନ ରାଜ୍ୟ ଭାଜପା ସଭାପତି



ମନମୋହନ ସାମଲ

**ଭୁବନେଶ୍ୱର,୨୩ା୩(ବ୍ୟୁରୋ):** ୨୦୨୪ ସାଧାରଣ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ବର୍ଷ ସମୟ ଥିବାବେଳେ ଏହା ପୂର୍ବରୁ ଭାଜପା ତା'ର ରଣନୀତି ବଦଳାଇଛି। ଭାଜପାର ବରିଷ୍ଠ ନେତା ମନମୋହନ ସାମଲ ଗୁରୁବାର ରାଜ୍ୟ ଭାଜପାର ନୂଆ ସଭାପତି ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ ସଭାପତି ଥିବା ସମୀର ମହାନ୍ତିଙ୍କ ସ୍ଥାନରେ ନୂଆ ଦାୟିତ୍ୱ ମିଳିବା ପରେ ମନମୋହନ କହିଛନ୍ତି, ସେ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବେ। ରାଜ୍ୟରେ ଚାଲିଥିବା ସରକାର ଅନ୍ୟାୟ ଓ ଅତ୍ୟାଚାର କରୁଛନ୍ତି। ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ବିରୋଧରେ ଭାଜପା ଲଢ଼େଇ କରିବ। ☞ ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଜଳ ସଙ୍କଟ ଓ ନିବେଶ ସୁଯୋଗ**


# ରାହୁଲଙ୍କୁ ୨ ବର୍ଷ ଜେଲ

## 'ସବୁ ମୋଦି ଚୋର' ମନ୍ତବ୍ୟ

- ଉଚ୍ଚ ଅଦାଲତରେ ଅପିଲ କରିବେ ୱାୟନାଡ୍ ଏମ୍‌ପି
- ସତ କହିବାରୁ ଦଣ୍ଡିତ କରାଯାଇଛି: କଂଗ୍ରେସ

ସୁରଟ/ନୂଆଦିଲ୍ଲୀ,୨୩ା୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଙ୍ଗିଆକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମହଙ୍ଗା ପଡ଼ିଛି। ୨୦୧୯ର 'ସବୁ ମୋଦି ଚୋର' ବୟାନକୁ ନେଇ ଆପରାଧିକ ମାନହାନି ମାମଲାରେ ଗୁରୁବାର ଗୁଜରାଟର ସୁରଟସ୍ଥିତ ଏକ କୋର୍ଟ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ତେବେ ରାହୁଲଙ୍କୁ ତତ୍କାଳ ଜାମିନ ପ୍ରଦାନ ସହ ଦଣ୍ଡାଦେଶ ବିରୋଧରେ ଉପର କୋର୍ଟରେ ଅପିଲ ପାଇଁ ୩୦ ଦିନ ସମୟ ଦିଆଯାଇଛି। ଅର୍ଥାତ୍ ସେ ମାସକ ମଧ୍ୟରେ ଜେଲ ଯିବେ ନାହିଁ।

୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ କର୍ଣ୍ଣାଟକରେ ପ୍ରଚାର ବେଳେ କୋଲାରଠାରେ ଏକ ସଭାକୁ ସମ୍ବୋଧିତ କରି ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାଙ୍ଗିଆକୁ ନେଇ ଟାର୍ଗେଟ କରିଥିଲେ। ରାହୁଲ କହିଥିଲେ, ପଳାତକ ନୀରବ ମୋଦି (ହୀରା ବ୍ୟବସାୟୀ) ଓ ଲଳିତ ମୋଦି (ଆଇପିଏଲ୍‌ର ପୂର୍ବତନ କମିଶନର)ଙ୍କ ଭଳି ସବୁ ମୋଦି ସାଙ୍ଗିଆଧାରୀ କାହିଁକି ଚୋର ବାହାରୁଛନ୍ତି। ଏହି ମନ୍ତବ୍ୟକୁ ନେଇ ପୂର୍ବରୁ ଗୁଜରାଟର ଭୂପେନ୍ଦ୍ର ପଟେଲ ସରକାରରେ ମନ୍ତ୍ରୀ ଥିବା ତଥା ବର୍ତ୍ତମାନ ସୁରଟ ୱେଷ୍ଟ ନିର୍ବାଚନମଣ୍ଡଳୀରୁ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିବା ଭାଜପା ☞ ପୃଷ୍ଠା-୪



> ସତ୍ୟ ଓ ଅହିଂସା ଉପରେ ମୋ ଧର୍ମ ପର୍ଯ୍ୟବସିତ। ସତ୍ୟ ମୋ ଭଗବାନ, ଏହାର ପ୍ରାପ୍ତି ପାଇଁ ଅହିଂସା ହେଉଛି ମାଧ୍ୟମ।
>
> **- ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

# କମିବ ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ନଦୀର ଜଳସ୍ରୋତ

- ପ୍ରଭାବିତ ହେବେ ୧୩୦ କୋଟି ଲୋକ
- ସତର୍କ ନ ହେଲେ ଉଭେଇ ଯିବ ସବୁ ଦେଶ: ଗୁଟେରସ୍



ଜାତିସଂଘ, ୨୩ା୩

ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଦ୍ୱାରା ସାରା ବିଶ୍ୱ ଏବେ ପ୍ରଭାବିତ। ଆଗାମୀ ଦିନରେ ଏହା ସମଗ୍ର ଜୀବଜଗତ ପାଇଁ ବଡ଼ ବିପଦ ସୃଷ୍ଟି କରିବା ନେଇ ଆଶଙ୍କା ଉପୁଜିଛି। ଜଳବାୟୁ ପରିବର୍ତ୍ତନ ଫଳରେ ହିମବାହ ବା ବିଶାଳ ବରଫ ଖଣ୍ଡ ତରଳିବାରେ ଲାଗିଛି। ସେହିପରି ତାପମାତ୍ରା ବୃଦ୍ଧି କାରଣରୁ ହିମାଳୟ ଗିରିଶୃଙ୍ଗର ହିମବାହର ଆୟତନ କମିଛି, ଯାହାଫଳରେ ଆଗାମୀ ଦିନରେ ଏଥିରୁ ବାହାରିଥିବା ସିନ୍ଧୁ, ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀର ଜଳସ୍ରୋତ ହ୍ରାସ ପାଇବାକୁ ଥିବା ଜାତିସଂଘ (ୟୁଏନ୍) ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଚେତାବନୀ ଦେଇଛନ୍ତି।

ବୁଧବାର ଇଣ୍ଟରନ୍ୟାଶନାଲ ଇୟର ଅଫ୍ ଗ୍ଲାସିଅର ଇଭେଣ୍ଟରେ ଯୋଗ ଦେଇ ଗୁଟେରସ କହିଛନ୍ତି, ବିଶ୍ୱର ୧୦% ଭାଗରେ ରହିଥିବା ହିମବାହ ସାରା ବିଶ୍ୱ ପାଇଁ ୱାଟର ଟାୱାର। ମନୁଷ୍ୟକୃତ କିଛି କାରଣ ପାଇଁ ବାୟୁମଣ୍ଡଳ ତାପମାତ୍ରା ବୃଦ୍ଧି ପାଉଛି, ଫଳରେ ହିମବାହ ତରଳିବାରେ ଲାଗିଛି। ଅନ୍ୟପକ୍ଷେ ଜଳବାୟୁ ପରିବର୍ତ୍ତନ ପାଇଁ ମନୁଷ୍ୟକୁ ୟୁଏନ୍ ମହାସଚିବ ଗିଟେରସ୍ ଦାୟୀ କରିଛନ୍ତି। ପ୍ରତିବର୍ଷ ଆଣ୍ଟାର୍କଟିକାର ୧୫୦ ବିଲିୟନ୍ ଟନ୍ ହିମବାହ ତରଳୁଥିବାବେଳେ ଗ୍ରୀନ୍‌ଲାଣ୍ଡର ଆଇସ୍ କ୍ୟାପ୍ ଆୟତନ ବର୍ଷକୁ ୨୭୦ ବିଲିୟନ୍ ଟନ୍ ହ୍ରାସପାଇବାରେ ଲାଗିଛି।

ଏସିଆ ମହାଦେଶର ପ୍ରମୁଖ ୧୦ ନଦୀ ହିମାଳୟରୁ ବାହାରିଛି। ଏହି ନଦୀଜଳ ଉପରେ ବିଶ୍ୱର ୧.୩ ବିଲିୟନ୍ (୧୩୦ କୋଟି) ଲୋକ ନିର୍ଭରଶୀଳ। ☞ ପୃଷ୍ଠା-୪







ପାର୍ଲାମେଣ୍ଟର ବଜେଟ ଅଧିବେଶନ ବେଳେ ଆଦାନୀ ଗ୍ରୁପ୍ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିରେ ବିକ୍ଷୋଭ କରୁଛନ୍ତି ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ଅନ୍ୟ ବିରୋଧୀ ଏମ୍‌ପିମାନେ।

# ପାର୍ଲାମେଣ୍ଟ ପରିସରରେ ବିରୋଧୀଙ୍କ ବିକ୍ଷୋଭ

**ଆଦାନୀ ପ୍ରସଙ୍ଗର ଜେପିସି ତଦନ୍ତ ଦାବି**

ନୂଆଦିଲ୍ଲୀ, ୨୩।୩(ପି.ଟି.)

ଆଦାନୀ ଗ୍ରୁପ୍ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିକରି ଗୁରୁବାର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଲାମେଣ୍ଟ ଭବନର ମୁଖ୍ୟ ପ୍ରବେଶ ପଥ ଗେଟ୍ ନଂ.୧ ନିକଟରେ ବିରୋଧୀ ନେତାମାନେ ଏକାଠି ହୋଇ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ଜେପିସି ତଦନ୍ତ ଲାଗି ଆହ୍ୱାନ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବିଭିନ୍ନ ଦଳର ନେତା ସାମିଲ ହୋଇଥିଲେ। ପରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟ ଗେଟ୍‌ଠାରୁ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରାରେ ଯାଇଥିଲେ। ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ପାଇଁ ସରକାର ରାଜି ନୁହନ୍ତି କାହିଁକି ବୋଲି ସେମାନେ ପ୍ରଶ୍ନ କରିଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୧୩ରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲାବେଳେ ଆଦାନୀ ପ୍ରସଙ୍ଗର ଜେପିସି ତଦନ୍ତ ଏବଂ ରାହୁଲଙ୍କ ଲଣ୍ଡନ ମନ୍ତବ୍ୟକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଛି।

# ରାଜ୍ୟ ସଭା ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୨୩।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ମନ୍ତବ୍ୟ ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ତଦନ୍ତ ଦାବି ନେଇ ସରକାରୀ ଏବଂ ବିରୋଧୀ ଦଳ ସଦସ୍ୟମାନଙ୍କ ମଧ୍ୟରେ ହଟ୍ଟଗୋଳ ଲାଗିରହିବାରୁ ଗୁରୁବାର ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଆରମ୍ଭରୁ ସରକାରୀ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଉପରୋକ୍ତ ପ୍ରସଙ୍ଗକୁ ନେଇ ବାକ୍‌ଯୁଦ୍ଧ ଲାଗିରହିଥିଲା। ଗୃହକାର୍ଯ୍ୟ ଚାଲି ନ ପାରିବରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଗୃହକୁ ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୨ଟାରେ ବିଜେଡି ଏମ୍‌ପି ସୁଜିତ କୁମାରଙ୍କ ଦକ୍ଷତା ବିକାଶ କାର୍ଯ୍ୟ ଉପରେ ଆଲୋଚନା କରିବାକୁ ଗୃହରେ ଅଧ୍ୟକ୍ଷତା କରୁଥିବା ଉପାଧ୍ୟକ୍ଷ ହରିବଂଶ ଅନୁମତି ଦେଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ସଦସ୍ୟମାନେ ନ ମାନିବାରୁ ହରିବଂଶ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

## ସଂକ୍ଷେପରେ

### ନୀତୀଶଙ୍କ ଘର ଉଡ଼ାଇଦେବାକୁ ଧମକ ଦେଇ ଯୁବକ ଗିରଫ

**ପାଟନା, ୨୩।୩:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କର ପାଟନାସ୍ଥିତ ବାସଭବନକୁ ବୋମାରେ ଉଡ଼ାଇଦେବା ଲାଗି ଫୋନ୍ ଯୋଗେ ଧମକ ଦେଇଥିବା ଜଣେ ୨୮ ବର୍ଷୀୟ ଯୁବକଙ୍କୁ ସୁରଟରୁ ଗିରଫ କରାଯାଇଛି। ଅଭିଯୁକ୍ତ ବୈଶାଳୀ ଜିଲା ମଧୁସୂଦନ ଏଟ୍ୱାରପୁରର ବିନୟ କୁମାର ମିଶ୍ରାଙ୍କ ପୁଅ ଅଙ୍କିତ କୁମାର ଗତ ସୋମବାର ସନ୍ଧ୍ୟାରେ ଫୋନ୍‌ରେ ଧମକ ଦେଇଥିଲେ ବୋଲି ପାଟନା ଏସ୍‌ଏସ୍‌ପି ରାଜୀବ ମିଶ୍ରା କହିଛନ୍ତି। ଅଙ୍କିତ୍ କ'ଣ ପାଇଁ ଏଭଳି ଧମକ ଦେଇଥିଲେ ଓ ଏହା ପଛର ଉଦ୍ଦେଶ୍ୟ କ'ଣ ଜାଣିବା ପାଇଁ ପାଟନା ପୋଲିସର ଏକ ଟିମ୍ ତାଙ୍କୁ ଜେରା କରିବ। ସେ ଗୁଗଲରୁ ଫୋନ୍ ନମ୍ବର ପାଇଥିଲେ ବୋଲି ଜଣେ ପୋଲିସ ଅଫିସର କହିଛନ୍ତି। ପୋଲିସ ତାଙ୍କୁ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେବ।

### ସ୍ତ୍ରୀଙ୍କୁ ୨ ଖଣ୍ଡ କଲେ ସ୍ୱାମୀ

**କୋଲକାତା, ୨୩।୩:** କୋଲକାତାର ଡାଇମଣ୍ଡ ହାର୍ବର ରୋଡ୍‌ସ୍ଥିତ ସାରଦା ଗାର୍ଡେନ୍ସ ନିକଟରୁ ଜଣେ ୩୮ ବର୍ଷୀୟ ମହିଳାଙ୍କ ଦୁଇଖଣ୍ଡ ହୋଇଥିବା ମୃତଦେହକୁ ପୋଲିସ ବୁଧବାର ଠାବ କରିଛି। ସେଠାରେ ଥିବା ଏକ ଖାତରେ ମୃତଦେହକୁ ଫିଙ୍ଗିଦିଆଯାଇଥିଲା। ମହିଳାଙ୍କ ନାମ ମମତାଜ ବିବି। ସ୍ୱାମୀ ଅଲିମ୍ ସେକ୍ ତାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ସେ ମୋଟର ସାଇକେଲରେ ମମତାଜଙ୍କୁ ଉକ୍ତ ଖାତ ନିକଟକୁ ନେଇ ହତ୍ୟା କରିବା ପରେ ମୃତଦେହକୁ ଦୁଇଖଣ୍ଡ କରି ଫିଙ୍ଗିଦେଇଥିଲେ ବୋଲି କହିଛନ୍ତି। ପୋଲିସ କହିବା ଅନୁଯାୟୀ ଅଲିମ୍ ତାଙ୍କ ପୂର୍ବ ସ୍ତ୍ରୀଙ୍କ ଝିଅଙ୍କୁ ବିବାହ କରନ୍ତୁ ବୋଲି ମମତାଜ ଚାହୁଁଥିଲେ। ଏଥିରେ ଅଲିମ୍ ରାଜି ନ ଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମମତାଜଙ୍କର ଅନ୍ୟ କାହା ସହ ପ୍ରେମ ସମ୍ପର୍କ ଥିବା ଅଲିମ୍ ସନ୍ଦେହ କରୁଥିଲେ ବୋଲି ପୋଲିସ କହିଛି।

### ୯୨ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ

**ନୂଆଦିଲ୍ଲୀ, ୨୩। ୩:** ହିମାଳୟ ରିଜିୟନ୍‌ର ୧୩ ଜିଲାରେ ୯୨ଟି ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍) ଚିହ୍ନଟ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ କୁମାର ଚୌଧୁରୀ ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ପଶୁ ଓ ଜଙ୍ଗଲ ସୁରକ୍ଷା ଦୃଷ୍ଟିରୁ ୨୦୦୨ରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ ନେଇ ସରକାରଙ୍କ ପକ୍ଷୁ ଯୋଜନା ପ୍ରସ୍ତୁତ କରାଯାଇଥିଲା।

### ମାଣ୍ଡିଆ ଖାଇ ୫୦ ଅସୁସ୍ଥ

**ଜୟପୁର, ୨୩। ୩:** ରାଜସ୍ଥାନର ଜୈଶାଲମିରରେ ମାଣ୍ଡିଆ ଖାଇ ୫୦ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧବାର ପୂଜା ସାରି ସେମାନେ ମାଣ୍ଡିଆ ଖାଇଥିଲେ। ଖାଇବାର କିଛି ସମୟ ପରେ କେତେଜଣ ବାନ୍ତି କରିବା ସହ ଅସୁସ୍ଥ ଅନୁଭବ କରୁଥିବା କହିଥିଲେ। ପରେ ଶରୀର ଅଧିକ ବିଗିଡ଼ିଯିବା କାରଣରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଦୋକାନୀମାନଙ୍କୁ ଉକ୍ତ ବ୍ରାଣ୍ଡର ମାଣ୍ଡିଆ ବିକ୍ରି କରିବାକୁ ବାରଣ କରାଯାଇଛି।

# ତେଜୁଛି ଖଲିସ୍ତାନୀ ସ୍ୱର

## ଅମ୍ରିତ୍‌ପାଲଙ୍କୁ ଧରିପାରୁନି ପଞ୍ଜାବ ପୋଲିସ

- ବିଭିନ୍ନ ଦେଶରେ ବଢ଼ୁଛି ଭାରତ ବିରୋଧୀ କାର୍ଯ୍ୟ
- ଟାର୍ଗେଟରେ ଭାରତୀୟ ହାଇକମିଶନ, ମନ୍ଦିର



ଅମ୍ରିତ୍‌ପାଲ ସିଂ

ଚଣ୍ଡିଗଡ଼/ନୂଆଦିଲ୍ଲୀ/ଲଣ୍ଡନ/ୱାଶିଂଟନ, ୨୩।୩

ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କୁ ଧରିବାକୁ ଯାଇ ପଞ୍ଜାବ ପୋଲିସ ନାକେଦମ ହେଲାଣି। ସପ୍ତାହେ ହେଲା ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ନିଶା ନିବାରଣ କେନ୍ଦ୍ର ଚଳାଇବା ନାଁରେ ଅମ୍ରିତ୍‌ପାଲ ଯୁବବର୍ଗଙ୍କୁ ଅସ୍ତ୍ର ଶିକ୍ଷାଦେବା ସହ ଆତ୍ମଘାତୀ ବୋମା ସାଜିବା ଲାଗି ପ୍ରବର୍ତ୍ତାଉଥିଲେ। ଶନିବାର ପୋଲିସ ତାଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବାବେଳେ ସେ ଖସିଯିବାକୁ ସକ୍ଷମ ହୋଇଥିଲେ। ଭାରତରେ ଖଲିସ୍ତାନୀ ଆନ୍ଦୋଳନ ତେଜିବା ଉଦ୍ୟମ ପଛରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ଥିବା ପୋଲିସ ସନ୍ଦେହ କରୁଛି। ତାଙ୍କ ସଂଗଠନକୁ ଭାରତ ବିରୋଧୀ କାର୍ଯ୍ୟ ପାଇଁ ବିଦେଶରୁ ବିପୁଳ ପାଣ୍ଠି ଆସୁଥିବା ମଧ୍ୟ ସନ୍ଦେହ କରାଯାଉଛି। ଭାରତରେ ଅସ୍ଥିରତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଅମ୍ରିତ୍‌ପାଲଙ୍କ ସମେତ ତାଙ୍କ 'ୱାରିସ୍ ପଞ୍ଜାବ ଦେ' ସଂଗଠନ ସହ ସମ୍ପୃକ୍ତ ୫ ଜଣଙ୍କ ବିରୋଧରେ ଏନ୍‌ଏସ୍‌ଏରେ ମାମଲା ରୁଜୁ ହୋଇଛି। ଅମ୍ରିତ୍‌ପାଲଙ୍କୁ ଜଣେ ଆତଙ୍କବାଦୀ ବିବେଚନା କରି ତାଙ୍କ ବିରୋଧରେ ତଦନ୍ତ ଚଳାଇବାକୁ ଉଦ୍ୟମ ହେଉଛି। ଭାରତ ବିରୋଧୀ ଖଲିସ୍ତାନୀ ସ୍ୱର ଦେଶ ବାହାରେ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ, ବ୍ରିଟେନ ଓ ଆମେରିକାରେ ମଧ୍ୟ ଭାରତୀୟ ମିଶନକୁ ଟାର୍ଗେଟ କରାଯାଉଛି।

କିଛି ମାସ ହେଲା ଅଷ୍ଟ୍ରେଲିଆରେ ଖଲିସ୍ତାନୀମାନେ ଭାରତୀୟ ମିଶନ ଓ ମନ୍ଦିରକୁ ଟାର୍ଗେଟ କରିଆସୁଛନ୍ତି। ମେଲବୋର୍ନରେ ଖଲିସ୍ତାନୀ ସମର୍ଥକ ଏବଂ ଭାରତ ସପକ୍ଷବାଦୀ ବିକ୍ଷୋଭକାରୀଙ୍କ ମଧ୍ୟରେ ଦୁଇଥର ସଂଘର୍ଷ ଘଟିଲାଣି। ନିକଟରେ ଲଣ୍ଡନ ଏବଂ ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ମିଶନକୁ ଖଲିସ୍ତାନୀ ବିକ୍ଷୋଭକାରୀମାନେ ଟାର୍ଗେଟ କରିଥିଲେ। ରବିବାର ଖଲିସ୍ତାନୀ ସମର୍ଥକମାନେ ଲଣ୍ଡନରେ ଥିବା ଭାରତୀୟ ହାଇକମିଶନ ବିଲ୍ଡିଂରୁ ଜାତୀୟ ପତାକା ଓହ୍ଲାଇଦେଇଥିଲେ। ସେହିଦିନ ଆମେରିକାର ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଉପରେ ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ଆକ୍ରମଣ କରିଥିଲେ। ଖଲିସ୍ତାନୀ ପତାକା ଧରିଥିବା ସମର୍ଥକମାନେ ଲଣ୍ଡନର ୱେଷ୍ଟମିନିଷ୍ଟରସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ବିଲ୍ଡିଂରୁ ତ୍ରିରଙ୍ଗା ହଟାଇଦେବା ପରେ ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟାପକ ସୁରକ୍ଷା ବଳ ମୁତୟନ ସତ୍ତ୍ୱେ ବୁଧବାର ପ୍ରାୟ ୨,୦୦୦ ବିକ୍ଷୋଭକାରୀ ଖଲିସ୍ତାନୀ ପତାକା ଧରି ଭାରତୀୟ ମିଶନ ନିକଟରେ ପହଞ୍ଚି ବିକ୍ଷୋଭ ପାଇଁ ଯୋଜନା କରିଥିଲେ। ସେମାନେ ଟେକାମାଡ଼ କରିବା ସହ ସ୍ଲୋଗାନ ଦେଇଥିଲେ।

### ଅମ୍ରିତ୍‌ପାଲଙ୍କୁ ଆଶ୍ରୟ ଦେଇଥିବା ମହିଳା ଗିରଫ



ବଲ୍‌ଜିତ କୌର

ପଞ୍ଜାବ ପୋଲିସକୁ ଚକ୍‌ମା ଦେଇ ଖସି ପଳାଇଥିବା ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂ ଗତ ରବିବାର ହରିୟାଣାରେ ଥିଲେ। ସେ ରବିବାର ତାଙ୍କର ଜଣେ ସହଯୋଗୀଙ୍କ ଘରେ ରହିବା ପରେ ପରଦିନ ସକାଳୁ କୁଆଡ଼େ ପଳାଇଯାଇଥିଲେ ବୋଲି ପୋଲିସ କହିଛି। ବଲ୍‌ଜିତ କୌର(୨୮) ନାମ୍ନୀ ଉକ୍ତ ସହଯୋଗୀଙ୍କୁ ଗିରଫ କରାଯାଇଛି। ଅମ୍ରିତପାଲ୍ ତାଙ୍କର ଅନ୍ୟତମ ସହଯୋଗୀ ପପଲପ୍ରୀତ୍ ସିଂଙ୍କ ସହ ଏକ ସ୍କୁଟରରେ ମହିଳାଙ୍କ କୁରୁକ୍ଷେତ୍ର ଜିଲା ଶାହାବାଦ ସହରରେ ଥିବା ଘରେ ପହଞ୍ଚିଥିଲେ ବୋଲି ସେ ପୋଲିସକୁ କହିଛନ୍ତି। ଖଲିସ୍ତାନୀ ନେତାଙ୍କ ବ୍ୟକ୍ତିଗତ ସୁରକ୍ଷା ଦାୟିତ୍ୱରେ ଥିବା ତେଜିନ୍ଦର ସିଂ ଗିଲ୍‌ଙ୍କୁ ମଧ୍ୟ ପଞ୍ଜାବ ପୋଲିସ ଗିରଫ କରିଛି।

### ଖଲିସ୍ତାନୀ ହିଂସାର ଦୃଢ଼ ଜବାବ ଦେବ ବ୍ରିଟେନ

ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟରେ ଖଲିସ୍ତାନୀ ବିକ୍ଷୋଭକାରୀଙ୍କ ହିଂସାତ୍ମକ କାର୍ଯ୍ୟ ଗ୍ରହଣୀୟ ନୁହେଁ। ବ୍ରିଟେନ୍ ସରକାର ଏହାକୁ ଅତି ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଏହି ଘଟଣାରେ ଦୃଢ଼ ଜବାବ ଦିଆଯିବ ବୋଲି ବ୍ରିଟିଶ ବହିର୍ବ୍ୟାପାର ସଚିବ ଜେମ୍ସ କ୍ଲେଭର୍‌ଲି କହିଛନ୍ତି। ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ଖଲିସ୍ତାନୀ ସମର୍ଥକଙ୍କ ହିଂସା ଘଟଣା ଗୁରୁବାର ବ୍ରିଟେନ୍ ପାର୍ଲାମେଣ୍ଟରେ ଉଠିଥିଲା। ଖଲିସ୍ତାନୀ ଗୁଣ୍ଡାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ହାଇକମିଶନ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ବ୍ରିଟିଶ ଏମ୍‌ପିମାନେ ଦାବି କରିନ୍ତି। ହିଂସାକାଣ୍ଡରେ ସମ୍ପୃକ୍ତ ଗ୍ରୁପ୍‌କୁ ବେଆଇନ ଘୋଷଣା କରିବା ଲାଗି ପଦକ୍ଷେପ ସମ୍ପର୍କରେ ଘୋଷଣା କରିବାକୁ କଞ୍ଜରଭେଟିଭ ପାର୍ଟି ଏମ୍‌ପି ବବ୍ ବ୍ଲାକମ୍ୟାନ୍ ଆହ୍ୱାନ ଦେଇଥିଲେ। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ତାହା ସୁନିଶ୍ଚିତ କରିବା ଲାଗି ଲେବର ପାର୍ଟି ଏମ୍‌ପି ଗାରେଥ ଥୋମାସ କହିଥିଲେ।




ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ଅଫିସକୁ ଖଲିସ୍ତାନୀ ସମର୍ଥକମାନେ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ପ୍ରତିରୋଧ କରୁଛି।

# ଦିନକରେ ୧,୩୦୦ ସଂକ୍ରମିତ

ନୂଆଦିଲ୍ଲୀ, ୨୩। ୩

ଦେଶରେ କରୋନା ମହାମାରୀ ଦୈନିକ ସଂକ୍ରମଣ ଗୁରୁବାର ୧,୩୦୦ ରେକର୍ଡ କରାଯାଇଛି। ଗତ ୧୪୦ ଦିନରେ ସର୍ବାଧିକ ସଂକ୍ରମିତ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ କରୋନା ସକ୍ରିୟ ମାମଲା ୭,୬୦୫ରେ ପହଞ୍ଚିଛି। ଅଦ୍ୟାବଧି ଦେଶରେ ମୋଟ ୫,୩୦,୮୧୬ ଜଣ କୋଭିଡ୍-୧୯ ଭୂତାଣୁ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷେ ଏକ୍ସବିବି.୧.୧୬ ଭାରିଆଣ୍ଟ ଦ୍ୱାରା ଲୋକେ ସଂକ୍ରମଣ ହେଉଥିବା ମନ୍ତ୍ରଣାଳୟ କହିଛି। ଗତ ୩ ମାସରେ ୩୪୪ ନମୁନାରେ ଏକ୍ସବିବି.୧.୧୬ ନମୁନା ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସୂଚନା ଦେଇଛନ୍ତି।

# ବିମାନରେ ମଦ ପିଇ କ୍ରିଉ ମେମ୍ବରଙ୍କୁ ଦୁର୍ବ୍ୟବହାର: ୨ ଯାତ୍ରୀ ଗିରଫ

ମୁମ୍ବାଇ, ୨୩। ୩

ଇଣ୍ଡିଗୋ ବିମାନର ୨ ଜଣ ଯାତ୍ରୀ ବିମାନରେ ମଦ ପିଇ କ୍ରିଉ ଏବଂ ସହଯାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ୬ଇ୧୦୮୮ ଇଣ୍ଡିଗୋ ବିମାନ ବୁଧବାର ଦୁବାଇରୁ ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିଲା। ୨ ଜଣଯାକ ଯୁବକ ବିମାନରେ ବସି ମଦ ପିଇଥିଲେ। ସହଯାତ୍ରୀ ଏ ନେଇ ଅଭିଯୋଗ କରିବା ପରେ କ୍ରିଉ ମେମ୍ବର ସେମାନଙ୍କୁ ବିମାନରେ ମଦ ନ ପିଇବାକୁ କହିଥିଲେ। ଏହାପରେ ଦୁଇଜଣଯାକ କ୍ରିଉ ମେମ୍ବର ଓ ସହଯାତ୍ରୀଙ୍କୁ ନିଶାସକ୍ତ ଅବସ୍ଥାରେ ଖରାପ ବ୍ୟବହାର କରିଥିବା ବିମାନ କର୍ତ୍ତୃପକ୍ଷ କହିଛନ୍ତି। ଗିରଫ ଯାତ୍ରୀ ଦ୍ୱୟ ପାଲଘର ନାଲାସୋପାରା ଏବଂ କୋହ୍ଲାପୁରର। ଦୁହେଁ ଦୁବାଇରେ ଚାକିରି କରିଥିବା ଜଣାପଡ଼ିଛି। ବିମାନ ମୁମ୍ବାଇ ବିମାନବନ୍ଦରରେ ଲାଣ୍ଡିଂ କରିବା ପରେ ଦୁଇ ଯୁବକଙ୍କୁ ସିଆଇଏସ୍‌ଏଫ୍ ସୁରକ୍ଷାକର୍ମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ନିକଟସ୍ଥ ଥାନାରେ ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଦୁହିଁଙ୍କୁ ଗିରଫ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିବା ପୋଲିସ କହିଛି।

# କାଲିଫର୍ଣ୍ଣିଆରେ ଝଡ଼: ଉଡ଼ିଗଲା ଛାତ, ୫ ମୃତ



**ଲସ୍‌ଏଞ୍ଜେଲ୍ସ, ୨୩। ୩:** ଆମେରିକା କାଲିଫର୍ଣ୍ଣିଆର ଦକ୍ଷିଣାଞ୍ଚଳରେ ବୁଧବାର ଭୀଷଣ ଝଡ଼ ପ୍ରଭାବରେ ଅନେକ ଘରର ଛାତ ଉଡ଼ିଯାଇଛି। ଲସ୍‌ଏଞ୍ଜେଲ୍ସ ନିକଟ ମୋଣ୍ଟେବେଲ୍ଲୋରେ ଝଡ଼ର ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ଝଡ଼ ଯୋଗୁ ବନ୍ୟା ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ପାର୍କିଂରେ ଛିଡ଼ା ହୋଇଥିବା କାର୍‌ଗୁଡ଼ିକ ଭୀଷଣ ପବନରେ କିଛିଦୂର ପର୍ଯ୍ୟନ୍ତ ଗଳିଯାଇଥିବା ଦେଖିବାକୁ ମିଳିଥିଲା।

# ନୂଆ ସାମ୍ବିଧାନିକ ପୀଠରେ ହେବ ଶୁଣାଣି

**ବହୁବିବାହ, ନିକାହ ହଲାଲାକୁ ଚ୍ୟାଲେଞ୍ଜ**



ନୂଆଦିଲ୍ଲୀ, ୨୩।୩(ପି.ଟି.)

ମୁସଲମାନଙ୍କ ମଧ୍ୟରେ ବହୁବିବାହ ଏବଂ ନିକାହ ହଲାଲାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ପାଇଁ ସାନି ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିବାକୁ ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୪ ବହୁବିବାହ ଏବଂ ନିକାହ ହଲାଲାକୁ ଅନୁମତି ଦେଇଛି। ଏହାକୁ ରଦ୍ଦ କରାଯାଉ ବୋଲି ସେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ପଲିଗେମି ଏବଂ ନିକାହ ହଲାଲାକୁ ଅସାମ୍ବିଧାନିକ ଓ ବେଆଇନ ଘୋଷଣା କରିବାକୁ ସେ ପିଟିଶନରେ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଏହାକୁ ଆମେ ବିଚାର କରୁଛୁ ଏବଂ ଉପଯୁକ୍ତ ପର୍ଯ୍ୟାୟରେ ଏକ ସାମ୍ବିଧାନିକ ପୀଠ ଗଠନ କରାଯିବ ବୋଲି ସିଜେଆଇ କହିଛନ୍ତି। ଗତବର୍ଷ ଅଗଷ୍ଟ ୩୦ରେ ଜଷ୍ଟିସ ଇନ୍ଦିରା ବାନାର୍ଜୀ, ହେମନ୍ତ ଗୁପ୍ତା, ସୂର୍ଯ୍ୟ କାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସୁଧାଂଶୁ ଧୁଲିଆଙ୍କ ନେଇ ଗଠିତ ୫ ଜଣିଆ ପୀଠ ଏହି ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି), ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏବଂ ଜାତୀୟ ସଂଖ୍ୟାଲଘୁ କମିଶନ (ଏନ୍‌ସିଏମ୍)କୁ ପକ୍ଷଭୁକ୍ତ କରି ପିଆଇଏଲ୍ ଉପରେ ସେମାନଙ୍କୁ ଜବାବ ମାଗିଥିଲେ। ଜଷ୍ଟିସ ବାନାର୍ଜୀ ଏବଂ ଜଷ୍ଟିସ୍ ଗୁପ୍ତା ଇତିମଧ୍ୟରେ ଅବସର ନେଇସାରିଛନ୍ତି। ବହୁବିବାହ ଏବଂ ନିକାହ ହଲାଲା ପ୍ରଥା ବିରୋଧରେ ୮ ପିଟିଶନ ଶୁଣାଣି ପାଇଁ ଥିବାରୁ ସାମ୍ବିଧାନିକ ପୀଠର ପୁନର୍ଗଠନ ଆବଶ୍ୟକ ହୋଇପଡ଼ିଛି।

# ଅଢ଼େଇ ଫୁଟ୍ ଜାଗା ନେଲା ଜୀବନ

**ଅନୁଗୋଳ ଅଫିସ, ୨୩।୩**

ମାତ୍ର ଅଢ଼େଇ ଫୁଟର ଜାଗାକୁ ନେଇ ଦୁଇ ପରିବାର ମଧ୍ୟରେ ହୋଇଛି ରକ୍ତାକ୍ତ ସଂଘର୍ଷ। ଏଥିରେ ଜଣଙ୍କର ଜୀବନ ଯାଇଥିବାବେଳେ ଉଭୟପକ୍ଷର ୪ ଜଣ ଆହତ ହୋଇଛନ୍ତି। ଅନୁଗୋଳ ଜିଲା ଜରପଡ଼ା ଥାନା ବଡ଼ହିଂସର ଗ୍ରାମରେ ଗୁରୁବାର ଏହି ସଂଘର୍ଷ ଘଟିଛି। ମୃତକ ହେଲେ ବଡ଼ହିଂସର ଗ୍ରାମର ନବୀନା ସାହୁ(୬୫)। ଦୁଇ ପରିବାର ପକ୍ଷରୁ ଥାନାରେ ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୯୬/୨୩ ଓ ୯୭/୨୩ରେ ମାମଲା ରୁଜୁ କରିବା ସହ ହତ୍ୟା ଅଭିଯୁକ୍ତ ରଘୁନାଥ ସାହୁ(୬୨), ତାଙ୍କ ସ୍ତ୍ରୀ ଶ୍ରୀମତୀ ସାହୁ(୫୫) ଓ ପୁଅ ମାନସ ସାହୁ(୨୮)ଙ୍କୁ ଗିରଫ କରିଛି। ନବୀନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ ସୂଚନା ଦେଇଛନ୍ତି। ଏସ୍‌ଆଇ ଗଙ୍ଗାଧର ବେହେରା ମାମଲାର ଅଧିକ ତଦନ୍ତ କରୁଛନ୍ତି।

- ୨ ପରିବାର ମଧ୍ୟରେ ସଂଘର୍ଷ
- ଜଣେ ମୃତ, ୪ ଆହତ
- ୩ ଜଣଙ୍କୁ ଗିରଫ କଲା ଜରପଡ଼ା ପୋଲିସ

ପୋଲିସ ସୂତ୍ରରୁ ପ୍ରକାଶ, ବଡ଼ହିଂସର ଗ୍ରାମର ନବୀନା ଓ ରଘୁନାଥଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଜାଗା ବିବାଦ ଥିଲା। ଗୁରୁବାର ସକାଳ ପ୍ରାୟ ୭ଟାରେ ନବୀନା ଉକ୍ତ ବିବାଦୀୟ ଜାଗା ସୀମାରେ ଏକ ସିମେଣ୍ଟ ଖୁଣ୍ଟ ପୋତିବାକୁ ଗାତ ଖୋଳୁଥିଲେ। ଏହାକୁ ରଘୁନାଥଙ୍କ ପୁଅ ମାନସ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ବଚସା ଉଗ୍ର ରୂପ ଧାରଣ କରିବାରୁ ନବୀନା ଓ ତାଙ୍କ ପୁଅ ଅନିଲ ରଘୁନାଥଙ୍କ ପୁଅ ମାନସ ଓ ବୋହୂ ତପସ୍ୱିନୀଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ରଘୁନାଥ ଏକ ଶାବଳ ଆଣି ନବୀନାଙ୍କ କାନମୁଣ୍ଡାକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ନବୀନା ଟଳି ପଡ଼ିଥିଲେ। ଏହାପରେ ଅନିଲ ଓ ତାଙ୍କ ମା' ଶାନ୍ତି ସାହୁ(୫୮)ଙ୍କୁ ରଘୁନାଥଙ୍କ ପରିବାର ଲୋକେ ଆକ୍ରମଣ କରିଥିଲେ। ଏଥିରେ ଅନିଲ ଓ ଶାନ୍ତି ଆହତ ହୋଇଥିବା ବେଳେ ପ୍ରତି ଆକ୍ରମଣରେ ରଘୁନାଥଙ୍କ ସ୍ତ୍ରୀ ଶ୍ରୀମତୀ ମଧ୍ୟ ଆହତ ହୋଇଥିଲେ। ଖବରପାଇ ଜରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଆହତମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ଜବତ କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣାସ୍ଥଳରୁ ପୋଲିସ ରକ୍ତଛିଟା ଲାଗିଥିବା ଶାବଳ ଜବତ କରିଥିବାବେଳେ ଘଟଣାର ଅଧିକ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସାମଲ ପ୍ରକାଶ କରିଛନ୍ତି।




ADMISSION OPEN
KIIT HIGHER SECONDARY SCHOOL BHUBANESWAR
Registration Open For
SUMMER COURSE (Starts from 25th March - 2023)
For the students appearing 10th Board Examination of BSE/ CBSE/ ICSE - 2023
ENROLL NOW
Admission Helpline 24x7
9090091591
9556383366
CRASH COURSE NEET-23 (Starts From 1st April-23)
For the students appearing 12th Board Examination of CHSE/ CBSE/ ICSE - 2023
ENROLL NOW
Admission Helpline 24x7
9861225225
9937133765

# ୭ ଡିଗ୍ରୀ ତଳକୁ ଖସିଲା ପାରଦ

## ୨୭ରୁ ପୁଣି ଝଡ଼ବର୍ଷା

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ବର୍ଷା ଲାଗିରହିଛି। କେତେକ ସ୍ଥାନରେ ପବନ ସାଙ୍ଗକୁ କୁଆପଥର ବର୍ଷା ହେଉଛି। ଏଥିଯୋଗୁ ରାଜ୍ୟବାସୀଙ୍କୁ ମାର୍ଚ୍ଚମାସର ତାତିରୁ ଆଶ୍ୱସ୍ତି ମିଳିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୫ରୁ ୭ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ରାତିରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧୭ରୁ ୨୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ପଶ୍ଚିମା ବାୟୁ ପ୍ରବାହ ଓ ଟ୍ରଫ୍‌ଲାଇନ ଯୋଗୁ ଆସନ୍ତା ୨୭ରୁ ୩୦ ତାରିଖ ଯାଏ ରାଜ୍ୟରେ ପୁଣି କାଳବୈଶାଖୀଜନିତ ବର୍ଷା ହୋଇପାରେ। ଆସନ୍ତା ୨୭ ତାରିଖରେ ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର, ଗଞ୍ଜାମ, ଗଜପତି, ନୟାଗଡ଼, ମାଲକାନଗିରି, କୋରାପୁଟ, କନ୍ଧମାଳ, ରାୟଗଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର କେତେକ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ଝଡ଼ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ଗଜପତି, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ଅସ୍ତ୍ରଶସ୍ତ୍ର ସହ ମାଓବାଦୀ ସାମଗ୍ରୀ ଜବତ

**ମାଲକାନଗିରି,୨୩।୩(ଡି.ଏନ୍.ଏ.)**

ଗୁରୁବାର ବିଏସ୍‌ଏଫ ୮୮ ବାଟାଲିୟନ ସର୍ଚ୍ଚ ଅପରେଶନ ଜାରିଥିବା ବେଳେ ମାଲକାନଗିରି ଜିଲାର ନାକାମାମୁଡି ପଞ୍ଚାୟତ ଅନ୍ତର୍ଗତ ଲାରିଗୁଡା ଏବଂ ଟାଇମାଳ ମଧ୍ୟରେ ଥିବା ଏକ ସ୍ଥାନରୁ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୩ ଟିଫିନ ବୋମା, ୨ ଏସବିଏମଏଲ ବନ୍ଧୁକ ଓ ଗୋଟିଏ ବ୍ୟାରେଲ, ୨ଟି ଖୋକା, ୧୧ଟି ହ୍ୟାଣ୍ଡ ଗ୍ରେନେଡ, ୨୮ଟି ଡିଟୋନେଟର, ୱାକିଟକି ସେଟ, ବିସ୍ଫୋରକ, ଆଇଡି ପ୍ରସ୍ତୁତ ସାମଗ୍ରୀ, ମାଓବାଦୀ ପୁସ୍ତିକା ଆଦି ରହିଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।



ଗୁରୁବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଙ୍ଗବସ୍ତ୍ର ପ୍ରଦାନ କରୁଛନ୍ତି।

DSPL-512
ଓଡ଼ିଶା ସରକାର
ବିଶ୍ୱ ଯକ୍ଷ୍ମା ଦିବସ
୨୪ ମାର୍ଚ୍ଚ ୨୦୨୩
"ବିଶ୍ୱ ଯକ୍ଷ୍ମା ଦିବସ"ଅବସରରେ ଆମ ରାଜ୍ୟରେ ଯକ୍ଷ୍ମା ନିରାକରଣରେ ସାମିଲ୍ ସମସ୍ତ ଅନୁଷ୍ଠାନ,ସେବା ପ୍ରଦାନକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ପାଇଁ ସାଧୁବାଦ ଜଣାଉଛି । ଆପଣମାନଙ୍କର ନିଷ୍ଠାପର ଓ ସମ୍ମିଳିତ ଉଦ୍ୟମ ଦ୍ୱାରା ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଆମେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ । ୨୦୨୫ ମସିହା ସୁଦ୍ଧା ଆମ ରାଜ୍ୟକୁ ଯକ୍ଷ୍ମାମୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଆସନ୍ତୁ, ସଭିଏଁ ମିଳିମିଶି ତ୍ୟାଗପୂତ ମନୋଭାବ ନେଇ କାର୍ଯ୍ୟ କରିବା, ଆମ ରାଜ୍ୟକୁ ଯକ୍ଷ୍ମାମୁକ୍ତ କରିବା ।"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ,ଓଡ଼ିଶା
ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା
• ରାଜ୍ୟର ସମସ୍ତ ମେଡିକାଲ୍ କଲେଜ, ଜିଲ୍ଲା, ଉପଖଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ୫୬୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ଯକ୍ଷ୍ମା ନିରୂପଣ ପରୀକ୍ଷା ବ୍ୟବସ୍ଥା କରାଯାଇଛି ।
• ରାଜ୍ୟର ସମସ୍ତ ମେଡିକାଲ୍ କଲେଜ, ଜିଲ୍ଲା,ଉପଖଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ୪୨୭୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ବିନା ମୂଲ୍ୟରେ ଯକ୍ଷ୍ମା ରୋଗର ଚିକିତ୍ସା ପାଇଁ ଔଷଧ ଯୋଗାଇ ଦିଆଯାଉଛି ।
• ଯକ୍ଷ୍ମା ଆକ୍ରାନ୍ତଙ୍କୁ ସହାୟତା ପାଇଁ ୧୬୪୪ ଜଣ 'ନିକ୍ଷୟ ମିତ୍ର' ପଞ୍ଜୀକୃତ ହୋଇଛନ୍ତି ।
• ଚଳିତ ବର୍ଷ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୫୪୮ ଜଣଙ୍କର ସମ୍ଭାବିତ ଯକ୍ଷ୍ମା ପରୀକ୍ଷା କରାଯାଇଛି ।
• ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦୪୫୧ ଓ ଘରୋଇ ଚିକିତ୍ସାଳୟରେ ୯୯୮୮ ଜଣଙ୍କୁ ମିଶାଇ ଚଳିତ ବର୍ଷ ସମୁଦାୟ ୬୦୪୩୯ ଜଣ ଯକ୍ଷ୍ମା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି । ତନ୍ମଧ୍ୟରୁ ୩୨୬୯୧ ଜଣଙ୍କ ଚିକିତ୍ସା ଜାରି ରହଛି ।
• ଯକ୍ଷ୍ମା ରୋଗରେ ପୀଡିତଙ୍କ ଚିକିତ୍ସାରେ ୯୦% ସଫଳତା ହାସଲ୍ କରାଯାଇପାରିଛି ।
• ୭୯% ଯକ୍ଷ୍ମା ଆକ୍ରାନ୍ତଙ୍କ କ୍ଷେତ୍ରରେ ଯକ୍ଷ୍ମା ଔଷଧର ପ୍ରଭାବ ଆକଳନ କରାଯାଇ ଚିକିତ୍ସା ଯୋଗାଇ ଦିଆଯାଇଛି ।
ଚିହ୍ନଟ ହୋଇଥିବା ଯକ୍ଷ୍ମା ପୀଡିତଙ୍କ ସଂସ୍ପର୍ଶରେ ଆସିଥିବା ପରିବାର ସଦସ୍ୟ ଓ ପଡୋଶୀଙ୍କର ଯକ୍ଷ୍ମା ପ୍ରତିରୋଧି ଚିକିତ୍ସା କରାଯାଏ । ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ଯକ୍ଷ୍ମାର ଚିକିତ୍ସା ସମୟରେ ଔଷଧ ଅଧାରୁ କଦାପି ବନ୍ଦ କରନ୍ତୁ ନାହିଁ ।
ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ଦେୟରେ ଯକ୍ଷ୍ମା ରୋଗର ପରୀକ୍ଷା,ଚିକିତ୍ସା ସହ ପୁଷ୍ଟିକର ଖାଦ୍ୟ ପାଇଁ ସହାୟତା ଉପଲବ୍ଧ ।
ଅଧିକ ସୂଚନା ପାଇଁ ଉଦ୍ଦିଷ୍ଟ ଯକ୍ଷ୍ମା ନିକ୍ଷୟ ହେଲ୍ପଲାଇନ୍ ନମ୍ବର ୧୮୦୦-୧୧-୬୬୬୬ରେ ଯୋଗାଯୋଗ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0178/2223

# ଶିଶୁପୁତ୍ର ବିକ୍ରି ଘଟଣା: ବାପା ଗିରଫ

**ବାସୁଦେବପୁର, ୨୩।୩ (ଡି.ଏନ.ଏ.)**

ଟଙ୍କା ପାଇଁ ୨ ବର୍ଷର ଶିଶୁପୁତ୍ରକୁ ବିକିବା ଘଟଣାରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବେତଡ଼ା ଚନ୍ଦନପୁର ଗ୍ରାମର ରାଜେନ୍ଦ୍ର ଦାସଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୨ ବର୍ଷର ପୁଅକୁ ରାଜେନ୍ଦ୍ର ବିକ୍ରି କରି ଦେଇଥିବା ନେଇ ତାଙ୍କ ସ୍ତ୍ରୀ ସୀମାରାଣୀ ଦାସ ବୁଧବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶିଶୁକୁ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ବିଲବାଙ୍କିଆ ଗ୍ରାମର ଶତ୍ରୁଘ୍ନ ବେହେରାଙ୍କ ଘରୁ ଉଦ୍ଧାର କରିଥିଲା। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ଗୋଟିଏ ଶିଶୁପୁତ୍ରକୁ ଧରି ସୀମାରାଣୀ ଘର ଛାଡ଼ି ପଳାଇଥିବା ବେଳେ ରାଜେନ୍ଦ୍ରଙ୍କ ପାଖରେ ଉକ୍ତ ଶିଶୁପୁତ୍ର ରହିଥିଲା। ତେବେ ପିଲା ବିକ୍ରି ଅଭିଯୋଗକୁ ରାଜେନ୍ଦ୍ର ଅସ୍ୱୀକାର କରିଛନ୍ତି।

# ଗୁଳି ବିନିମୟ: ୫ ମାଓବାଦୀ ଗିରଫ

**ମାଲକାନଗିରି, ୨୩।୩(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ବୁଧବାର ରାତିରେ ଗୁଳି ବିନିମୟ ହୋଇଛି। ଗୁଳି ବିନିମୟ ବେଳେ ଛତ୍ରଭଙ୍ଗ ଦେଉଥିବା ମାଓବାଦୀମାନଙ୍କ ମଧ୍ୟରୁ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ପୋଲିସ ଗୁଳିରେ ୫ରୁ ଊର୍ଦ୍ଧ୍ୱ ମାଓବାଦୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। କୋଟାଲେନ୍ଦ୍ର ଜଙ୍ଗଲ ନିକଟରେ ଥାଇ ମାଓବାଦୀମାନେ କୌଣସି ଏକ ବଡ଼ଧରଣର ଅଘଟଣ ଘଟାଇବାକୁ ୩୦ ନଂ. ଜାତୀୟ ରାଜପଥରେ ଆସିବା ପାଇଁ ପ୍ରସ୍ତୁତି ଚଳାଇଥିବା ପୋଲିସକୁ ସୂଚନା ମିଳିଥିଲା। ଏହାପରେ ସୁକମା ପୋଲିସ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଏରାବୋର ଥାନା ଇନଚାର୍ଜ ଇନ୍ସପେକ୍ଟର ବୀରେନ୍ଦ୍ର ସିଂ ଏବଂ କୋଣ୍ଟା ଥାନା ଇନଚାର୍ଜ ଇନ୍ସପେକ୍ଟର ଶିବାନନ୍ଦ ସିଂଙ୍କ ନେତୃତ୍ୱରେ ଉଭୟ ଥାନା ପୋଲିସ ଏବଂ ଡିଆରଜି ବାହିନୀ ପକ୍ଷରୁ କୋମ୍ବିଂ ଅପରେଶନ ହୋଇଥିଲା ।

ବୈଦ୍ୟନାଥ
ଘରେ ଡାକ୍ତର
ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, କାମଦୁଧା ରସ |
| ଆନିମିଆ | ହେମୋପ୍ଲସ୍, ନୱାୟସ୍ ଲୌହ |
| ଆର୍ଥ୍ରାଇଟିସ୍, ଗାଉଟ୍, ରୁମାଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ |
| ଡାଇବେଟିସ୍ | ମଧୁମେହାରୀ ଦାନା, ଡାଇବେଟ୍ ଗାର୍ଡ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ, ପ୍ରୋଷ୍ଟେଡ୍ |
| ଗ୍ୟାସ୍, ପେଟ ଫାମ୍ପିବା | ଗୌସାନ୍ତକ ଟ୍ୟାବ୍, ଚିତ୍ରକାଦି ବଟି |
| ଉଚ୍ଚ କୋଲେଷ୍ଟ୍ରଲ୍ | ଗୁଡହାର୍ଟ, କୋଲେଷ୍ଟ ଗାର୍ଡ |
| ଅନିଦ୍ରା | ନାଇଟ୍‌ଜ୍, ବ୍ରାହ୍ମୀ ବଟି |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ |
| ଲ୍ୟୁକୋରିଆ | ଲ୍ୟୁକୋନିଲ୍, ପତ୍ରାଙ୍ଗାସବ |
| ଯକୃତ ସମସ୍ୟା | ଲିଭ୍‌ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ୍ |
| ସ୍ମୃତି ବର୍ଦ୍ଧକ | ମେମୋରେକ୍ସ, ଶଙ୍ଖପୁଷ୍ପି ସରବତ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ପାଇଲ୍ସ | ପାଇରାଇଡ୍‌ସ୍ ଟ୍ୟାବ୍, ପାଇରାଇଡ୍‌ସ୍ ଅଏଣ୍ଟମେଣ୍ଟ |
| ଚାପ ଏବଂ ଚିନ୍ତା | ଷ୍ଟ୍ରେସ୍ ଗାର୍ଡ, ଷ୍ଟ୍ରେସ୍ ଗାର୍ଡ ମସାଜ ଅଏଲ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

**ଆଜିର ମନ୍ତବ୍ୟ**

ଏକ ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦୋଷୀସାବ୍ୟସ୍ତ କରାଯିବା ବିରୋଧୀ ନେତାମାନଙ୍କ ସ୍ୱରକୁ ଚପାଇଦେବା ଲାଗି ଉଦ୍ୟମ।
– ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଆ ଚାଉଳର ମୁଣ୍ଡି**
**ସମସ୍ତେ ହେଲେ ଶୁକିଲା ଶୁକିଲି**
**ରାନ୍ଧୁଣି କରିଚି ଗଣ୍ଡି।**

ରାନ୍ଧୁଣି ମହିଳାର ବର୍ଦ୍ଧିତ ଚେହେରା ହିଁ ସମସ୍ତଙ୍କ ଆଖିରେ ସନ୍ଦେହ ଏବଂ ସମାଲୋଚନାର ଖୋରାକ ଯୋଗାଇଥାଏ। ଲୁଚେଇ ଛପେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଜଗନ୍ନାଥ ବର**
**ତହିଁକି ଲାଗିଛି ମଲ୍ଲିଫୁଲ ହାର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମ ଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇ ନ ଥାନ୍ତି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ପରିକଳ୍ପନାରେ ଜଗତର ନାଥ ଜଗନ୍ନାଥଙ୍କ ସହ ବିବାହ କରିଦିଆଯାଏ। ଏହା ଫଳରେ ତା'ର ଦୋଷାଦୋଷ କଟିଯିବାର ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ଶାମ୍ଭବୀ ପୁରସ୍କାର' ପାଇଲେ ଇମ୍ରାନ ଅଲ୍ଲୀ

## ବିପିନ ବିହାରୀ ପଣ୍ଡାଙ୍କୁ ଜୁରି କମେଣ୍ଡେଶନ ସାର୍ଟିଫିକେଶନ ସମ୍ମାନ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ଚଳିତ ବର୍ଷ ଜଣେ ସାମାଜିକ ପରିବର୍ତ୍ତନକାରୀଙ୍କୁ ମିଳିଛି 'ଶାମ୍ଭବୀ' ପୁରସ୍କାର। ରାଜ୍ୟରେ ସ୍ୱାସ୍ଥ୍ୟ ଓ ଆଡ୍‌ଭୋକେସି କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଲାଗି ଡ. ମହମ୍ମଦ ଇମ୍ରାନ ଅଲ୍ଲୀଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ସହ ୨ଲକ୍ଷ ୫୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ବିପିନ ବିହାରୀ ପଣ୍ଡାଙ୍କୁ 'ଜୁରି କମେଣ୍ଡେଶନ ସାର୍ଟିଫିକେଶନ' ସମ୍ମାନ ସହ ୫୦ହଜାର ଟଙ୍କାର ଅର୍ଥରାଶି ଦିଆଯାଇଛି। ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ୍ ଫେରୋ ଆଲୟେଜ ଲିମିଟେଡ୍ (ଇମ୍ଫା)ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ସଂସ୍ଥା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ଓଡ଼ିଶାରେ ନିଶା ନିବାରଣ କ୍ଷେତ୍ରରେ ବେଶ୍ ପରିଚିତ ଡ. ଅଲ୍ଲୀ ପିଲା ଓ ଯୁବବର୍ଗଙ୍କୁ ମାଦକ ଦ୍ରବ୍ୟଠାରୁ ଦୂରେଇ ରଖିବାକୁ ଉଦ୍ୟମ ଜାରି ରଖିବା ସହ ନିଜକୁ ସମର୍ପି ଦେଇଛନ୍ତି। ତାଙ୍କ ପୁସ୍ତକ 'ବ୍ଲଡି ଗୁଟ୍‌ଖା'ରେ ତମାଖୁ ସେବନ ଦ୍ୱାରା ହେଉଥିବା କ୍ଷତି



ସମ୍ପର୍କରେ ପରିଗଣନା କରାଯାଇଛି। ଏହାସହିତ ତାଙ୍କର ସ୍ୱେଚ୍ଛାସେବୀ ଗ୍ରୁପ୍ 'ନିଶା ମୁକ୍ତି ଯୁବ ସଂକଳ୍ପ' ପଥପ୍ରାନ୍ତ ନାଟକ ଭଳି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଆଚରଣଗତ ପରିବର୍ତ୍ତନ ଆଣିପାରିଛି। ଦୃଷ୍ଟି ଓ ଶ୍ରବଣ ବାଧିତ ବ୍ୟକ୍ତିଙ୍କ ପାଇଁ ବ୍ରେଲି ଲିପି ବିକଶିତ କରିବା ଓ ସାଙ୍କେତିକ ଭାଷା ବ୍ୟବହାର ଦ୍ୱାରା ଅନ୍ତର୍ଭୁକ୍ତକାରୀ ଅଭିଯାନ ପାଇଁ ତାଙ୍କର ଏକ ବିଚାରଶୀଳ ଦୃଷ୍ଟିକୋଣ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର ମାଧ୍ୟମରେ ଓମ୍‌ଫେଡ୍ ବୁଥ୍‌ଗୁଡ଼ିକରେ ଗୁଟ୍‌ଖା ବିକ୍ରିକୁ ବନ୍ଦ କରିବା ଡ. ଅଲ୍ଲୀଙ୍କ ଆଉ ଏକ ଉଲ୍ଲେଖନୀୟ ସଫଳତା। ସେ ବିଏଲ୍ଆଇଏସ୍ଏସ୍ (କଟକ-ଭୁବନେଶ୍ୱର କମିଶନରେଟ ପୋଲିସ) ସହିତ ମିଶି ଏକ ନିଶା-ମୁକ୍ତି ପରାମର୍ଶ କେନ୍ଦ୍ର ଆରମ୍ଭ କରିଛନ୍ତି। ସମଗ୍ର ଓଡ଼ିଶାରେ ଗୋଷ୍ଠୀ ରେଡିଓ କେନ୍ଦ୍ର ମାଧ୍ୟମରେ ତମାଖୁ ବିରୋଧୀ ଅଭିଯାନ ଦିଗରେ ତାଙ୍କ କାର୍ଯ୍ୟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ସେହିପରି ମାନସିକ ରୋଗରେ ପୀଡିତ ଲୋକଙ୍କୁ ମୁଖ୍ୟସ୍ରୋତକୁ ଫେରାଇବା, କଷ୍ଟରେ ଥିବା ଲୋକଙ୍କୁ ସହାୟତା କରିବା ଓ ନିଜ ଘରୁ ଲୁଚି ପଳାଇଥିବା ପିଲାଙ୍କୁ ନିଜର ପରିବାର ସହ ପୁନର୍ମିଳନ ଦିଗରେ ବିପିନ ବିହାରୀଙ୍କ ଅନୁକରଣୀୟ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଏହି ସମ୍ମାନ ଦିଆଯାଇଛି।

ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ କାପାସିଟି ବିଲ୍ଡିଂ କମିଶନର ଏଚ୍ଆର୍ ସଦସ୍ୟ ଆର୍. ବାଲସୁବ୍ରମଣ୍ୟମ୍ ଯୋଗଦେଇଥିଲେ। ବିଆଇପିଏଫ୍‌ର ସିଇଓ ଏବଂ ଟ୍ରଷ୍ଟି ଶୈଫାଳିକା ପଣ୍ଡା କହିଛନ୍ତି, ନିଜ ହିତକୁ ପଛରେ ପକାଇ ବଦାନ୍ୟ କାର୍ଯ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲୋକଙ୍କୁ ଏହି ମଞ୍ଚରେ ସମ୍ମାନିତ କରାଯାଇଥାଏ। ୨୦୨୩ ବର୍ଷର ପୁରସ୍କାର ପାଇଁ ଜୁରୀ ସଦସ୍ୟ ଭାବେ କୃଷି ବିଭାଗ ସଚିବ ଡ. ଅରବିନ୍ଦ ପାଢ଼ୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କେ. ନାୟକ, ଓଡ଼ିଶା ୟୁଏନ୍‌ଡିପି ମୁଖ୍ୟ ଡ. ଆଭା ମିଶ୍ର, ଦ ଷ୍ଟେଟ୍‌ସମ୍ୟାନ୍‌ର ରେସିଡେଣ୍ଟ ଏଡିଟର କେ. ରବି, ଫାଉଣ୍ଡେଶନର ସିଇଓ ଶୈଫାଳିକା ପଣ୍ଡା ରହିଥିଲେ।

# ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ ଅବଧି ବର୍ଷେ ବଢ଼ିଲା

**ନୂଆଦିଲ୍ଲୀ, ୨୩।୩:** ଭୋଟର ପରିଚୟ ପତ୍ର ସହିତ ଆଧାର ଲିଙ୍କ୍ ସମୟ ସୀମାକୁ କେନ୍ଦ୍ର ସରକାର ଚଳିତବର୍ଷ ଏପ୍ରିଲ ୧ରୁ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏ ନେଇ କେନ୍ଦ୍ର ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପୂର୍ବରୁ ଆଧାରକାର୍ଡ ଲିଙ୍କ୍ ନେଇ ଶେଷ ତାରିଖ ଚଳିତବର୍ଷ ଏପ୍ରିଲ ୧କୁ ଧାର୍ଯ୍ୟ କରାଯାଇଥିଲା। ଜଣେ ବ୍ୟକ୍ତିବିଶେଷଙ୍କର ଏକାଧିକ ନିର୍ବାଚନ ମଣ୍ଡଳୀରେ ଭୋଟର ପରିଚୟପତ୍ର ଥିବା ନେଇ ଅଭିଯୋଗ ହେବା ପରେ ସରକାର ଭୋଟର ପରିଚୟ ପତ୍ର ସହିତ ଆଧାର ଲିଙ୍କ୍ କରିବା ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଏ ନେଇ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ଏକ କ୍ୟାମ୍ପେନ୍ ଆରମ୍ଭ ହୋଇଥିଲା।

# ସଙ୍ଗୀତଜ୍ଞ ମିହିର ଦାସଙ୍କ ପରଲୋକ

**ବାରିପଦା ଅଫିସ, ୨୩।୩:** ବିଶିଷ୍ଟ ସଂଗୀତଜ୍ଞ ମିହିର ଦାସ(୭୦)ଙ୍କର ଗୁରୁବାର ମୟୂରଭଞ୍ଜ ଜିଲା ବାରିପଦାର ପୁରୁଣା ହାଟସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଏକଧାରାରେ ସୁନାମଧନ୍ୟ ସଂଗୀତଜ୍ଞ, ସଂଯୋଜକ ଭାବେ ପରିଚିତ ଥିଲେ। ଆକାଶବାଣୀ ସହିତ ମଧ୍ୟ ଜଡିତ ଥିଲେ। ପ୍ରାୟ ୩୦ବର୍ଷ ରାଉରକେଲାରେ ବିତାଇ ଥିବା ବେଳେ ସେଠାକାର ସଙ୍ଗୀତ ଦୁନିଆରେ ଜଣାଶୁଣା କଳାକାର ଭାବେ ପରିଚିତ ଥିଲେ। ପରବର୍ତ୍ତୀ ସମୟରେ ସେ ଜନ୍ମମାଟି ବାରିପଦା ଫେରିଆସି ସଙ୍ଗୀତ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିଥିଲେ। ଭଞ୍ଜମାଟିର ସଙ୍ଗୀତଜ୍ଞ ରାଧାକୃଷ୍ଣ ଭଞ୍ଜ, ସରୋଜ ପଟ୍ଟନାୟକଙ୍କ ପରେ ସେ ବେଶ ପରିଚିତ ଥିଲେ। ଓଡ଼ିଆ ଚଳଚ୍ଚିତ୍ର ଝିଅଟି ସୀତା ପରି, ମୋ ମନ ଖାଲି ତୋରି ପାଇଁରେ କଣ୍ଠଦାନ କରିଛନ୍ତି। ମୟୂରଭଞ୍ଜ ଛଉନୃତ୍ୟ ପ୍ରତି ମଧ୍ୟ ତାଙ୍କର ଅବଦାନ ଥିଲା। ଛଉ ବାଦ୍ୟ ନିର୍ଦ୍ଦେଶକ ଭାବେ ଦିଲ୍ଲୀରେ ଦୀର୍ଘ ଦିନ ଧରି ସେ କାର୍ଯ୍ୟ କରିଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।



ସଙ୍ଗୀତଜ୍ଞ ମିହିର ଦାସ

# ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ପାଇଁ ଓଡ଼ିଶାରୁ ପ୍ରସ୍ତାବ ମିଳିନି: କେନ୍ଦ୍ର

**ନୂଆଦିଲ୍ଲୀ, ୨୩।୩**

ଭୁବନେଶ୍ୱରରେ ମେଟ୍ରୋ ରେଲ୍ ପ୍ରକଳ୍ପ ଲାଗି ଓଡ଼ିଶା ସରକାରଙ୍କ ତରଫରୁ କୌଣସି ପ୍ରସ୍ତାବ ମିଳି ନ ଥିବା କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗୁରୁବାର ଲୋକ ସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ କୌଶଲ କିଶୋର ଏହି ସୂଚନା ଦେଇଛନ୍ତି। ମେଟ୍ରୋ ରେଲ୍ ପଲିସି,୨୦୧୭ ଅନୁଯାୟୀ ମେଟ୍ରୋ ରେଲ୍ ପ୍ରୋଜେକ୍ଟ ଆରମ୍ଭ ଲାଗି ପ୍ରସ୍ତାବ ଆଣିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। କେନ୍ଦ୍ର ସରକାର ପ୍ରସ୍ତାବର ବ୍ୟବହାର୍ଯ୍ୟତା ଏବଂ ସମ୍ବଳର ଉପଲବ୍ଧତା ଆଧାରରେ ଏହି ପ୍ରକଳ୍ପ ଲାଗି ଆର୍ଥିକ ସହାୟତା କଥା ବିଚାର କରିଥାନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଭୁବନେଶ୍ୱର ମେଟ୍ରୋ ରେଲ୍ ପ୍ରୋଜେକ୍ଟ ସମ୍ପର୍କିତ ପ୍ରସ୍ତାବ କେନ୍ଦ୍ର ପାଇ ନ ଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବିଜେଡି ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କୌଶଲ ଏହା କହିଛନ୍ତି। ଭୁବନେଶ୍ୱର ମେଟ୍ରୋ ରେଲ୍ ପ୍ରୋଜେକ୍ଟ ଲାଗି କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇଦେବାର ପ୍ରସ୍ତାବ ଅଛି କି ବୋଲି ଅଚ୍ୟୁତ ପ୍ରଶ୍ନ କରିଥିଲେ।

# ସୀମାନ୍ତରେ ପୋକ୍ଲିନ, ଟ୍ରକ୍ ପୋଡ଼ିଲେ ମାଓବାଦୀ

**ମାଲକାନଗିରି, ୨୩।୩(ଡି.ଏନ୍.ଏ.)**



ମାଓବାଦୀମାନେ ପୋଡ଼ିଥିବା ପ୍ରୋକ୍ଲିନ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ମାଓବାଦୀମାନେ ବୁଧବାର ରାତିରେ ଲଙ୍କାକାଣ୍ଡ ଭିଆଇଛନ୍ତି। ବୁଧବାର ରାତିରେ ଦାନ୍ତେୱାଡା ଜିଲାର କିରାଣ୍ଡୁଲରେ ରାସ୍ତା କାର୍ଯ୍ୟରେ ନିୟୋଜିତ ଏକ ପୋକ୍ଲିନ ଓ ବଚେଲିରେ ଗୋଟିଏ ଟ୍ରକ ପୋଡି ଦେଇଛନ୍ତି। ମାଓବାଦୀମାନେ ସେଠାରେ ପୋଷ୍ଟର ଛାଡ଼ି ଯାଇଛନ୍ତି। ସେଥିରେ ସେମାନେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଛତିଶଗଡ଼ ଗସ୍ତକୁ ବିରୋଧ କରୁଥିବା ଦର୍ଶାଛନ୍ତି। ଏଥିସହ ବିଭିନ୍ନ ଅଞ୍ଚଳରେ ସଭାସମିତି କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସହଯୋଗ ନ କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉଥିବା ଜଣାପଡିଛି।

କିଛିଦିନ ହେଲା ମାଓବାଦୀମାନେ ରାସ୍ତା କାମରେ ନିୟୋଜିତ ଠିକାଦାରମାନଙ୍କ ଗାଡିଗୁଡିକୁ ପୋଡୁଛନ୍ତି। ବୁଧବାର ରାତିରେ ଗାଡ଼ି ପୋଡାଯାଇଥିବା ଘଟଣା ଜାଣିବା ପରେ ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷା କର୍ମୀଙ୍କ ପାଲଟା ଗୁଳି ଚଳାଇବାରୁ ସାମନା କରି ନ ପାରି ମାଓବାଦୀମାନେ ଜଙ୍ଗଲକୁ ପଳାଇଥିଲେ। ଉକ୍ତ ଅଞ୍ଚଳରେ ସୁରକ୍ଷା କର୍ମୀମାନେ ତଲାସି ଜାରି ରଖିଛନ୍ତି। ସୂଚନାଯୋଗ୍ୟ, କିରାଣ୍ଡୁଲ ଓ ବଚେଲିଠାରେ ଏସାର କମ୍ପାନୀର ଖଣିରୁ ଲୁହାପଥର ଉତ୍ତୋଳନ କରାଯାଇ ମାଟିତଳେ ପାଇପ ଦ୍ୱାରା ବିଶାଖାପାଟଣା ଏବଂ ଟ୍ରେନ ଯୋଗେ ପରିବହନ ହେଉଛି। ଏଭଳି ସ୍ଥିତିରେ ମାଓବାଦୀଙ୍କ ଲଙ୍କାକାଣ୍ଡ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ରାହୁଲଙ୍କୁ ୨ ବର୍ଷ...

ନେତା ପୂର୍ଣ୍ଣେଶ ମୋଦି କୋର୍ଟଙ୍କ ଦ୍ୱାରସ୍ଥ ହୋଇ ରାହୁଲଙ୍କ ବିରୋଧରେ ଏତଲା ଦେଇଥିଲେ। ରାହୁଲ ସମସ୍ତ ମୋଦି ସମୁଦାୟକୁ ଅପମାନିତ କରିଥିବା ପୂର୍ଣ୍ଣେଶ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ। ଏହି ୪ ବର୍ଷ ପୁରୁଣା ମାମଲାରେ ସୁରଟର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏଚ୍.ଏଚ୍. ବର୍ମା ଗତ ସପ୍ତାହରେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାମଲାର ବିଚାର ଶେଷ କରିଥିଲେ। ଏଥିସହ ରାୟ ପ୍ରଦାନ ପାଇଁ ପ୍ରସ୍ତୁତ ବୋଲି କହିଥିବା ରାହୁଲଙ୍କ ଓକିଲ କିରିଟ୍ ପାନ୍‌ୱାଲା ସୂଚନା ଦେଇଥିଲେ। ଶୁଣାଣି ବେଳେ ପାନ୍‌ୱାଲା କୋର୍ଟ ପ୍ରୋସିଡିଂକୁ ଆରମ୍ଭରୁ ତ୍ରୁଟିଯୁକ୍ତ ଥିବା ଦର୍ଶାଇଥିଲେ। ସେହିପରି ରାହୁଲ ନିଜ ମନ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଥିବାରୁ ପୂର୍ଣ୍ଣେଶ ମୋଦିଙ୍କ ପରିବର୍ତ୍ତେ ନରେନ୍ଦ୍ର ମୋଦି ଏତଲା ଦେବା ଉଚିତ ଥିଲା ବୋଲି ଯୁକ୍ତି ବାଢ଼ିଥିଲେ। ବିଚାରପତି ବର୍ମା ଏହାର ରାୟରେ ରାହୁଲଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ରାହୁଲ ନିଜ ପ୍ରଥମ ପ୍ରତିକ୍ରିୟାରେ ମହାତ୍ମା ଗାନ୍ଧୀଙ୍କ ବାଣୀକୁ ଟୁଇଟ୍ କରି କହିଛନ୍ତି, ମୋ ଧର୍ମ ସତ୍ୟ ଓ ଅହିଂସା ଉପରେ ପର୍ଯ୍ୟବସିତ। ସତ୍ୟ ହେଉଛି ମୋ ଭଗବାନ, ଏହାର ପ୍ରାପ୍ତି ପାଇଁ ଅହିଂସା ହେଉଛି ମାଧ୍ୟମ। ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟ୍ କରିଛନ୍ତି, ମୋ ଭାଇ କେବେହେଲେ ଡରି ନାହାନ୍ତି କି ଭବିଷ୍ୟତରେ ମଧ୍ୟ ଭୟଭୀତ ହେବେ ନାହିଁ। ସେ ସତ କହିବା ଜାରି ରଖିବେ। ଦେଶବାସୀଙ୍କ ସ୍ୱର ଉତ୍ତୋଳନ କରୁଥିବେ। ସତ୍ୟର ଶକ୍ତି ଓ ଅନେକ କୋଟି ଦେଶବାସୀଙ୍କ ଭଲ ପାଇବା ତାଙ୍କ ସହ ରହିଛି।

ଏହା ପୂର୍ବରୁ ରାହୁଲ ସୁରଟରେ ପହଞ୍ଚିଥିଲେ। ତାଙ୍କୁ ସେଠାରେ ଗୁଜରାଟ ୟୁନିଟ୍‌ର କଂଗ୍ରେସ ନେତାମାନେ ସ୍ୱାଗତ କରିଥିଲେ। ଅଦାଲତ ଦଣ୍ଡାଦେଶ ଶୁଣାଇବା ପରେ ରାହୁଲ ସନ୍ଧ୍ୟାରେ ଦିଲ୍ଲୀ ଫେରିଯାଇଥିଲେ। ଅନ୍ୟପକ୍ଷେ ସୁରଟର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀ ଓ ସମର୍ଥକମାନେ ଶକ୍ତିପ୍ରଦର୍ଶନ କରିବା ସହ ରାହୁଲଙ୍କ ପ୍ରତି ନିଜ ସମର୍ଥନ ଜଣାଇଥିଲେ। ବିଭିନ୍ନ ସ୍ଥାନରେ ଲଗାଯାଇଥିବା ପୋଷ୍ଟରରେ ଲେଖାଥିଲା, ଶେର୍-ଏ-ହିନ୍ଦୁସ୍ଥାନ (ଭାରତର ସିଂହ) ଭାଜପାର ଏକଛତ୍ରବାଦ ଆଗରେ କେବେ ମୁଣ୍ଡ ନୁଆଇବେ ନାହିଁ। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଏହି ରାୟ ବିରୋଧରେ ଉଚ୍ଚ ଅଦାଲତରେ ଅପିଲ୍ ଫାଇଲ୍ କରିବେ। ସତ ପାଇଁ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ଦଣ୍ଡିତ କରାଯାଉଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଏହି ପ୍ରସଙ୍ଗରେ ଅପିଲ୍ ଫାଇଲ୍ କରାଯିବ। ଭାଜପା ନେତାମାନେ ଅନ୍ୟମାନଙ୍କୁ ଗୋଟିଏ ଅଙ୍ଗୁଳି ଦେଖାଇଲେ ସ୍ୱତଃ ନିଜ ଆଡ଼କୁ ୪ଟି ଅଙ୍ଗୁଳି ନିର୍ଦ୍ଦେଶ ହୋଇଯାଉଛି।

## ମନମୋହନ ରାଜ୍ୟ...

ଓଡ଼ିଶାରେ ଦୁର୍ନୀତିଗ୍ରସ୍ତଙ୍କ ଶାସନ ଚାଲିଛି, ତାକୁ ୨୦୨୪ରେ ପରିବର୍ତ୍ତନ କରାଯିବ। ଓଡ଼ିଶାରେ ଗାଁ ଗାଁରେ ରାଜ୍ୟ ସରକାରଙ୍କ ବିରୋଧରେ ଅସନ୍ତୋଷ ଅଛି। ଲୋକଙ୍କ ଅସନ୍ତୋଷର ବିସ୍ଫୋରଣରେ ସରକାର ଶେଷ ହୋଇଯିବ। ଲୋକେ ବିକଳ୍ପକୁ ଅପେକ୍ଷା କରି ରହିଛନ୍ତି। ଆମେ ସେହି ବିକଳ୍ପ ହେବୁ। ଯେତେବେଳେ ନିର୍ବାଚନ ହେବ, ଏ ସରକାର ଶେଷ ହୋଇଯିବ ବୋଲି ମନମୋହନ କହିଛନ୍ତି।

ନବନିଯୁକ୍ତ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଦଳର ଜଣେ ବରିଷ୍ଠ ନେତା। ତାଙ୍କ ପାଇଁ ସଭାପତି ଦାୟିତ୍ୱ ନୂଆ ନୁହେଁ। ମନମୋହନ ପୂର୍ବରୁ ୧୯୯୯-୨୦୦୦ ଓ ୨୦୦୧-୨୦୦୪ ମସିହା ପର୍ଯ୍ୟନ୍ତ ୨ ଥର ଦଳର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି। କଲେଜରେ ପଢ଼ିବା ସମୟରେ ସେ ରାଜନୀତିକୁ ଆସିଥିଲେ। ୧୯୭୯ରେ ସେ ଭଦ୍ରକ କଲେଜ ଛାତ୍ର ସଂଘ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ସଦସ୍ୟ ଥିଲେ। ଭାଜପାର ସକ୍ରିୟ ସଦସ୍ୟ ଭାବେ ବିଭିନ୍ନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୨୦୦୪ରେ ସେ ଭଦ୍ରକ ଜିଲା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ସେତେବେଳେ ବିଜେଡି ଏବଂ ଭାଜପାର ମେଣ୍ଟ ସରକାର ରାଜ୍ୟରେ ଚାଲିଥିଲା। ଏହି ସମୟରେ ସେ ମେଣ୍ଟ ସରକାରରେ ରାଜସ୍ୱ ଓ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ଭଳି ୨ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ।



ନୂତନ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ଭାଜପା କର୍ମକର୍ତ୍ତା।

ସେହିପରି ଗତ ଧାମନଗର ଉପନିର୍ବାଚନରେ ଦଳର ବିଜୟରେ ମନମୋହନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେଥିପାଇଁ ତାଙ୍କୁ ସଭାପତି ପଦ ପୁରସ୍କାରରେ ମିଳିଥିବା ଆଲୋଚନା ହେଉଛି। ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ମଧ୍ୟ ଏହି ମତ ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ମନମୋହନଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ କାର୍ଯ୍ୟକାଳରେ ହୋଇଥିବା ରଣକୌଶଳ ନବନିଯୁକ୍ତ ସଭାପତି ମନମୋହନ ଭାଇଙ୍କ ଅଧ୍ୟକ୍ଷତାରେ ଆଗକୁ ବଢ଼ିବ। ତାଙ୍କ ଅଭିଜ୍ଞତା ଦଳର ସାଙ୍ଗଠନିକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ। ସମୀର ଏକ ଖବରଦାତା ସମ୍ମିଳନୀ ଜରିଆରେ ମନମୋହନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ କର୍ମକର୍ତ୍ତା ଏବଂ ସହଯୋଗୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମନମୋହନଙ୍କ ନେତୃତ୍ୱରେ ଆଗାମୀ ଦିନରେ ଦଳ ଅଧିକ ସୁଦୃଢ଼ ହେବା ସାଙ୍ଗକୁ ବିଜେଡିର ବିକଳ୍ପ ହେବ ବୋଲି ସେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ମନମୋହନ ଜଣେ ତୃଣମୂଳ ସ୍ତରର ନେତା। ତାଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ନିମନ୍ତେ ଦଳକୁ ମଜଭୁତ କରାଯିବ। ସୁନୀଲ ବଂଶଲ ପ୍ରଭାରୀ ଦାୟିତ୍ୱ ନେବା ପରେ ଦଳର ନବକଳେବର କରାଯାଉଛି। ସରକାର ଗଠନ କରିବା ପାଇଁ ଆମେ ପ୍ରସ୍ତୁତି ଚଳାଇଛୁ। ବିଜେଡି ପଛୁଆବର୍ଗର କାର୍ଡ ଖେଳିବାକୁ ଚେଷ୍ଟା ଚଳାଇଥିବା ବେଳେ ମନମୋହନ ଜଣେ ପଛୁଆବର୍ଗର ନେତା। ସେ ଭଲ ଭାବେ ଦାୟିତ୍ୱ ନିର୍ବାହ କରିପାରିବେ। ମନମୋହନଙ୍କ ନେତୃତ୍ୱରେ ଦଳ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବ ଓ ବିଜୟ ହାସଲ କରିବ ବୋଲି ଆଶା ରଖିଛୁ। ଅମିତ ଶାହା ଆସନ୍ତା ମାସରେ ଭଦ୍ରକ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଭଦ୍ରକର ନେତା ମନମୋହନଙ୍କୁ ଦଳର ସଭାପତି ଦାୟିତ୍ୱ ଦିଆଯାଇଥିବାରୁ ଭାଜପା କର୍ମକର୍ତ୍ତା ବେଶ୍ ଉତ୍ସାହିତ ଅଛନ୍ତି। ମନମୋହନ ରାଜ୍ୟ ଭାଜପାର ମୁଖିଆ ହେବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟ ଭାଜପା ସଭାପତି ହେବା ପରେ ଗୁରୁବାର ଅପରାହ୍ନରେ ମନମୋହନ ଆରଡ଼ି ଯାଇ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ କର୍ମୀମାନଙ୍କୁ କହିଛନ୍ତି ଯେ, ୨୦୨୪ ନିର୍ବାଚନରେ ଭାଜପା ଓଡ଼ିଶାରେ ସରକାର ଗଠନ କରିବ। ଏଥିପାଇଁ ସମସ୍ତ କର୍ମୀ ଆଜିଠାରୁ ସଙ୍ଗଠନ ବଢ଼ାଇବା ପାଇଁ କାର୍ଯ୍ୟ ଆରମ୍ଭ କରିବା ଦରକାର।

## ଓଡ଼ିଶା ଆତିଥ୍ୟକୁ...

ପରେ ନବୀନଙ୍କ ନିକଟକୁ ବେଙ୍ଗଲ ମିଠା ପଠାଇଥିଲେ। ଉଭୟ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ ପାଣ୍ଡିଆନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଗତ ୨୧ ତାରିଖରୁ ଓଡ଼ିଶା ଗସ୍ତରେ ଅଛନ୍ତି। ମମତାଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ ନବୀନ କହିଛନ୍ତି, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ୍‌କାର ଥିଲା। ଆମ ଭିତରେ ବହୁତ ପୁରୁଣା ବନ୍ଧୁତା ଓ ସୁନ୍ଦର ସମ୍ପର୍କ ଅଛି। କିଛି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚର୍ଚ୍ଚା ହୋଇନି। ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହେଉ ବୋଲି ନବୀନ କହିଛନ୍ତି। ମମତା କହିଛନ୍ତି ଯେ, ତାଙ୍କୁ ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ଦିଆଯାଇଛି। ପଶ୍ଚିମବଙ୍ଗ ଆସିବାକୁ ସେ ନବୀନଙ୍କୁ ନିମନ୍ତ୍ରଣ କରିଛନ୍ତି। ତେବେ ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ନବୀନଙ୍କ ସହ ମମତାଙ୍କ ସାକ୍ଷାତ୍ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

## କମିବ ସିନ୍ଧୁ, ଗଙ୍ଗା...

ଆଗାମୀ ୧୦ ବର୍ଷରେ ହିମାଳୟ ଗିରିଶୃଙ୍ଗର ହିମବାହ ତରଳିବା ନେଇ ଆଶଙ୍କା ଉପୁଜିଛି। ଫଳରେ ସିନ୍ଧୁ, ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀର ଜଳସ୍ରୋତ କ୍ରମାଗତ କମିବା ଆରମ୍ଭ କରିବ ବୋଲି ଜାତିସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତବର୍ଷ ହିମାଳୟ ହିମବାହ ତରଳିବା ଯୋଗୁ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଥିଲା, ଯେଉଁଥିରେ ଅନେକ ଲୋକ ପ୍ରାଣ ହରାଇଥିଲେ। ଜଳଚକ୍ରକୁ ଭାଙ୍ଗିବା, ଜୈବବିବିଧତା ନଷ୍ଟ କରିବା ଏବଂ ଭୂତଳ ଜଳକୁ ପ୍ରଦୂଷିତ କରିବା ପଛରେ ମନୁଷ୍ୟ ଦାୟୀ। ଅନ୍ୟପକ୍ଷେ ୧୯୦୦ ପରଠାରୁ ସମୁଦ୍ର ପତ୍ତନ କ୍ରମାଗତ ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଓ ତାମପାତ୍ର ବୃଦ୍ଧି ବିରୋଧରେ ସାରା ବିଶ୍ୱ ଏକାଠି ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସମୟ ପୂର୍ବରୁ ଏହାର ସମାଧାନ ନ କଲେ ସବୁଦେଶ ଉଭେଇଯିବ ବୋଲି ଗୁଟେରସ୍ କହିଛନ୍ତି।

## ଏ ବର୍ଷ ବଢ଼ିବନି...

କଲେ ଉପଭୋକ୍ତାଙ୍କୁ ୪ ପ୍ରତିଶତ ରିହାତି ମିଳିବ। ତେବେ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବିଲ୍ ପୈଠରେ ବିଳମ୍ବଜନିତ ଜରିମାନା ଆଦାୟକୁ ଛାଡ଼ କରାଯାଇଥିବା ଓଇଆରସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ୟୁନିଟ୍ ପିଛା ଦର ୮୯.୯୩ ପଇସାରୁ ୯୩.୪୯ ପଇସାକୁ ବୃଦ୍ଧି କରିଛି। ସେହିପରି ଗ୍ରୀଡ୍‌କୋ ଚଳିତ ବର୍ଷ ମୋଟ ୩୮,୧୮୫ ନିୟୁତ ୟୁନିଟ୍ ବିଦ୍ୟୁତ୍ କିଣି ବଣ୍ଟନ କମ୍ପାନୀଗୁଡ଼ିକୁ ୩୬,୯୭୦ ନିୟୁତ ୟୁନିଟ୍ ବିକ୍ରି କରିବ। ତାପଜ ବିଦ୍ୟୁତ୍ ନିଗମ (ଓପିଟିସିଏଲ) ଟ୍ରାନ୍ସମିଶନ ଚାର୍ଜକୁ ହ୍ରାସ କରିଛି। ପୂର୍ବରୁ ଥିବା ୟୁନିଟ୍ ପିଛା ଦର ୨୮ ପଇସାରୁ ୨୪ ପଇସାକୁ କମାଇ ଦେଇଛି। ସେହିପରି ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ଚଳିତ ବର୍ଷ ବିଦ୍ୟୁତ୍ ପରିବହନ ଓ ବୈଷୟିକ (ଏଟିଆଣ୍ଡସି) କ୍ଷତି ୨୨.୦୪ରୁ ୨୦.୩୯ ପ୍ରତିଶତକୁ ହ୍ରାସ କରିବାକୁ ଓଇଆରସି ଟାର୍ଗେଟ ଦେଇଛି। ଏଠାରେ ସୂଚନାଯୋଗ୍ୟ, ଗତ ଦୁଇ ବର୍ଷ ହେବ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିଛି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଲୋକମାନଙ୍କୁ ଅସନ୍ତୁଷ୍ଟ ନ କରିବାକୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଧିକ ପାପଗ୍ରହ ରାଶିରେ ଅବସ୍ଥାନ କରି ମାନସିକ ସ୍ଥିତିକୁ ବିଭ୍ରାନ୍ତ କରିପାରନ୍ତି। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିବା ସୂଚନା ରହିଛି। ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କୁ କୈଫିୟତ ଦେବାକୁ ପଡିପାରେ।

**ବୃଷ** ବିଭିନ୍ନ ପ୍ରକାର କାମର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ଅଶ୍ୱିନୀ ନକ୍ଷତ୍ରର ଉଚ୍ଚ ଆଶା ଆଶାରେ ହିଁ ରହିଯିବ।

**ମିଥୁନ** ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ବୃଦ୍ଧି ପାଇବ। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପ୍ରତିବନ୍ଧକ ଦୂରେଇଯିବା ସହ ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ପାଇଁ ସମସ୍ୟା ରହିବ ନାହିଁ।

**କର୍କଟ** ଆତ୍ମୀୟଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା କଷ୍ଟକର ହୋଇପାରେ। ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବୃଦ୍ଧ ପିତା, ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କାମରେ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ** ଦୀର୍ଘଦିନରୁ ସ୍ଥଗିତ ରହିଯାଇଥିବା ଫାଇଲ୍ କାମରେ ଆଜି ବ୍ୟସ୍ତ ରହିପାରନ୍ତି। ଆଗାମୀ ମାଙ୍ଗଳିକ କାମ ସାଙ୍ଗକୁ ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ମନ ଅଶାନ୍ତି ରହିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦ ଘେରରେ ପଡ଼ିବେ। କ୍ରୀଡ଼ା, ସଙ୍ଗୀତ ଓ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରୁ ସମବେଦନା କିମ୍ବା ସହାନୁଭୂତି ପାଇବେ ନାହିଁ। ହସ୍ତା ନକ୍ଷତ୍ର ଆତ୍ମୀୟଙ୍କ ସହଯୋଗ ପାଇ ଖୁସି ହେବେ। ବକେୟା ଆଦାୟକୁ କେନ୍ଦ୍ରକରି ପ୍ରିୟବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ବ୍ୟବସାୟୀ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ଭୁଲ୍ ବୁଝାମଣାଜନିତ ପାରିବାରିକ କ୍ଷେତ୍ର ସରଗରମ ରହିବ। ଏପରିକି ନିକଟସ୍ଥ ବ୍ୟକ୍ତି ବିଶେଷଙ୍କର ମଧ୍ୟ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ଚିତ୍ରା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା** ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇ ନେବେ। ନିଜ ପରିସରରେ ଶୁଣାକଥାକୁ ବିଶ୍ୱାସ କରି ଟେନ୍‌ସନ ବଢ଼ିପାରେ। ଆଶା କରୁଥିବା ଦିଗରୁ ଆର୍ଥିକ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆପଣଙ୍କ ପରିସ୍ଥିତି ପ୍ରତି ସହାନୁଭୂତି ଦେଖାଇ ବନ୍ଧୁମାନେ ସାହାଯ୍ୟ ପ୍ରତିଶ୍ରୁତି ଦେବେ। ଯୋଜନାଟିକୁ କାର୍ଯ୍ୟକାରୀ କରିବାର ସୁବିଧା ସୁଯୋଗ ପାଇପାରିବେ। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେପରି କିଛି ଘଟିବ ନାହିଁ। ନିଜର ଭୁଲ୍‌କୁ ଆଖିବୁଜି ଦେଇ ଅନ୍ୟ ଉପରେ ଦୋଷ ଢାଳିବାର ଅପଚେଷ୍ଟା କଲେ ଅପଦସ୍ଥ ହୋଇପାରନ୍ତି।

**ମକର** ପାରିବାରିକ କ୍ଷେତ୍ରରେ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେବ। ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିଯାଇପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଶ୍ରବଣା ନକ୍ଷତ୍ର ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନଧରି ଚଳିବାକୁ ବାଧ୍ୟ ହେବେ।

**କୁମ୍ଭ** ପରିଜନଙ୍କ ସହିତ ଆଜିର ସକାଳୁଆ ଯାତ୍ରା ଆନନ୍ଦ ଦାୟକ ହେବ। କର୍ମକ୍ଷେତ୍ରରେ ମନଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇ ନେବେ। କିଣା, ବିକା କାରବାରରେ ଅପଦସ୍ଥ ହେବାର ସମ୍ଭାବନା ରହିଛି। ରାସ୍ତାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ।

**ମୀନ** କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ଉଚ୍ଚପଦାଧିକାରୀଙ୍କ ନିକଟରେ ପ୍ରଶଂସିତ ହେବେ। ଦାୟିତ୍ୱ ନେଇଥିବା ଲୋକଟି ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଅନ୍ତରଙ୍ଗ ବନ୍ଧୁଙ୍କୁ ଦେଇଥିବା ଅର୍ଥ ଫେରିପାଇବାରେ ଅକ୍ଷମ ହେବେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

ଆଜି ଚୈତ୍ର ଶୁକ୍ଳ ତୃତୀୟା ଶୁକ୍ରବାର, ମାର୍ଚ୍ଚ ୨୪ ତାରିଖ, ବିଶ୍ୱ ଯକ୍ଷ୍ମାଦିବସ, ରମଜାନ ମାସର ରୋଜା ଆରମ୍ଭ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୫।୫୧ମି. ଗତେ ଘ.୦୬।୩୯ମି. ମଧ୍ୟେ, ଘ.୦୭।୨୭ମି. ଗତେ ଘ.୦୮।୫୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୨ମି. ଗତେ ଘ.୧୧।୫୩ମି. ମଧ୍ୟେ ରାହୁକାଳ।

# ୬ ଦୋଷୀଙ୍କୁ ୨୦ ବର୍ଷ ଜେଲ

## ଗଣବଳାତ୍କାର, ଡକାୟତି ମାମଲା

**ଆସିକା, ୨୩।୩ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢାକେନ୍ଦୁ ଜଙ୍ଗଲରେ ୨୦୧୭ ଅକ୍ଟୋବର ୧୬ରେ ଘଟିଥିବା ଗଣବଳାତ୍କାର ଓ ଡକାୟତ ମାମଲାର ବିଚାର କରି ଗୁରୁବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ୬ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଲାଗି ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କ୍ଷେତ୍ରୀୟବରପୁର ଗ୍ରାମର ଶିବରାମ ନାୟକ, ଶିଶିର ନାୟକ, ପବିତ୍ର ସେଠୀ, ସାନସାଦରା ଗ୍ରାମର ରାକେଶ ବରାଡ଼ ଓ ଅନିଲ କୁମାର ଗୌଡ଼ ଏବଂ ଗାଙ୍ଗପୁରର ରାଘବ ବିଷୋୟୀ । ୨୦୧୭ ଅକ୍ଟୋବର ୧୬ରେ ଆସିକା ଥାନା ଇଲାକାର ଅନୁସୂଚିତ ବର୍ଗର ଜଣେ ଯୁବତୀ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ ବୁଢାକେନ୍ଦୁ ମନ୍ଦିରକୁ ଯାଇଥିଲେ। ଦର୍ଶନ ସାରି ସ୍କୁଟିରେ ଫେରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ରାସ୍ତାରେ ଅଟକାଇ ବୁଢାକେନ୍ଦୁ ଜଙ୍ଗଲକୁ ଟାଣି ନେଇଯାଇଥିଲେ। ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ମାରପିଟ କରିବା ସହ ୩ଟି ମୋବାଇଲ ଓ ୧୦ ହଜାର ଟଙ୍କା ଛଡାଇ ନେଇଥିଲେ। ପରେ ସେମାନେ ଜଣକ ପରେ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ସହ ଫଟୋ ଉତ୍ତୋଳନ କରିଥିଲେ। ପରଦିନ ଯୁବତୀଜଣକ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୫୧/୧୭ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ ମାମଲାର ତଦନ୍ତ କରି ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଆଶିଷ କୁମାର ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ ।

# ଦନ୍ତାକୁ ମାରି ଦାନ୍ତ ଲୁଟି ନେଲେ ଶିକାରୀ



## କୁଳଡ଼ିହା ଅଭୟାରଣ୍ୟ

**ନୀଳଗିରି, ୨୩।୩(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ଯାଉଛି ହାତୀଙ୍କ ଜୀବନ। ଗୁରୁବାର କୁଳଡ଼ିହାରୁ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ଶିକାରୀମାନେ ହାତୀକୁ ମାରି ଦାନ୍ତକୁ କାଟି ନେଇଥିବା ଜଣାପଡ଼ିଛି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି। ଗତ ଫେବୃୟାରୀ ୨୭ରେ ଏକ ଛୁଆହାତୀର ମୃତ୍ୟୁ ଘଟିଥିବା ବେଳେ ଗତ ୧୪ମାସ ମଧ୍ୟରେ କ୍ରମାଗତ ଭାବେ ୭ଟି ହାତୀର ମୃତ୍ୟୁ ହେଲାଣି। ଗୁରୁବାର କୁଳଡିହା ଅଭୟାରଣ୍ୟର କଳମାଚତୁରୀଠାରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପ୍ରକୃତିପ୍ରେମୀ ଓ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। କୁଳଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା ଓ ସ୍ଥାନୀୟ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜଙ୍ଗଲ ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ କରାଇ ଦିଆଯାଉନାହିଁ। ଅଭୟାରଣ୍ୟ ଭିତରେ ଶିକାରୀଙ୍କ ଦ୍ୱାରା ଦନ୍ତାହାତୀକୁ ମାରି ଦାନ୍ତ କାଟି ନେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବନାଞ୍ଚଳବାସୀ ଦାବି କରିଛନ୍ତି। ହାତୀ ସୁରକ୍ଷା ନେଇ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଚିନ୍ତା ପ୍ରକାଶ କରିବା ସହ ବିଧାନସଭାରେ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି।

ଏନେଇ ବାଲେଶ୍ୱର ଡିଏଫ୍‌ଓ ଖୁସଓ୍ୱନ୍ତ ସିଂହଙ୍କୁ ପଚାରିବାରୁ ସେ ଖବର ପାଇବା ପରେ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯାଉଛନ୍ତି ବୋଲି କହିଥିଲେ।

# ଅନାଥ ଭଉଣୀଭାଇଙ୍କୁ କୋଳେଇ ନେଲେ ଆମେରିକୀୟ ଦମ୍ପତି

**ଚଣ୍ଡିଖୋଲ/ ଛତିଆ, ୨୩।୩(ଡି.ଏନ୍.ଏ.)**

ମାତାପିତାଙ୍କୁ ହରାଇ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆସ୍ଥିତ ଶିଶୁ ଯତ୍ନଗୃହ (ନେଶନ)ରେ ରହୁଥିବା ଭଉଣୀଭାଇ ଝରଣା ଗାଗରାଇ(୧୧) ଓ ବାଦଲ ଗାଗରାଇ(୯)ଙ୍କୁ ପାଳିତ ପୁତ୍ର ଏବଂ କନ୍ୟାଭାବେ କୋଳେଇ ନେଇଛନ୍ତି ଆମେରିକୀୟ ଦମ୍ପତି। ୨ ବର୍ଷ ହେବ ଏହି ପିଲା ଦ୍ୱୟଙ୍କୁ ନେବା ପାଇଁ ଦମ୍ପତି ଆବେଦନ କରିଥିଲେ। ଶେଷରେ ସେମାନଙ୍କୁ ଗୁରୁବାର ଗ୍ରହଣ କରିଛନ୍ତି। ନେଶନ ପରିସରରେ ୫ ବର୍ଷହେବ ଉକ୍ତ ଭଉଣୀଭାଇ ରହି ଆସୁଥିଲେ।

ଆମେରିକାର କାଲିଫର୍ନିଆସ୍ଥିତ ଡାକ୍ତର ଦମ୍ପତି ଷ୍ଟିଫେନ ଥାଡିଆସ୍ ଓ ତାଙ୍କ ଭାରତୀୟ ସ୍ତ୍ରୀ ଫାତିମା ନାଥାନ ପଙ୍କ୍ ପିଲାଙ୍କୁ ନେବାକୁ ନେଶନ ପରିସରରେ ପହଞ୍ଚିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ଅନୁଷ୍ଠାନ ପରିସରରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦେଖି ଅନୁଷ୍ଠାନ କର୍ମକର୍ତ୍ତା ଖୁସି ହେଉଥିବାବେଳେ ସହପାଠୀମାନେ ଲୁହ ଝରାଉଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିବାପରେ ଆମେରିକୀୟ ଦମ୍ପତି ଅତ୍ୟନ୍ତ ଖୁସିଥିବା ଦେଖିବାକୁ ମିଳିଥିଲା। ଏଠାରେ ରହୁଥିବା ଅନାଥ ପିଲାଙ୍କୁ ବିଭିନ୍ନ ସମୟରେ ଦମ୍ପତିମାନେ ଆସି ସରକାରୀ ନିୟମ ଅନୁସାରେ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିଥାନ୍ତି ବୋଲି ନେଶନର ସମ୍ପାଦକ ସୂଚନା ଦେଇଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଏହି ଶିଶୁ ପରିଚର୍ଯ୍ୟା କେନ୍ଦ୍ରରେ ଶତାଧିକ ପିଲା ରହି ପାଠ ପଢୁଛନ୍ତି।



ଆମେରିକୀୟ ଦମ୍ପତିଙ୍କ ଗହଣରେ ୨ ପିଲା।

# ବାଇକ୍ ଦୁର୍ଘଟଣା: ୨ ଯୁବକ ମୃତ

**କୁତ୍ରା, ୨୩।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥର ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁର ବ୍ଲକ ତେତେରକେଲା ଗ୍ରାମର ଶୀତଳ ଲାକ୍ରା (୨୭) ଓ ସୁବାସ ଲାକ୍ରା (୨୨)। ଉଭୟେ ଏକ ବାଇକ୍ ଓଡି ୧୬ ଜି ୨୮୦୧ ଯୋଗେ ନିଜ ଗାଁରୁ କୁତ୍ରା ଆଡ଼କୁ ଯାଉଥିବାବେଳେ ଡାଲମିଆ ମହାବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇଥିଲେ। ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇ ୪ ଲେନ୍ ବିଶିଷ୍ଟ ରାସ୍ତା ମଝିରେ ଥିବା ଡ୍ରେନ୍ ଭିତରେ ପଡ଼ିଯାଇଥିଲେ। ପୋଲିସ ଉଭୟଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ହାତୀ,ବନ୍ୟପ୍ରାଣୀଙ୍କ ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ଓଡ଼ିଶାରେ ହାତୀ ଓ ବନ୍ୟାପ୍ରାଣୀଙ୍କ ମୃତ୍ୟୁକୁ ନେଇ ଚିନ୍ତାପ୍ରକଟ କରିବା ସହ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଗତ ୧ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ୭୮୪ ହାତୀ ପ୍ରାଣ ହରାଇବା ଦୁର୍ଭାଗ୍ୟର ବିଷୟ। ଏଥିମଧ୍ୟରୁ କେବଳ ଗତ ୩ ବର୍ଷ ଭିତରେ ୨୪୫ ହାତୀଙ୍କର ମୃତ୍ୟୁ ଘଟିଛି। ପ୍ରତିବର୍ଷ ହାରାହାରି ୮୦ ହାତୀ ମୃତ୍ୟୁବରଣ କରୁଛନ୍ତି। ଚଳିତ ବର୍ଷ କେବଳ ମାର୍ଚ୍ଚରେ ୭ ହାତୀ ମୃତ୍ୟୁମୁଖରେ ପଡ଼ିଛନ୍ତି, ଯାହା ଗତ ୩ବର୍ଷ ମଧ୍ୟରେ ସର୍ବାଧିକ। ଅଧିକାଂଶ ହାତୀ ବିଦ୍ୟୁତ୍ ଆଘାତ, ରୋଗ ଅଥବା ଟ୍ରେନ୍, ସଡ଼କ ଦୁର୍ଘଟଣାର ଶିକାର ହେବା ପରିତାପର ବିଷୟ। ହାତୀ ଓ ବହୁ ହଜାର ବନ୍ୟପ୍ରାଣୀଙ୍କ ଏଭଳି ଅଭାବନୀୟ ମୃତ୍ୟୁ ଘଟୁଛି। ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଓଡ଼ିଶାରେ ୪୧୬ଟି ହାତୀଙ୍କୁ ମିଶାଇ ସମୁଦାୟ ୨,୭୭୬ଟି ବନ୍ୟଜନ୍ତୁଙ୍କର ମୃତ୍ୟୁ ଘଟିଛି। ସେହିପରି, ହାତୀ-ମଣିଷ ସଂଘର୍ଷ ବେଳକୁ ବେଳ ଉତ୍କଟ ହେବାରେ ଲାଗିଛି। ଆମ ରାଜ୍ୟରେ ହାତୀ ଆକ୍ରମଣରେ ୬୬୯ ଜଣ ଲୋକ ଓ ୭୪୧ଟି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ୯,୧୫୧ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ହାତୀମାନଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷିତ ଅଞ୍ଚଳ ନେଟ୍‌ୱର୍କର ସମ୍ପ୍ରସାରଣ ଏବଂ 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ' ଆରମ୍ଭ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପ୍ରୟାସ ହିଁ ଗଜରାଜଙ୍କ ସୁରକ୍ଷାର ଏକ ଶକ୍ତ ମୂଳଦୁଆ ପକାଇଛି। ତେଣୁ କେନ୍ଦ୍ର ସରକାରଙ୍କ ପରି ସାରା ଓଡ଼ିଶାରେ ହାତୀର ସୁରକ୍ଷିତ ତଥା ଅବାଧ ବିଚରଣକୁ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ସମୟୋଚିତ ହସ୍ତକ୍ଷେପ ଅତି ଜରୁରୀ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।




ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତ ସରକାର
ONE WORLD TB SUMMIT VARANASI 2023
Azadi Ka Amrit Mahotsav
G20



ଭାରତ ବିଶ୍ୱ ସ୍ତରରେ ଟିବିକୁ ସମାପ୍ତ କରିବା ଅଭିମୁଖେ ଅଗ୍ରସର

ୱାନ୍ ୱାର୍ଲ୍ଡ ଟିବି ସମ୍ମିଳନୀ, ବାରାଣସୀ ୨୦୨୩ ଅବସରରେ ଟିବି ସଂକ୍ରାନ୍ତୀୟ ପ୍ରମୁଖ ପଦକ୍ଷେପଗୁଡ଼ିକର ଶୁଭାରମ୍ଭ କରିବେ

ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି

ବିଶ୍ୱ ଟିବି ଦିବସ । ୨୪ ମାର୍ଚ୍ଚ, ୨୦୨୩ । ପୂର୍ବାହ୍ନ ୧୦.୩୦ ଘଟିକା

ଇଣ୍ଟରନ୍ୟାଶନାଲ କୋ-ଅପରେଶନ୍ ଆଣ୍ଡ କନ୍‌ଭେନ୍ସନ୍ ସେଣ୍ଟର - ରୁଦ୍ରାକ୍ଷ

ଆଜିଠାରୁ ଆରମ୍ଭ ହେବାକୁ ଯାଉଥିବା ପ୍ରମୁଖ ଟିବି ପଦକ୍ଷେପ:

• ଭାରତ ଟିବି ରିପୋର୍ଟ ୨୦୨୩ • ଟିବି ମୁକ୍ତ ପଞ୍ଚାୟତ ଅଭିଯାନ • ଏକ୍ସଟ୍ରା ପଲ୍‌ମୋନାରୀ ଟ୍ୟୁବରକୁଲୋସିସ୍ ପାଇଁ ପ୍ରଶିକ୍ଷଣ ମଡ୍ୟୁଲ୍ • କମ୍ ଅବଧିର ଟିବି ନିବାରକ ଉପଚାରର ରାଷ୍ଟ୍ରବ୍ୟାପୀ ରୋଲ୍‌ଆଉଟ୍
• ଫ୍ୟାମିଲି କେୟାରଗିଭର୍ ମଡେଲ୍ • ବିଏସ୍‌ଏଲ୍ ଲ୍ୟାବ୍, ଏନ୍‌ସିଡିସି ଶାଖାର ଶିଳାନ୍ୟାସ ଏବଂ ମେଟ୍ରୋପଲିଟାନ୍ ସର୍ଭେଲାନ୍ସ ୟୁନିଟ୍, ବାରାଣସୀ ପାଇଁ ସାଇଟ୍‌ର ଅନାବରଣ

ଭାରତ ବୈଶ୍ୱିକ ଲକ୍ଷ୍ୟରୁ ପାଞ୍ଚବର୍ଷ ପୂର୍ବରୁ ୨୦୨୫ ସୁଦ୍ଧା ଟିବିକୁ ସମାପ୍ତ କରିବା ପାଇଁ ପ୍ରତିବଦ୍ଧ

ଟିବି ରୋଗୀ ପଞ୍ଜୀକରଣ ୨୦୧୪ରେ ଥିବା ୧୫.୫ ଲକ୍ଷରୁ ୫୬% ବୃଦ୍ଧି ପାଇ ୨୦୨୨ରେ ୨୪.୨୨ ଲକ୍ଷରେ ପହଞ୍ଚିଛି

ରାପିଡ୍ ମୋଲେକ୍ୟୁଲାର୍ ଡାଇଗ୍ନୋଷ୍ଟିକ୍ ମେଶିନ୍ ୨୦୧୪ରେ ଥିବା ୪୦ରୁ ବୃଦ୍ଧି ପାଇ ୨୦୨୨ରେ ୫,୦୯୦ରେ ପହଞ୍ଚିଛି

୨୦୧୮ରୁ ଆକ୍ଟିଭ୍ କେସ୍ ଫାଇଣ୍ଡିଂ ମାଧ୍ୟମରେ **୨.୫୫ ଲକ୍ଷ ଅତିରିକ୍ତ** ଟିବି ମାମଲାର ନିଦାନ କରାଯାଇଛି

୭.୩ ଲକ୍ଷ ଟିବି ମାମଲା, ୨୦୨୨ରେ **ବେସରକାରୀ କ୍ଷେତ୍ରରୁ ସର୍ବାଧିକ ପଞ୍ଜୀକରଣ କରାଯାଇଛି**

ଏପ୍ରିଲ ୨୦୧୮ରୁ ଏପର୍ଯ୍ୟନ୍ତ **୭୯ ଲକ୍ଷରୁ ଅଧିକ ଟିବି ରୋଗୀଙ୍କୁ ₹୨,୧୦୨ କୋଟିରୁ** ଅଧିକ ଅର୍ଥରାଶି ବିତରଣ କରାଯାଇଛି

**ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ** ୭୧,୦୦୦ରୁ ଅଧିକ ନି-କ୍ଷୟ ମିତ୍ରଙ୍କୁ ୯.୮୭ ଲକ୍ଷରୁ ଅଧିକ ସ୍ୱୀକୃତ ଟିବି ରୋଗୀଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରିବା ପାଇଁ ସକ୍ଷମ କରାଯାଇଛି ।

ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | 1800-11-6666 www.tbcindia.gov.in

cbc 17102/13/0051/2223

"ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **-ଶ୍ରୀଅରବିନ୍ଦ**"

# ଜଳ ସଙ୍କଟ ଓ ନିବେଶ ସୁଯୋଗ




ଆମ୍ବ୍ରୋସି ଫାୟୋଲେ
ଉପାଧ୍ୟକ୍ଷ, ୟୁରୋପିଆନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ

ହେଙ୍କ୍ ଓଭିଙ୍କ୍
ସ୍ୱତନ୍ତ୍ର ପ୍ରତିନିଧି, ଇଣ୍ଟରନ୍ୟାଶନାଲ ୱାଟର ଆଫେୟାର୍ସ (କିଙ୍ଗ୍‌ଡମ ଅଫ୍ ନେଦରଲାଣ୍ଡସ୍)

ବାୟୁ ଭଳି ଜଳ ମଧ୍ୟ ପୃଥିବୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଉତ୍ସ। ତେବେ ବହୁ ସମୟରେ ଜଳ ପ୍ରଣାଳୀର କାର୍ଯ୍ୟପଦ୍ଧତି ଗମ୍ଭୀର ସଙ୍କଟ ସ୍ଥିତି ସୃଷ୍ଟିକରେ ଯାହା ଜୀବନ ଜୀବିକାକୁ ପ୍ରଭାବିତ କରିଥାଏ। ଏବେ ପୃଥିବୀରେ ପ୍ରାୟ ୨ ବିଲିୟନ ଲୋକ ସୁରକ୍ଷିତ ପାନୀୟ ଜଳ ପାଇବାରୁ ବଞ୍ଚିତ। ବିଶ୍ୱ ଜନସଂଖ୍ୟାର ପାଖାପାଖି ଅଧା ଅତି କମ୍‌ରେ ବର୍ଷର କିଛି ସମୟ ଗମ୍ଭୀର ଜଳାଭାବକୁ ସାମ୍ନା କରନ୍ତି। ସାମ୍ପ୍ରତିକ ସ୍ଥିତିରେ ଜନସଂଖ୍ୟା ବୃଦ୍ଧି ସହ ଅଭିବୃଦ୍ଧି ପାଇଁ ଜଳ ଉପରେ ଅଧିକ ନିର୍ଭରଶୀଳ ଅର୍ଥ ବ୍ୟବସ୍ଥା ଆମ ନିକଟରେ ଥିବା ସୀମିତ ମଧୁରଜଳ ଉପରେ ଅଧିକ ଚାପ ସୃଷ୍ଟି କରୁଛି। ୨୦୩୦ ସୁଦ୍ଧା ବିଶ୍ୱ ସ୍ତରରେ ଜଳ ଚାହିଦା ବଢ଼ିବା ସହ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଶସ୍ତାରେ ବିଶୁଦ୍ଧ ଜଳ ଯୋଗାଣ ଏବକା ତୁଳନାରେ ୪୦% ଅଧିକ ହେବ। ଜଳ ଚାହିଦା ଓ ତାପମାତ୍ରା ବୃଦ୍ଧି ଯୋଗୁ ଜଳାଭାବ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି କରିବ। କେବଳ ଏତିକି ନୁହେଁ, ଏହା ସମାଜର ସ୍ଥିରତା ପ୍ରତି ବି ବିପଦ ବଢ଼ାଇବ।

ଏବକାର କାର୍ଯ୍ୟଧାରାକୁ କେମିତି ବଦଳାଇଲେ ଜଳ ସମାଜକୁ ସଶକ୍ତ କରିବ,ଅର୍ଥ ବ୍ୟବସ୍ଥାକୁ ସୁରକ୍ଷିତ ରଖିପାରିବ ଓ ପୃଥିବୀକୁ ବାସୋପଯୋଗୀ କରିପାରିବ ସେ ବିଷୟରେ ଚିନ୍ତା କରିବା ଦରକାର। ସ୍ୱଚ୍ଛ ପରିବେଶ ଭଳି ବହୁ କ୍ଷେତ୍ରର ଲାଭ ଲୋକମାନଙ୍କୁ ମିଳୁଥିବାରୁ ଏବେ ସେଗୁଡ଼ିକର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ପ୍ରାକୃତିକ ଉତ୍ସର ସଂରକ୍ଷଣ କ୍ଷେତ୍ରରେ ନିବେଶର ଅଧିକ ତଥା ଦୀର୍ଘମିଆଦୀ ଲାଭ ଉପରେ ଧ୍ୟାନ ଦିଆଯାଉନାହିଁ। ଏବେ ଜଳ କ୍ଷେତ୍ରକୁ କମ୍ ଅର୍ଥ ଯୋଗାଯାଉଛି ଏବଂ ଲଗାତର ଚାହିଦା ପୂରଣର କ୍ଷମତା କମିବାରେ ଲାଗିଛି। କିନ୍ତୁ ଆମେ ଯଦି ପ୍ରତ୍ୟେକଙ୍କ ପାଇଁ ସ୍ୱଚ୍ଛ ଜଳ ଓ ପରିମଳ ନିଶ୍ଚିତ କରୁଥିବା ଶତତ ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ହାସଲ କରିବାକୁ ଚାହୁଁ, ତେବେ ଏବେ ଜଳ ଉପରେ ହେଉଥିବା ଖର୍ଚ୍ଚକୁ ୪ଗୁଣ ବୃଦ୍ଧି କରି ୧ ଟ୍ରିଲିୟନ ଡଲାର( ଯାହା ବୈଶ୍ୱିକ ମୋଟ ଘରୋଇ ଉତ୍ପାଦର ୧.୨୧%)ରୁ ଅଧିକ କରିବାକୁ ହେବ। ଏହା ସହ ପ୍ରତିବର୍ଷ ବନ୍ୟା ଓ ଦୁର୍ବଳ ଜଳସେଚେନ ଦ୍ୱାରା କ୍ଷତି ହେଉଥିବା ୪୭୦ ବିଲିୟନ ଡଲାରକୁ ମଧ ଭରଣା କରିବାକୁ ପଡ଼ିବ। ପରିବେଶ ଓ ଜଳବାୟୁର ସୁରକ୍ଷା କରି ଜଳ କ୍ଷେତ୍ରରେ ନିବେଶ କରାଯାଉଥିବା ପ୍ରତ୍ୟେକଟି ମୁଦ୍ରା ଆମ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ବର୍ତ୍ତମାନ ଏବଂ ଭବିଷ୍ୟତରେ ଶକ୍ତି ଯୋଗାଇବ। ଗତବର୍ଷ ଡିସେମ୍ବରରେ ୟୁରୋପିଆନ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଜୋର୍ଡାନକୁ ଲୋହିତ ସାଗରରେ ଏକ ଏକ ଡିସାଲିନେଶନ ପ୍ଲାଣ୍ଟ ଓ ରାଜଧାନୀ ଅମାନକୁ ଏକ ପାଇପ ଲାଇନ ନିର୍ମାଣ ଲାଗି ୨୦୦ ମିଲିୟନ ୟୁରୋ (୨୧୫ ମିଲିୟନ ଡଲାର) ଋଣ ଆକାରରେ ଯୋଗାଇ ଦେଇଛି। ତେବେ ଜୋର୍ଡାନର ଯୋଜନା ଓ ଅନ୍ତର୍ଜାତୀୟ ସହଯୋଗ ମନ୍ତ୍ରୀ ଜିନା ଟୌକାନ ଏହି ପ୍ରୋଜେକ୍ଟଗୁଡ଼ିକୁ ଉଭୟ ଜଳ ସୁରକ୍ଷା ଏବଂ ବ୍ୟାପକ ଆର୍ଥିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ଜଳର ଗୁରୁତ୍ୱକୁ ବୁଝି ତାହାର ଠିକ୍ ପରିଚାଳନା କରିବା ପାଇଁ ଆମେ ସମସ୍ତେ ଏଭଳି ଚିନ୍ତାଧାରା ଗ୍ରହଣ କରିବା ଆବଶ୍ୟକ।



ପବ୍ଲିକ ସେକ୍ଟର ସାମ୍ନାରେ ଅନେକ ଆହ୍ୱାନ ଥିବାରୁ ଏହା ଏକାକୀ ନିବେଶର ଅଭାବ ପୂରଣ କରିପାରିବ ନାହିଁ। ଜଳ କ୍ଷେତ୍ରରେ ବିଜ୍‌ନେସ ସେକ୍ଟରର ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ପରିବେଶଗତ ପ୍ରଭାବ ଜନିତ ତଥ୍ୟ ସଂଗ୍ରହ କରୁଥିବା ଏକ ବେସରକାରୀ ସଂସ୍ଥା ସିଡିପି ଅନୁଯାୟୀ, ଯଦି ଜଳାଭାବର ସମାଧାନ କରିବା ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ବିଶ୍ୱରେ ୩୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ବିଜ୍‌ନେସ ବିପଦରେ ପଡ଼ିବ। ତେବେ ଏହି ସମସ୍ୟା ସମାଧାନ କରିବା ଲାଗି ବିପଦରେ ଥିବା ମୋଟ ବିଜ୍‌ନେସ ମୂଲ୍ୟର କେବଳ ଏକ ପଞ୍ଚମାଂଶ ଅର୍ଥାତ୍ ପାଖାପାଖି ୫୫ ବିଲିୟନ ଡଲାର ଲାଗିବ। ଯଦି ବିଜ୍‌ନେସଗୁଡ଼ିକ ସେମାନଙ୍କ ଜଳ ବିନିଯୋଗ କମ୍ କରିବା ନିମନ୍ତେ ନୂଆ ଟେକ୍‌ନୋଲୋଜି ଲାଗୁ କରନ୍ତି ଏବଂ ଶକ୍ତି, ତାପ, ନ୍ୟୁଟ୍ରିଣ୍ଟର ଉତ୍ସ ଭାବେ ବର୍ଜ୍ୟଜଳକୁ ଉପଯୋଗ କରନ୍ତି, ସେମାନେ ପରିବେଶଗତ ପ୍ରଭାବ ହ୍ରାସ କରିବା ସହ ଅନ୍ୟମାନଙ୍କ ବ୍ୟବହାର ପାଇଁ ଅଧିକ ଜଳ ଉପଲବ୍ଧ କରାଇପାରିବେ। ଏଭଳି ଜଳ ସମ୍ପର୍କିତ ସୁଯୋଗଗୁଡ଼ିକ ସୃଷ୍ଟି କରିବା ଲାଗି ୭୧୧ ବିଲିୟନ ଡଲାର ଲାଗିବ ବୋଲି ସିଡିପି ନିର୍ଦ୍ଧାରଣ କରିଛି। ଏହା କେବଳ ବ୍ୟବହାର ହେଉଥିବା ଜଳ ସଞ୍ଚୟ ନୁହେଁ, ବରଂ ୱାଟର ସ୍ମାର୍ଟ ଟେକ୍‌ନୋଲୋଜି କ୍ଷେତ୍ରରେ ଦୀର୍ଘମିଆଦୀ ଶକ୍ତିଶାଳୀ ମାର୍କେଟର ଅଭିବୃଦ୍ଧି କରିବା ସହ ଉତ୍ତମ ସାମାଜିକ ସମ୍ପର୍କକୁ ଲାଭଦାୟକ ହେବ।

ବିଶ୍ୱର ଅଧିକାଂଶ ଭାଗରେ ଶସ୍ତାରେ ଜଳ ମିଳୁଥିବାରୁ ବହୁ ସମୟରେ ବିଜ୍‌ନେସଗୁଡ଼ିକ ଜଳ ବଞ୍ଚାଇବା ଏବଂ ୱାଟର ଇଣ୍ଟେନସିଭ ଉତ୍ପାଦ ପ୍ରକ୍ରିୟାର ଦକ୍ଷତା ବଢ଼ାଇବା ପାଇଁ ନିବେଶ କରିବାକୁ କମ୍ ପଦକ୍ଷେପ ନେଉଛନ୍ତି। ପ୍ରଥମେ ଜଳ ପ୍ରଣାଳୀର ସଂରକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରାଇଭେଟ ସେକ୍ଟରକୁ ମନାଇବା ସକାଶେ ଜଳ ସମ୍ପର୍କିତ ଖର୍ଚ୍ଚକୁ ଏକ ବାସ୍ତବ ନିବେଶ ଭାବେ ବିଚାର କରିବାକୁ ପଡ଼ିବ। ଏଭଳି ଖର୍ଚ୍ଚକୁ ଏକ କ୍ଷତି ମନେକରିବା ଏବଂ ଏହା କେବେ ବି ଆଦାୟ ହୋଇପାରିବ ନାହିଁ ବୋଲି ଭାବବା ଉଚିତ ନୁହେଁ। ଦ୍ୱିତୀୟରେ, ଜଳର ପ୍ରଭାବୀ ଉପଯୋଗ କରିବା ଏବଂ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେଉଥିବା ଜଳ ସଂରକ୍ଷଣ ଲାଗି ବ୍ୟବହାରକାରୀ ଓ ବିଜ୍‌ନେସଗୁଡ଼ିକ ପାଇଁ ଆବଶ୍ୟକୀୟ ପଦକ୍ଷେପସବୁ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଶସ୍ତାରେ ପାନୀୟ ଜଳ ଓ ପରିମଳ ପାଇବା ଏକ ସ୍ୱୀକୃତ ମାନବୀୟ ଅଧିକାର ହୋଇଥିବାରୁ ଜଳ କ୍ଷେତ୍ରରେ ଏକ କୌଶଳପୂର୍ଣ୍ଣ ସନ୍ତୁଳନ ରକ୍ଷାକାରୀ ପଦକ୍ଷେପ ନେବା ଆବଶ୍ୟକ। ତୃତୀୟରେ ଜଳ କ୍ଷେତ୍ରରେ ଅଧିକ ନିବେଶକୁ ଗତିଶୀଳ କରିବାକୁ ବୈଶ୍ୱିକ ସହଯୋଗ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରାଗଲେ ତାହା ମାର୍କେଟ ବିଫଳତାକୁ ଦୂରକରିବା ସହ ଜଳକୁ ନେଇ ଚାଲୁଥିବା ରାଜନୀତି ଓ ଯୁଦ୍ଧକୁ ରୋକିପାରିବ।

୧୯୭୭ ପରେ ଚଳିତ ସପ୍ତାହରେ ଜାତିସଂଘର ଜଳ ସମ୍ମିଳନୀ, ୨୦୨୩ ଅନୁଷ୍ଠିତ ହେଉଛି। ଏଥିରେ ବହୁ ଦେଶର ପ୍ରତିନିଧିମାନେ ଏକାଠି ହୋଇଛନ୍ତି। ଜଳ ସୁରକ୍ଷା ଓ ଜଳ ସଙ୍କଟକୁ ଆୟତ୍ତ କରିବା ଉପରେ ଆଲୋଚନା କରିବା ପାଇଁ ଏହା ଏକ ଅପୂର୍ବ ସୁଯୋଗ। ଏକ ସ୍ଥାୟୀ ତଥା ନ୍ୟାୟପୂର୍ଣ୍ଣ ଅର୍ଥ ବ୍ୟବସ୍ଥା ପାଇଁ ଜଳ ନିବେଶକୁ ସ୍ୱଚ୍ଛ ଶକ୍ତି ନିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରିବାକୁ ଏହି ସମ୍ମିଳନୀ ସୁଯୋଗ ଆଣିବ। ଆମେ ସେଠାରେ ଜଳ ଚକ୍ର ବା ପ୍ରଣାଳୀ ଉପରେ ନୂଆ ମାର୍ଗଦର୍ଶିକା ପ୍ରସ୍ତୁତ କରିପାରିବା ଏବଂ ନେଦରଲାଣ୍ଡଠାରୁ ଆରମ୍ଭ କରି ଲକ୍‌ସେବର୍ଗ ଏବଂ ନାଇଜେରିଆଠାରୁ ଆରମ୍ଭ କରି ଲାଓସ ପର୍ଯ୍ୟନ୍ତ,ସବୁଠାରେ ସ୍ଥାୟୀ କିମ୍ବା ସହନୀୟ ବିକାଶ ପାଇଁ ଅଧିକ ସାମଗ୍ରିକ ଦୃଷ୍ଟିକୋଣ ନିଶ୍ଚିତ କରିପାରିବା। ଜଳ କ୍ଷେତ୍ରରେ ପାଣ୍ଠି ଯୋଗାଇ ସେଥିରୁ ଲାଭ ପାଇବା ପାଇଁ ଇଚ୍ଛାପ୍ରକାଶ କରୁଥିବା ତଥା ଅପେକ୍ଷାରେ ଥିବା ସରକାରୀ ଓ ଘରୋଇ ଉତ୍ସଗୁଡ଼ିକୁ ପ୍ରୋତ୍ସାହିତ କରିବା ସକାଶେ ଅଧିକ ଉପାୟ ଖୋଜିବା ଦରକାର। ଜଳ ହିଁ ଶତତ ବିକାଶର ଲକ୍ଷ୍ୟର ଶେଷ ସ୍ତରରେ ଆମକୁ ପହଞ୍ଚାଇପାରିବ। ଶେଷରେ ଆମ ବ୍ୟକ୍ତିଗତ ଓ ସଂସ୍ଥାଗତ ନିବେଶଗୁଡ଼ିକର ଏକ ମୌଳିକ ଅଂଶ ଭାବେ ଜଳ ନିବେଶକୁ ସ୍ୱୀକାର କରିବାକୁ ପଡ଼ିବ ଏବଂ ଏହାକୁ ଆର୍ଥିକ ନୀତିର କେନ୍ଦ୍ର ଭାବେ ଗ୍ରହଣ କରିବାକୁ ହେବ।

## ଏଇ ଭାରତରେ

ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କୁ ଜୀବିକା ଯୋଗାଇବାରେ ଜୀବନ ସାର୍ଥକ ହୁଏ ବୋଲି ଉପଲବ୍ଧି କରିଛନ୍ତି ମଧ୍ୟପ୍ରଦେଶର ପ୍ରତିଭା ତିୱାରୀ। ସେ ଭୋପାଳରେ ଅନେକ ବର୍ଷ ଗଣିତ ଶିକ୍ଷକ ଭାବେ କାର୍ଯ୍ୟକରିବା ପରେ ଜୈବିକ କୃଷିକୁ ଆପଣାଇଥିଲେ। ପ୍ରତିଭା ଚାକିରି ଛାଡ଼ିବା ପରେ ରାଜ୍ୟ ସରକାରଙ୍କ କୃଷିବିଭାଗ ଦ୍ୱାରା ଆୟୋଜିତ ଜୈବିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ନେବା ପରେ ୨୦୧୬ରେ ଚାଷ ଆରମ୍ଭ କରିଥିଲେ। ଏବେ ସେ ଜୈବିକ କୃଷି ଉତ୍ପାଦରୁ ଜୈବିକ ଖାଦ୍ୟ ପ୍ରସ୍ତୁତ କରି ଅନେକ କୋଟି ଟଙ୍କାର ବିଜ୍‌ନେସ ଚଳାଉଛନ୍ତି। 'ଭୂମିକା ଅର୍ଗାନିକ୍ସ' ନାମରେ ଫୁଡ୍ ବ୍ରାଣ୍ଡ ଆରମ୍ଭ କରି ୭୦ ପ୍ରକାର ଉତ୍ପାଦ ଭୋପାଳ, ଦିଲ୍ଲୀ ଓ ମୁମ୍ବାଇରେ ବିକ୍ରି କରୁଛନ୍ତି। ବଡ଼କଥା ହେଉଛି, ସେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ମହାରାଷ୍ଟ୍ରରେ ପାଖାପାଖି ୧୨୦୦ କୃଷକଙ୍କୁ ଜୈବିକ କୃଷି ସହ ଯୋଡ଼ି ସେମାନଙ୍କ ଆୟ ୨ ଗୁଣ ବୃଦ୍ଧି କରିପାରିଛନ୍ତି। ପ୍ରତିଭା କୃଷକମାନଙ୍କ ଉତ୍ପାଦକୁ ବିନା ମଧ୍ୟସ୍ଥରେ ସଂଗ୍ରହ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୯୮

- ଅଣନିଃଶ୍ୱାସୀ ହୋଇ କିମ୍ବା ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହେବା ଯୋଗୁ ସାଉଦି ଆରବର ପବିତ୍ର ସହର ମକ୍କାରେ ଇଣ୍ଡୋନେସିଆର ୨୫ ତୀର୍ଥଯାତ୍ରୀଙ୍କ ପ୍ରାଣହାନି।
- ରୁଷର ରାଷ୍ଟ୍ରପତି ବୋରିସ ୟେଲଟ୍‌ସିନ ପ୍ରଧାନମନ୍ତ୍ରୀ ଭିକ୍ଟର ଚେର୍ଣ୍ଣୋମର୍ଦ୍ଦିନଙ୍କ ନେତୃତ୍ୱରେ ପରିଚାଳିତ ସରକାରକୁ ବରଖାସ୍ତ କରିବା ସହ ଯୁବ ସଂସ୍କାରବାଦୀ ମନ୍ତ୍ରୀ ସର୍ଜେଇ କେରିୟେନ୍ କୋଙ୍କୁ ଦେଶର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି।
- ମିଳିତ ସାମ୍ମୁଖ୍ୟର ଆବାହକ ପଦରୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ ପାର୍ଟି (ଟିଡିପି)ର ମୁଖ୍ୟ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଇସ୍ତଫା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 6 | | | |
| | | | | 4 | | 3 | | 2 |
| | | | 8 | | | 5 | | |
| 6 | 4 | | | | | | 9 | 5 |
| | 3 | 1 | | 9 | | | | |
| | | | | | | | 8 | |
| | | | | 1 | 9 | | | |
| 9 | 8 | | | | | | | |
| 5 | | | 7 | 3 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 7 | 5 | 8 | 9 | 1 | 3 |
| 3 | 5 | 7 | 1 | 9 | 6 | 8 | 2 | 4 |
| 8 | 1 | 9 | 4 | 3 | 2 | 7 | 6 | 5 |
| 9 | 2 | 3 | 6 | 8 | 7 | 4 | 5 | 1 |
| 5 | 6 | 4 | 3 | 1 | 9 | 2 | 8 | 7 |
| 1 | 7 | 8 | 2 | 4 | 5 | 6 | 3 | 9 |
| 4 | 8 | 1 | 9 | 2 | 3 | 5 | 7 | 6 |
| 7 | 3 | 5 | 8 | 6 | 4 | 1 | 9 | 2 |
| 2 | 9 | 6 | 5 | 7 | 1 | 3 | 4 | 8 |

ଗତକାଲିର ଉତ୍ତର

# ବିଶ୍ୱ ପ୍ରସଙ୍ଗରେ ଦକ୍ଷତା ବିକାଶ



ରାଜେଶ କୁମାର ତ୍ରିପାଠୀ

କଥାରେ ଅଛି ସକାଳ ହେଲେ ଅନ୍ନ ଚିନ୍ତା। ରାତି ପାହିଲେ ଘରର ଯୁବ ସନ୍ତାନ ପରିବାରର ଉନ୍ନତି ପାଇଁ ସମ୍ବଳ ଗୋଟାଇବାକୁ ସ୍ୱାଭିମାନର ସହ ବାହାରକୁ ଗୋଡ଼ କାଢ଼େ କିମ୍ବା ଦକ୍ଷତା ଅଭାବରୁ ପରାଜିତ ସୈନିକ ଭଳି ମୁଣ୍ଡ ପୋତି ପରିବାରର ଅବନତିର କାରଣ ହେବାକୁ ବାଧ୍ୟ ହୁଏ। ଗୋଟେ ଘରର କଥା ହିଁ ଗୋଟେ ରାଜ୍ୟ ଅବା ଦେଶର କଥା। ବିଶ୍ୱର କାହାଣୀ ମଧ୍ୟ ସେୟା। ଯୁବକମାନଙ୍କର ରାଜ୍ୟ, ଦେଶ ଅବା ବିଶ୍ୱ ପାଖରେ ରାତି ପାହିଲେ ଗୋଟିଏ ଚିନ୍ତା, "ଏ ଯୁବକମାନେ ମୋର ସମ୍ବଳ କେମିତି ହେବେ? କେମିତି ଏ ଯୁବକମାନେ ଏ ଜାତିର ବିକାଶର ମଙ୍ଗ ଧରିବେ?"

ମାନବ ପୁଞ୍ଜି ସମସ୍ୟାର ସମାଧାନ କରି ସମୃଦ୍ଧତା ଏବଂ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ହିଁ ଆଜି ଦିନରେ ଯେକୌଣସି ଦେଶ ପାଖରେ ବଡ଼ ଆହ୍ୱାନ। ଆଜିର ବିଶ୍ୱ ଅର୍ଥ ବ୍ୟବସ୍ଥାରେ ପ୍ରତିଯୋଗିତା ଜଟିଳରୁ ଜଟିଳ ହେଉଛି। ଏହି ବାତାବରଣରେ ଦେଶଗୁଡ଼ିକ କେବଳ ଉନ୍ନତ ବୈଷୟିକ ଏବଂ ଧନ୍ଦାମୂଳକ କୌଶଳ ଆବଶ୍ୟକ କରନ୍ତି ନାହିଁ, ବରଂ ଦାୟିତ୍ୱସମ୍ପନ୍ନ ନାଗରିକ ମଧ ଆବଶ୍ୟକ କରନ୍ତି, ଯେଉଁମାନେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନିଜର କୌଶଳକୁ ବିନିଯୋଗ କରିବାର ମାନସିକତା ସହିତ ଆଗକୁ ଆସିବେ।

ଦକ୍ଷତାର ମହତ୍ତ୍ୱ ଉପରେ ଆମମାନଙ୍କ ମଧ୍ୟରୁ ଅଧିକାଂଶ ସହମତ ହୋଇଥିଲେ ମଧ୍ୟ କେଉଁ ପ୍ରକାରର ଦକ୍ଷତା ଠିକ୍ ଏବଂ ସେସବୁ ଦକ୍ଷ ମାନବ ସମ୍ବଳ କିପରି ଉତ୍ପାଦନ କରାଯିବ, ସେ ବିଷୟରେ ଅନେକ ସମୟରେ ମତଭେଦ ରହିଥାଏ। ଟେକ୍ନୋଲୋଜିର ଭୂମିକା, ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ପରିବର୍ତ୍ତନ, ସହରୀକରଣ ଏବଂ ଜଗତୀକରଣ ଭଳି ବିଷୟ ବିଶ୍ୱରେ ଦକ୍ଷତାର ଚାହିଦା ପରିବର୍ତ୍ତନ କରୁଛି। ଏକବିଂଶ ଶତାବ୍ଦୀର ଶ୍ରମ ବଜାରରେ ସଫଳ ହେବା ପାଇଁ, ଏକ ବିସ୍ତୃତ କୌଶଳ ଆବଶ୍ୟକ। ନିଜର କାର୍ଯ୍ୟଦକ୍ଷତା ସହିତ ଅନ୍ୟର ଜଟିଳ ଚିନ୍ତାଧାରା ବୁଝିବା, ପରିବେଶ ସହିତ ପ୍ରଭାବଶାଳୀ ଭାବରେ ଖାପ ଖାଇବା, ଅଭିଜ୍ଞତାରୁ ଶିକ୍ଷା କରିବାର କ୍ଷମତାକୁ ମଧ ଆମ ମୂଳ ଦକ୍ଷତା ସହ ଅନ୍ତର୍ଭୁକ୍ତ କରିବାକୁ ହେବ। ସାକ୍ଷରତା ଏବଂ ସାଂଖ୍ୟିକତା ସହିତ ସୃଜନଶୀଳତା, ସମାଲୋଚନାକାରୀ ଚିନ୍ତାଧାରା ଏବଂ ସମସ୍ୟା ସମାଧାନ ହେଉଛି ଜ୍ଞାନଗତ ଦକ୍ଷତା।

ପରିବର୍ତ୍ତନଶୀଳ ଦୁନିଆରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଯେହେତୁ ଆମେ ଆମର ପିଲାମାନଙ୍କୁ ସମାଜରେ ନିଜର ସଫଳ ସ୍ଥାନ ନେବାକୁ ପ୍ରସ୍ତୁତ କରିବା ପାଇଁ ବିବ୍ରତ ହୋଇ ଯାଇଥାଉ। ଯଦି ଆମେ ଏହି ଦିଗରେ ପ୍ରତିଯୋଗିତାମୂଳକ ସୁବିଧା ପାଇବାକୁ ଚାହୁଁଛନ୍ତି, ତେବେ ଶିକ୍ଷା ସହିତ ଦକ୍ଷତାର ପରିପକ୍ୱତା ଉପରେ ଆମକୁ ଗୁରୁତ୍ୱ ଦେବାକୁ ହେବ। ସାଧାରଣତଃ ମାତାପିତା ନିଜ ପିଲାଙ୍କୁ ଦକ୍ଷ ଅପେକ୍ଷା ଶିକ୍ଷା ସମୃଦ୍ଧ କରାଇବାରେ ଅଧିକ ଆରାମଦାୟକ ଅନୁଭବ କରନ୍ତି। ସେମାନେ ସର୍ବଦା ପସନ୍ଦ କରନ୍ତି ଯେ, ପିଲାଟି ଏକାଡେମିକ ଶିକ୍ଷା ଗ୍ରହଣ କରିବ, ସେଥିରେ ଉତ୍କର୍ଷ ହେବ ଏବଂ ବାବୁ ବୃତ୍ତି ଗ୍ରହଣ କରିବ। ହେଲେ ବୁଝିବାକୁ ହେବ ଯେ, ବିନା ଦକ୍ଷତାରେ ବିଶ୍ୱ ଆଉ ଆମ ପିଲାଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହିଁ। ସେଥିପାଇଁ ଭାରତର ନୂତନ ଜାତୀୟ ଶିକ୍ଷାନୀତି ପ୍ରାଥମିକ ସ୍ତରରୁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଉଛି।



ମୌଳିକ ଭାବରେ, ଦକ୍ଷତା ବିକାଶ ହେଉଛି ଯୁବ ପିଢ଼ିଙ୍କର ଦକ୍ଷତା ବୃଦ୍ଧି ଏବଂ ଭବିଷ୍ୟତ-ପ୍ରସ୍ତୁତ ରହିବା ପାଇଁ ବିନିଯୋଗ କରୁଥିବା ସମୟ। ଯେକୌଣସି ଦକ୍ଷତା ଯାହାକୁ କି ଆମେ ଉତ୍ସାହ ଭାବରେ ଅନୁସରଣ କରନ୍ତି, ତାହା ଆମକୁ ଠିକ୍ ସମୟରେ ଉଚ୍ଚ ହାରରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସମାପ୍ତ କରିବାର କ୍ଷମତା ପ୍ରଦାନ କରିଥାଏ। ତେଣୁ ଦକ୍ଷତା ବିକାଶ ଆଉ ପସନ୍ଦ ବିଷୟ ନୁହେଁ। ପରିବର୍ତ୍ତିତ ଦୁନିଆରେ ଖାପ ଖୁଆଇବା, ବଞ୍ଚିବା ଏବଂ ସଫଳ ହେବା ପାଇଁ ଏହାହିଁ ଏକମାତ୍ର ବିକଳ୍ପ।

ଦକ୍ଷତାର ବିକାଶ ନିଯୁକ୍ତି, ଶ୍ରମ ଉତ୍ପାଦନ ବୃଦ୍ଧି ଏବଂ ଦେଶଗୁଡ଼ିକୁ ଅଧିକ ପ୍ରତିଯୋଗୀ ହେବାକୁ ସାହାଯ୍ୟ କରି ଗଠନମୂଳକ ପରିବର୍ତ୍ତନ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏକ ଉଚ୍ଚ-ଗୁଣାତ୍ମକ କର୍ମକ୍ଷେତ୍ରରେ ବିନିଯୋଗ ଏକ ଗୁଣାତ୍ମକ ଚକ୍ର ସୃଷ୍ଟି କରିପାରିବ, ଯେଉଁଠାରେ ପ୍ରାସଙ୍ଗିକ ଏବଂ ଗୁଣାତ୍ମକ ଦକ୍ଷତା ଉତ୍ପାଦକତା ବୃଦ୍ଧି ଏବଂ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗକୁ ସକ୍ଷମ କରିଥାଏ ଏବଂ ସାମ୍ପ୍ରତିକ କାର୍ଯ୍ୟଶୈଳୀ ପାଇଁ ଅଧିକରୁ ଅଧିକ ଚାକିରି ଏବଂ ଶିକ୍ଷା ଓତାଲିମ ବ୍ୟବସ୍ଥାରେ ଅଧିକ ସରକାରୀ ଏବଂ ବେସରକାରୀ ପୁଞ୍ଜି ବିନିଯୋଗ କରିଥାଏ। ଉଭୟ ସାମ୍ପ୍ରତିକ ଏବଂ ଭବିଷ୍ୟତର କର୍ମଜୀବୀମାନଙ୍କ ପାଇଁ ନିଯୁକ୍ତି ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ଏହାର ରହିଛି ପ୍ରମୁଖ ଭୂମିକା। ଯଦିଓ ଆମ ଦେଶରେ ଦକ୍ଷତା ବିକାଶ ଉପରେ ଅନେକ କାର୍ଯ୍ୟ କରାଯାଉଛି ତଥାପି ଅଧିକାଂଶ ଦେଶ ଦକ୍ଷତା ବିକାଶ କରିବାରେ ସଂଘର୍ଷ ଜାରି ରଖିଛନ୍ତି। ମୌଳିକ ସାକ୍ଷରତା, କାର୍ଯ୍ୟ ବୟସ ସଂଖ୍ୟା ଏବଂ କାର୍ଯ୍ୟ ନିଯୁକ୍ତିଯୋଗ୍ୟ ସଂଖ୍ୟାରେ ବହୁ ଭିନ୍ନତା ଅଛି। ଅନେକ ବିକାଶଶୀଳ ଦେଶରେ ନିଯୁକ୍ତିଦାତା ତଥ୍ୟ ଅନୁଯାୟୀ ଦକ୍ଷ ମାନବ ସମ୍ବଳ ଅଭାବ ହେଉଛି ସେମାନଙ୍କର ବ୍ୟବସାୟିକ ପ୍ରଗତି ପାଇଁ ଏକ ପ୍ରମୁଖ ପ୍ରତିବନ୍ଧକ, ଯାହା ସେମାନଙ୍କର ଅଭିନବ କ୍ଷମତାକୁ ପ୍ରଭାବିତ କରିଥାଏ।

ଏସବୁକୁ ଅନୁଧ୍ୟାନ କଲେ ଏକଥା ଗ୍ରହଣୀୟ ଯେ, କୌଣସି ଦେଶର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ଅଭିବୃଦ୍ଧି ସେହି ଦେଶର ଯୁବପିଢ଼ିଙ୍କର ଦକ୍ଷତା ବିକାଶ ସହିତ ଯୋଡ଼ି କରି ଦେଖି ହେବ । ଉଚ୍ଚ ଏବଂ ଉନ୍ନତ ସ୍ତରର ଦକ୍ଷତା ଥିବା ଦେଶଗୁଡ଼ିକ ବିଶ୍ୱର ଆହ୍ୱାନ ଏବଂ ସୁଯୋଗ ସହିତ ଅଧିକ ପ୍ରଭାବଶାଳୀ ଭାବରେ ଯୋଡ଼ି ହୋଇ ପାରିବେ। ଭାରତରେ ଦକ୍ଷତା ବିକାଶର ସମନ୍ୱୟ ସୃଷ୍ଟି କରିବାର ଗୁରୁତ୍ୱ ରହିଛି। ଅର୍ଥନୈତିକ ଅଭିବୃଦ୍ଧି ଏବଂ ଅନ୍ତର୍ଭୁକ୍ତ ବିକାଶର ଯୁଗ୍ମ ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ବାର୍ଷିକ ୮%ରୁ ୯% ବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ହେବ। ଭିତ୍ତିଭୂମି ବିକାଶ, କୃଷି ଅଭିବୃଦ୍ଧି ସହିତ ଉତ୍ପାଦନ ଉନ୍ନତି, ଆର୍ଥିକ କ୍ଷେତ୍ରର ଅଭିବୃଦ୍ଧି, ସୁସ୍ଥ ବ୍ୟବସାୟ ପରିବେଶ, ଦକ୍ଷ ମାନବ ସମ୍ବଳ ସମର୍ଥିତ ରଣନୀତି ସହିତ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିବାକୁ ହେବ। ଆମେ ଆମର ପିଲାମାନଙ୍କର ଦକ୍ଷତାକୁ ସ୍ୱୀକାର କରିବା ଉଚିତ ହେବ ଏବଂ ସେମାନଙ୍କ ଅଭିଳାଷକୁ ଅନୁସରଣ କରିବାକୁ ଉପଯୁକ୍ତ ମାର୍ଗଦର୍ଶନ, ଭିତ୍ତିଭୂମି, ସୁଯୋଗ ଏବଂ ଉତ୍ସାହ ଯୋଗାଇ ସେମାନଙ୍କୁ ସମର୍ଥନ କରିବା ଯଥାର୍ଥ ଦାୟିତ୍ୱ ହେବ।

**ଗବସାହି, ଭଦ୍ରକ, ଓଡ଼ିଶା**
**ମୋ : ୯୬୯୨୩୩୩୦୩୧**

# ଆରୋଗ୍ୟସାଧ୍ୟ ଯକ୍ଷ୍ମା



ଡା. ଉମେଶ ଚନ୍ଦ୍ର ପାତ୍ର

୧୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡା. ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଜିବା ପାଇଁ। ବାସ୍, ତା'ପରେ ଡା. କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡା. କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ଲକ୍ଷ୍ୟ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ୧୯୮୨ରେ ଇଣ୍ଟରନ୍ୟାଶନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗ୍‌ସ ଡିଜିଜ୍ (ଆଇୟୁଏଟିଏଲ୍‌ଡି) ଆନୁକୂଲ୍ୟରେ କୋକ୍‌ଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ

### ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ

ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ କୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲ୍‌ଡି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ସମ୍ପ୍ରତି ବିଶ୍ୱସ୍ତରରେ କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ୍ୟ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟିକରାଯାଉଛି। ତେବେ ଏହାକୁଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ଦର୍ଶାଯାଇଛି ଯେ ସମସ୍ତେ ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନ ହେଲେ ଏହାର ନିରାକରଣ ସମ୍ଭବ ହେବ ନାହିଁ।

ସମ୍ପ୍ରତି ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡା ପ୍ରକଳ୍ପ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ପ୍ରଚେଷ୍ଟା ଜାରି ରହିଛି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ଲାଗି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ିକର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ସହାୟତା ନେଉଛନ୍ତି। ଏମାନଙ୍କ ସହଯୋଗରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଯକ୍ଷ୍ମା ଏକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳୋତ୍ପାଟନ ହୋଇପାରୁଛି। ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବାଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହା ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା। ତେବେ ଯକ୍ଷ୍ମା ଆଉ ଭୟାନକ ହୋଇ ରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳୋତ୍ପାଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।

**ବିଭାଗୀୟ ମୁଖ୍ୟ, ଲିଭର ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ:୯୪୩୭୦୫୧୯୫୭**

## ପାଠକ ଶ୍ରେଷ୍ଠ ବିଚାରକ

### ମୂଲ୍ୟହୀନ ବୈଧାନିକ ସତର୍କତା

ମହାଶୟ,

ମନ୍ଦ ପ୍ରକୃତିଠାରୁ ଦୂରେଇ ରହିବା ପାଇଁ ବୈଧାନିକ ସତର୍କତା ସଦାବେଳେ ଜାରି ହୋଇଥାଏ। ଯେପରି କୌଣସି ସିନେମାରେ ନଗ୍ନତା ଥିଲେ ସେଥିପାଇଁ ଏହା କେବଳ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଥାଏ, ହେଲେ ବ୍ୟବସାୟିକ ଲାଭ ପାଇଁ ସିନେମା ହଲ୍ ମାଲିକମାନେ ଏଥିପ୍ରତି ଧ୍ୟାନ ଦେଇ ନ ଥା'ନ୍ତି। ଏପରି ସ୍ଥଳେ ନଗ୍ନ ଓ ଅଶ୍ଳୀଳ ଚିତ୍ର ସିନେମାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଚିତ ମନେହୁଏ। ନଚେତ ହଲ୍ ମାଲିକମାନେ କେବଳ ବୟସ୍କ ଦର୍ଶକଙ୍କୁ ହଲ୍‌ରେ ବସି ସିନେମା ଦେଖିବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଆବଶ୍ୟକ। ଆବଶ୍ୟକ ସ୍ଥଳେ ସିନେମା ହଲ୍‌କୁ ଯାଞ୍ଚ କରାଯାଇ ସୁରକ୍ଷା ଦିଗରେ ଖିଲାପି ମାଲିକଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ଉଚିତ। ସେହି କ୍ରମରେ ମଦ, ଅଫିମ, ସିଗାରେଟ୍ ଓ ଗୁଟ୍‌ଖା ଇତ୍ୟାଦି ସେବନ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ବୋଲି ବୈଧାନିକ ସତର୍କତା ଲେଖାଥାଏ। ମାତ୍ର ଏହି ମାଦକ ଦ୍ରବ୍ୟଗୁଡିକ ବଜାରହାଟରେ ବିକ୍ରୟ ହେଉଥିବାର ଲକ୍ଷ୍ୟ କରାଯାଏ। ମାଦକ ଦ୍ରବ୍ୟ ସେବନକାରୀଙ୍କୁ ଆକୃଷ୍ଟ କଲାଭଳି ସୁଗନ୍ଧଯୁକ୍ତ ହେବା ସହ ବିଜ୍ଞାପନ ଛବିଗୁଡିକ ଅଧିକ ଆକୃଷ୍ଟ କରିଥାଏ। ଲୋକେ ଏଥିରେ ଅଭ୍ୟସ୍ତ ହୋଇ ବିପଥଗାମୀ ହୋଇଥାନ୍ତି। ଉକ୍ତ ପରିପ୍ରେକ୍ଷୀରେ ବୈଧାନିକ ସତର୍କତା ମୂଲ୍ୟହୀନ ହୋଇପଡୁଛି। ମାଦକ ଦ୍ରବ୍ୟ ପ୍ରସ୍ତୁତି ଓ ବିକ୍ରୟ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି ହେବା ଉଚିତ।

**– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍‌ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
"ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।"
**-(ପ୍ରେମର ଅର୍ଥ)**
**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ପୋଲିସ ବିଟ୍ ହାଉସରୁ ଅଧିକାରୀଙ୍କ ବାଇକ୍ ଚୋରି

ଗମ୍ଭାରୀମୁଣ୍ଡା,୨୩ା୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ୍ ପରିସରରୁ ବୁଧବାର ମଧ୍ୟାହ୍ନରେ ବିଟ୍ ହାଉସ ଅଧିକାରୀ ଦିଲ୍ଲୀପ ବିଶ୍ୱାଳଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ମାମଲା ରୁଜୁ ହୋଇ ନ ଥିବା ବେଳେ ତଦନ୍ତ ଚାଲିଛି ବୋଲି ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା କହିଛନ୍ତି। ପ୍ରକାଶ ଯେ, ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଗତ ବିଛି ମାସ ହେବ ବିଭିନ୍ନ ସମୟରେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହେଉଥିବା ନେଇ ଅଭିଯୋଗ ହୋଇଛି। ତେବେ ପୋଲିସ ପ୍ରଶାସନ ଚୋରଙ୍କୁ ଧରିବାର ଏକପ୍ରକାର ବିଫଳ ହୋଇଛି। ଏବେ ପୁଣି ପୋଲିସ ବିଟ୍ ହାଉସରୁ ଗାଡ଼ି ଚୋରି ହେଉଥିବା ବେଳେ ସାଧାରଣ ଜନତା କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ହସ୍ତତନ୍ତ ବୁଣାକାରଙ୍କ ଚକ୍ଷୁ ପରୀକ୍ଷା ଶିବିର

ଖୋର୍ଦ୍ଧା ଅଫିସ,୨୩ା୩: ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ତାରାଦେବୀ ତନ୍ତବାୟ ସହଯୋଗ ସମିତି ଲିଃ. ସିକୋ ଆନୁକୂଲ୍ୟରେ ସୁନେତ୍ର ଯୋଜନାରେ ହସ୍ତତନ୍ତ ବୁଣାକାରଙ୍କ ଏକ ଚକ୍ଷୁ ପରୀକ୍ଷା ଶିବିର ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ସିକୋ, ହଜ, ହୀରାପୁର, ରାୟମୂଳ ପାଟଣା, ଗୌଡିଆପଡା, ଖଡିପଦର, ଛତ୍ରପଡା, କଲରାଝର, ମୁକ୍ତାପୁର ଆଦି ଗ୍ରାମର ୨୦୨ ବୁଣାକାର ନାମ ପଞ୍ଜୀକରଣ କରାଇ ଚକ୍ଷୁ ପରୀକ୍ଷା କରାଇଥିଲେ। ଏମାନଙ୍କ ମଧ୍ୟରୁ ୧୮୧ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ଚିକିତ୍ସକଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଇଛନ୍ତି। ତନ୍ମଧ୍ୟରୁ ୧୨୧ ବୁଣାକାର ଚଷମା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୪୬ଜଣ ଅଧିକ ଚିକିତ୍ସା ପାଇଁ ଜିଲା ମହକୁମା ଚକ୍ଷୁ ବିଭାଗରେ ଚକ୍ଷୁ ଅସ୍ତ୍ରୋପଚାର କରାଇବା ପାଇଁ ପରାମର୍ଶ ଦିଆଯାଇଛି। ତାରାଦେବୀ ତନ୍ତୁବାୟ ସହଯୋଗ ସମିତି ଲିଃ. ସଭାପତି ଭାସ୍କର ଚନ୍ଦ୍ର ସାହୁ, ହୀରାପୁର ସରପଞ୍ଚ ଆରତ ମାଝୀ, ଲକ୍ଷ୍ମୀଧର ସାହୁ, ରୋଜାଲିନ ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

### ୨୬ରୁ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

କୃଷ୍ଣପ୍ରସାଦ,୨୩ା୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନସୀମା ହାଇସ୍କୁଲଠାରେ ଆସନ୍ତା ୨୬ତାରିଖରୁ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଜଲା ଶିକ୍ଷା ଅଧିକାରୀ ଡ.ବଶ୍ରଜିତ୍ ଘୋଷଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମଚରଣ ଜେନାଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପରିଚାଳନାର ବିଭିନ୍ନ କାର୍ଯ୍ୟ ପାଇଁ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। କ୍ରୀଡ଼ା ପ୍ରତିଯୋଗିତାରେ ସର୍ବଭାରତୀୟ କାନାଡା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଯୋଗଦେଇ ଖେଳାଳିମାନଙ୍କ ପାଇଁ ସହାୟତା କରିବା ପାଇଁ କହିଥିଲେ। ସାନସୀମା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ, ଶଙ୍କର୍ଷଣ ଦାସ, ଖେଳ ଶିକ୍ଷକ ଅଜିତ କୁମାର ବାରିକ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

### ଅଶୋକାଷ୍ଟମୀ ରଥଯାତ୍ରା ସମନ୍ୱୟ ବୈଠକ

ପୁରୁଣା ଭୁବନେଶ୍ୱର,୨୩ା୩(ଡି.ଏନ୍.ଏ.): ଆସନ୍ତା ୨୯ତାରିଖରେ ଅଶୋକାଷ୍ଟମୀ ରଥଯାତ୍ରା। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏହି ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର ଅପରାହ୍ନରେ ସର୍କିଟ ହାଉସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପି.କେ.ସ୍ୱାଇଁ ଅଧକ୍ଷତା କରିଥିଲେ। ବୈଠକରେ ପ୍ରତ୍ୟେକ ବିଭାଗ ଦାୟିତ୍ୱ ଶୃଙ୍ଖଳିତଭାବେ ତୁଲାଇବା ପାଇଁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକ, ରୁଦ୍ର ନନ୍ଦଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବୈଠକରେ କୌଣସି ନିଯୋଗ ପ୍ରମୁଖ ଯୋଗଦେଇ ନ ଥିବା ଜଣାପଡ଼ିଛି।

# ପରିତ୍ୟକ୍ତ ଅବସ୍ଥାରେ ଶହୀଦ ପାର୍କ





- ବ୍ରିଟିଶ ଅମଳ ତୋପରେ ମାଡିଗଲାଣି ଅନାବନା ଗଛଲତା
- ଅସାମାଜିକଙ୍କ ଆଡ୍ଡାସ୍ଥଳ, ମୁକ୍ତ ଶୌଚାଳୟ ପାଲଟିଛି
- ପୁନରୁଦ୍ଧାର ପାଇଁ ଦାବି

ଖୋର୍ଦ୍ଧା ଅଫିସ,୨୩ା୩:

ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ସମ୍ମାନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନ ହଲ୍ ସମ୍ମୁଖରେ ନିର୍ମାଣ ହୋଇଥଲା ଶହୀଦ ପାର୍କ। ସହର କେନ୍ଦ୍ରସ୍ଥଳରେ ଏହି ପାର୍କ ରହିଥିବା ବେଳେ ଏବେ ଏହା ଜରାଜୀର୍ଣ୍ଣ ଓ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଅନାବନା ଗଛଲତା ମାଡ଼ିବା ସହ ପାର୍କ ଘାସ ବଣରେ ପରିଣତ ହୋଇଛି। ସଞ୍ଜ ନଇଁଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ପାର୍କ ପରିସରରେ ପାଇକ ବୀର ଯୋଦ୍ଧା ବେଶରେ ପ୍ରତିମୂର୍ତ୍ତି ଦଣ୍ଡାୟମାନ ହୋଇଥିବା ବେଳେ ତଳେ ବ୍ରିଟିଶ ଅମଳର ତୋପ ରହିଛି। ଏହାର ଚାରିପଟ ଅନାବନା ଗଛଲତା ମାଡି ଲୁଚିଗଲାଣି। ଏଥିସହ ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଗଲାଣି। ପାର୍କର ଗୋଟିଏ ପାର୍ଶ୍ୱରେ ଶହୀଦ ମାର୍କେଟ କମ୍ପ୍ଲେକ୍ସ ଅପର ପାର୍ଶ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ବାସଭବନ ରହିଛି। ନିକଟରେ ତହସିଲଦାରଙ୍କ କାର୍ଯ୍ୟାଳୟ ରହିଛି। ତେବେ ଏହି ପାର୍କ ଅସ୍ତିତ୍ୱ ହରାଇବାକୁ ବସିଛି। ପୌର ପ୍ରଶାସନ ପକ୍ଷରୁ ଉକ୍ତ ପାର୍କର ପୁନରୁଦ୍ଧାର ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୧୯୯୨ ଜାନୁୟାରୀ ୧୦ରେ ଏହି ପାର୍କ ପ୍ରତିଷ୍ଠା ହୋଇଥିଲା। ସେହି ସମୟର ମନ୍ତ୍ରୀ ଡ.ପ୍ରସନ୍ନ ପାଟଶାଣୀ ଏହାକୁ ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ଉପଜିଲାପାଳ ଲକ୍ଷ୍ମୀକାନ୍ତ ମହାପାତ୍ର, ନିର୍ବାହୀ ଅଧିକାରୀ ଗଜେନ୍ଦ୍ର ପାତ୍ର ପ୍ରମୁଖଙ୍କ ନାମଫଳକରେ ନାମ ମଧ୍ୟ ଉଲ୍ଲେଖ ରହିଛି। ୨୦୦୫ ମସିହାରେ ପାର୍କ ପରିସରରେ ଏକ କୋଠରୀକୁ ସେହି ସମୟରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିବା ବେଳେ ନଗରପାଳ ରହିଥିଲେ ରାଜେନ୍ଦ୍ର ସାହୁ। ପରବର୍ତ୍ତୀ ସମୟରେ ୨୦୦୯ରେ ରାଜେନ୍ଦ୍ର ବିଧାୟକ ରହିଥିବା ବେଳେ ତାଙ୍କ ସହଧର୍ମିଣୀ ସଞ୍ଜୁକ୍ତା ସାହୁ ନଗରପାଳ ରହିଥିଲେ। ୨୦୧୯ରୁ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଖୋର୍ଦ୍ଧା ଏବଂ ବେଗୁନିଆ ନିର୍ବାଚନମଣ୍ଡଳୀରେ ରାଜେନ୍ଦ୍ର ସାହୁ ବିଧାୟକ ରହିଛନ୍ତି। ତେବେ ଦୁଇ ବିଧାୟକ ଖୋର୍ଦ୍ଧା ଉପରେ ଫୋକସ କରୁଥିବା ବେଳେ ଏହି ପାର୍କର ପୁନରୁଦ୍ଧାର ଲାଗି କୌଣସି ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମୁକ୍ତା ଯୋଜନାରେ ସହରର ବହୁ ଉନ୍ନତୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ଏହି ପାର୍କର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କରୋନା ପରଠାରୁ ଏହି ପାର୍କ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପାର୍କ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ଉଠାଦେକାନୀଙ୍କ ମୁକ୍ତ ଶୌଚାଳୟ ପାଲଟିଛି। ଗନ୍ଧରେ ନାକ ଫାଟିପଡୁଥିବା ବେଳେ ସତେ ଯେପରି ଏହି ପାର୍କ ସମାଜ ପାଇଁ ଅଲୋଡ଼ା ହୋଇପଡିଛି।

### ଏମାନେ ଯାହା କୁହନ୍ତି...

“ ଯେଉଁ ଉଦ୍ଦେଶ୍ୟରେ ଏହି ପାର୍କ ନିର୍ମାଣ ହୋଇଥିଲା, ତାହା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ବିଜେବି ହାଇସ୍କୁଲ ପଡିଆ ନିକଟରେ ରହିଥିବା ଜୟୀ ରାଜଗୁରୁ ଶିଶୁ ଉଦ୍ୟାନ ଏବଂ ଜିଲା ସଂସ୍କୃତି କାର୍ଯ୍ୟାଳୟ ନିକଟରେ ବିଜୁ ପଟ୍ଟନାୟକ ପାର୍କର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। କିନ୍ତୁ ସହର କେନ୍ଦ୍ରସ୍ଥଳରେ ଏହି ପାର୍କର ବିକାଶ ପ୍ରତି ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ।

**–ପ୍ରଭାତ ମିଶ୍ର, ବରିଷ୍ଠ ବୁଦ୍ଧିଜୀବୀ**

“ ଏହି ପାର୍କରେ ପାଇକ ବୀରତ୍ୱର ଗାଥା ବହନ କରୁଥିବା ଏକ ପାଇକ ପ୍ରତିମୂର୍ତ୍ତି ରହିଛି। ପାର୍କଟି ସହରର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଜାତିର ଅସ୍ମିତାର ଗୁରୁତ୍ୱ ବହନ କରୁଥିବା ପାଇକ ବିଦ୍ରୋହର ପ୍ରତିଚିହ୍ନ ସ୍ୱରୂପ ପାଇକ ବୀରଙ୍କ ପ୍ରତିମୂର୍ତ୍ତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ବ୍ରିଟିଶ ଅମଳର ତୋପ ନଷ୍ଟ ହେବାକୁ ବସିଛି। ଏହାର ପୁନରୁଦ୍ଧାର କରାଗଲେ, ଏହାର ଗୌରବ ବୃଦ୍ଧି ପାଇବ।

**–ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା ନେତା**

“ ଦିନକୁ ଦିନ ସହରର ଟ୍ରାଫିକ ବ୍ୟବସ୍ଥା ମୁଣ୍ଡ ବ୍ୟଥା ବଢ଼ାଇଲାଣି। ଜୟୀ ରାଜଗୁରୁ ଭବନ ଆଗରେ ପାର୍କିଂ ସୁବିଧା ନାହିଁ। ପ୍ରଶାସନ ପକ୍ଷରୁ ଏହି ପାର୍କର ପୁନରୁଦ୍ଧାର ହେଉ କିମ୍ବା ଏହାକୁ ଭାଙ୍ଗି ପାର୍କିଂ ବ୍ୟବସ୍ଥା କରାଯାଉ। ଫଳରେ ଟାଉନ ହଲ୍‌ରେ କାର୍ଯ୍ୟକ୍ରମ ସମୟରେ ଉପୁଜିଥିବା ଟ୍ରାଫିକ ସମସ୍ୟା ଦୂର ହୋଇପାରିବ।

**–ସତ୍ୟ ନାରାୟଣ ବିଶୋଇ, ସାମାଜିକ କର୍ମୀ**

“ ଖୋର୍ଦ୍ଧା ସହର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସ୍ଥାନରେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏହି ପାର୍କର ପୁନରୁଦ୍ଧାର ଲାଗି ମଧ୍ୟ ଯୋଜନା ରହିଛି।

**–ସୌର୍ଯ୍ୟରଞ୍ଜନ ମହାନ୍ତି, ପୌର ଉପାଧ୍ୟକ୍ଷ**

### ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିର ସାଧାରଣ ବୈଠକ

ବାଲିପାଟଣା,୨୩ା୩(ଡି.ଏନ୍.ଏ.):

ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଗୁରୁବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱ କରିଥିଲେ। ସରକାର ଚାଷୀମାନଙ୍କୁ ଦେଉଥିବା ପ୍ରତିଶ୍ରୁତି ଅନୁସାରେ ଧାନ କିଣୁ ନ ଥିବା ଅଭିଯୋଗ ହୋଇଥିଲା। ଟୋକନ ଅବଧି ବଢ଼ାଇବା, ଚାଷଜମି ଅନୁସାରେ ଧାନ କିଣିବା, କେତେ ଧାନ କିଣିବେ ସାଧାରଣ ଯୋଗାଣ ବିଭାଗ ଆଗୁଆ ଜଣାଇବାକୁ ଆଦି ଦାବି ରହିଥିଲା। ସୁଫଳ ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଉପସ୍ଥିତ ଚାଷୀମାନେ ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୁଭାଶିଷ ରାୟ, ସୁପରଭାଇଜର ସତ୍ୟାନନ୍ଦ ବିଶ୍ୱାଳ, ସୁକାନ୍ତ ପରିଡା, ଆରସିଏମଏସ ସମ୍ପାଦକ ନିରଞ୍ଜନ ନାଥ, ଇଫକୋ କ୍ଷେତ୍ର ଅଧିକାରୀ ସୌମ୍ୟରଞ୍ଜନ ହାତୀ ଓ ଅଳକା ବୋର୍ଡ ସଭ୍ୟ ପ୍ରଦୋଷ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ସମବାୟ ବ୍ୟାଙ୍କ ସହାୟତା, ଜୈବିକ ଓ ବିଭିନ୍ନ ପ୍ରଣାଳୀରେ ଚାଷ କରିବାକୁ ସଚେତନ କରାଇଥିଲେ। ଡିଇଓ ହରିହର ଭାତ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।








ଗୁରୁବାର ଜଟଣୀ କୁଦିଆରୀସ୍ଥିତ ମା’ଜାଗୁଳାଇ ବ୍ରହ୍ମଚାରିଣୀ ଓ ଚନ୍ଦ୍ରଘଣ୍ଟା ଏବଂ ଖୋର୍ଦ୍ଧା ରାମେଶ୍ୱରସ୍ଥିତ ମା’ବନଦୁର୍ଗା ବ୍ରହ୍ମଚାରିଣୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

**ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା**

ବେଗୁନିଆ,୨୩ା୩(ଡି.ଏନ୍.ଏ.):

ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମର ପ୍ରଦୀପ ବଳିୟାରସିଂହ (୨୩)ଙ୍କୁ ମଙ୍ଗଳବାର ରାତିରେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ମୁଖ୍ୟ ଅଭିଯୁକ୍ତ ନଣ୍ଡା ମାଣିଆ ଓରଫ ଦୁଷ୍ମନ୍ତ ଏବଂ ସହଯୋଗୀ ଶିବ ମାଣିଆ ଓ ଧିରୁ ମାଣିଆ। ଏମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ପ୍ରଦୀପ ଶୌଚ ପାଇଁ ଘରୁ ବାହାରି ଯାଇଥିଲେ। ଗାଁ ମୁଣ୍ଡରେ ଥିବା ପ୍ରାୟ ୧୦ଜଣ ମହିଳା ଓ ପୁରୁଷ ପୂର୍ବ ଶତ୍ରୁତାକୁ ନେଇ ପ୍ରଦୀପଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ନିକଟ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ନିର୍ଘୃମ ପିଟିବା ସହ ପଥରରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଛେଚି ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅପରାହ୍ନରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ୩ଟି ଗାଡ଼ି ଜାଳିଦେବା ସହ ୩ଟି ଭାଙ୍ଗି ଦେଇଥିଲେ। ଏଥିସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତକଙ୍କ ପରିବାର ଲୋକେ ବେଗୁନିଆ ଥାନା ସମ୍ମୁଖରେ ମୃତଦେହ ରଖି ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଢ଼େଇ ଘଣ୍ଟା ପରେ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ବାପା ହରି ବଳିୟାରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା (ନଂ.୮୪/୨୩) ରୁଜୁକରି ତଦନ୍ତ ଚଳାଇଥିଲା।

# ଶ୍ରୀଲିଙ୍ଗରାଜ ମନ୍ଦିର: ବେହରଣ ମଣ୍ଡପ ସୂଚନାଫଳକ ପରିବର୍ତ୍ତନ କରାଯାଉ

ପୁରୁଣା ଭୁବନେଶ୍ୱର, ୨୩ା୩(ଡି.ଏନ୍.ଏ.):

ଶ୍ରୀଲିଙ୍ଗରାଜ ମନ୍ଦିରର ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ କରାଯାଇଥାଏ। ଅନେକ ସମୟରେ ବିଭାଗର ଅବହେଳା ଯୋଗୁ ପର୍ଯ୍ୟଟକ ଭ୍ରମରେ ପଡ଼ିଥାନ୍ତି। ଯାହାଫଳରେ ମନ୍ଦିର ସମ୍ବନ୍ଧରେ ସେମାନେ ଭୁଲ ତଥ୍ୟ ପାଇଥାନ୍ତି। ଏହିକ୍ରମରେ ମନ୍ଦିର ଦକ୍ଷିଣ ଘର ସମ୍ମୁଖରେ ଥିବା ବେହରଣ ମଣ୍ଡପରେ ଲାଗିଥିବା ସୂଚନା ଫଳକରେ ତ୍ରୁଟି ଥିବା ଜଣାପଡ଼ିଛି। ଏଏସ୍ଆଇ ବିଭାଗ ପକ୍ଷରୁ ଉକ୍ତ ବେହରଣ ମଣ୍ଡପକୁ ବେହେରାଣୀ ମଣ୍ଡପ ସୂଚିତ କରାଯାଇଛି।

ଏହି ବେହରଣ ମଣ୍ଡପ ମନ୍ଦିର ହେବା ସମୟରେ ରହିଥିବା ବେଳେ ଏଠାରେ ଠାକୁରଙ୍କ ପୁଷ୍ୟାଭିଷେକ, ମକର ସଂକ୍ରାନ୍ତି ଏବଂ ଓଢ଼ଣୀ ଷଷ୍ଠୀ ଆଦି ଦିନମାନଙ୍କରେ ଅଧିବାସ ପୂଜା ହୋଇଥାଏ। ଉକ୍ତ ମଣ୍ଡପରେ ଦିଅଁଙ୍କର ଚତୁର୍ଥୀ ହୋମ ମଧ୍ୟ ହୋଇଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ତ୍ରୁଟି ସୂଚନାଫଳକ ପାଇଁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଏସଆଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ସଠିକ୍ ତଥ୍ୟ ଥିବା ସୂଚନାଫଳକ ଲଗାଯିବା ପାଇଁ ସେବାୟତଙ୍କ ପକ୍ଷରୁ ଦାବି ହେଉଛି।

# ଭାଇଚାରା ବାର୍ତ୍ତା ଦିଏ ଶରଧାପୁର ମେଳଣ

ଖୋର୍ଦ୍ଧା ଅଫିସ,୨୩ା୩:



ଉତ୍କଳୀୟ ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ରତା ରହିଛି। ସେଥିରୁ ଦୋଳ ଯାତ୍ରା ଅନ୍ୟତମ। ଫାଲଗୁନ ଫଗୁ ଦଶମୀଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ ହୋଇଥାଏ। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ଦୋଳ ମେଳଣ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ସେଥିମଧ୍ୟରୁ ଅନ୍ୟତମ ହେଉଛି ଖୋର୍ଦ୍ଧା ବ୍ଲକ ନାଲିପଡାଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ୧୪ଦୋଳ ମେଳଣ। ଶ୍ରୀବାଲୁଙ୍କେଶ୍ୱର ଦେବ ମେଳଣ କମିଟି ଓ ଗ୍ରାମ୍ୟ କମିଟି ଦ୍ୱାରା ଏହି ମେଳଣ ଆୟୋଜିତ ହୋଇଥାଏ। ପ୍ରଥମ ଦିନ ରାତିରେ ଜମାଣ ପରେ ପରଦିନ ମେଲଣ ଏବଂ ଶେଷ ଦିବସରେ ହରିହର ଭେଟ ନୀତି ପରେ ଉତ୍ସବ ଶେଷ ହୋଇଥାଏ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର, ଘରକରଣା ସାମଗ୍ରୀ ପସରା ମେଲିଥାଏ। ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ ହେଉଛନ୍ତି ଥାନପତି। ସୋମବାର ମଧ୍ୟରାତ୍ରିରେ ବାଲୁଙ୍କେଶ୍ୱର ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର, ଲୋକନୃତ୍ୟ ସହ ଭକ୍ତଙ୍କ ଗହଣରେ ସ୍ୱମନ୍ଦିରକୁ ବାହାରି ଗ୍ରାମ ପରିକ୍ରମା କରି ମେଳଣ ପଡିଆରେ ବିଜେ କରିଥିଲେ। ବାଲୁଙ୍କେଶ୍ୱଙ୍କ ନିମନ୍ତ୍ରଣ ପାଇ ୧୬ଟି ଗ୍ରାମର ଠାକୁର ବିମାନରେ ବିଜେ ହୋଇ ମେଳଣ ପଡିଆରେ ଏକାଠି ହୋଇଛନ୍ତି। ହରିହର ଭେଟ ନୀତି, ଠାକୁରଙ୍କ ସହ ଅବିର ଖେଳ ହେବ। ଏହା ପରଦିନ ଭୋରରୁ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

ଏହି ମେଳଣରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଳେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜର ବାଲୁଙ୍କେଶ୍ୱର, ଟାଙ୍ଗିଆପଡାର କେଦାରଶ୍ୱର, ଗୋପପୁରିଆ ପାଟପୁରର ରାଧାକୃଷ୍ଣଦେବ, ବେରୁହାଁର ଭଗବତ ବାସୁଦେବ, ନାଲିପଡା ଅର୍ଜୁନପୁରର ଭଗବତ ବାସୁଦେବ, ଶରଧାପୁର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଲମାର ଭଗବତା ବାସୁଦେବ, ଗଡ଼ନିଆଳର କେଦାରେଶ୍ୱର, ହଳଦିପଦାର ମଲିକେଶ୍ୱର, ଗଡତରତୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁରର ଭଗବତ ବାସୁଦେବ, ରାଧାକୃଷ୍ଣ ଏବଂ ଭାଲିଆବାଡି (ସାନପଲ୍ଲା)ର ରାଧାକୃଷ୍ଣ ଦେବ ପ୍ରମୁଖ ଠାକୁରମାନେ ବିଜେ କରିଛନ୍ତି। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡଜେନା କୁହନ୍ତି, ଏହି ଦୋଳ ମେଲଣ ଉତ୍ସବ ଦୀର୍ଘ ବର୍ଷ ଧରି ପାଳିତ ହୋଇଆସୁଛି। ବର୍ଷକୁ ଥରେ ଶରଧାପୁର ସମେତ ଆଖପାଖ ଗ୍ରାମବାସୀଙ୍କ ମିଳନ ଘଟିଥାଏ। ପରସ୍ପର ମଧ୍ୟରେ ଭାଇଚାରା ଓ ଭାବର ଆଦାନପ୍ରଦାନ ଘଟିଥାଏ। ସାମାଜିକ କର୍ମୀ ଜିତେନ୍ଦ୍ର ବେହେରା କୁହନ୍ତି, ଶରଧାପୁର ମେଳଣ ଉତ୍ସବ ସମ୍ପର୍କର ଡୋରିକୁ ବାନ୍ଧି ରଖିଛି। ବର୍ଷସାରା ଗାଁଠୁ ଦୂରରେ ରହୁଥିବା ପରିବାର, ସାଙ୍ଗସାଥି ଏହି ସମୟରେ ଏକାଠି ହୋଇଥାନ୍ତି। ଠାକୁରଙ୍କ ପୂଜାର୍ଚ୍ଚନା ସହ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରନ୍ତି। ଗୋଟିଏ ସ୍ଥାନରେ ବିଭିନ୍ନ ଠାକୁରଙ୍କୁ ଦର୍ଶନ କରିବାର ସାନ୍ନିଧ ପ୍ରାପ୍ତ ହୋଇଥାଏ ବୋଲି ସେ କହିଛନ୍ତି।

### ସରିଲା ୧୨ ଦୋଳ ଯାତ୍ରା

ବେଗୁନିଆ,୨୩ା୩(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର କରଡ଼ଗାଡ଼ିଆ ୧୨ଦୋଳ ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ପାଳିତ ହୋଇ ଆସୁଥିବା ଏହି ମେଳଣରେ ପଟୁଆରରେ ବାବା ହଟକେଶ୍ୱର ଦେବଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଠାକୁର ନିମନ୍ତ୍ରିତ ହୋଇ ଆସିଥିଲେ। ଦୋଳ ପଡ଼ିଆରେ ବିରାଜମାନ କରିଥିବା ରାଧାଗୋବିନ୍ଦ ଦେବ, ଗୋପାଳଜୀଉ ଦେବ, କୁଞ୍ଜବିହାରୀ ଦେବ, ଲୋକନାଥ ଦେବ, ରଘୁନାଥ ଦେବ, ରସିକ ବିହାରୀ ଦେବ ପ୍ରମୁଖଙ୍କ ଚଳନ୍ତି ପ୍ରତିମାକୁ ପାରମ୍ପରିକ ରିତୀନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଶ୍ରଦ୍ଧାଳୁମାନେ ଅବିର ବୋଳାର ଆନନ୍ଦ ଉଠାଇଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭଳିକି ଭଳି ମନୋହରୀ ସାମଗ୍ରୀ, ହାତ ଖୋଦେଇ କାଠ ଓ ପଥର ବସ୍ତୁର ଦୋକାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କମିଟି ସଭ୍ୟ ବିରଞ୍ଚି ଜଗଦେବ, ବିଷ୍ଣୁ ପ୍ରସାଦ ପ୍ରଧାନ, ଦିବାକର ମହାପାତ୍ର, ଆର୍ତ୍ତତ୍ରାଣ ପଟ୍ଟନାୟକ, ସଞ୍ଜୟ ସିଂହ, ସଦାନନ୍ଦ ପାତ୍ର, ଦିପକ ସେନାପତି, ରମେଶ ପଟ୍ଟନାୟକ, ବୁଲୁ ଜେନା, ରାଜ କିଶୋର ପ୍ରଧାନ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେବା ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀରାମ ନବମୀ ମହୋତ୍ସବ ଓ ଭଜନ ସମାରୋହ, ଶ୍ରୀଶ୍ରୀ ରଘୁନାଥ କ୍ଷେତ୍ର ପଞ୍ଚବଟୀ ଆଶ୍ରମ, ହରିଡ଼ାମଡ଼ା, ମେଣ୍ଢାଶାଳ, ସକାଳ ୯ଟା।
- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ବଜାର, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୩ଟା।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟେରିଂ ଟେକ୍‌ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିଶନ୍‌ର ବାର୍ଷିକ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ୍‌ର ଅଡିଟୋରିୟମ୍ ହଲ୍, ଅପରାହ୍ନ ୫ଟା ୩୦।
- ରେନ୍‌ବୋ ଉତ୍ସବ, ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟ, ସନ୍ଧ୍ୟା ୫ଟା ୩୦।
- ବୟସର ଅନ୍ତେ ନାଟକ ପର୍ଯ୍ୟବେକ୍ଷିତ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ-୨୦୨୩, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

# 'ସିଟିଜ୍ ପ୍ରକଳ୍ପ'ରେ ବଦଳିବ ସହର ନକ୍ସା

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)



- ୭.୫ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ହେଉଛି ୮ ଥିମ୍ ପାର୍କ
- ୫ ସ୍ଥାନରେ ହେବ ପ୍ଲେସ୍ ମେକିଂ
- ଜୁନ୍ ସୁଦ୍ଧା ସରିବ ନିର୍ମାଣ

ସ୍ମାର୍ଟସିଟି ଭୁବନେଶ୍ୱରର ଚେହେରା ଧୀରେ ଧୀରେ ବଦଳିବାକୁ ଲାଗିଛି। ସହରକୁ ଆହୁରି ସୁନ୍ଦର କରି ଗଢ଼ିତୋଳିବା ସହ ପୂର୍ଣ୍ଣାଙ୍ଗ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି କ୍ରମରେ ସ୍ମାର୍ଟସିଟି ମିଶନ ଅନ୍ତର୍ଗତ 'ସିଟିଜ୍ ପ୍ରକଳ୍ପ' ଜରିଆରେ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ସ୍ମାର୍ଟସିଟି ମିଶନରେ ସହରର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏହି ପ୍ରକଳ୍ପରେ ସହରର ବିଭିନ୍ନ ସ୍ଥାନର ବିକାଶ କରାଯାଉଛି। ସର୍ବସାଧାରଣଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ପାର୍କଗୁଡ଼ିକର ବିକାଶ କରାଯିବ। ସେଥିମଧ୍ୟରୁ ୪ଟି ପାର୍କର ନବୀକରଣ କରାଯିବାକୁ ଥିବାବେଳେ ଆଉ ୪ଟି ନୂତନ ପାର୍କ ନିର୍ମାଣ ହେବ। ସୂର୍ଯ୍ୟନଗରରେ ଥିବା ମମ୍‌ତାଜ ଅଲ୍ଲୀ ପାର୍କ, ଖାରବେଳ ନଗରରେ ଥିବା ପାର୍କ, ବିଏସ୍‌ଏନ୍‌ଏଲ୍ କଲୋନୀ ଭୋଇ ନଗର ଏବଂ ଏଜି କଲୋନୀରେ ଥିବା ଚିଲ୍‌ଡ୍ରେନ୍ ପାର୍କର ନବୀକରଣ କରାଯିବ। ସେହିପରି ପୁରୁଣା ଏଜି କଲୋନୀରେ ୨ଟି, କଳିଙ୍ଗନଗର-୩ ବି, ଏବଂ କଳିଙ୍ଗନଗର-୯ ଏ ରେ ନୂତନ ପାର୍କ ନିର୍ମାଣ କରାଯିବ। ପୂର୍ବରୁ ଭୋଇନଗରରେ ୨ଟି ପାର୍କ ହେବାର ଯୋଜନା ରହିଥିଲା। ମାତ୍ର ଜିଏ ବିଭାଗରୁ ଅନୁମତି ନ ମିଳିବାରୁ ଏହାକୁ କଳିଙ୍ଗନଗର-୩ ଏବଂ କଳିଙ୍ଗନଗର-୯ରେ ନିର୍ମାଣ କରାଯିବ। ଭିନ୍ନ ଭିନ୍ନ ଥିମ୍‌କୁ ନେଇ ପ୍ରତ୍ୟେକ ପାର୍କ ପ୍ରସ୍ତୁତ କରାଯିବ। ଯେପରିକି ମମ୍‌ତାଜ୍‌ଅଲ୍ଲୀ ପାର୍କରେ ହେଲ୍‌ଥ ଏବଂ ଫିଟ୍‌ନେସ୍ ଥିମ୍, ଏଜି କେଲାନୀରେ ଜଙ୍ଗଲଥିମ୍ ସାଇକେଲ ପାର୍କ, ଖାରବେଳନଗରରେ ଥିବା ପାର୍କ ୩ବି (ବାର୍ଡ, ବି, ବଟରଫ୍ଲାଏ) ଥିମ୍, ପ୍ରସ୍ତୁତ କରାଯାଉଛି। ସେହିପରି ବିଏସ୍‌ଏନ୍‌ଏଲ୍ କଲୋନୀ ପାର୍କ ସବୁ ବର୍ଗର ଲୋକଙ୍କ ପାଇଁ ଏବଂ କଳିଙ୍ଗନଗରରେ ୯ବର୍ଗ ପ୍ଲାଜା, ସ୍ୱଞ୍ଜୀ ପାର୍କ ଆଦି ବିଭିନ୍ନ ଥିମ୍‌ରେ ପାର୍କ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଖାରବେଳନଗରରେ ଥିବା ୩ବି ପାର୍କର ନବୀକରଣ କାର୍ଯ୍ୟ ସରିଥିବାବେଳେ ଅନ୍ୟ ୫ଟି ପାର୍କର କାମ ଚାଲିଛି। ସେହିପରି ଆଉ ୨ଟି ପାର୍କ ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବା ସୂଚନା ଦିଆଯାଇଛି। ଏଥିପାଇଁ ମୋଟ୍ ୭.୫ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି।

ସେହିପରି ସହରର ୫ଟି ଭିନ୍ନ ଭିନ୍ନ ସ୍ଥାନରେ ପ୍ଲେସ୍‌ମେକିଂ କରାଯିବା ପାଇଁ ମଧ୍ୟ ଧାର୍ଯ୍ୟ କରାଯାଇଛି। ହକି ବିଶ୍ୱକପ୍ ସମୟରେ ରାଜଧାନୀର ୨୭ଟି ସ୍ଥାନରେ ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ପ୍ଲେସ୍‌ମେକିଂ କରାଯାଇଥିଲା। ମାତ୍ର ଏବେ ସ୍ମାର୍ଟସିଟି ପ୍ଲେସ୍‌ମେକିଂ ଦାୟିତ୍ୱ ନେଇଛି। ଏହି କ୍ରମରେ ସଚିବାଳୟ ମାର୍ଗରେ ଥିବା ଓପିଟିସିଏଲ୍ କଲୋନୀ ସ୍ଥିତ 'ଚା ବିସ୍କୁଟ ସେଣ୍ଟର', ଓପିଟିସିଏଲ୍ କଲୋନୀ ନିକଟସ୍ଥ ଆନନ୍ଦ ବଜାର, ରବିନ୍ଦ୍ର ମଣ୍ଡପ ସମ୍ମୁଖ, ୟୁନିଟ-୨ ମାର୍କେଟ ବିଲ୍ଡିଂ ସମ୍ମୁଖ ଏବଂ ରୂପାଲି ନିକଟସ୍ଥ ପଞ୍ଚଦେବୀ ଭବନର ନକ୍ସା ବଦଳିବ। ସମ୍ପୃକ୍ତ ସ୍ଥାନଗୁଡ଼ିକରେ ପେଭର ବ୍ଲକ ପଡିବା ସହ ଲୋକମାନଙ୍କ ବସିବା ପାଇଁ ଚେୟାର ପକାଯିବ। ସେହିପରି ମୋଟ୍ ୫ଟି ସ୍ଥାନରେ ହେବାକୁ ଥିବା ଏହି ନବକଳେବର ପାଇଁ ୯୦ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ଏବେ ସୁଦ୍ଧା ଆନନ୍ଦ ବଜାର ଏବଂ ପଞ୍ଚଦେବୀ ଭବନଠାରେ କାମ ଆରମ୍ଭ ହୋଇ ଗଲାଣି। ଚଳିତ ଜୁନ୍ ମାସ ସୁଦ୍ଧା ଏ ସମସ୍ତ କାର୍ଯ୍ୟ ସାରିବାକୁ ସ୍ମାର୍ଟସିଟି ଲକ୍ଷ୍ୟ ରଖିଛି। ସ୍ମାର୍ଟସିଟି ଏହାର ନକ୍ସା ପ୍ରସ୍ତୁତ କରିଥିବାବେଳେ ପ୍ଲେସ୍‌ମେକିଂର ଦାୟିତ୍ୱ ବିଡିଏକୁ ହସ୍ତାନ୍ତର କରାଯାଇଛି। ତେବେ ସିଟିଜ୍ ପ୍ରକଳ୍ପ ଜରିଆରେ ସ୍ମାର୍ଟସିଟି ଏ ସମସ୍ତ ପ୍ରକଳ୍ପର ଖର୍ଚ୍ଚ ବହନ କରିବ ବୋଲି ସୂଚନା ରହିଛି।

# କିନ୍ନରଙ୍କୁ ମିଳିବ ଜମି

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

**ଆଜିଠାରୁ କିନ୍ନର ବସ୍ତିରେ ଜାଗା ମିଶନ ସର୍ଭେ**

ଜାଗା ମିଶନ୍ ଅନ୍ତର୍ଗତ ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ବା ପରିବାରକୁ ଜାଗା ପ୍ରଦାନ କରାଯିବ। ଏଥିପାଇଁ ବିଭିନ୍ନ ବସ୍ତି ଅଞ୍ଚଳରେ ବ୍ୟାପକ ସର୍ଭେ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ଶୁକ୍ରବାରଠାରୁ କିନ୍ନର ବସ୍ତି ଅଞ୍ଚଳରେ ସର୍ଭେ ଆରମ୍ଭ କରାଯିବ। ପ୍ରଥମେ କଳିଙ୍ଗ ଷ୍ଟୁଡିଓ କିନ୍ନର ବସ୍ତିରେ ଜାଗା ମିଶନ୍ ସର୍ଭେ କରାଯିବ। ଏଠାରେ ୧୨୦ରୁ ଊର୍ଦ୍ଧ୍ୱ କିନ୍ନର ରହୁଛନ୍ତି। ସେହିପରି ଭୁବନେଶ୍ୱରର ବାଣୀବିହାର କିନ୍ନର ବସ୍ତି, ଡମଣା କିନ୍ନର ବସ୍ତି, ନାକାଗେଟ୍ ଚାଳସାହି କିନ୍ନର ବସ୍ତି, ଭରତପୁର ତାରିଣୀ କିନ୍ନର ବସ୍ତି, ପାତ୍ରପଡ଼ା, ସତ୍ୟନଗର, ପଳାଶପଲ୍ଲି, କାର୍‌ଗିଲ ବସ୍ତି, ସୁନ୍ଦରପଦା ଆଦି ବିଭିନ୍ନ ବସ୍ତିରେ ପ୍ରାୟ ୫ଶହ କିନ୍ନର ଘର କରି ରହୁଛନ୍ତି। ଏସବୁ ବସ୍ତି ଏହି ସର୍ଭେରେ ସାମିଲ ହେବ। ବସ୍ତିରେ ରହୁଥିବା କିନ୍ନରଙ୍କ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବା ପରେ ପ୍ରକୃତ ହିତାଧିକାରୀଙ୍କୁ ଭୂମିହୀନ ଶ୍ରେଣୀରେ ଗଣତି କରାଯାଇ ଜାଗା ପ୍ରଦାନ କରାଯିବ। କଳିଙ୍ଗ ଷ୍ଟୁଡିଓ କିନ୍ନର ବସ୍ତିରେ ସର୍ଭେ ହେବା ପରେ ପର୍ଯ୍ୟାୟକ୍ରମେ ଅନ୍ୟ ବସ୍ତିଗୁଡ଼ିକରେ ସର୍ଭେ କରାଯିବ। କିନ୍ନରମାନଙ୍କୁ ପରିବାର ଲୋକେ ଦୂରେଇ ଦେଉଥିବାବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ସେମାନେ ବସ୍ତିକୁ ଆଶ୍ରା କରିଥାନ୍ତି। ସରକାର ଏବେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରୁଥିବାବେଳେ ଜାଗା ମିଶନ୍‌ରେ ସେମାନଙ୍କୁ ଜମି ମିଳିବା ନିହାତି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ରାଜ୍ୟ କିନ୍ନର ସଂଘର ସମ୍ପାଦିକା ମେଘନା ମିଶ୍ର କହିଛନ୍ତି।

# ଆଜିଠାରୁ ଦିଲ୍ଲୀ ଯନ୍ତରମନ୍ତରରେ ବିକ୍ଷୋଭ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

**ଓଡ଼ିଶାରୁ ଯୋଗଦେବେ ୧୬ ଡିଏମ୍‌ଡି ପୀଡିତଙ୍କ ଅଭିଭାବକ**

ବିରଳ ରୋଗ ଡୁଚେନେ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମଡି) ଦ୍ୱାରା ପ୍ରଭାବିତ ପିଲାଙ୍କ ମାତାପିତାଙ୍କ ଦ୍ୱାରା ଦିଲ୍ଲୀ ଯନ୍ତରମନ୍ତରରେ ଶୁକ୍ରବାରଠାରୁ ବିକ୍ଷୋଭ ଆରମ୍ଭ ହେବାକୁ ଯାଉଛି। ଦୁଇଦିନ ଚାଲିବାକୁ ଥିବା ଏହି ଆନ୍ଦୋଳନରେ ଓଡ଼ିଶା ସମେତ ୨୧ଟି ରାଜ୍ୟର ପୀଡିତ ପିଲାଙ୍କ ଅଭିଭାବକମାନେ ଏଥିରେ ଯୋଗଦେଇ ତୁରନ୍ତ ଚିକିତ୍ସା ଓ ସହାୟତା ଦାବି ଉପସ୍ଥାପନ କରିବା ସହ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଭାରତରେ ଏହାର କୌଣସି ଚିକିତ୍ସା ଉପଲବ୍ଧ ନ ଥିବାବେଳେ ବିଦେଶରେ ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି, ଯାହା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ଏଥିସହ ବିଦେଶରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସେପରି ଠିକ୍ ସୂଚନା ନାହିଁ। ତେଣୁ ଭାରତରେ ଏହାର ଔଷଧ ଉତ୍ପାଦନ ଏବଂ ଜିନ୍ ଥେରାପି ଉପରେ ଗବେଷଣା ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି ଜଣାଇବେ। ଧାରଣାରେ ଓଡ଼ିଶାର ୧୬ଜଣ ଅଭିଭାବକ ଅଂଶଗ୍ରହଣ କରିବେ। ଡିଏମଡି ପିଲାଙ୍କ ଅଭିଭାବକଙ୍କ ଦ୍ୱାରା ଗଠିତ 'ଓଡିଶା ଡୁଚେନେ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ' (ODM-DA) ଦ୍ୱାରା ପ୍ରାୟ ୫୦ ପିଲାଙ୍କୁ ଚିହ୍ନଟ କରାଯାଇଛି।

ଡିଏମ୍‌ଡି ଏକ ବିରଳ ଜେନେଟିକ୍ ବ୍ୟାଧି, ଯାହା ପ୍ରଗତିଶୀଳ ମାଂସପେଶୀକୁ ହ୍ରାସ କରିଥାଏ। ପିଲାଙ୍କୁ ୬-୭ ବର୍ଷ ବୟସ ବେଳକୁ ଏହି ରୋଗର ଲକ୍ଷଣ ଦେଖାଯାଇଥାଏ। ଧୀରେ ଧୀରେ ଏହା ହୃଦୟ ଏବଂ ଫୁସ୍‌ଫୁସ୍ ସମେତ ଶରୀରର ପ୍ରତ୍ୟେକ ମାଂସପେଶୀକୁ ଆକ୍ରାନ୍ତ କରେ। ପରବର୍ତ୍ତୀ ସମୟରେ ପିଲାକୁ ହ୍ୱିଲ ଚେୟାରର ସାହାରା ନେବାକୁ ପଡେ। ଏପିରିକି ଅଧିକାଂଶ ପିଲା ୨୦ ବର୍ଷରୁ ଅଧିକ ବଞ୍ଚନ୍ତି ନାହିଁ, ଯାହାକି ବଡ଼ ଚିନ୍ତାଜନକ ବିଷୟ। ତେଣୁ ଏହାର ଚିକିତ୍ସା ପଦ୍ଧତି ପାଇଁ ସରକାର ନିତାନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଏଟିଏମ୍‌ର ଟଙ୍କା ବାକ୍ସ ଖୋଲା



ବାରଙ୍ଗ,୨୩।୩(ଡି.ଏନ୍.ଏ.)- ପର୍ଯ୍ୟଟକଙ୍କ ସୁବିଧା ପାଇଁ ନନ୍ଦନକାନନ ଗେଟ ପାଖରେ ଦୁଇଟି ଏଟିଏମ୍ ରହିଛି। ସେଥିମଧ୍ୟରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଗଚ୍ଛିତ ରଖିବାକୁ ଥିବା ଉଦ୍ଦିଷ୍ଟ ବାକ୍ସଟି ଖୋଲା ରହିଥିବା ଗୁରୁବାର ଦ୍ୱିପ୍ରହର ସମୟରେ ଜଣାପଡିଥିଲା। କିଛି ପର୍ଯ୍ୟଟକ ସେହି ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯିବାବେଳେ ଏଟିଏମ୍‌ରେ ଥିବା ଟଙ୍କା ବାକ୍ସଟି ଖୋଲା ଥିବା ସହ ଟଙ୍କା ଦେଖାଯାଉଥିଲା। ଏଟିଏମ୍‌ରୁ ଚୋରି ହୋଇଥିବାର ଆଶଙ୍କା କରି ପର୍ଯ୍ୟଟକ ଟଙ୍କା ନ ଉଠାଇ ପଳାଇ ଆସିଥିଲେ। ପରେ ଏହି ଖବର ବ୍ୟାପିଯିବାରୁ ସେଠାରେ ଭିଡ଼ ଜମିଥିଲା। ଖବରପାଇ ନନ୍ଦନକାନନ ପୋଲିସ ଆସି ଘଟଣାସ୍ଥଳରେ ପହଞ୍ଚି ଏଟିଏମ୍ ଅଞ୍ଚଳକୁ ସିଲ୍ କରିଥିଲା। ପରେ ବ୍ୟାଙ୍କ କର୍ମଚାରୀ ଆସି ଏଟିଏମ୍‌ର ଟଙ୍କା ବାକ୍ସକୁ ବନ୍ଦ କରିଥିଲେ। ଏହାପରେ ପର୍ଯ୍ୟଟକ ସ୍ୱାଭାବିକ ଭାବେ ଏଟିଏମ୍ ବ୍ୟବହାର କରିପାରିଥିଲେ। ନନ୍ଦନକାନନରେ ଯେପରି ପକେଟମାରଙ୍କ ଦୌରାତ୍ମ୍ୟ ବୃଦ୍ଧିପାଉଛି, ସେମାନଙ୍କ ନଜରରେ ଏହା ଆସିଥିଲେ ହୁଏତ ଏଟିଏମ୍‌ରୁ ସବୁଟଙ୍କା ଗାଏବ ହୋଇଯାଇଥାନ୍ତା ବୋଲି ଅନୁମାନ କରାଯାଉଛି। ତେବେ ବ୍ୟାଙ୍କ କର୍ମଚାରୀଙ୍କ ଅସାବଧାନତା ଯୋଗୁ ଏହି ଘଟଣା ଘଟିଥିବା କୁହାଯାଉଛି।

# ଅଗରତାଲା ମ୍ୟୁନିସିପାଲିଟି ଟିମ୍‌ର ବିଏମ୍‌ସି ପରିଦର୍ଶନ




ଭୁବନେଶ୍ୱର,୨୩।୩ (ବ୍ୟୁରୋ)

**ସମ୍ପ୍ରଦାୟର ଯୋଗଦାନ ଏବଂ ଏସ୍‌ଏଚ୍‌ଜି ଅଂଶଗ୍ରହଣକୁ ପ୍ରଶଂସା**

ତ୍ରିପୁରା ରାଜଧାନୀ ଅଗରତାଲା ମହାନଗର ନିଗମର ଏକ ଟିମ୍ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଶିକ୍ଷଣ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ ଦଳର ସଦସ୍ୟମାନେ ବାସୁଆଘାଇଠାରେ ଥିବା ଏଫ୍‌ଏସ୍‌ଟିପି (ଫେସାଲ ସ୍ଲେଜ୍ ଏବଂ ଟ୍ରିଟମେଣ୍ଟ ପ୍ଲାଣ୍ଟ), ଟିଟିଏସ୍‌ଠାରେ ଥିବା ୱେଲ୍‌ଥ ସେଣ୍ଟର, କ୍ୟାପିଟାଲ ହସ୍ପିଟାଲର ଆହାର କେନ୍ଦ୍ର ଏବଂ ରାଜମହଲରେ ଥିବା ମୋ ଖତ କିଓସ୍କ ବୁଲି ଦେଖିଥିଲେ। ଏସ୍‌ଏଚ୍‌ଜିସଦସ୍ୟଙ୍କ ଦ୍ୱାରା ଏଫ୍‌ଏସ୍‌ଟିପିର ସ୍ୱେରେଜ ପରିଚାଳନା ବ୍ୟବସ୍ଥା, ଘର ଘର ବୁଲି ଅଳିଆ ସଂଗ୍ରହ କରିବା, ମୋ ଖତ ପ୍ରସ୍ତୁତ କରିବା ଆଦି ସମସ୍ତ କାର୍ଯ୍ୟ ପ୍ରଣାଳୀକୁ ପ୍ରଶଂସା କରିଥିଲେ। ସେହପରି ଆହାର କେନ୍ଦ୍ରକୁ ପରିଚାଳନା କରୁଥିବା ଏସ୍‌ଏଚ୍‌ଜିମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେମାନେ ସୁଡ଼ା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ପ୍ରକଳ୍ପ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ସେମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

# ବାରିପଦାରୁ ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ସମ୍ପୃକ୍ତ ଅପହରଣକାରୀ ଯୁବକଙ୍କୁ ବାରିପଦାରୁ ଗିରଫ କରିଛି। ଏଥିସହ ନାବାଳିକା ଜଣଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଲେ ଶିଖରଚଣ୍ଡି ଅଞ୍ଚଳରେ ରହୁଥିବା କନ୍ଧମାଳର ଏଲସନ ନାୟକ (୨୦)। ଏ ନେଇ ପୋଲିସ ମାମଲା (ନଂ .୧୦୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୦ତାରିଖରେ ନାବାଳିକା ଜଣଙ୍କ କମ୍ପ୍ୟୁଟର କ୍ଲାସକୁ ଯାଉଥିବା ସମୟରେ ଅଭିଯୁକ୍ତ ଏଲସନ ତାଙ୍କୁ ରାସ୍ତାରୁ ଅପହରଣ କରିନେଇଥିଲେ। ପ୍ରଥମେ କନ୍ଧମାଳ ଏବଂ ପରେ ବାରିପଦା ଅଞ୍ଚଳକୁ ନେଇଯାଇଥିଲେ। ଅନ୍ୟପଟେ ନାବାଳିକାଙ୍କ ବାପା ଇନ୍‌ଫୋସିଟି ଥାନାରେ ଝିଅକୁ ଅପହରଣ କରାଯାଇଥିବା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ନାବାଳିକାଙ୍କୁ ଅପହରଣ କରିଥିବା ଯୁବକ ବାରିପଦାରେ ଥିବା ବିଶେଷ ସୂତ୍ରରୁ ପୋଲିସ ଜାଣିଥିଲା। ପରେ ବାରିପଦାରେ ସ୍ଥାନୀୟ ପୋଲିସ ସହାୟତାରେ ଏଲସନକୁ କାବୁ କରିବା ସହ ପୀଡିତାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରିଥିବା ଅଭିଯୁକ୍ତ ସୀକାର କରିଥିଲେ।

# ସଂସ୍କୃତ, ପ୍ରାକୃତ ଭାଷାରେ ନିପୁଣ ଥିଲେ ବଳଦେବ ରଥ




ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରୀତିଯୁଗର ଶେଷ ଚରଣରେ ଉଦୀୟମାନ କବିସୂର୍ଯ୍ୟ ବଳଦେବ ରଥ ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାରେ ନିପୁଣ ଥିଲେ। ସଂସ୍କୃତି, ଓଡ଼ିଆ, ବଙ୍ଗଳା, ତେଲୁଗୁ, ହିନ୍ଦୀ ଆଦି ଭାଷାରେ ଦକ୍ଷତା ଥିବା ତାଙ୍କ ରଚନାବଳୀରୁ ଜଣାଯାଏ ବୋଲି ଗୁରୁବାର ସୂଚନା ଭବନରେ ଭଞ୍ଜଭାରତୀ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର ଦ୍ୱିତୀୟ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନ ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରାହିତ୍ୟରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗର ସଚିବ ବିଷ୍ଣୁପ୍ରସାଦ ମିଶ୍ର, ସକାଳର ସମ୍ପାଦକ ଡ. ଉମାକାନ୍ତ ମିଶ୍ର ଓ ଡ. ସୁରେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବଳଦେବଙ୍କ ରଚନାର କାବିକ୍ୟ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷା ଶୈଳଜା ମିଶ୍ର ସଭା ସଂଯୋଜନା ଓ ସଦସ୍ୟ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ନନ୍ଦନକାନନରେ ଅଣ୍ଡିରା କୋକିଶିଆଳି ମୃତ

ବାରଙ୍ଗ,୨୩।୩(ଡି.ଏନ୍.ଏ.)

**ଜ୍ଞାନକୌଶଳରେ ନିର୍ମିତ ମେଶିନ ଥାଇ ମଧ୍ୟ ମରୁଛନ୍ତି ପ୍ରାଣୀ**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୧୭ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୁରୁବାର ଏକ ଅଣ୍ଡିରା କୋକିଶିଆଳିର ମୃତ୍ୟୁ ଘଟିଛି। ସମ୍ପୂର୍ଣ୍ଣ ସୁସ୍ଥ ଥିବା କୋକିଶିଆଳି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଦେଖିଥିଲେ। ହେଲେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏମାନଙ୍କ ସଂଖ୍ୟା ହ୍ରାସପାଇ ୯ରେ ପହଞ୍ଚିଛି। ଅନ୍ୟପଟେ ନନ୍ଦନକାନନକୁ ବୁଧବାର ଡିଷ୍ଟାନ୍ସଟେମ୍ପରେଚର ମେଶିନ ଆସିଛି। ଉନ୍ନତମାନର ଜ୍ଞାନକୌଶଳରେ ନିର୍ମିତ ଏହି ମେଶିନକୁ ନନ୍ଦନକାନନ କର୍ତ୍ତୃପକ୍ଷ ୧୧ଲକ୍ଷ ଟଙ୍କାରେ କିଣିଛନ୍ତି। ଏହି ମେଶିନ ସାହାଯ୍ୟରେ ୨୦୦ ମିଟର ଦୂରତାରୁ ପଶୁପକ୍ଷୀଙ୍କ ଶରୀରର ତାପମାତ୍ରା ମପାଯାଇ ପାରିବ। ଯଦିଓ ଏଭଳି ଏକ ମେଶିନ ନନ୍ଦନକାନନରେ ଥିଲା। ସେହି ପୁରୁଣା ତାପମାତ୍ରା ମେଶିନରେ ଏକ ଲେଜରଲାଇଟ ପଡିଲେ ହିଁ ପଶୁପକ୍ଷୀଙ୍କ ତାପମାତ୍ରା ମପାଯାଇପାରୁଥିଲା। କିନ୍ତୁ ଏହି ନୂଆ ମେଶିନରେ ପଶୁପକ୍ଷୀଙ୍କ ଫଟୋ ଉଠିବା କ୍ଷଣି ତାଙ୍କ ଶରୀରର ତାପମାତ୍ରା ରେକର୍ଡ ହୋଇପାରିବ। ଫଳରେ ପଶୁପକ୍ଷୀଙ୍କ ମୃତ୍ୟୁହାର କମିବା ଓ ଉନ୍ନତମାନର ଚିକିତ୍ସା ସହ ସଠିକ ରୋଗ ନିରୂପଣ କରିବା ନିମନ୍ତେ ଡାକ୍ତରଙ୍କୁ ସୁବିଧା ହେବ। ଏଥିସହ ରାଜ୍ୟ ବାହାରୁ ବହୁ ଟଙ୍କା ବିନିମୟରେ ଏକ୍ସ-ରେ ମେଶିନ, ପୋର୍ଟେବୁଲ ଏକ୍ସ-ରେ ମେଟାଲ ଡିଟେକସନ, ଅଲଟ୍ରାସାଉଣ୍ଡ ଆଦି ମେଶିନ କର୍ତ୍ତୃପକ୍ଷ କିଣିଥିବା ଜଣାପଡ଼ିଛି। ଏସବୁ ସତ୍ତ୍ୱେ ପଶୁପକ୍ଷୀଙ୍କ ମୃତ୍ୟୁହାର କମିବାର ନାଁ ଧରୁନାହିଁ। ଏତେସବୁ ନୂତନ ଜ୍ଞାନକୌଶଳର ମେଶିନ ଥାଇ ମଧ୍ୟ ପଶୁପକ୍ଷୀଙ୍କ ଏପରି ମୃତ୍ୟୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଓଡ଼ିଶୀ ସଙ୍ଗୀତ ଉତ୍ସବ




ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଓଡ଼ିଶୀ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, କଣ୍ଠଶିଳ୍ପୀ ରାମହରି ଦାସ, ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଡ. ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ନାଜିଆ ସୟିଦ, ଆଶୁତୋଷ ମିଶ୍ରଙ୍କ ସହ ମର୍ଦ୍ଦଳରେ ବୁଦ୍ଧନାଥ ସ୍ୱାଇଁ, ବଂଶୀରେ ଶ୍ରୀନିବାସ ଶତପଥୀଙ୍କ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଫେଇ ସଂସ୍ଥାକୁ ୧ଲକ୍ଷ ଟଙ୍କା ଜରିମାନା

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

**ଜେଡିସି, ୱାର୍ଡ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍**

ରାଜଧାନୀ ଭୁବନେଶ୍ୱରରେ ପରିମଳ ନିୟମକୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ କଡ଼ାକଡ଼ି କରାଯାଇଛି। ପରିମଳ ନିୟମ ଅବମାନନା କ୍ଷେତ୍ରରେ ସଫେଇ ସଂସ୍ଥାରୁ ଆରମ୍ଭ କରି ସ୍ଥାନୀୟ ନାଗରିକ ଓ ଅନୁଷ୍ଠାନଠାରୁ ମୋଟା ଅଙ୍କର ଜରିମାନା ଆଦାୟ ହେଉଛି। ଏପରିସ୍ଥିତିରେ ପରିମଳ ନିୟମ ଖିଲାପ କରିବା ଘରୋଇ ଠିକା ସଫେଇ ସଂସ୍ଥା 'ଜାଗୃତି'କୁ ଭାରି ପଡିଛି। ସକାଳ ୯ଟା ପରେ ଅଳିଆ ଉଠାଯାଇ ନ ଥିବାରୁ ଏଥିପାଇଁ ୧ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ବିଏମ୍‌ସି ଅତିରିକ୍ତ କମିଶନର-୨ ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ଗୁରୁବାର ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ୍ ୱାର୍ଡ ନଂ.୬୩ ଅନ୍ତର୍ଗତ ଜାଗମରା ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରୁଥିଲେ। ସକାଳ ୯ଟା ପରେ ସମ୍ପୃକ୍ତ ଅଞ୍ଚଳରୁ ଅଳିଆ ଉଠି ନ ଥିବା ଦେଖି ସେ ବିରକ୍ତି ପ୍ରକାଶ କରିବା ସହ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଏମ୍‌ସି ପରିମଳ ଟିମ ଦ୍ୱାରା ଘଟଣାର ଯାଞ୍ଚ କରାଯାଇ ଘରୋଇ ସଂସ୍ଥାକୁ ଲକ୍ଷେ ଟଙ୍କା ଜରିମାନା କରାଯାଇଛି। ଏଥିସହ ଉକ୍ତ ଘରୋଇ ସଂସ୍ଥା ସମେତ ୱାର୍ଡ ପରିଚାଳନା ଦାୟିତ୍ୱରେ ଥିବା ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କାହିଁକି ଏତେ ସମୟ ଧରି ସେଠାରେ ଅଳିଆ ପଡି ରହିଥିଲା ଏବଂ ଅଧିକାରୀ କାହିଁକି ଏନେଇ ନଜର ଦେଇ ନ ଥିଲେ ତାହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସେମାନଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେନେଇ ଉତ୍ତର ରଖିବାକୁ କୁହାଯାଇଛି। ବିଏମ୍‌ସି ଦ୍ୱାରା ସହରର ସଫେଇ ଦାୟିତ୍ୱ ବିଭିନ୍ନ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି। ଠିକା ସଂସ୍ଥା 'ଜାଗୃତି'କୁ ମୋଟ ୨୮ ୱାର୍ଡର ସଫେଇ ଦାୟିତ୍ୱ ମିଳିଛି। ମାତ୍ର ଅଧିକାଂଶ ସମୟରେ ବିଭିନ୍ନ ଠିକା ସଂସ୍ଥା ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ନଜରକୁ ଆସୁଛି।

**୨୩ଦିନରେ ଆଦାୟ ହେଲାଣି ୨୦ଲକ୍ଷ ଟଙ୍କା**

ମାର୍ଚ୍ଚ ପହିଲାରେ ରାଜଧାନୀରେ ଥିବା ବିଭିନ୍ନ ଶୌଚାଳୟଗୁଡ଼ିକ ପରିଚାଳନା ଠିକ ନ ଥିବା ଅଭିଯୋଗରେ ଘରୋଇ ସଂସ୍ଥା ସୁଲଭ ଇଣ୍ଟର ନ୍ୟାଶନାଲକୁ ବିଏମ୍‌ସି ୨୦ ହଜାର ଜରିମାନା କରିଥିଲା। ବୁଧବାର ଏକ ମସଲା ଫ୍ୟାକ୍ଟ୍ରି 'ଦର୍ଶନୀ ନ୍ୟୁଟ୍ରିମେଣ୍ଟ୍ସ'ଠାରୁ ୫୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାକୁ ମିଶାଇ ମାର୍ଚ୍ଚ ୨୩ ଯାଏ ପରିମଳ ନିୟମ ଅବମାନନା ଲାଗି ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି।

## ସଂକ୍ଷେପରେ

### ରାଷ୍ଟ୍ରୀୟ କବି ସଙ୍ଗମର ପ୍ରାଦେଶିକ କବି ଗୋଷ୍ଠୀ

**କଟକ ଅଫିସ,୨୩।୩:** ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ଶାଖା ପକ୍ଷରୁ ଏକ ପ୍ରାଦେଶିକ କବି ଗୋଷ୍ଠୀ ଅନ୍‌ଲାଇନ୍‌ରେ ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା, ଅନୁଗୋଳ, ସମ୍ବଲପୁର, ବରଗଡ଼, କଟକ, ସୋନପୁର, ନବରଙ୍ଗପୁର ଜିଲାରୁ ୨୩ ଜଣ କବି ଯୋଗଦେଇ ରାଷ୍ଟ୍ରବାଦୀ ସମେତ ସମସାମୟିକ ବିଷୟ ଉପରେ କବିତା ଉପସ୍ଥାପନ କରିଥିଲେ। ପ୍ରାଦେଶିକ ମହାମନ୍ତ୍ରୀ ପୁଷ୍ପା ସିଙ୍ଗି ସ୍ୱାଗତ ଭାଷଣ ଦେଇଥିଲେ। ବରଗଡ଼ର ରେଣୁ ଅଗ୍ରୱାଲ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ହିନ୍ଦୀ ଏବଂ ଓଡ଼ିଆ ଭାଷାରେ କବିତା ପାଠ ହୋଇଥିଲା। ପ୍ରାନ୍ତୀୟ ଦାୟିତ୍ୱରେ ଥିବା ସାକ୍ଷୀଗୋପାଳ ପଣ୍ଡା ରାଷ୍ଟ୍ରୀୟ କବି ସଙ୍ଗମର କାର୍ଯ୍ୟ ପ୍ରଣାଳୀ ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସବ୍ୟସାଚୀ ବିଶୋୟୀ, ରିମ୍‌ଜିମ୍ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଦେଶିକ ସଙ୍ଗଠନ ମନ୍ତ୍ରୀ ରୋହିତ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

### ଏପ୍ରିଲ ୬ରୁ ଅଶ୍ୱେନୀ-ବାସେଲୀଙ୍କ ଚଇତି ପର୍ବ

**ଚୌଦ୍ୱାର,୨୩।୩(ଡି.ଏନ୍.ଏ.):** ଆସନ୍ତା ଏପ୍ରିଲ ୬ରୁ ଅଶ୍ୱେନୀ-ବାସେଲୀଙ୍କ ଚଇତି ପର୍ବ ୮ ଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ବାଜି ରାଉତ କୈବର୍ତ୍ତ ଯୁବକ ସଂଘ ସଭାପତି ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ତିନିକୋଣିଆସ୍ଥିତ ଶ୍ରୀରାମ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପର୍ବ ସମୟରେ ମା'ଙ୍କ ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରା, ନଗର ପରିକ୍ରମା କାର୍ଯ୍ୟକ୍ରମକୁ ଜାକଜମକରେ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ଅବସରରେ ଡା. ଶିଶିର କୁମାର ସାହୁ, କାଉନ୍‌ସିଲର ଅଜୟ କୁମାର ବେହେରା, ସବିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ମଙ୍ଗରାଜ ବେହେରା ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଚଇତି ଘୋଡ଼ାନାଚ ଶିଳ୍ପୀ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ମକରନ୍ଦ କାହାଳୀ, ଗଗନ ବେହେରା, ପ୍ରଦ୍ୟୁମ୍ନ ତରାଇ, ସୁବାସ ଚନ୍ଦ୍ର ଦଳାଇ, ଶରତ ଚନ୍ଦ୍ର ବେହେରା, ଦିଲ୍ଲୀପ ସାହୁ, ରମାକାନ୍ତ ବେହେରା, ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଧର୍ମପରାୟଣା ବୃଦ୍ଧାଙ୍କ ପରଲୋକ

**କଟକ ଅଫିସ,୨୩।୩:** ପୁରୁଣା ରାଉସାପଟଣା ନିବାସୀ ଧର୍ମପରାୟଣା ବୃଦ୍ଧା ପୁଷ୍ପଲତା ଘୋଷଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ



ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୪ ପୁଅ ଜ୍ୟୋତିପ୍ରକାଶ ଘୋଷ, ଯଶପ୍ରକାଶ ଘୋଷ, ଜୟପ୍ରକାଶ ଘୋଷ, ଜିଷ୍ଣୁପ୍ରକାଶ ଘୋଷ, ପୁତ୍ରବଧୂ, ନାତୁଣୀନାତି ଏବଂ ନାତୁଣୀଜ୍ୱାଇଁ ଉପସ୍ଥିତ ଥିଲେ। ଆତ୍ମୀୟସ୍ୱଜନ, ସାହିର ମୁରବିଙ୍କ ସମେତ ଯୁବକମାନେ ତାଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁତ୍ର ଜ୍ୟୋତିପ୍ରକାଶ ଘୋଷ ମୁଖାଗ୍ନି ଦେଇଥିଲେ।

# ସବୁ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଯିବ

**କଟକ ଅଫିସ,୨୩।୩**

ସହରର ସମସ୍ତ ମୁକୁଳା ଡ୍ରେନ୍‌ରେ ତୁରନ୍ତ ସ୍ଲାବ୍ ପକାଯିବ। ବିଭିନ୍ନ ୱାର୍ଡ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଅଞ୍ଚଳ ପରିଦର୍ଶନ କରି ରିପୋର୍ଟ ଦେବା ପରେ ବଜେଟ ଭିତ୍ତିରେ ଡ୍ରେନ୍‌ଗୁଡିକରେ ସ୍ଲାବ୍ ପକାଯିବା କାର୍ଯ୍ୟ ଆରମ୍ଭ ହେବ। ସେହିପରି ପ୍ରତ୍ୟେକ ୱାର୍ଡରେ ରାସ୍ତା ଓ ଡ୍ରେନ୍‌ର ମାପଚୁପ କରାଯିବ। ରାସ୍ତାର ଲମ୍ବ, ଚଉଡ଼ା ଏବଂ ଡ୍ରେନ୍‌ଗୁଡ଼ିକର ଲମ୍ବା, ଚଉଡ଼ା ଓ ଗଭୀରତା ଦାୟିତ୍ୱରେ ଥିବା ଅଧିକାରୀ ମାପଚୁପ କରି ଆସନ୍ତା ୩୧ ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି । ୱାର୍କ ସରକାର ଓ କନିଷ୍ଠ ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳ ପରିଦର୍ଶନ କରି ମାନ ପରୀକ୍ଷା କରିବେ ଏବଂ ସେହିଦିନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ। ବିଶେଷକରି ମୁଖ୍ୟମନ୍ତ୍ରୀ କର୍ମତପ୍ର



ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

**ସିଏମ୍‌ସି ଇଞ୍ଜିନିୟରିଂ ବିଭାଗର ସମୀକ୍ଷା ବୈଠକ**

ଅଭିଯାନ ଯୋଜନା 'ମୁକ୍ତା'ରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଯନ୍ତ୍ରୀମାନେ ତଦାରଖ କରିବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିମ୍ବା ଦାୟିତ୍ୱରେ ଥିବା ମହିଳା ସଂଘର ସଦସ୍ୟାମାନଙ୍କୁ କିପରି ଢଙ୍ଗରେ କାର୍ଯ୍ୟ କରାଯିବ ସେ ସମ୍ବନ୍ଧରେ ଅବଗତ କରାଇବେ। ଏ ନେଇ ଗୁରୁବାର ଚୌଧୁରୀବଜାରସ୍ଥିତ ବିଜୁ ଭବନରେ ଅନୁଷ୍ଠିତ ସିଏମ୍‌ସି ଇଞ୍ଜିନିୟରିଂ ବିଭାଗର ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ସହରରେ ସିଏମ୍‌ସି ପକ୍ଷରୁ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ନିର୍ମାଣ କାର୍ଯ୍ୟ ତଦାରଖ କରିବା, ମାନ ଠିକ୍ ରହିବା ସହିତ ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବା ନେଇ ବିଭାଗୀୟ ଯନ୍ତ୍ରୀମାନଙ୍କୁ କମିଶନର ତାଗିଦା କରିଥିଲେ। ସିଏମ୍‌ସି ଯନ୍ତ୍ରୀ କିମ୍ବା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଯେପରି ଜୀବନ ହାନି ନ ହେବ, ସେଥିପ୍ରତି ସଚେତନ ରହିବାକୁ କମିଶନର ସତର୍କ କରାଇଥିଲେ। ସିଏମ୍‌ସି କମିଶନରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ-୧ ନନ୍ଦକିଶୋର ପାଲ, ନିର୍ବାହୀ ଯନ୍ତ୍ରୀ-୨ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ସମସ୍ତ କନିଷ୍ଠଯନ୍ତ୍ରୀ ଓ ୩୭ ଜଣ ୱାର୍କ ସରକାର ଉପସ୍ଥିତ ଥିଲେ।

# ବାଲ୍ୟବିବାହ ବନ୍ଦ କରିବା ମୂଳଲକ୍ଷ୍ୟ

**କଟକ ଅଫିସ, ୨୩।୩**

**ବାଲ୍ୟବିବାହ ମୁକ୍ତ ସଚେତନତା ରଥ ଶୁଭାରମ୍ଭ**

■ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ବ୍ଲକରେ ଭ୍ରମଣ କରିବ

ଗ୍ରାମାଞ୍ଚଳରେ ଏବେ ବି ବାଲ୍ୟବିବାହ ଚାଲିଛି। କଟକ ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଲୋକଙ୍କୁ ସଚେତନ କରାଯିବା ଆବଶ୍ୟକ। ଏଥିପାଇଁ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ରଥ ଗୁରୁବାର ଶୁଭାରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ରଥ ଜିଲାର ୧୦ଟି ବ୍ଲକରେ ଭ୍ରମଣ କରିବ। ଏହି ରଥକୁ ଅତିରିକ୍ତ ଜିଲାପାଳ ଶିବ ଟପୋ ଶୁଭାରମ୍ଭ କରି କହିଥିଲେ, ବାଲ୍ୟବିବାହ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ହେଉଛି ସଚେତନତା ରଥର ମୂଳଲକ୍ଷ୍ୟ। ଜନସାଧାରଣ ମଧ୍ୟ ଏହାର ଦୃଢ଼ ବିରୋଧ କରିବା ଉଚିତ। ଗତବର୍ଷ ୨୪ଟି ବାଲ୍ୟବିବାହ ହୋଇଥିବା ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୧ଟି ବାଲ୍ୟବିବାହ ବନ୍ଦ କରାଯାଇଛି। କୌଣସି ସ୍ଥାନରେ ବାଲ୍ୟବିବାହ ସମ୍ବନ୍ଧରେ କେହି ସୂଚନା ପାଇଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଚାଇଲ୍ଡ ଲାଇନ୍ ହେଲ୍ପ ନମ୍ବର ୧୦୮୯ ଏବଂ ପୋଲିସ ହେଲ୍ପଲାଇନ ନମ୍ବର ୧୧୨କୁ ଯୋଗାଯୋଗ କରିପାରିବେ। ଫଳରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏହାର ସମାଧାନ କରାଯାଇ ପାରିବ ବୋଲି ସେ କହିଥିଲେ। ସେହିପରି ଜିଲା ସମାଜ କଲ୍ୟାଣ ଅଧିକାରୀ ସବିତା ରାଉତ କହିଥିଲେ, ପ୍ରତ୍ୟେକ ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀ କିଶୋରଙ୍କୁ ବାଲ୍ୟବିବାହ ତଥା ଅନ୍ୟାନ୍ୟ ଶିକ୍ଷଣୀୟ ବିଷୟ ଉପରେ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହ ଜିଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ଜରୁରୀ ଅଧିକାରୀ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା, ମିଶନଶକ୍ତି ଜିଲା ସଂଯୋଜିକା ସ୍ୱାଗତିକା ପରିଡ଼ା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପା ରାଉତ, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ଶିବ ଟପୋ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

# ବିଚାର ପ୍ରକ୍ରିୟା ଜାଣିଲେ ଏମ୍‌ଏଲ୍‌ୟୁ ଛାତ୍ରୀଛାତ୍ର



ହାଇକୋର୍ଟ ପରିଦର୍ଶନରେ ଆସିଥିବା ଏମ୍‌ଏଲ୍‌ୟୁ ଛାତ୍ରୀଛାତ୍ର।

**କଟକ ଅଫିସ,୨୩।୩**

ବିଚାର ପ୍ରକ୍ରିୟା ସମ୍ପର୍କରେ ଅବଗତ ହେବା ପାଇଁ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍‌ଏଲ୍‌ୟୁ) ଛାତ୍ରୀଛାତ୍ରମାନେ ଗୁରୁବାର ହାଇକୋର୍ଟ ପରିଦର୍ଶନରେ ଆସିଥିଲେ। ସେମାନେ ଆଇନଜୀବୀମାନଙ୍କ ସହିତ ଆଲୋଚନା କରିବା ସହ ରାଜ୍ୟର ନ୍ୟାୟିକ ବ୍ୟବସ୍ଥା ସଂକ୍ରାନ୍ତରେ ଅବଗତ ହୋଇଥିଲେ। ବିଚାର ବିଭାଗୀୟ କାର୍ଯ୍ୟର ବିଭିନ୍ନ ଦିଗ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ସେମାନେ ମୁଖ୍ୟ ବିଚାରପତିଙ୍କ କୋର୍ଟ ଓ ଚାମ୍ବର, ଜଜେସ୍ ଲାଇବ୍ରେରି, କନ୍‌ଫରେନ୍ସ ହଲ୍ ବୁଲି ଦେଖିଥିଲେ। ଏହି ଅବସରରେ ଆଇନଜୀବୀ ଅନନ୍ୟା ରାଉତରାୟ ଆଇନ କ୍ଷେତ୍ରରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ଓ ଉନ୍ନତି ସମ୍ପର୍କରେ ସବୁବେଳେ ଅବଗତ ରହିବାକୁ ପରାମର୍ଶ ଦେଇଥିଲେ। ୩ୟ ବର୍ଷ ଷଷ୍ଠ ସେମିଷ୍ଟରର ଦେବୀଦତ୍ତ ବେହେରା, ଜିତେନ୍ ବେହେରା, ସୁଶୀଲ ନନ୍ଦ, ବିଶ୍ୱରଞ୍ଜନ ମହାନ୍ତ, ସଙ୍ଗୀତା ପଣ୍ଡା, ପ୍ରିୟଦର୍ଶିନୀ ପୃଷ୍ଟି, ଗଙ୍ଗାଲକ୍ଷ୍ମୀ, ଦୟାଶଙ୍କର ବେହେରା, ସୌମେନ୍ଦ୍ର ସାହୁ, ସାର୍ଥକ ରାୟ ପ୍ରମୁଖ ହାଇକୋର୍ଟ ପରିଦର୍ଶନରେ ଯାଇଥିଲେ।

### ଆଜିଠୁ କୋଚିଲେଇ ମହୋତ୍ସବ

**କଟକ ସଦର,୨୩।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ସଫିପୁର-ପରମହଂସ ଗ୍ରାମବାସୀଙ୍କ ଆନୁକୂଲ୍ୟରେ କୋଚିଲେଇ ମହୋତ୍ସବ ଶୁକ୍ରବାରଠାରୁ ୩ ଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଓ ସମ୍ପାଦକ ସୁମନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଶୁକ୍ରବାର ସକାଳେ ଅଧିବାସ ଓ ଅଙ୍କୁରାରୋପଣ, ଶନିବାର ମା' କୋଚିଲେଇଙ୍କ ମହାସ୍ନାନ, ସାଇନାଥଙ୍କ ଚଭାଡ଼ି ଯାତ୍ରା ଓ ଭଜନ ସମାରୋହ ଏବଂ ରବିବାର ଯଜ୍ଞର ପୂର୍ଣ୍ଣାହୁତି ସହ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ରାମଲୀଳା ପ୍ରସ୍ତୁତି ବୈଠକ

**ଫୁଲନଖରା,୨୩।୩(ଡି.ଏନ୍.ଏ.)**

ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ମା' ଜାଗୁଲାଇ ମଣ୍ଡପରେ ଆସନ୍ତା ଏପ୍ରିଲ ୨୩ରୁ ୪ ଦିନ ବ୍ୟାପୀ ରାମଲୀଳା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମା' ଜାଗୁଲାଇ ରାମଲୀଳା ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜାଗୁଲାଇ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଗ୍ରାମ ମୁରବି ତ୍ରିଲୋଚନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ କମିଟି ସଭାପତି ସନାତନ ପରିଜା, ରାମଲୀଳାର ନିର୍ଦ୍ଦେଶକ ଉମାକାନ୍ତ ସେଠୀ, ବାଲିଅନ୍ତା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦିଲୀପ କୁମାର ସେଠୀ, ରବି ନାରାୟଣ ରାଉତରାୟ, ଗଗନ ବିହାରୀ ପରିଜା, ଖବରଦାତା ଅମିତ୍ କୁମାର ପରିଜା, ଭାଜପା ମଣ୍ଡଳ ସଭାପତି ସଞ୍ଜୟ ପରିଜା, ବିରଞ୍ଚି ଦାସ, ନିର୍ମଳ ପରିଜା ପ୍ରମୁଖ ଯୋଗଦେଇଥିଲେ। ଏହା ଅଞ୍ଚଳର ଏକ ବହୁ ବର୍ଷର ପୌରାଣିକ ଅନୁଷ୍ଠାନ ହୋଇଥିବାରୁ ରାମଲୀଳା ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମିଥାଏ।

# ଟିଏମ୍‌ସି ବିଦ୍ୟୁତ୍ ବିଲ୍ ପଇଠ ପ୍ରସଙ୍ଗ: ତଦନ୍ତରୁ ଓହରିଗଲେ ଡିଇଓ

**କଟକ ସଦର,୨୩।୩(ଡି.ଏନ୍.ଏ.)**

୨୦୨୦ରେ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ହାଇସ୍କୁଲରେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ର ବିଦ୍ୟୁତ୍ ବିଲ୍ ସମ୍ପୃକ୍ତ ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କଠାରୁ ଚାନ୍ଦା ଆଦାୟ କରି ପଇଠ କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ତଦନ୍ତ ପାଇଁ କଟକ ଜିଲାପାଳ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକଙ୍କୁ ଦାୟିତ୍ୱ ଦେଇଥିଲେ। ମାତ୍ର ଏହି କେନ୍ଦ୍ରଗୁଡିକର ପରିଚାଳନା ଦାୟିତ୍ୱ ବ୍ଲକ ଓ ପଞ୍ଚାୟତର ଥିବାରୁ ଏଥିରେ ଶିକ୍ଷା ବିଭାଗର ଭୂମିକା ଅତି ନଗଣ୍ୟ। ତେଣୁ ତଦନ୍ତ ଦାୟିତ୍ୱ କଟକ ସଦର ବିଡିଓଙ୍କୁ ଦେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରି ନାୟକ ଏଥିରୁ ଓହରି ଯାଇଛନ୍ତି। ପତ୍ରସଂଖ୍ୟା ୪୫୧୦/୧୫।୩।୨୦୨୩ରେ ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ଜିଲାପାଳଙ୍କୁ ଏ ସମ୍ପର୍କରେ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କୋଭିଡ୍ ପାଇଁ ୨୦୨୦ ଜୁନ୍‌ରେ କଟକ ସଦର ବ୍ଲକର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଟିଏମ୍‌ସି ଖୋଲାଯାଇଥିଲା। ଏଥିପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବ୍ଲକ୍‌କୁ ଅର୍ଥ ଯୋଗାଇ ଦେଇଥିଲେ। ଏହି କେନ୍ଦ୍ର ସେହି ବର୍ଷ ସେପ୍ଟେମ୍ବରରେ ବନ୍ଦ ହୋଇଗଲା। ମାତ୍ର ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ୍ ପଇଠ କରାଗଲା ନାହିଁ। ତେଣୁ ଲାଇନ୍ କଟିଯିବା ଭୟରେ ୨୦୨୧ ମାର୍ଚ୍ଚରେ ଛାତ୍ରୀଛାତ୍ରଙ୍କଠାରୁ ଚାନ୍ଦା ଆଦାୟ କରି ପ୍ରଧାନ ଶିକ୍ଷକମାନେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ନିକଟରେ ବିଲ୍ ପଇଠ କରିଥିଲେ। ଏ ସମ୍ପର୍କରେ ଜଣେ ସାମାଜିକ କର୍ମୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅଭିଯୋଗର ତଦନ୍ତ ପାଇଁ ରାଜ୍ୟ ସରକାର ପତ୍ରସଂଖ୍ୟା ୨୧୮୪୮/୧୪।୧୧।୨୦୨୨ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳ ଏହି ଅଭିଯୋଗର ତଦନ୍ତ ପାଇଁ ଡିଇଓଙ୍କୁ ପତ୍ରସଂଖ୍ୟା ୧୪/୧୦।୧।୨୦୨୩ରେ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଡିଇଓ ନାୟକ କହିଛନ୍ତି, ମୋର ଯାହା ଜଣାଇବା କଥା ଚିଠି ମାଧ୍ୟମରେ ଜିଲାପାଳଙ୍କୁ ଜଣାଇସାରିଛି।

# କବି ସୂର୍ଯ୍ୟ ମିଶ୍ର ପାଇଲେ ଆଦିତ୍ୟ ଭାରତ କବିତା ସମ୍ମାନ

**କଟକ ଅଫିସ,୨୩।୩**

**ବିଶ୍ୱ କବିତା ଦିବସ**

ଆଦିତ୍ୟ ଭାରତ ଦ୍ୱାରା ବିଶ୍ୱ କବିତା ଦିବସ କଟକ ଶତାବ୍ଦୀ ଭବନରେ ପାଳିତ ହୋଇଯାଇଛି। ଆଦିତ୍ୟ ଭାରତର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଅମରେଶ ପଟ୍ଟନାୟକ, କବି ସୌଭାଗ୍ୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ୧୬ଟି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ ସାମଗ୍ରିକ କୃତୀ ପାଇଁ କବି ସୂର୍ଯ୍ୟ ମିଶ୍ରଙ୍କୁ ଆଦିତ୍ୟ ଭାରତ କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୀପକ ସାମନ୍ତରାୟ, ରବି ସ୍ୱାଇଁ, ନରେନ୍ଦ୍ର କୁମାର ମିଶ୍ର, ସୂର୍ଯ୍ୟ ମିଶ୍ର, ମୋହିତ ଚକ୍ରବର୍ତ୍ତୀ, ହିମାଂଶୁ ପରିଡ଼ା, ରମେଶ ମଲ୍ଲିକ, ସୁବ୍ରତ ଦାସ, ପ୍ରସନ୍ନ ସ୍ୱାଇଁ, ଜ୍ଞାନୀ ଦେବାଶିଷ ମିଶ୍ର, ଗୋଲାପରାଣୀ ସାହୁ ଓ ବୈଜୟନ୍ତୀ ମିଶ୍ର ପୁସ୍ତକର ସମୀକ୍ଷା କରିଥିଲେ। ଓମ୍ ପ୍ରକାଶ ମହାନ୍ତି, ଶରତ ନାୟକ, ସୁସ୍ମିତା ଦାସ, ବିଭୂତି ଗଡ଼ନାୟକ ଓ ଦୀପ୍ତି ଦାଶ ସଙ୍ଗୀତ ପରିବେଷଣ କରିଥିଲେ। ଶରତ କୁମାର ଆଚାର୍ଯ୍ୟ ଓ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ମଞ୍ଚ ପରିଚାଳନା କରିଥିଲେ। ସବ୍ୟସାଚୀ ବିଶୋୟୀ ଓ ବିଶ୍ୱଜିତ୍ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ କବି ସୂର୍ଯ୍ୟ ମିଶ୍ରଙ୍କୁ ଆଦିତ୍ୟ ଭାରତ କବିତା ସମ୍ମାନ ପ୍ରଦାନ କରାଯାଉଛି।

# 'ଭଗତ୍ ସିଂଙ୍କ ଜୀବନ ସଂଗ୍ରାମରୁ ଯୁବପିଢ଼ି ଶିକ୍ଷା ନିଅନ୍ତୁ'

**କଟକ ଅଫିସ, ୨୩।୩**

ଶହୀଦ-ଏ-ଆଜମ୍ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଶହୀଦ ଦିବସ ଉପଲକ୍ଷେ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ସ୍ଥାନୀୟ କଲେଜଛକଠାରେ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଆଇଡିଏସ୍‌ଓ କଟକ ଜିଲା ସଭାପତି ଇଶା ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ମହାମନୀଷୀମାନଙ୍କ ଚରିତ୍ରକୁ କାଳିମାଲିପ୍ତ କରାଯାଉଛି। ସେମାନଙ୍କ ଜୀବନ ସଂଗ୍ରାମକୁ ପାଠ୍ୟକ୍ରମରେ ସ୍ଥାନ ଦେବା ତ ଦୂରର କଥା ବରଂ ସେମାନଙ୍କୁ ସନ୍ତ୍ରାସବାଦୀର ଆଖ୍ୟା ଦିଆଯାଉଛି। ଭାରତ ବର୍ଷର କୌଣସି ସରକାର ଭଗତ ସିଂଙ୍କ ଜୀବନ ସଂଗ୍ରାମକୁ ଜନସାଧାରଣଙ୍କ ନିକଟକୁ ନେଇଯିବା ପାଇଁ ପଦକ୍ଷେପ ନେଇନାହାନ୍ତି। ଏଭଳି ପରିସ୍ଥିତିରେ ଭଗତ ସିଂଙ୍କ ଜୀବନ ସଂଗ୍ରାମରୁ ଯୁବପିଢ଼ି ଶିକ୍ଷା ନେଇ ନିଜ ଜୀବନକୁ ଗଢ଼ିପାରିଲେ ହିଁ ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରାଯାଇପାରିବ। ଏଥିପାଇଁ ଚରମ ତ୍ୟାଗ କରିବାର ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ଏଆଇଡିଏସ୍‌ଓ କଟକ ଜିଲା ସମ୍ପାଦକ ତରୁଣସେନ ନାୟକ ପ୍ରାରମ୍ଭିକ ସୂଚନା, ଏଆଇଏମ୍‌ଏସ୍‌ଏସ୍ କଟକ ଜିଲା ଆବାହିକା ଟିକା ସାମଲ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଡିଏସ୍‌ଓ କଟକ ଜିଲା ଉପସଭାପତି ଶିବାନୀ ସାହୁ, ଛାତ୍ରନେତା ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂ, ଏଆଇଡିୱାଇଓ କଟକ ସିଟି ସମ୍ପାଦକ ଦୀପକ ରଞ୍ଜନ ଦାସ ଉପସ୍ଥିତ ଥିଲେ।




କଟକ କଲେଜ ଛକଠାରେ ଅନୁଷ୍ଠିତ ସାଧାରଣ ସଭାରେ ଅତିଥିମାନେ।

# 'ବିଶ୍ୱ ସାହିତ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଅନନ୍ୟ'

**କଟକ ଅଫିସ, ୨୩।୩**

ସାରସ୍ୱତ ସାଧକ ପ୍ରଫେସର ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଉଦ୍‌ଘାଟନ କରି କହିଥିଲେ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ଜଣେ ପ୍ରଜ୍ଞାଦୀପ୍ତ ସାଧକ ଓ ଗବେଷକ ଥିଲେ। ବିଶ୍ୱସାହିତ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଅନନ୍ୟ ବୋଲି ସେ କହିଥିଲେ। ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ଭିଏମ୍ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଜ୍ୟୋତି ରଞ୍ଜନ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଡକ୍ଟର ମହାନ୍ତି ଥିଲେ ଜଣେ ବିଶିଷ୍ଟ ବାଗ୍ମୀ ଓ ଶିକ୍ଷାବିତ୍। ସେହିପରି ସମ୍ମାନିତ ବକ୍ତା ଡ. କବିତା ମିଶ୍ର କହିଥିଲେ, ସମକାଳୀନ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଡ. ମହାନ୍ତିଙ୍କ ଅବଦାନ ଅତୁଳନୀୟ। ଏହି ଅବସରରେ ସାହିତ୍ୟିକ ତଥା 'ଗୋକର୍ଣ୍ଣିକା' ପତ୍ରିକାର ସମ୍ପାଦକ ରମାକାନ୍ତ ଜେନାଙ୍କୁ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦ ଉପସଭାପତି ତଥା ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦିକା କ୍ଷୀରାବ୍ଧି ତନୟା ମହାନ୍ତି ବିବରଣୀ ପାଠ, ଉପାସନା ମହାନ୍ତି ମାନପତ୍ର ପାଠ ଓ ଆଲୋକ ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଷ୍ଣୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାହିତ୍ୟିକ ରମାକାନ୍ତ ଜେନାଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସତ ସମ୍ମାନ ପ୍ରଦାନ କରାଯାଉଛି।

**ସାରସ୍ୱତ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିସନ୍ଧ୍ୟା**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩.୦୩.୨୦୨୩

| ୩,୪୪,୭୫୬ ଟଙ୍କା | |
|---|---|
| ସୁନା | ୮.୪୫୦ ଗ୍ରାମ୍ |
| ରୁପା | ୧୧.୧୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ପୁରୀ

- ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ପୁରୀ ମେଡିକାଲ ପରିସର। ସକାଳ ୭ଟା।
- ପୋଷଣ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା, ସଦ୍‌ଭାବନା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ସାରସ୍ୱତ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ପୁରୀ ପୌରସଦନ ପରିସର, ଅପରାହ୍ନ ୫ଟା।

# ପରିତ୍ୟକ୍ତ ଅବସ୍ଥାରେ ମହାପ୍ରଭୁଙ୍କ ରଥଚକ

**ପୁରୀ ଅଫିସ, ୨୩।୩**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ନନ୍ଦିଘୋଷ ରଥର ଚକ ଓ ଗୁଜ ପରିତ୍ୟକ୍ତ ଭାବେ ପୁରୀ ସହରର କଲେଜ ଛକ ନିକଟସ୍ଥ ଏକ ଚାଉଳ ଗୋଦାମରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଥକାଠ କିଣି ନେଉଥିବା କେତେଜଣ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପ ପାଇଁ ଏଭଳି ଘଟଣା ଘଟୁଛି। ରଥ ଚକ କିଣିଥିବା କଟକର ଜଣେ ବ୍ୟକ୍ତି ଏହାକୁ ପରିତ୍ୟକ୍ତ ଅବସ୍ଥାରେ ପକାଇ ରଖିଥିବା କୁହାଯାଉଛି। ସେହି ସ୍ଥାନରେ ପାଣିବୋତଲ, ଏକ ବେଲ୍‌ଚା ଏବଂ ଅଳିଆ ସଫା ଗାଡ଼ି ରଖାଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଗନ୍ନାଥପ୍ରେମୀ ଓ ସେବାୟତ ଦାବି କରିଛନ୍ତି। ନନ୍ଦିଘୋଷ ରଥର ଚକ ଓ ଗୁଜ ପଡ଼ିରହିଥିବାବେଳେ ସେଠାରେ ପାଣିବୋତଲ ସହ ଅଳିଆ ସଫା କରାଯାଉଥିବା ଏକ ବେଲଚା ରହିଛି। ଏଭଳି ଦାୟିତ୍ୱହୀନ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି।



ଗୋଦାମ ଘରେ ରଥଚକ ରଖାଯାଇଛି।

ରଥର ବିଭିନ୍ନ ଅଂଶକୁ ନେଉଥିବା ବ୍ୟକ୍ତି ଓ ଅନୁଷ୍ଠାନ ପ୍ରତି ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ସୂଚନାଯୋଗ୍ୟ, ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ଚକ ଓ ଗୁଜକୁ କଟକର ଜଣେ ବ୍ୟକ୍ତି ଶ୍ରୀମନ୍ଦିର ପ୍ରଶାସନକୁ ୫୧ ହଜାର ଟଙ୍କା ଦେଇ ଏହାକୁ କିଣିଥିଲେ। ତେବେ ଏହାକୁ ସେ କଟକ ନେବା ପରିବର୍ତ୍ତେ ପୁରୀ କଲେଜ ଛକ ନିକଟରେ ଥିବା ଏକ ଚାଉଳ ଗୋଦାମରେ ଧୂଳି ଧୂସରିତ ଅବସ୍ଥାରେ ପକାଇଦେଇ ଚାଲି ଯାଇଥିଲେ। ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ତଥ୍ୟ ନ ଥିବା ନୀତି ପ୍ରଶାସକ କହିଛନ୍ତି। ରଥଯାତ୍ରା ପରେ ରଥ ଚକ ଓ ଏହାର ବିଭିନ୍ନ ଅଂଶବିଶେଷ କିଣୁଥିବା ବ୍ୟକ୍ତିମାନେ ଏକ ଅଣ୍ଡରଟେକିଙ୍ଗ ଦେଇ ଏହାର ପବିତ୍ରତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଲିଖିତ ଆକାରରେ ଦେଇଥାନ୍ତି। ତେବେ ରଥର ଚକ ଓ ଏହାର ବିଭିନ୍ନ ଅଂଶ ଅନେକ ସ୍ଥାନରେ ଅବ୍ୟବସ୍ଥିତ ଢଙ୍ଗରେ ପଡ଼ିରହୁଥିବା ଦେଖିବାକୁ ମିଳୁଛି। ଏନେଇ ବ୍ୟାପକ ସଚେତନତା କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି। ତେବେ ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ପରେ ରଥ ଚକ ଓ ରଥର ବିଭିନ୍ନ ଅଂଶକୁ ବ୍ୟକ୍ତିବିଶେଷମାନେ କିଛି ଅର୍ଥ ଦେଇ ବା ଫ୍ରି ଅଫ୍ କଷ୍ଟରେ ନେଉଛନ୍ତି। ଯେଉଁ ବ୍ୟକ୍ତି ବିଶେଷ ମାନେ ରଥ ଚକ ନେଇଥାନ୍ତି ଏକ ଅଣ୍ଡର ଟେକିଂ ଲେଖିକି ଦେଇଥାନ୍ତି। ରଥଚକ ଓ ତାର ଅଂଶକୁ ଠିକ ଭାବେ ରଖିବେ ଓ ପବିତ୍ରତା ରକ୍ଷା କରିବେ ବୋଲି ଉକ୍ତ ଅଣ୍ଡର ଟେକିଂରେ ଲେଖିଥାନ୍ତି। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ଅନେକ ବ୍ୟକ୍ତି ନେଉଥିବା ରଥ କାଠକୁ ଉଚିତ୍ ଭାବରେ ରଖୁ ନାହାନ୍ତି। ଅବହେଳିତ ଅବସ୍ଥାରେ ରଖୁଛନ୍ତ। ଯାହା ପବିତ୍ରତାକୁ କ୍ଷୁଣ୍ଣ କରୁଛି ତେଣୁ ଏଦିଗ ଉପରେ ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେବା ସହ ନିୟମ ପ୍ରଣୟନ କରିବ ଉଚିତ।

# ବିଦ୍ୟାଳୟ ଛାତରୁ ଫ୍ୟାନ୍ ଖସି ୨ ଛାତ୍ରୀ ଗୁରୁତର

## ପରୀକ୍ଷା ଦେବାରୁ ବଞ୍ଚିତ

**ନିମାପଡ଼ା, ୨୩।୩ (ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ଠାକୁରପାଟଣା ଗ୍ରାମର ରତ୍ନପୀଠ ବିଦ୍ୟାନିକେତନରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶ୍ରେଣୀଗୃହ ଛାତରୁ ଫ୍ୟାନ୍ ଖସି ୨ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଉପରେ ପଡିବାରୁ ସେମାନେ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଖୁସ୍‌ବୁ ବେଗମ୍(୧୪) ଓ ଆଇସା ଜାହାନ(୧୪)। ଦୁହିଁଙ୍କୁ ତୁରନ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖାଟୁ ମହାରଣା ଏବଂ କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ସେମାନଙ୍କ ଅଭିଭାବକଙ୍କ ସହାୟତାରେ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ଫ୍ୟାନ ଖସିବା ଯୋଗୁ ଖୁସ୍‌ବୁଙ୍କ କାନର କିଛି ଅଂଶ କଟିଯାଇ ରକ୍ତସ୍ରାବ ହୋଇଥିବାବେଳେ ଆଇସାଙ୍କ ମୁଣ୍ଡ ଫାଟିଯାଇଛି। ଏପରି ଘଟଣା ପାଇଁ ଖୁସ୍‌ବୁ ଏବଂ ଆଇସା ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ, ଫ୍ୟାନ୍‌ଟି ଖରାପ ଥିଲା। ସେଥିପାଇଁ ଫ୍ୟାନକୁ ନ ଚଳାଇବାକୁ ପିଲାଙ୍କୁ ବାରଣ କରାଯାଇଥିଲା। କେହି ଏହି ଖରାପ ଫ୍ୟାନକୁ ଚଲାଇଥିବାରୁ ଏପରି ଅଘଟଣ ଘଟିଛି। ବିଇଓ ଦ୍ୱୀତିକାନ୍ତ ପ୍ରଧାନଙ୍କୁ ଏ ବାବଦରେ ଅବଗତ କରାଯାଇଥିବା ପ୍ରଧାନ ଶିକ୍ଷକ ମହାରଣା କହିଛନ୍ତି। ଏନେଇ ବିଇଓଙ୍କୁ ପଚାରିବାରେ, ଘଟଣାର ତଦନ୍ତ କରି ଖୁବ୍‌ଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ସିଆର୍‌ସିସି ସୁଶାନ୍ତ ମୁଦୁଲିଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରଧାନ କହିଛନ୍ତି। ଦାୟିତ୍ୱରେ ଥିବା ସିଆର୍‌ସିସିଙ୍କୁ ପଚାରିବାରେ, ଏହି ଘଟଣାରେ ସେ ଖୁବ୍‌ଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି ବିଇଓଙ୍କୁ ଦେବେ ବୋଲି କହିଛନ୍ତି।



ଆହତ ଛାତ୍ରୀଙ୍କ ଚିକିତ୍ସା ଚାଲିଛି।





ଜାଗୃତି ମହୋତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

## ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ପିପିଲି, ୨୩।୩ (ଡି.ଏନ୍.ଏ.)**

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଅବସରରେ ବୁଧବାରଠାରୁ ଆରମ୍ଭ ହୋଇଯାଇଛି ଜାଗୃତି ମହୋତ୍ସବ। ଗୁରୁବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ସୁଶ୍ରୀ ପୁନମ୍ ମହାପାତ୍ର, ମୁଖ୍ୟବକ୍ତା ଭାବେ ପିପିଲି ବିଡିଓ ରଶ୍ମିତା ନାଥ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶାନ୍ତନୁ ମହାପାତ୍ର ଏବଂ ସତ୍ୟଜିତ୍ ରାୟ ଚୌଧୁରୀ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଚିତ୍ତାକର୍ଷକ ହୋଇଥିଲା। ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ପଙ୍କଜ ଜାଲ, ମାନସୀ ପାଣିଗ୍ରାହୀ, ଓଡ଼ିଆ ସିନେ ଅଭିନେତ୍ରୀ ତମ୍ମନା, ଅବସରପ୍ରାପ୍ତ ଡାକ୍ତର ବାମଦେବ ମିଶ୍ର, ରମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ।



ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ।

## ପୁରୀ ଫଟୋ ଭିଡିଓ ଆଣ୍ଡ୍ ଟ୍ରେଡର୍ସ ଆସୋସିଏଶନ ସଂଘର କର୍ମକର୍ତ୍ତା ନିର୍ବାଚିତ

**ପୁରୀ ଅଫିସ, ୨୩।୩**

ସ୍ଥାନୀୟ ପୁରୀ କ୍ଲବ ପରିସରରେ ପୁରୀ ଫଟୋ ଭିଡିଓ ଆଣ୍ଡ୍ ଟ୍ରେଡର୍ସ ଆସୋସିଏଶନ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ଫଟୋଗ୍ରାଫରମାନେ ମତଦାନ କରିଥିଲେ। ସଭାପତି, ଉପସଭାପତି ଓ ସମ୍ପାଦକ ପଦ ନିମନ୍ତେ ମୋଟ ୬ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ। ସର୍ବସମ୍ମତ କ୍ରମେ ସଭାପତି ଭାବେ ମିଥୁନ କୁମାର ଜେନା, ଉପସଭାପତି ଭାବେ ସୁଦୀପ୍ତ ମିଶ୍ର ଏବଂ ସମ୍ପାଦକ ସୁକାନ୍ତ ସାହୁ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସହସମ୍ପାଦକ ରଜତ ରାମ, ଅଭିଷେକ ମହାନ୍ତି ଓ କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ସଂଘର ଆଇନ ପରାମର୍ଶଦାତା ଆତ୍ମାରଞ୍ଜନ ମହାନ୍ତିଙ୍କ ସମେତ ତତ୍କାଳୀନ ସଭାପତି ରବି ନାରାୟଣ ମହାନ୍ତି ପରିଚାଳନା କରିଥିଲେ।

## ଜବତ ଦାବିବିହୀନ ଗାଡ଼ି ନିଲାମ ହେବ

**ପୁରୀ ଅଫିସ, ୨୩।୩**

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପୁରୀ ଜିଲାର ଡେଲାଙ୍ଗ, କଣାସ, ପିପିଲି ଓ ସମୁଦ୍ରକୂଳ ଥାନାରେ ଥିବା ମୋଟ ୩୦ଟି ଜବତ ଦାବି ବିହୀନ ଗାଡ଼ି ନିଲାମ ହେବ। ଏହା ଉପଜିଲାପାଳଙ୍କ ଆଦେଶ କ୍ରମେ ଜିଲା ନିଲାମ କମିଟି ଦ୍ୱାରା ସ୍ଥିରୀକୃତ କରାଯାଇଛି। ଏହି ଗାଡ଼ିଗୁଡ଼ିକରେ ଯଦି କାହାର ମାଲିକାନା ଜାହିର କରିବାର ଥାଏ ତେବେ ସେମାନେ ସେହି ଗାଡ଼ିର ଅସଲି ଦସ୍ତାବିଜ, କାଗଜାତ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ଚଳିତ ମାସ ୨୭ତାରିଖ ମଧ୍ୟରେ ଦେଖାଇ ପାରିବେ। ଏହି ତାରିଖ ମଧ୍ୟରେ ମାଲିକାନା ପ୍ରମାଣିତ ହେଲେ ତାଙ୍କୁ ଗାଡ଼ିର ଜିମା ଦିଆଯିବ। ଏହି ତାରିଖ ପରେ ଦାବି ବିହୀନ ଗାଡ଼ିଗୁଡ଼ିକୁ ଭାରତ ସରକାରଙ୍କ ଏମ୍‌ଏସ୍‌ଟିସି ପୋର୍ଟାଲ ମାଧ୍ୟମରେ ନିଲାମ କରାଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଡା. କନୱର ବିଶାଲ ସିଂ ସୂଚନା ଦେଇଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା

**ବେଗୁନିଆ, ୨୩।୩(ଡି.ଏନ୍.ଏ.):**

ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମର ପ୍ରଦୀପ ବଳିୟାରସିଂହ (୨୩)ଙ୍କୁ ମଙ୍ଗଳବାର ରାତିରେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ମୁଖ୍ୟ ଅଭିଯୁକ୍ତ ନଣ୍ଡା ମାଣିଆ ଓରଫ ଦୁଷ୍ମନ୍ତ ଏବଂ ସହଯୋଗୀ ଶିବ ମାଣିଆ ଓ ଧ୍ରୁବ ମାଣିଆ। ଏମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ପ୍ରଦୀପ ଶୌଚ ପାଇଁ ଘରୁ ବାହାରି ଯାଇଥିଲେ। ଗାଁ ମୁଣ୍ଡରେ ଥିବା ପ୍ରାୟ ୧୦ଜଣ ମହିଳା ଓ ପୁରୁଷ ପୂର୍ବ ଶତ୍ରୁତାକୁ ନେଇ ପ୍ରଦୀପଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ନିକଟ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ନିର୍ଘାତ ପିଟିବା ସହ ପଥରରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଛେଚି ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅପରାହ୍ନରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ୩ଟି ଗାଡ଼ି ଜାଳିଦେବା ସହ ୩ଟି ଭାଙ୍ଗି ଦେଇଥିଲେ। ଏଥିସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତକଙ୍କ ପରିବାର ଲୋକେ ବେଗୁନିଆ ଥାନା ସମ୍ମୁଖରେ ମୃତଦେହ ରଖି ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଢ଼େଇ ଘଣ୍ଟା ପରେ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ବାପା ହରି ବଳିୟାରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା (ନଂ.୮୪/୨୩) ରୁଜୁକରି ତଦନ୍ତ ଚଳାଇଥିଲା।

## ଅଶୋକାଷ୍ଟମୀ ରଥଯାତ୍ରା ସମନ୍ୱୟ ବୈଠକ

**ପୁରୁଣା ଭୁବନେଶ୍ୱର, ୨୩।୩(ଡି.ଏନ୍.ଏ.)**

ଆସନ୍ତା ୨୯ତାରିଖରେ ଅଶୋକାଷ୍ଟମୀ ରଥଯାତ୍ରା। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏହି ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର ଅପରାହ୍ନରେ ସର୍କିଟ ହାଉସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପି.କେ.ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରତ୍ୟେକ ବିଭାଗ ଦାୟିତ୍ୱ ଶୃଙ୍ଖଳିତଭାବେ ତୁଲାଇବା ପାଇଁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକ, ରୁଦ୍ର ନନ୍ଦଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବୈଠକରେ କୌଣସି ନିଯୋଗ ପ୍ରମୁଖ ଯୋଗଦେଇ ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

**କାକଟପୁର, ୨୩।୩ (ଡି.ଏନ୍.ଏ.):** କାକଟପୁର ବ୍ଲକ ଦେଉଳୀ ମଠସ୍ଥ ଅଡିଟୋରିୟମରେ, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କାକଟପୁର ଶାଖା ପରିଚାଳକ ବିକାଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ନାବାର୍ଡ ସହାୟତାରେ ଆର୍ଥିକ ସ୍ୱାକ୍ଷର, ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ସମିତି ଜିଲା ସଭାପତି କିଶୋର କୁମାର ଛୋଟରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥି ଶତପଥୀ, ନିର୍ଦ୍ଦେଶକ ପ୍ରାଣକୃଷ୍ଣ ମଲ୍ଲିକ ଯୋଗଦେଇ ପୁରୀ ଜିଲାରେ କୃଷି ଓ କୃଷକର ଉନ୍ନତିରେ ଦୀର୍ଘ ୬୭ବର୍ଷ ଧରି ସମବାୟ ବ୍ୟାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। କୁଣ୍ଡେଇ ସେବା ସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ନାୟକ ବର୍ତ୍ତମାନ ସମବାୟ ସମିତିଗୁଡିକରେ ଦେଖାଦେଇଥିବା ସମସ୍ୟାଗୁଡିକୁ କର୍ମଶାଳାରେ ଉପସ୍ଥାପନା କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଚିତ୍ରେଶ୍ୱରୀ ସମବାୟ ସମିତିର ସମ୍ପାଦକ ଶଶିଭୂଷଣ ମିଶ୍ର, ନାସିକେଶ୍ୱର ସମ୍ପାଦକ ଆଲୋକ କୁମାର ରାଉତ, ସୁହାଗପୁର ସମ୍ପାଦକ ରମେଶ ଚନ୍ଦ୍ର ରାଉତ, କାକଟପୁର ସମ୍ପାଦକ ହରେକୃଷ୍ଣ ନାୟକଙ୍କ ସମେତ ୧୬ଟି ସମିତିର ସମ୍ପାଦକ ଓ ନିର୍ବାଚିତ ସଭାପତିମାନେ ଆୟୋଜିତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

### ବିରଳ ସାପ ଉଦ୍ଧାର



**ପୁରୀ ଅଫିସ, ୨୩।୩:** ପୁରୀ ସହରସ୍ଥ ସିଟି ରୋଡ଼ର ଏକ ଗଳିରୁ ଗୁରୁବାର ବିରଳ ସାପଟିଏ ଉଦ୍ଧାର ହୋଇଛି। ଏହି ସାପର ନାମ ରେଡ୍ ସ୍ୟାଣ୍ଡ ବୋଆ। ସମ୍ପୃକ୍ତ ସ୍ଥାନରେ ଏକ ନିର୍ମାଣାଧୀନ ଘର ପାଖରୁ ସାପଟିକୁ ଉଦ୍ଧାର କରାଯାଇଛି। କାମ ପାଇଁ ଟ୍ରକରେ ଆସୁଥିବା ବାଲିରେ ଏହି ସାପଟି ଚାଲି ଆସିଥିବା ଅନୁମାନ କରାଯାଉଛି। ସାଧାରଣତଃ ଏହି ସାପ ନଦୀପଠା ବାଲି, ଜଙ୍ଗଲ ବାଲି ଓ ପୋଖରୀ ହୁଡ଼ାରେ ଦେଖାଯାଇଥାନ୍ତି। ସାପଟି ପ୍ଲାଏ ଭିତରେ ଲୁଚିକି ରହିବା ସହ ବାଲିରୁ ଛୋଟ ବେଙ୍ଗ, ମାଛି ଇତ୍ୟାଦିଙ୍କୁ ଖାଇଥାନ୍ତି। ଏହି ସାପ ବିଷହୀନ ହୋଇଥିବା ବେଳେ କ୍ୱଚିତ ଦେଖିବାକୁ ମିଳିଥାନ୍ତି। ଏହି ପ୍ରଜାତିର ସାପକୁ ନେଇ ସରକାରୀ ସ୍ତରରେ ଅନେକ କଟକଣା ରହିଛି। ସାଧାରଣତଃ ଏହି ସାପ ୭୫ ସେଣ୍ଟିମିଟର ପର୍ଯ୍ୟନ୍ତ ଲମ୍ବ ଏବଂ ଅଢେଇ କିଲୋ ପର୍ଯ୍ୟନ୍ତ ଓଜନ ହୋଇଥାନ୍ତି। ମିଳିଥିବା ସାପଟି ପ୍ରାୟ ଅଢେଇ ଫୁଟର ହୋଇଥିବା ବେଳେ ପ୍ରାୟ ୮୦୦ରୁ ୯୦୦ ଗ୍ରାମ ଓଜନ। ସ୍ଥାନୀୟ ଲୋକେ ସାପଟିକୁ ଦେଖି ଦେଖି ପୁରୀ ଡିଏଫ୍‌ଓ ଙ୍କୁ ଖବର ଦିଆଯାଇଥିଲା। ପରେ ଡିଏଫ୍‌ଓଙ୍କ ଅନୁରୋଧ କ୍ରମେ ହେଲ୍ପ ଲାଇନ କର୍ମକର୍ତ୍ତା ସାପଟିକୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଥିଲେ।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର

**କୋଣାର୍କ, ୨୩।୩ (ଡି.ଏନ୍.ଏ.)**

କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀସ୍ଥିତ କଲେଜ ଅଫ୍ ଫାର୍ମାସିଟିକାଲ ସାଇସେନ୍ସ ପକ୍ଷରୁ ଜାତୀୟ ଫାର୍ମାସୀ ଶିକ୍ଷା ଦିବସ ଅବସରରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରଫେସର ଅମିୟକାନ୍ତ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଏହି ଶିବିରକୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ପ୍ରଧାନ ଶିକ୍ଷକ ପ୍ରଦୀପ ପଣ୍ଡା, ଏଚ୍‌ଓଡି ପ୍ରଫେସର ଚିନ୍ମୟ କେଶରୀ ସାହୁ, ସହକାରୀ ପ୍ରଫେସର ଯଶସ୍ୱୀ ରାୟ, ସୁନୀତା ମିଶ୍ର, ଅନୁପ ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ରୋଗର ମାଗଣା ଚିକିତ୍ସା କରିବା ସହ ପରୀକ୍ଷା କରାଇ ଔଷଧ ନେଇଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।





ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ରାଷ୍ଟ୍ରୀୟ ନବବର୍ଷରେ ସଂକୀର୍ତ୍ତନ ଶୋଭାଯାତ୍ରା

**ପୁରୀ ଅଫିସ, ୨୩।୩**

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ସଂଯୋଜନାରେ ଗୁରୁବାର ପୁରୀ ସହରର ବିଭିନ୍ନ ଧର୍ମାନୁଷ୍ଠାନ ଯଥା- ଆଦିତ୍ୟ ବାହିନୀ, ଗୋବର୍ଦ୍ଧନ ପୀଠ, ବିବେକାନନ୍ଦ କେନ୍ଦ୍ର, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଶିକ୍ଷା ବିକାଶ ସମିତି, ବିଶ୍ୱହିନ୍ଦୁ ପରିଷଦ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବଜରଙ୍ଗ ଦଳ ପ୍ରଭୃତି ପକ୍ଷରୁ ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ମଠ ଓ ମନ୍ଦିରରୁ ଆସିଥିବା ୧୦ଟି ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଏକ ଶୋଭାଯାତ୍ରା ଟାଉନ ଥାନାଠାରୁ ବାହାରିଥିଲା। ଏହି ଶୋଭାଯାତ୍ରା ବଡ଼ଦାଣ୍ଡରେ ବିଭିନ୍ନ ଝାଙ୍କି ଓ ଗୈରିକ ପତାକା ସହ ଶ୍ରୀଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ପହଞ୍ଚିବା ପରେ ସେଠାରେ ସଭାକାର୍ଯ୍ୟ ହୋଇଥିଲା। ଏହିଦିନର ମହତ୍ତ୍ୱ ବିଷୟରେ ସମସ୍ତ ସଙ୍ଗଠନର ମୁଖ୍ୟମାନେ ଆଲୋକପାତ କରିଥିଲେ। ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହସମ୍ପାଦକ ରଞ୍ଜନ କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ହରିହର ହୋତା, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ପ୍ରିୟମ୍ବଦା ଦାଶ, ଅବସରପ୍ରାପ୍ତ ବିଚାରପତି ରାଜକିଶୋର ଜେନା, ଆଦିତ୍ୟ ବାହିନୀର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପ୍ରାନ୍ତ କୋଷାଧ୍ୟକ୍ଷ ଓ ଭାରତ ବିକାଶ ପରିଷଦର ସଚିବ ସୌମେନ୍ଦ୍ର ଦାସ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଦିଲ୍ଲିପ ଭାଇ, ଶିକ୍ଷା ବିକାଶ ସମିତିର ଡ. ପ୍ରଫେସର ଅଭିମନ୍ୟୁ ଭୂୟାଁ, ବରିଷ୍ଠ ସେବାୟତ ଓ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ସିଂହାରୀ ଏବଂ ବୌଦ୍ଧିକ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ତନ୍ମୟ ମହାପାତ୍ର ଯୋଗଦେଇଥିଲେ। ଇଂଲିଶ ନବବର୍ଷ ଓ ରାଷ୍ଟ୍ରୀୟ ନବବର୍ଷ ବିଷୟରେ ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନରୁ ଆସିଥିବା ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଭାକାର୍ଯ୍ୟକୁ ପୁରୁଷୋତ୍ତମ ନାୟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିକାଶ ଦତ୍ତ ପରିଚାଳନା କରିଥିଲେ।



ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ବାହାରିଥିବା ସଂକୀର୍ତ୍ତନ ଶୋଭାଯାତ୍ରା।

## ନାବାଳିକାଙ୍କୁ ବଳାତ୍କାର ମାମଲା
# ୩ ବର୍ଷ ପରେ ଅଭିଯୁକ୍ତ ଗିରଫ



**କେନ୍ଦୁଝର,୨୩।୩(ସ୍ୱ.ପ୍ର):** କେନ୍ଦୁଝର ଜିଲା ସଦର ଥାନା ପୋଲିସ ଏକ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ୩ ବର୍ଷ ପରେ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କଣ୍ଡରାପୋଷି ଗ୍ରାମର ମାନସ ସଲକି(୨୭)। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ୨୦୨୦ ମାର୍ଚ୍ଚ ୨୬ତାରଖରେ ସଦର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ପୋକ୍ସୋ ଆକ୍ଟ(ନଂ.୧୪୦/୨୦୨୦)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଘଟଣା ପରେ ଫେରାର ହୋଇଯାଇଥିଲେ। ତିନିବର୍ଷ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# କୃଷକଙ୍କୁ ଆତ୍ମନିର୍ଭର କରିବାରେ ବୈପ୍ଳବିକ ପଦକ୍ଷେପ: କୃଷିମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୩(ପିଆଇବି)

କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ନୂଆଦିଲ୍ଲୀର କୃଷି ଭବନଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଡିଜିକ୍ଲେମ ନାମକ ଏକ ଡିଜିଟାଲ ମଡ୍ୟୁଲର ଶୁଭାରମ୍ଭ କରିଛନ୍ତି। ଜାତୀୟ ଫସଲ ବୀମା ପୋର୍ଟାଲ (ଏନସିଆଇପି) ଜରିଆରେ ବୀମା କ୍ଷତିପୂରଣ ଦାବି ପାଇଁ ଏହା ଏକ ଡିଜିଟାଲ ବ୍ୟବସ୍ଥା। ଏହି ସ୍ୱୟଂକ୍ରିୟ ଦାବି ସମାଧାନ ପ୍ରକ୍ରିୟା ସବୁ ବୀମାଭୁକ୍ତ ଚାଷୀମାନଙ୍କ ଜୀବନକୁ ସହଜ କରିବ। କୃଷକମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଶକ୍ତ କରିବାରେ ଏହା ଏକ ବୈପ୍ଳବିକ ପଦକ୍ଷେପ ବୋଲି ତୋମାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧୁରୀ, ଉତ୍ତରପ୍ରଦେଶ କୃଷିମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରଣାଳୟର ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ଚାଷୀମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏବଂ ସ୍ୱୟଂକ୍ରିୟ ଭାବେ ଡିଜିଟାଲ ମାଧ୍ୟମରେ ବୀମା ଦାବି ଅର୍ଥ ପ୍ରଦାନ କରିବା ଲାଗି ଏଭଳି ଏକ କ୍ରାନ୍ତିକାରୀ ପଦକ୍ଷେପ ଖୁସିର ବିଷୟ। ଡିଜିକ୍ଲେମ ମଡ୍ୟୁଲ ଶୁଭାରମ୍ଭ ସହିତ ଗୁରୁବାର ମୋଟ ୧୨୬୦.୩୫ କୋଟି ଟଙ୍କାର ବୀମା ଦାବି ମାତ୍ର ଗୋଟିଏ ବଟନ କ୍ଲିକ୍‌ରେ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯାଇଛି। ଏହାଦ୍ୱାରା ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଛତିଶଗଡ଼, ଉତ୍ତରାଖଣ୍ଡ ଓ ହରିୟାଣାର ଚାଷୀ ଲାଭବାନ ହୋଇଛନ୍ତି। ଆଗକୁ ବୀମା କ୍ଷତିପୂରଣ ଦାବି ଅର୍ଥ ବିତରଣ ସମୟରେ ଏହି ପ୍ରକ୍ରିୟା ଅବଲମ୍ବନ କରାଯିବ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ। ଫସଲ ବୀମା ଦାବିର ସ୍ୱୟଂକ୍ରିୟ ହିସାବ ଏବଂ ବିତରଣର ଆଧୁନିକ ପ୍ରଯୁକ୍ତିଗତ ସମାଧାନ ଲାଗି ଜାରି ରହିଥିବା ପ୍ରୟାସ ଦିଗରେ ଡିଜିକ୍ଲେମ ମଡ୍ୟୁଲ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଏକ ନୂଆ ଅଧ୍ୟାୟ ଯୋଡିଛି।




ଡିଜିକ୍ଲେମ୍ ଶୁଭାରମ୍ଭ କଲେ ତୋମାର

# ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ
## ପ୍ରଶାସନ ସହାୟତାରେ ଫେରିଲା ମୃତଦେହ

**ଦିଗପହଣ୍ଡି,୨୩।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଉଡ଼ିଆ ଗ୍ରାମର ଜିତେନ୍ଦ୍ର ଦଳାଇଙ୍କ ମରଶରୀର ଗୁରୁବାର ଗୁଜୁରାଟ ସୁରଟରୁ ଗାଁ ରେ ପହଞ୍ଚିଛି। ସୁରଟ ସହରର ଏକ ସୂତାକଳରେ ସେ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତି ପୋଷଣ କରୁଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଖରାପ ହେବା ଫଳରେ ତାଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିତେନ୍ଦ୍ରଙ୍କ ମର ଶରୀରକୁ ଜନ୍ମମାଟିକୁ ଆଣିବା ପାଇଁ ପରିବାର ଲୋକେ ପ୍ରଶାସନ ନିକଟରେ ନିବେଦନ କରିଥିଲେ। ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ସବିଶେଷ ତଥ୍ୟ ଜଣାଇଥିଲେ। ମରଶରୀର ଆଣିବା ପାଇଁ ଜିଲାପାଳ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିବାରୁ ସେହି ଅଞ୍ଚଳରେ କାମ କରୁଥିବା କିଛି ଓଡ଼ିଆଙ୍କ ସହଯୋଗ କ୍ରମେ ଗୁରୁବାର ଜିତେନ୍ଦ୍ରଙ୍କ ମର ଶରୀର ଗାଁରେ ପହଞ୍ଚିଥିଲା।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
Lifeline of Odisha
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ସାଧାରଣ ପରିଚାଳକ (ବିଦ୍ୟୁତ) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର
CIN-U40102OR2004SGC007553

No.CAD-5264

ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ ଦ୍ୱାରା ୨୨୦/୧୩୨/୩୩ କେ.ଭି ଗ୍ରୀଡ ସବ୍ ଷ୍ଟେସନ ଧାମରା, ସା-ବାଲିମୁଣ୍ଡା ପାଇଁ ୨୨୦ କେ.ଭି ଲାଇନ୍ ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି।

ଏହି ଲାଇନଟି ସୁଗୁଡା, ରୁଡୁଙ୍ଗା, ବାପାଡିହା, ଆନନ୍ଦପୁର, ତିରଖୁଆ, ଭାନୁଆ, କବସିଂ, ନଇଛନପୁର, ତୁଳମତୁଳା, ଅରୁଣଡୁଆ, ନରସିଙ୍ଗପୁର, ବଡଚନ୍ଦ୍ରଭାନୁପୁର, ଜୟପୁର, ସାହାମାଗାଡିଆ, ସାବରପୁର, ଶୁକଦେବପୁର, ବାଗଡାବିନାୟକପୁର, କଳସିଆ, ସୁଗୁଡା, ଖରିଦାବିନାୟକପୁର, ପ୍ରବୋଧପୁର, ରାଧାକାନ୍ତପୁର, ରାମଚନ୍ଦ୍ରପୁର, ସାନକୃଷ୍ଣପୁର, ପରପୋଖରୀ, ନଟିଆପାଲ, କିସ୍ମତକୃଷ୍ଣପୁର, ଶ୍ରୀରାମଗଡିଆ, ବିଦେଇପୁର, କାଳିଆବଦା, ତେନ୍ତୁଳି ଆଡିଆ, ଛେନାଖିଆ, ବାଲିମୁଣ୍ଡା, ମଲ୍ଲିକାଦେଇପୁର, ବ୍ରଜାନନ୍ଦପୁର ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି। ଉକ୍ତ ଲାଇନରେ ଆସନ୍ତା ତା - ୨୯.୦୩.୨୦୨୩ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦, ୮୨(କ) ଅନୁଯାଇ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ। ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍। ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି, ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେନାହିଁ।

ସ୍ୱା/-ଉପ ସାଧାରଣ ପରିଚାଳକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର
FIPR-83/2022-23
OIPR-04011/11/0198/2223

# ଜେଲରଙ୍କ ବିରୋଧରେ ଯୌନ ନିର୍ଯାତନାର ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କଟକ ଅଫିସ,୨୩।୩

ସମ୍ବଲପୁର ରେଢ଼ାଖୋଲ ସବ୍‌ଜେଲ୍‌ର ପୂର୍ବତନ ଜେଲର୍‌ଙ୍କ ବିରୋଧରେ ହାଇକୋର୍ଟରେ ଆଗତ ଯୌନ ନିର୍ଯାତନା ମାମଲାର ଶୁଣାଣି ଗୁରୁବାର ହୋଇଛି। ବିଚାରପତି ଏସ୍. କେ. ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରି ଆସନ୍ତା ୨ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ପାଇଁ ରେଢାଖୋଲ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଯୌନ ନିର୍ଯାତନାର ଶିକାର ହୋଇଥିବା ମହିଳା ୱାର୍ଡର ବିଲମଣି ମୁଣ୍ଡା କଣ୍ଟୁଲନା ପୋଲିସର ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ରେଢ଼ାଖୋଲ ସବ୍‌ଜେଲ୍‌ରେ ୱାର୍ଡର ଭାବେ କାର୍ଯ୍ୟ କରୁଥିବା ଅନୁସୂଚିତ ଜାତିର ମହିଳା ବିଲମଣିଙ୍କୁ ପୂର୍ବତନ ଜେଲର ସନ୍ତୋଷ କୁମାର ଦୁର୍ଗା ଜେଲ୍‌ରେ କାର୍ଯ୍ୟରତ ସମୟ ମଧ୍ୟରେ ଯୌନ ନିର୍ଯାତନା ଦେଇଥିଲେ। ଏନେଇ ବିଲମଣି ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ମାମଲା ରୁଜୁ କରି ନ ଥିଲା। ଫଳରେ ସେ ୨୦୨୨ ମାର୍ଚ୍ଚ ୧୧ରେ ରେଢ଼ାଖୋଲ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ତଥାପି କୌଣସି ସୁଫଳ ମିଳି ନ ଥିଲା। ଏ ନେଇ ସେ ରେଢ଼ାଖୋଲ ସ୍ୱତନ୍ତ୍ର କୋର୍ଟରେ ଏକ ମାମଲା ଦାଏର କରିଥିଲେ। ସ୍ୱତନ୍ତ୍ର କୋର୍ଟ ରେଢ଼ାଖୋଲ ଏସ୍‌ଡିପିଓଙ୍କୁ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ପୋଲିସ କୌଣସି ତଦନ୍ତ କରି ନ ଥିଲା। ଶେଷରେ ସେ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଏହି ମାମଲାରେ ରାଜ୍ୟ ଗୃହ ବିଭାଗ ସଚିବ, ଡିଜିପି, ସମ୍ବଲପୁର ଏସ୍‌ପି ଓ ରେଢ଼ାଖୋଲ ଏସ୍‌ଡିପିଓଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦିଲୀପ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଆର୍‌ଟିଆଇରେ ମିଳୁନି ଜେଲ ସମ୍ପର୍କିତ ସୂଚନା

କଟକ ଅଫିସ,୨୩।୩

ଭୁବନେଶ୍ୱର ଝାରପଡ଼ାସ୍ଥିତ ସ୍ୱତନ୍ତ୍ର ଜେଲରେ ବିଭିନ୍ନ ଅନିୟମିତତା ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ମିଳୁନାହିଁ। ଏ ନେଇ ସାମାଜିକ କର୍ମୀ ଡ. ସୁନୀଲ କୁମାର ରଥ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜେଲ ଡିଜିଙ୍କୁ ସୂଚନା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଲୋକାୟୁକ୍ତଙ୍କୁ ନିବେଦନ କରାଯାଇଛି। ପିଟିଶନ୍‌ର ବିବରଣୀ ଅନୁସାରେ, ଝାରପଡ଼ା ଜେଲରେ ଅନେକ ଅନିୟମିତତା ତଥା ବେଆଇନ କାର୍ଯ୍ୟକଳାପ ଚାଲିଛି। ଆବେଦନକାରୀ ଏନେଇ ଜେଲ ଡିଜିଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରି କି ଝାରପଡ଼ା ଜେଲ ଭିତରେ ଗୁଟ୍‌ଖା ଦୋକାନ ଖୋଲାଯାଇ ଅନ୍ତେବାସୀଙ୍କୁ ବିକ୍ରି କରାଯାଉଥିବା ସେ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ସେହିପରି ଝାରପଡ଼ା ଜେଲ୍‌ର ଜେଲର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ରାଜ୍ୟ ଭିଜିଲାନ୍ସରେ ମଧ୍ୟ ଅଭିଯୋଗ କରିଛନ୍ତି ଆବେଦନକାରୀ ଡ. ରଥ। ଜେଲର କାହିଁକି ସୂଚନା ଅଧିକାର ଆଇନ ବଳରେ ସୂଚନା ପ୍ରଦାନ କରୁନାହାନ୍ତି ତାହାର ତଦନ୍ତ କରିବାକୁ ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ଭିଜିଲାନ୍ସ, ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ

# ପୋଖରୀରେ ବୁଡ଼ିଗଲା କାର୍



**କବିସୂର୍ଯ୍ୟନଗର,୨୩।୩(ଡି.ଏନ.ଏ.):** ରାସ୍ତା କଡ଼ ପୋଖରୀ ଭିତରେ ବୁଡିଗଲା କାର। ଦୁର୍ଘଟଣାଗ୍ରସ୍ତ କାର ଭିତରେ ଥିବା ଦୁଇଜଣ ବର୍ତ୍ତିଯାଇଥିବା ଜଣାଯାଇଛି। କବିସୂର୍ଯ୍ୟନଗର ଥାନା ଆଠଗଡ ପାଟଣା -ଛିନ୍ନମସ୍ତା ମନ୍ଦିର ନିକଟରେ ବୁଧବାର ରାତିରେ ଫୁଲବାଣୀରୁ ଭେଜିପୁଟ ଯାଉଥିବା ଏକ ଧଳା ରଙ୍ଗର ସ୍ୱିଫ୍ଟ କାର ଭାରସାମ୍ୟ ହରାଇ କଲଭର୍ଟକୁ ପିଟିହୋଇ ରାସ୍ତାକଡ଼ ପୋଖରୀରେ ବୁଡ଼ିଯାଇଥିଲା। କାରରେ ବସିଥିବା ଦୁଇଜଣ କୌଶଳ କ୍ରମେ ବାହାରକୁ ବାହାରି ଆସିଥିଲେ। ଗୁରୁବାର ସକାଳୁ ସକାଳୁ ସ୍ଥାନୀୟ ଲୋକେ କାରଟିକୁ ପୋଖରୀରୁ ବାହାର କରିଥିଲେ।

# ବୌଦ୍ଧରୁ ୨ ବଜ୍ରକାପ୍ତା ଉଦ୍ଧାର, ଦୁଇ ଗିରଫ

ଭୁବନେଶ୍ୱର/ବୌଦ୍ଧ, ୨୩।୩(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ବନ୍ୟପ୍ରାଣୀ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବାରମ୍ବାର ଚଢ଼ାଉ କରି ର୍ୟାକେଟକୁ ଧରିବା ସହ ଜବତ ଓ ଗିରଫ କରୁଥିବାରୁ ବନ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠୁଛି। ନିକଟରେ ଏକ ଫାଷ୍ଟଫୁଡ୍ ଦୋକାନରୁ ଗୋଟିଏ ବାଘ ଓ ଦୁଇଟି ହରିଣ ଚମଡ଼ା ଜବତ ହୋଇଥିବାବେଳେ ଜଣଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। ଏବେ ଆଉ ଏକ ର୍ୟାକେଟ ଧରାପଡିଛି। ବ୍ରଜକାପ୍ତା ବିକ୍ରି ପାଇଁ ଡିଲ୍ ଚାଲିଥିବାବେଳେ ଏସ୍‌ଟିଏଫ୍ ଟିମ୍ ବୌଦ୍ଧ ସହରର ବାଇପାସ ରାସ୍ତାର ପଲାଶଠାରେ ଚଢାଉ କରି ୨ ଚୋରାଚାଲାଣକାରୀଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ଦୁଇଟି ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଜାମୁଖୋଲ ଗ୍ରାମର ଉତ୍ସବ କହଁର ଓ ପ୍ରଶାନ୍ତ କୁମାର ବେହେରା। ଏସ୍‌ଟିଏଫ୍ ଅଧିକାରୀମାନେ ଏମାନଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛନ୍ତି। ଉଦ୍ଧାର ବଜ୍ରକାପ୍ତା ମଧ୍ୟରୁ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ହୋଇଥିବାବେଳେ ଗୋଟିଏ ୧୩ କେଜି ଓ ଅନ୍ୟଟି ୧୦ କେଜି ଓଜନର ବୋଲି ଜଣାପଡିଛି। ଉକ୍ତ ଦୁଇ ବଜ୍ରକାପ୍ତାକୁ ବୌଦ୍ଧ ଡିଏଫ୍‌ଓଙ୍କୁ ହସ୍ତାନ୍ତର ପରେ କୁଶଙ୍ଗ ଅଞ୍ଚଳର ଜଙ୍ଗଲରେ ଛଡା ଯାଇଛି। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୬/୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



GRIDCO LIMITED
GRIDCO
Empowering Odisha
( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960

NOTIFICATION

BULK SUPPLY PRICE EFFECTIVE FROM 1st APRIL, 2023

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an order on 23.03.2023 in Case Nos. 78 of 2022 and 79 of 2022 with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2023 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

**The GRIDCO Ltd. hereby notifies the schedule of Bulk Supply Price as given below:**

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (G) below and applicable for supply of power with effect from 01.04.2023 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| TPCODL | - | 305.00 | paise per kWh |
| TPNODL | - | 335.00 | paise per kWh |
| TPWODL | - | 390.00 | paise per kWh |
| TPSODL | - | 210.00 | paise per kWh |

(B) **Power Purchase Surcharge:** In addition to its energy charges, TPWODL shall pay GRIDCO Ltd. a Bulk Supply Price surcharge @ 30 paise per kWh on the total energy purchased from GRIDCO on quarterly basis excluding energy purchased above 80% load factor under Tripartite Agreement.

(C) **Adjustment for Overdrawal of Energy:** Any over drawal of energy by the Distribution Licensee(s) will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till Intra-State DSM Regulations comes into force in the State. Thereafter, overdrawal/underdrawal of energy by the Distribution Licensee(s) shall be regulated under the provisions of Intra-State DSM Regulations.

(D) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2023-24. Permitted SMD would mean monthly SMD recorded upto maximum of 10% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per KVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per KVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(E) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(F) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(G) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website **www.orierc.org** as well as in the website of GRIDCO Ltd. **www.gridco.co.in** .

Place : Bhubaneswar
Dated : 23/03/2023

Sd/-
Managing Director
GRIDCO Ltd.

# ଅଲୋଡ଼ା ଛଉଗ୍ରାମ, ଅବହେଳିତ ନୃତ୍ୟ

- ସ୍ୱାଗତ ସମ୍ବର୍ଦ୍ଧନାରେ ନାଚୁଛନ୍ତି କଳାକାର
- ରଙ୍ଗ, ପୋଷାକ କିଣିବାକୁ ଅସମର୍ଥ
- କଳା ପ୍ରତି ଯୁବପିଢ଼ି ମୁହଁ ଫେରାଉଛନ୍ତି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୨୩।୩

ଖଣି ଓ ଶିଳ୍ପର ପ୍ରାଚୁର୍ଯ୍ୟ ମଧ୍ୟରେ କେନ୍ଦୁଝର ଜିଲାରେ ପ୍ରାଚୀନ ଲୋକନୃତ୍ୟ କଳା ଛଉନୃତ୍ୟ ପ୍ରସିଦ୍ଧି ଲାଭ କରିଥିଲା। ଏକଦା କଳାକାରମାନେ ଜିଲା ଓ ଜିଲା ବାହାରେ ନିଜ କଳା ପ୍ରଦର୍ଶନ କରି ସୁନାମ ଅର୍ଜନ ସହ ପୁରସ୍କୃତ ହୋଇଥିଲେ। ପ୍ରୋତ୍ସାହନ ଓ ଅବହେଳା କାରଣରୁ ଲୋକନୃତ୍ୟ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଛଉଗ୍ରାମ ଭାବେ ପ୍ରସିଦ୍ଧି ଲାଭ କରିଥିବା ଅସନପାଟ ଏବେ ଅଲୋଡ଼ା ହୋଇଯାଇଛି। ମୟୂରଭଞ୍ଜ ଜିଲାରେ କଳାର ବିକାଶ ଘଟୁଥିବା ବେଳେ କେନ୍ଦୁଝରରେ ନିମ୍ନଗାମୀ ହେବାକୁ ନେଇ କଳାକାରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଳାକାର ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରିବାରୁ ଯୁବପିଢ଼ି କଳା ପ୍ରତି ମୁହଁ ମୋଡୁଥିବା ବେଳେ ଲୋକେ ଉକ୍ତ ଗ୍ରାମ ଓ ଲୋକକଳାକୁ ଭୁଲିଗଲେଣି।

ଜିଲା ମୁଖ୍ୟାଳୟଠାରୁ ୩୫ କି.ମି. ଦୂର ଝୁମ୍ପୁରା ବ୍ଲକ୍‌ର 'ଛଉଗ୍ରାମ' ଭାବେ ପରିଚିତ ଅସନପାଟ ଗ୍ରାମରେ ପାଖାପାଖି ଏକ ହଜାର ପରିବାର ବସବାସ କରନ୍ତି। ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଗ୍ରାମର ୬ ସାହିରେ ୬ ଛଉ ନାଟ୍ୟ ସଂଘ ରହିଛି। ଏହା ବ୍ୟତୀତ ଆଖପାଖ ଗ୍ରାମରେ ମଧ୍ୟ ଛଉ ନୃତ୍ୟ ସଂଘ ଗଠନ ହୋଇଛି। ପ୍ରତ୍ୟେକ ସାହିରେ ସ୍ଥାୟୀ ପେଣ୍ଡାଲ ମଧ୍ୟ ରହିଛି। ଏଥି ମଧ୍ୟରେ ଲକ୍ଷ୍ମୀ ନାରାୟଣ ଛଉନାଟ୍ୟ ସଂଘ, ମା' ପାଟ ବାସୁଳି, ଶିବ ତାଣ୍ଡବ, କେଦାରଗୌରୀ, ରାମକୃଷ୍ଣ, ବାସୁଳାଇ କଳାମନ୍ଦିର, ନୀଳକଣ୍ଠେଶ୍ୱର, ହରପାର୍ବତୀ, ଦୁର୍ଗତିନାଶିନୀ ଆଦି ନାଟ୍ୟ ସଂଘ ବା ଗ୍ରୁପ ରହିଛି। ପ୍ରତ୍ୟେକ ଗ୍ରୁପରେ ପାଖାପାଖି ୨୦ ଜଣ କଳାକାର ରହିଥିବା ବେଳେ ସ୍ୱର୍ଣ୍ଣପଦ୍ମା ବସ୍ତ୍ରହରଣ, କିରାତ ଅର୍ଜୁନ, ଛଦ୍ମବେଶୀ, ଦଶାବତାର, କାଞ୍ଚି ଅଭିଯାନ, ବଂଶୀ ଚୋରି, ଗରୁଡ଼ ବାହାନ ଓ କାଳି ରକ୍ତ ଆଦି ବହୁ ପୌରାଣିକ ବିଷୟ ଉପରେ ଛଉନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଣ୍ଟିଛନ୍ତି।

ସହାୟତା ଓ ପ୍ରୋତ୍ସାହନ ଆଶାରେ ଦଳଗୁଡିକ ପଞ୍ଜୀକରଣ କରାଯାଇଥିଲେ ହେଁ କଳା ପ୍ରଦର୍ଶନ ପାଇଁ କୌଣସି ବ୍ୟବସ୍ଥା ନାହିଁ କିମ୍ବା ଆର୍ଥିକ ସହାୟତା ମିଳୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ପେଣ୍ଡାଲ ନଷ୍ଟ ହୋଇଗଲାଣି। ଅର୍ଥାଭାବରୁ କଳାକାରମାନେ ସଜ୍ଜିତ ହେବାକୁ ରଙ୍ଗ କିମ୍ବା ରଙ୍ଗବେରଙ୍ଗ ପୋଷାକ କିଣିପାରୁନାହାନ୍ତି। ପେଟ ପୋଷିବା ପାଇଁ କଳାକଳାମାନେ ବିଭିନ୍ନ ସଭାସମିତିରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ରାସ୍ତାକଡ଼ରେ ନାଚିବାକୁ ପଡୁଥିବା ସୁରେନ୍ଦ୍ର ନାୟକଙ୍କ ସମେତ କଳାପ୍ରେମୀ କହିଛନ୍ତି। ଏକଦା ଅସନପାଟ ଗ୍ରାମରୁ ମିଳିଥିବା ବିରଳ ନଟରାଜ-ଅଷ୍ଟଭୁଜା ଶିବଙ୍କ ମୂର୍ତ୍ତି ୧୯୭୦ରେ ଲୋକଲୋଚନକୁ ଆସିଥିଲା; ଯାହାକି ଏବେ ରାଜ୍ୟ ସଂଗ୍ରହାଳୟରେ ରହିଛି। କିନ୍ତୁ ଗ୍ରାମକୁ ଛଉଗ୍ରାମର ମାନ୍ୟତା ପାଇଁ ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି ପ୍ରଶାସନ ଆନ୍ତରିକତା ଦେଖାଉନାହିଁ।

ତତ୍କାଳୀନ କେନ୍ଦୁଝର-ମୟୂରଭଞ୍ଜ ରାଜ୍ୟ ଓ ବିଚ୍ଛିନ୍ନାଞ୍ଚଳ (ଝାଡ଼ଖଣ୍ଡ)ରେ ଶାସନାଧୀନ ଭଞ୍ଜ ରାଜବଂଶ ସମୟରୁ ଏହି ନୃତ୍ୟକଳା ଚାଲିଆସୁଥିବା କୁହାଯାଉଛି। ସେ ସମୟରେ କଳାକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ଆଜି ବହୁ ପରିବାର କଳାକୁ ଦୁଃଖଦୁର୍ଦ୍ଦଶାରେ ମଧ୍ୟ ଛାଡ଼ି ପାରୁନାହାନ୍ତି। ଝାଡ଼ଖଣ୍ଡ ରାଜ୍ୟର ସଡ଼େଇକଳା-ଖରସୁଆଁ, ମୟୂରଭଞ୍ଜ ଜିଲା ବାରିପଦାରେ କଳାର ବିକାଶ ହୋଇଥିବା ବେଳେ କେନ୍ଦୁଝରରେ ଅବକ୍ଷୟ ହେବାକୁ ବସିଛି। ପ୍ରୋତ୍ସାହନ ଅଭାବରୁ ଯୁବଗୋଷ୍ଠୀ ଉକ୍ତ କଳାରୁ ମୁହଁ ଫେରାଉଛନ୍ତି। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ବରିଷ୍ଠ କଳାକାର ଜହରଲାଲ ନାଏକ, କୃଷ୍ଣ ନାୟକ କହିଛନ୍ତି। ପ୍ରତିବର୍ଷ ପଣାସଂକ୍ରାନ୍ତି ସମୟରେ ଗ୍ରାମର ଆରାଧ୍ୟ ଦେବୀ ମା' ବାସୁଳୀଙ୍କ ପୀଠରେ ସମସ୍ତ ଦଳ ପୂଜାପାଠ କରିଥାନ୍ତି। କଳାକାରମାନେ ରଙ୍ଗବେରଙ୍ଗ ପୋଷାକରେ ସଜ୍ଜିତ ହୋଇ ଛଉନୃତ୍ୟର ଶୁଭାରମ୍ଭ କରିଥାନ୍ତି। ଆଗକୁ ପଣାସଂକ୍ରାନ୍ତି ଆସୁଥିବାରୁ ପ୍ରଶାସନ ଗ୍ରାମକୁ ଛଉ ଗ୍ରାମରେ ଘୋଷଣା କରି ବିକାଶ କରିବାକୁ ସ୍ଥାନୀୟ ଲୋକ ଆଶାବ୍ୟକ୍ତ କରିଛନ୍ତି। ଏନେଇ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ କହିଛନ୍ତି, ଐତିହ୍ୟସମ୍ପନ୍ନ ଗ୍ରାମ ଓ ପୁରୁଣା ନୃତ୍ୟକଳାର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।



ପାରମ୍ପରିକ ପୋଷାକରେ ଛଉ ନୃତ୍ୟଶିଳ୍ପୀ।

# ମୃତ୍ୟୁ ପୂର୍ବରୁ ଜିଜ୍ଞାସାଙ୍କୁ ୯୭ ସେକେଣ୍ଡର ଶେଷ କଲ୍

**ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା**

- **ଭଉଣୀଙ୍କୁ ପଠାଇଥିଲେ ବ୍ୟାଙ୍କ, ଏଟିଏମ୍ ପାସ୍‌ୱାର୍ଡ**
- **ଡିଜିଟାଲ ପ୍ରମାଣ ଯାଞ୍ଚ କରୁଛି ସ୍ୱତନ୍ତ୍ର ସାଇବର ଟିମ୍**



ଡିଜେ ଆଜେକ୍ସ ଓରଫ ଅକ୍ଷୟ କୁମାର ମହାରଣା


ଡିଜେ ଆଜେକ୍ସଙ୍କ ବାନ୍ଧବୀ ଜିଜ୍ଞାସା

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁବାର ୬ଦିନ ପୂରିଛି। ମାମଲାକୁ ନେଇ ରହସ୍ୟ ଲାଗି ରହିଥିବାବେଳେ ଆତ୍ମହତ୍ୟାର ଉଦ୍ଦେଶ୍ୟ ସମ୍ପର୍କରେ ପୋଲିସ ଏଯାଏ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। କେବଳ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଆଇପିସି ଦଫା ୩୦୬ରେ ମାମଲା ରୁଜୁ କରି ତଦନ୍ତକୁ ଆଗକୁ ବଢ଼ାଇଛି। ବାନ୍ଧବୀ ଜିଜ୍ଞାସା ଓ ତାଙ୍କ ନୂଆ ପୁରୁଷବନ୍ଧୁ ରଶ୍ମିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରିବାର ଲୋକେ ବାରମ୍ବାର ଦାବି କରୁଥିଲେ ମଧ୍ୟ ପୋଲିସ ଆବଶ୍ୟକ ପ୍ରମାଣ ପାଇପାରୁ ନ ଥିବାରୁ ପଦକ୍ଷେପ ନେବାକୁ ସମୟ ଗଡ଼ାଉଛି। ଏଭଳିସ୍ଥିତିରେ ମାମଲାକୁ ନେଇ ପ୍ରତ୍ୟେକ ଦିନ ନୂଆ ନୂଆ ତଥ୍ୟ ଆସୁଥିବାରୁ ଚାରିଆଡ଼େ ଅଧିକ ଚର୍ଚ୍ଚା ଲାଗି ରହିଛି। ତେବେ ଆଜେକ୍ସଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ପୋଲିସ ଯାଞ୍ଚ କରିବାବେଳେ ସେ ମୃତ୍ୟୁ ପୂର୍ବରୁ ବାନ୍ଧବୀ ଜିଜ୍ଞାସାଙ୍କୁ ୯୭ ସେକେଣ୍ଡର ଶେଷ କଲ୍ କରି କଥା ହୋଇଥିବା ଜଣାପଡ଼ିଛି। ଶନିବାର ଅର୍ଥାତ୍ ୧୮ ତାରିଖ ସନ୍ଧ୍ୟାରେ ବାନ୍ଧବୀଙ୍କୁ କଲ୍ କରି ଆଜେକ୍ସ ବାରମ୍ବାର ମନାଇବାକୁ ଚେଷ୍ଟା କରିଥିଲେ। ଜିଜ୍ଞାସାଙ୍କୁ ବୁଝାଇବା ସହ ସମ୍ପର୍କ ନ ଭାଙ୍ଗିବାକୁ ବାରମ୍ବାର ଉକ୍ତ କଲ୍‌ରେ ନିବେଦନ କରୁଥିଲେ। ହେଲେ ଜିଜ୍ଞାସା ତାଙ୍କ କଥା ରଖି ନ ଥିବାରୁ ଆଜେକ୍ସ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ ବୋଲି ସୂଚନା ମିଳିଛି। ଏପରି କି ଏହାର କିଛି ସମୟ ପରେ ଜିଜ୍ଞାସା କରିଥିବା ଭିଡିଓ କଲ୍‌କୁ ମଧ୍ୟ ଆଜେକ୍ସ ରିସିଭ୍ କରିପାରି ନ ଥିଲେ। ତେଣୁ ଏହି ଭିଡିଓ କଲ୍ ପୂର୍ବରୁ ଆଜେକ୍ସଙ୍କ ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ସେହିପରି ସେହି ସମୟରେ ନିଜ ଭଉଣୀ ଅନିଷାରାଣୀଙ୍କୁ ମଧ୍ୟ ସେ ହ୍ୱାଟ୍ସଆପ୍ ଜରିଆରେ ଶେଷ ମେସେଜ୍ ପଠାଇଥିଲେ। ଏହି ମେସେଜ୍‌ରେ ତାଙ୍କ ମୋବାଇଲ୍ ଫୋନ୍ ପାସ୍‌ୱାର୍ଡ ସମେତ ବ୍ୟାଙ୍କ ଆକାଉଣ୍ଟ, ଫୋନ୍‌ପେ ଓ ଏଟିଏମ୍ ପାସ୍‌ୱାର୍ଡ ଆଦି ରହିଥିଲା। ମାନସିକ ଚାପରେ ଆଜେକ୍ସ ଏଭଳି ନିଷ୍ପତ୍ତି ନେଇଥିବା ଭଉଣୀ କହିଛନ୍ତି। ବାପା ଭଗବାନ କହିଛନ୍ତି, ଆମ ପାଖରେ ସେ ଝିଅ ସମ୍ବନ୍ଧରେ ବଳିଷ୍ଠ ପ୍ରମାଣ ରହିଛି। ତେଣୁ ପୋଲିସ କୋହଳ ମନୋଭାବ ପୋଷଣ କଲେ ଚଳିବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ସାଇବର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଖାରବେଳନଗର ଥାନାରେ ପହଞ୍ଚି ଆଜେକ୍ସଙ୍କ ଡିଜିଟାଲ ପ୍ରମାଣକୁ ଯାଞ୍ଚ କରିବା ସହ ନିଜ ହେପାଜତକୁ ନେଇ ଅଧିକ ଅନୁସନ୍ଧାନ କରୁଛି। ଏହି ଡିଜିଟାଲ ପ୍ରମାଣରେ ଆଜେକ୍ସଙ୍କ ମୋବାଇଲ, ଲାପଟପ୍ ଆଦି ରହିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ଆଜେକ୍ସଙ୍କ ପରିବାର ଲୋକ ଯାହା ଅଭିଯୋଗ କରିଛନ୍ତି, ତାହାକୁ ଆମେ ଅତି ଗୁରୁତ୍ୱର ସହ ନେଇଛୁ। ପ୍ରତ୍ୟେକ ଅଭିଯୋଗ ପଛରେ କ'ଣ ସତ ଅଛି, ତାହା ଜାଣିବାକୁ ଆମ ତଦନ୍ତ ଚାଲୁ ରହିଛି। ତଦନ୍ତରେ ଯାହା ପଦାକୁ ଆସିବ, ଆମେ ସେହି ଅନୁସାରେ ପଦକ୍ଷେପ ନେବୁ ବୋଲି ଡିସିପି ସିଂ କହିଛନ୍ତି।

## ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ବଢୁଛନ୍ତି ଫଲୋଅର୍ସ

ଆଜେକ୍ସ ଖୁବ୍ କମ୍ ବୟସରେ ବେଶ୍ ଲୋକପ୍ରିୟ ହୋଇଥିଲେ। ବିଶେଷକରି ଯୁବପିଢ଼ିମାନେ ଅଧିକ ପସନ୍ଦ କରୁଥିଲେ। ସେ ତାଙ୍କ ଶୋ' ଓ ଜୀବନ ଶୈଳୀ ସମ୍ପର୍କରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଫ୍ୟାନ୍‌ମାନଙ୍କୁ ଜଣାଉଥିଲେ। ତାଙ୍କ ରିଲ୍ସ, ଫଟୋ, ଷ୍ଟୋରିକୁ ପ୍ରଶଂସକମାନେ ଲାଇକ୍ ଓ ଶେୟାର କରିବା ସହ କମେଣ୍ଟ ମଧ୍ୟ କରୁଥିଲେ। ତେବେ ମୃତ୍ୟୁ ପର୍ଯ୍ୟନ୍ତ ଆଜେକ୍ସଙ୍କୁ ୯୫.୩ ହଜାର ପ୍ରଶଂସକ ଅନୁସରଣ କରିଥିଲେ। ହେଲେ ମୃତ୍ୟୁ ପରେ ତାଙ୍କ ଫଲୋର୍ସ ସଂଖ୍ୟା ଅଧିକ ମାତ୍ରାରେ ବଢ଼ିଚାଲିଛି। ୬ଦିନ ମଧ୍ୟରେ ପ୍ରାୟ ୧୦ ହଜାରରୁ ଅଧିକ ଲୋକ ତାଙ୍କୁ ଫଲୋ କରିଛନ୍ତି। ଗୁରୁବାର ରାତି ୯ଟା ପର୍ଯ୍ୟନ୍ତ ଆଜେକ୍ସଙ୍କ 'ଇନ୍‌ଷ୍ଟାଗ୍ରାମ' ଆକାଉଣ୍ଟରେ ଫଲୋର୍ସ ସଂଖ୍ୟା ୧ ଲକ୍ଷ ୬ ହଜାର (୧୦୬କେ) ଟପିଥିଲା। ଏପରିକି ଆଜେକ୍ସ ପୂର୍ବରୁ କରିଥିବା ବିଭିନ୍ନ ପୋଷ୍ଟରେ ତାଙ୍କ ପ୍ରଶଂସକମାନେ ଦୁଃଖଭରା କମେଣ୍ଟ କରିବା ସହ ତାଙ୍କୁ ଝୁରି ହେଉଥିବା ଦେଖିବାକୁ ମିଳୁଛି।





ଗୁରୁବାର ସନ୍ଧ୍ୟାରେ ପୁରୀ ଆକାଶର ମନୋରମ ଦୃଶ୍ୟ।

ଶିଶୁକନ୍ୟା ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କଟକ ଅଫିସ, ୨୩।୩: ଶିଶୁକନ୍ୟା ବଳାତ୍କାର ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ଅଶୋକ କୁମାର ପହି ରାୟ ଦେଇଛନ୍ତି। ଅଭିଯୁକ୍ତ ହେଲେ କଟକ ସଦର ଥାନା ଅଞ୍ଚଳର ରତିକାନ୍ତ ଦାସ ଓରଫ କାଳିଆ। ଅପରପକ୍ଷରେ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ରାଶିରୁ ୪ ଲକ୍ଷ ଟଙ୍କା ଏକ ଜାତୀୟକରଣ ବ୍ୟାଙ୍କରେ ପୀଡ଼ିତାଙ୍କ ନାମରେ ସ୍ଥାୟୀ ଜମା ରଖାଯିବା ସହ ଅବଶିଷ୍ଟ ୩ ଲକ୍ଷ ଟଙ୍କା ନଗଦ ଆକାରରେ ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ୨୦୧୬ ଅଗଷ୍ଟ ୨୮ରେ କଟକ ସଦର ଥାନା ଅଞ୍ଚଳର ସାଢେ ୪ ବର୍ଷର ଶିଶୁକନ୍ୟା ଜଣକ ଘରୁ ବାହାରକୁ ଯାଉଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ୨୬ଟି ତଥ୍ୟପ୍ରମାଣ ଆଧାରରେ ଏହି ରାୟ ପ୍ରଦାନ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## କାଇପଦରରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ନିରାକାରପୁର, ୨୩।୩(ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ କାଇପଦର ରେଳ ଷ୍ଟେଶନଠାରେ ଗୁରୁବାର ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଅନ୍ୟ ଟ୍ରେନଗୁଡିକର ଚଳାଚଳ ବ୍ୟାହତ ହୋଇଥିଲା। ଉକ୍ତ ମାଲବାହୀ ଟ୍ରେନଟି ବିଶାଖାପାଟଣମ୍‌ରୁ ହାୱଡା ଅଭିମୁଖେ ଯାଉଥିଲା। ଅପରାହ୍ନ ୩ଟାରେ କାଇପଦର ଷ୍ଟେଶନର ଡାଉନ୍ ଲାଇନ୍‌ରେ କୌଣସି କାରଣରୁ କେତେକ ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ଖବରପାଇ ଖୋର୍ଦ୍ଧାରୋଡ୍ (ଜଟଣୀ)ରୁ ଅନ୍ୟ ଏକ ଟ୍ରେନରେ ଅଧିକାରୀ ଓ କର୍ମଚାରୀମାନେ ଆସି ଉକ୍ତ ଟ୍ରେନକୁ ଲାଇନ ଉପରକୁ ଉଠାଇଥିଲେ। ଏଥିଯୋଗୁ ଟ୍ରେନ୍ ଗୁଡିକ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଯାତାୟାତ କରିଛି ବୋଲି ଖୋର୍ଦ୍ଧାରୋଡ୍ ରେଲୱେ ପୋଲିସ ଲିଙ୍ଗରାଜ ସେଠୀ ସୂଚନା ଦେଇଛନ୍ତି।



ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଗୁରୁବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

# ପୁରୀ ରେଳଷ୍ଟେଶନରେ ନିଆଁ

**ୱାଶିଂ ଲାଇନ୍‌ର ବ୍ୟାଟେରି ଚାର୍ଜିଂ ରୁମ୍ ପୋଡ଼ିଗଲା**

- **ବର୍ତ୍ତିଗଲା ପୁରୀ-ଆଜ୍‌ମେର ଟ୍ରେନ, ଅନ୍ୟ ଏକ ରେଳ ବଗି**
- **ଗତ ୧୨ ଦିନ ମଧ୍ୟରେ ୨ୟ ଅଗ୍ନିକାଣ୍ଡ ଘଟଣା**

ପୁରୀ ଅଫିସ, ୨୩।୩

ପୁରୀ ରେଳଷ୍ଟେଶନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ରେଳଷ୍ଟେଶନର ୱାଶିଂ ଲାଇନରେ ଥିବା ବ୍ୟାଟେରି ଚାର୍ଜିଂରୁମ୍‌ରେ ବୈଦ୍ୟୁତିକ ଉପକରଣ ସହ ଫ୍ୟାନ୍, ବିଦ୍ୟୁତ ତାର ଏବଂ ଅନ୍ୟାନ୍ୟ ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ରେଳ କର୍ମଚାରୀଙ୍କ ସମେତ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତୁରନ୍ତ ନିଆଁ ଲିଭାଯାଇଥିବାରୁ ଏକ ବଡ଼ଧରଣର ଅଘଟଣ ରୋକାଯାଇପାରିଛି। ନଚେତ୍ ପାଖରେ ଥିବା ଟ୍ରେନ୍‌କୁ ନିଆଁ ବ୍ୟାପୀଯାଇଥାନ୍ତା ବୋଲି କୁହାଯାଉଛି। ତେବେ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଗତ ୧୨ଦିନ ମଧ୍ୟରେ ପୁରୀ ରେଳଷ୍ଟେଶନରେ ନିଆଁ ଲାଗିବା ଏହା ଦ୍ୱିତୀୟ ଘଟଣା। କିଛିଦିନ ତଳେ ଗତ ୧୧ ତାରିଖରେ ରେଳଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମ ନିକଟରେ ଅଗ୍ନିକାଣ୍ଡ ଘଟିଥିଲା।

ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୮ଟାରେ ରେଳଷ୍ଟେଶନ ୱାଶିଂ ଲାଇନ୍‌ର ୨୪ ଓ ୨୫ ନମ୍ବରରେ ଥିବା ବ୍ୟାଟେରି ଚାର୍ଜିଂରୁମ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ରେଳ କର୍ମଚାରୀମାନେ ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ, ଜିଆର୍‌ପି ଏବଂ ଆର୍‌ପିଏଫ ଅଧିକାରୀମାନେ ପହଞ୍ଚିଥିଲେ। ସେମାନେ ଉକ୍ତ ରୁମ୍‌ର କବାଟ ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୱାଶିଂ ଲାଇନର ବ୍ୟାଟେରି ଚାର୍ଜିଂ ରୁମ୍‌ରେ ଥିବା ବ୍ୟାଟେରି, ଫ୍ୟାନ ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ପାଖରେ ଥିବା ଏକ ଟ୍ରେନ ସୌଭାଗ୍ୟବଶତଃ ବର୍ତ୍ତିଯାଇଛି। ପୁରୀ ଆର୍‌ପିଏଫ୍ ଅଧିକାରୀ ଅପରେଶ ବେହେରା କହିଛନ୍ତି, ଗୁରୁବାର ରାତି ପ୍ରାୟ ୭ଟା ୪୫ରୁ ୮ଟା ମଧ୍ୟରେ ଡିପ୍ ଏବଂ ୱାଶିଂ ଲାଇନଠାରେ ଡିୟୁଟିରେ ଥିବା ଜିଆର୍‌ପି କର୍ମଚାରୀମାନେ ଦେଖିବାକୁ ପାଇଥିଲେ ଯେ, ୱାଶିଂଲାଇନର ୨୪/୨୫ ନମ୍ବରରେ ଥିବା ଏକ ବ୍ୟାଟେରି ଚାର୍ଜିଂରୁମ୍ ବା ଗୁମୁଟି ଭିତରୁ ପ୍ରବଳ ଧୂଆଁ ବାହାରୁଛି। ସେ ଓ ଅନ୍ୟ କର୍ମଚାରୀଙ୍କ ସମେତ ବିଦ୍ୟୁତ କର୍ମଚାରୀମାନେ ସେଠାରେ ପହଞ୍ଚି ପାଖରେ ଥିବା ଅଗ୍ନିନିବାପକ ଯନ୍ତ୍ର ଓ ପାଣି ସାହାଯ୍ୟରେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବିଭାଗ ପହଞ୍ଚିଥିଲା। ଏହି ଅଗ୍ନିକାଣ୍ଡର ତଦନ୍ତ କରାଯିବ। ଘଟଣା ସମ୍ପର୍କରେ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଛି। ସେହିପରି ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତି କହିଛନ୍ତି, ଶର୍ଟସର୍କିଟ୍ ଯୋଗୁ ଏପରି ଅଘଟଣ ଘଟିଛି। ରେଲୱେ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି କାରଣରୁ ନିଆଁକୁ ଶୀଘ୍ର ଆୟତ୍ତ କରାଯାଇପାରିଲା। ନିଆଁ ଲାଗିଥିବା ସ୍ଥାନ ନିକଟରେ ପୁରୀ-ଆଜ୍‌ମେର ଟ୍ରେନ ଓ ଅନ୍ୟ ଏକ ଲାଇନରେ ଗୋଟିଏ କୋଚ୍ ରହିଥିଲା। ତୁରନ୍ତ ଉକ୍ତ ଦୁଇ ଟ୍ରେନ୍‌କୁ ସେଠାରୁ ସ୍ଥାନାନ୍ତର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ସମ୍ପୂର୍ଣ୍ଣ ଭାବେ ନିଆଁ ଲିଭିଯାଇଥିବାରୁ କୌଣସି ବିପଦ ନାହିଁ। ତଦନ୍ତ ଟିମ୍ ଆସି ଘଟଣା ସମ୍ପର୍କରେ ତଦନ୍ତ କରିବ। ସେହିପରି ଅଗ୍ନିଶମ କର୍ମଚାରୀ ଆଶିଷ କୁମାର ବେହେରା କହିଛନ୍ତି, ରେଳ ଷ୍ଟେଶନରେ ନିଆଁ ଲାଗିଥିବା ଖବର ମିଳିଥିଲା। ତତ୍‌କ୍ଷଣାତ ଆମ ଟିମ୍ ପହଞ୍ଚି ୧୦ରୁ ୧୫ ମିନିଟ୍ ଭିତରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନାଯୋଗ୍ୟ, ଗତ ଏକ ମାସ ମଧ୍ୟରେ ପୁରୀରେ ଏହା ୫ମ ଅଗ୍ନିକାଣ୍ଡ। ପୂର୍ବରୁ ଗତ ୮ ତାରିଖ ସନ୍ଧ୍ୟାରେ ପୁରୀ ମରିଚିକୋଟ ଛକ ସମ୍ରାଟ ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିଲା। ଏହି ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗକୁ ୩୬ ଘଣ୍ଟା ଲାଗିଥିଲା। ଏହା ପରଦିନ ୧୦ ତାରିଖରେ ନୀଳାଦ୍ରି ମାର୍କେଟ କମ୍ପ୍ଲେକ୍ସରେ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ପରେ ୧୧ ତାରିଖରେ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମ ନିକଟରେ ଅଗ୍ନିକାଣ୍ଡ ଘଟିଥିଲା। ସେହିପରି ୧୨ ତାରିଖରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱ ଚନ୍ଦନପୁର ପୂର୍ବରୁ ଏକ ଢାବା ନିକଟରେ ଧାନଖଳାରେ ନିଆଁ ଲାଗିଥିଲା।


ଅଗ୍ନିକାଣ୍ଡରେ ବ୍ୟାଟେରି ଏବଂ ଅନ୍ୟ ସାମଗ୍ରୀ ପୋଡ଼ିଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଅର୍ଚ୍ଚନା


@ ଶିବୁ


@ ବାପି


@ ଶୁଭସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଏଟିଏମ୍‌ର ଟଙ୍କା ବାକ୍ସ ଖୋଲା



ବାରଙ୍ଗ,୨୩।୩(ଡି.ଏନ୍.ଏ.)- ପର୍ଯ୍ୟଟକଙ୍କ ସୁବିଧା ପାଇଁ ନନ୍ଦନକାନନ ଗେଟ ପାଖରେ ଦୁଇଟି ଏଟିଏମ୍ ରହିଛି। ସେଥିମଧ୍ୟରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଗଚ୍ଛିତ ରଖିବାକୁ ଥିବା ଉଦ୍ଦିଷ୍ଟ ବାକ୍ସଟି ଖୋଲା ରହିଥିବା ଗୁରୁବାର ଦ୍ୱିପ୍ରହର ସମୟରେ ଜଣାପଡିଥିଲା। କିଛି ପର୍ଯ୍ୟଟକ ସେହି ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯିବାବେଳେ ଏଟିଏମ୍‌ରେ ଥିବା ଟଙ୍କା ବାକ୍ସଟି ଖୋଲା ଥିବା ସହ ଟଙ୍କା ଦେଖାଯାଉଥିଲା। ଏଟିଏମ୍‌ରୁ ଚୋରି ହୋଇଥିବାର ଆଶଙ୍କା କରି ପର୍ଯ୍ୟଟକ ଟଙ୍କା ନ ଉଠାଇ ପଳାଇ ଆସିଥିଲେ। ପରେ ଏହି ଖବର ବ୍ୟାପିଯିବାରୁ ସେଠାରେ ଭିଡ଼ ଜମିଥିଲା। ଖବରପାଇ ନନ୍ଦନକାନନ ପୋଲିସ ଆସି ଘଟଣାସ୍ଥଳରେ ପହଞ୍ଚି ଏଟିଏମ୍ ଅଞ୍ଚଳକୁ ସିଲ୍ କରିଥିଲା। ପରେ ବ୍ୟାଙ୍କ କର୍ମଚାରୀ ଆସି ଏଟିଏମ୍‌ର ଟଙ୍କା ବାକ୍ସକୁ ବନ୍ଦ କରିଥିଲେ। ଏହାପରେ ପର୍ଯ୍ୟଟକ ସ୍ୱାଭାବିକ ଭାବେ ଏଟିଏମ୍ ବ୍ୟବହାର କରିପାରିଥିଲେ। ନନ୍ଦନକାନନରେ ଯେପରି ପକେଟମାରଙ୍କ ଦୌରାତ୍ମ୍ୟ ବୃଦ୍ଧିପାଉଛି, ସେମାନଙ୍କ ନଜରରେ ଏହା ଆସିଥିଲେ ହୁଏତ ଏଟିଏମ୍‌ରୁ ସବୁଟଙ୍କା ଗାଏବ ହୋଇଯାଇଥାନ୍ତା ବୋଲି ଅନୁମାନ କରାଯାଉଛି। ତେବେ ବ୍ୟାଙ୍କ କର୍ମଚାରୀଙ୍କ ଅସାବଧାନତା ଯୋଗୁ ଏହି ଘଟଣା ଘଟିଥିବା କୁହାଯାଉଛି।

### କବି ତପନ ପଟ୍ଟନାୟକଙ୍କ ବିୟୋଗରେ ସ୍ମୃତିସଭା

ଟାଙ୍ଗୀ(ଖୋର୍ଦ୍ଧା),୨୩।୩(ଡି.ଏନ୍.ଏ.): ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ବୃଷଭ ଛକଠାରେ ଚିଲିକା ପୂଜ୍ୟ ପୂଜା ସଂସଦ ଓ ଜାଗୃତିକାର ମିଳିତ ଆନୁକୂଲ୍ୟରେ ଗୁରୁବାର ଔପନାସିକ ତଥା କବି ତପନ ପଟ୍ଟନାୟକଙ୍କ ଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଚିଲିକା ପୂଜ୍ୟପୂଜା ସଂସଦ ସଭାପତି ଦିଲ୍ଲୀପ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଟାଙ୍ଗୀ କଲେଜର ପୂର୍ବତନ ଅଧକ୍ଷ ପ୍ରସନ୍ନ କୁମାର ଶତପଥୀ, କାଳିଜାଈ କଲେଜ ଅଧକ୍ଷ ତଥା ଜାଗୃତିକାର ସଭାପତି ଗଙ୍ଗାଧର ପ୍ରଧାନ ଓ ସମ୍ପାଦକ ବିରଞ୍ଚି ନାରାୟଣ ନାୟକ, ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ଚିଲିକା ଜର୍ନାଲିଷ୍ଟ ୟୁନିୟନ ସଭାପତି ଭିକାରୀ ଚରଣ ପ୍ରଧାନ, ଶିକ୍ଷାବିତ୍ ପଠାଣି ବଳବନ୍ତରାୟ, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ଗୋଦାବରୀଶ ବିଶ୍ୱାଳ, କୁମାଣ୍ଡୋଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ସତ୍ୟସାଇ ସଙ୍ଗଠନର ଆବାହକ ଶରତ ଚନ୍ଦ୍ର ପାତ୍ର, ଦେବେନ୍ଦ୍ର ନାଥ ମହାରଥୀ, ଧର୍ମାନନ୍ଦ ସେଣ, ଲିଟନ ଛୋଟରାୟ, ବସନ୍ତ ଜେନା, ସଂଗ୍ରାମ ବଳବନ୍ତରାୟ, ଅଶୋକ ପଟ୍ଟନାୟକ, ବିଜୟ ବେହେରା ପ୍ରମୁଖ ଯୋଗଦେଇ କବି ସ୍ୱର୍ଗତ ପଟ୍ଟନାୟକଙ୍କ ସାହିତ୍ୟ ପ୍ରତି ଅବଦାନ ଉପରେ ଅଲୋକପାତ କରିଥିଲେ।

# ପୋଲିସ କବ୍‌ଜାରେ ତାମିଲନାଡୁ ଚୋର ଗ୍ୟାଙ୍ଗ୍

- ନକଲି ମୂକ-ବଧିର ସାର୍ଟିଫିକେଟ ଦେଖାଇ ଭିକ୍ଷା ମାଗୁଥିଲେ
- ସୁଯୋଗ ପାଇଲେ ଚୋରି ଆଦି ଅପରାଧ ଘଟାଉଥିଲେ
- ୪ ଲାପ୍‌ଟପ୍, ୭ ମୋବାଇଲ, ଚାର୍ଜର ଓ ଅନ୍ୟାନ୍ୟ ଜିନିଷ ଜବତ

ଭୁବନେଶ୍ୱର,୨୩।୩(ବ୍ୟୁରୋ)



ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ୩ ମାସ ଧରି ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବା ସହ ୩ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ତିରୁପତୁର ଜିଲାର କେ. ବାଲାଜି,ଏନ. ମୁରଗାନ ଏବଂ ଡି. ଗୋବିନ୍ଦନ। ସେମାନଙ୍କଠାରୁ ୪ଟି ଲାପ୍‌ଟପ, ୭ ମୋବାଇଲ ଫୋନ, ଚାର୍ଜର ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସ୍ ଜବତ ହୋଇଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ସାଧାରଣତଃ ନକଲି ମୂକ-ବଧିର ସାର୍ଟିଫିକେଟ ହାତରେ ଧରି ଘର, ହଷ୍ଟେଲ, ମେସ୍ ଆଦି ବୁଲି ବୁଲି ସହାୟତା ମାଗିବା ବାହାନାରେ ଯାହା ପାରୁଥିଲେ ଚୋରି କରି ଚମ୍ପଟ ମାରୁଥିଲେ। ବିଶେଷକରି ଟଙ୍କା, ସୁନା, ଲାପ୍‌ଟପ୍, ମୋବାଇଲ୍ ଫୋନ୍‌କୁ ଅଧିକ ଟାର୍ଗେଟ କରୁଥିଲେ। ଧରା ନ ପଡ଼ିବା ଲାଗି ଛୋଟ ହୋଟେଲରେ ରହିବା ସହ ଏପରି ଅଭିନବ ଉପାୟରେ ଚୋରି କରିବା ପରେ ଅନ୍ୟ ଅଞ୍ଚଳରେ ଥିବା ହୋଟେଲକୁ ପଳାଉଥିଲେ। ଚମ୍ପଟ ମାରିବାବେଳେ ଯଦି କାହା ହାବୁଡ଼ରେ ପଡିଯାଆନ୍ତି, ତେବେ ସେମାନେ ହାତରେ ଧରିଥିବା ମୁକ ବଧିର ସାର୍ଟିଫିକେଟ ଦେଖାଇ ଭିକ ମାଗିବାକୁ ଆସିଥିବା ଦର୍ଶାଇ ଖସି ଯାଆନ୍ତି। ତେବେ ଅଧିକାଂଶ ସମୟରେ ଏମାନେ ସକାଳ ସମୟରେ ଖୋଲା ଥିବା ଘର ଓ ମର୍ନିଂ ୱାକ୍‌ରେ ଯାଉଥିବା ଲୋକଙ୍କ ଘରକୁ ଟାର୍ଗେଟ କରିଥାନ୍ତି। ଚୋରି ଜିନିଷ ଅଧିକ ହେବା ପରେ ଟ୍ରେନ ମାଧ୍ୟମରେ ତାହାକୁ ତାମିଲନାଡୁ ପଠାଇଦିଅନ୍ତି। ଏହାପରେ ସେଠାରେ ଥିବା ଅନ୍ୟ ଗ୍ୟାଙ୍ଗ୍‌ର ସଦସ୍ୟମାନେ ସ୍ଥାନୀୟ ବଜାରରେ ଥିବା ଲୋକଙ୍କୁ କମ୍ ଟଙ୍କାରେ ବିକ୍ରି କରିଦିଅନ୍ତି। ସେହିପରି ଅଭିଯୁକ୍ତମାନେ ସ୍କୁଲ, କଲେଜକୁ ଯାଇ ପିଲାମାନଙ୍କୁ ଟଙ୍କା ମାଗୁଥିଲେ। ଯଦି କେହି ଦେଉ ନ ଥିଲେ ତା'ହେଲେ ମୁକ-ବଧିର ସାର୍ଟିଫିକେଟ ଦେଖାଇ ଅପରେଶନ ହେବ କହି ଟଙ୍କା ଆଦାୟ କରୁଥିଲେ। କୌଣସି କେସ୍ ହିଷ୍ଟ୍ରି ନ ଥିବାରୁ ପୋଲିସ ଏମାନଙ୍କୁ ଧରିବା କଷ୍ଟକର ହେଉଥିଲା। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଚଢାଉ ଜାରି ରଖିଛି। କଟକ-ଭୁବନେଶ୍ୱରରେ ମୋଟ ୧୨ଟି ମାମଲାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମଧ୍ୟ କାର କାଚ ଭାଙ୍ଗି ଚୋରି ଓ ଲୁଟ୍‌ପାଟ କରୁଥିବା ତାମିଲନାଡୁର ଏକ ଗ୍ୟାଙ୍ଗ ପୋଲିସ ହାତରେ ଧରାପଡିଥିଲା।

### ଘରୁ ବାହାରକୁ ଯାଉଥିଲେ ତାଲା ପକାଇ ଯାଆନ୍ତୁ : ଡିସିପି

ଚୋରି ଓ ଅନ୍ୟ ଅପରାଧରୁ ବର୍ତ୍ତିବା ଲାଗି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସହରବାସୀଙ୍କୁ ପୁଣି ଥରେ ସଚେତନତା କରାଇଛନ୍ତି। ଯଦି କୌଣସି କାମରେ କିମ୍ବା ମର୍ନିଂୱାକ୍ ବା ଫୁଲ ତୋଳିବାକୁ ଯାଉଛନ୍ତି, ତା'ହେଲେ ଘର ତାଲା ପକାଇ ଯାଆନ୍ତୁ। ସେହିପରି ହଷ୍ଟେଲ, ମେସ, କୋଚିଂ ସେଣ୍ଟର ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ କେହି ନ ଥିଲେ କବାଟ ଖୋଲା ରଖନ୍ତୁ ନାହିଁ। ସଚେତନ ରହିଲେ ଆପଣଙ୍କ ମୂଲ୍ୟବାନ ଜିନିଷ ନିରପଦ ରହିପାରିବ ବୋଲି ଡିସିପି ସିଂ ସହରବାସୀଙ୍କୁ ନିବେଦନ କରିଛନ୍ତି।

## ଉଚ୍ଛେଦ ହେଲା ବଡ଼ବଜାରର ୨ ଦୋକାନ ଗୃହ



ପୂର୍ତ୍ତ ବିଭାଗ ଏବଂ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।

ଜଟଣୀ,୨୩।୩(ଡି.ଏନ୍.ଏ.): ବହୁପ୍ରତୀକ୍ଷିତ ଜଟଣୀ ଓଭରବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ବଡବଜାରରେ ଜବରଦଖଲରେ ଥିବା ୨ଟି ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ଏବଂ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ତେବେ ବଡ଼ବଜାରରେ ଉଚ୍ଛେଦ ହେବାକୁ ଥିବା ସମସ୍ତ ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ଶନିବାର ଅନ୍ୟ ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ତହସିଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଜଟଣୀ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଉଚ୍ଛେଦ ବେଳେ ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଏସ୍‌ଡିଓ, ଜଟଣୀ ତହସିଲଦାରଙ୍କ ସହିତ ପୌର କର୍ମଚାରୀ, ପୂର୍ବତନ ନଗରପାଳ ଗୌରୀପ୍ରସାଦ ସିଂ, ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ ସରପଞ୍ଚ ସୁନୀଲ କୁମାର ରାଉତରାୟ, ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ, ଟିକି ଦେଓ, କାଉନସିଲର ନୌସର ଅଲି, ନଗର ସଭାପତି ଅଶୋକ ମଙ୍ଗରାଜଙ୍କ ସହିତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ରଥରେ ସଂଯୋଗ ହେଲା ୪ ନାହାକା

### ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା

ନିରାକାରପୁର,୨୩।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବିଜୟା ରଥ ଯାତ୍ରା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରଥଖଳାରେ ରଥ ପ୍ରସ୍ତୁତି ଜାରି ରହିଛି। ଗୁରୁବାର ଅପରାହ୍ଣରେ ଚାରି ନାହାକା ପୂଜାର୍ଚ୍ଚନା କରାଯିବା ପରେ ୪ ନାହାକା ରଥରେ ସଂଯୋଗ କରାଯାଇଛି। ରଥ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ ବୋଲି ମୁଖ୍ୟ ମହାରଣା ଦିଜବର ମହାରଣା ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ରଥଯାତ୍ରା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଏହାର ମ୍ୟାନେଜିଂ ଟ୍ରଷ୍ଟି ରହିଥିବା ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ଲକ୍ଷ୍ମୀପ୍ରିୟା ରଥଙ୍କ ଓ ନାଜାର ମନୋରଞ୍ଜନ ମହାପାତ୍ର ଉପସ୍ଥିତିରେ କପିଳେଶ୍ୱର ଦେବଙ୍କ ପରିଚାଳନା କମିଟିର ସଦସ୍ୟମାନେ ଯାତ୍ରା କିଭଳି ସୁରୁଖୁରରେ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ବାଣ ଫୁଟାକୁ ବାରଣ କରାଯାଇଛି। ତେବେ ରଥଯାତ୍ରା ପାଇଁ ପାନୀୟଜଳ ବିଭାଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ପୋଲିସ ବିଭାଗ ଏବଂ ଆଜ୍ଞାମାଳ ଆସିବା ପାଇଁ ପୁରୀ ଜଗନ୍ନାଥଙ୍କ ମନ୍ଦିର କାର୍ଯ୍ୟାଳୟକୁ ଚିଠି କରାଯାଇଛି।



## ନନ୍ଦନକାନନରେ ଅଣ୍ଡିରା କୋକିଶିଆଳି ମୃତ

ବାରଙ୍ଗ,୨୩।୩(ଡି.ଏନ୍.ଏ.) ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୧୭ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୁରୁବାର ଏକ ଅଣ୍ଡିରା କୋକିଶିଆଳିର ମୃତ୍ୟୁ ଘଟିଛି। ସମ୍ପୂର୍ଣ୍ଣ ସୁସ୍ଥ ଥିବା କୋକିଶିଆଳି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଦେଖିଥିଲେ। ହେଲେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏମାନଙ୍କ ସଂଖ୍ୟା ହ୍ରାସପାଇ ୯ରେ ପହଞ୍ଚିଛି। ଅନ୍ୟପଟେ ନନ୍ଦନକାନନକୁ ବୁଧବାର ଡିଷ୍ଟାନ୍‌ସ୍‌ଟେମ୍ପରେଚର ମେଶିନ ଆସିଛି। ଉନ୍ନତମାନର ଜ୍ଞାନକୌଶଳରେ ନିର୍ମିତ ଏହି ମେଶିନକୁ ନନ୍ଦନକାନନ କର୍ତ୍ତୃପକ୍ଷ ୧୧ଲକ୍ଷ ଟଙ୍କାରେ କିଣିଛନ୍ତି। ଏହି ମେଶିନ ସାହାଯ୍ୟରେ ୨୦୦ ମିଟର ଦୂରତାରୁ ପଶୁପକ୍ଷୀଙ୍କ ଶରୀରର ତାପମାତ୍ରା ମପାଯାଇ ପାରିବ। ଯଦିଓ ଏଭଳି ଏକ ମେଶିନ ନନ୍ଦନକାନନରେ ଥିଲା। ସେହି ପୁରୁଣା ତାପମାତ୍ରା ମେଶିନରେ ଏକ ଲେଜରଲାଇଟ ପଡିଲେ ହିଁ ପଶୁପକ୍ଷୀଙ୍କ ତାପମାତ୍ରା ମପାଯାଇପାରୁଥିଲା। କିନ୍ତୁ ଏହି ନୂଆ ମେଶିନରେ ପଶୁପକ୍ଷୀଙ୍କ ଫଟୋ ଉଠିବା କ୍ଷଣି ତାଙ୍କ ଶରୀରର ତାପମାତ୍ରା ରେକର୍ଡ ହୋଇପାରିବ। ଫଳରେ ପଶୁପକ୍ଷୀଙ୍କ ମୃତ୍ୟୁହାର କମିବା ଓ ଉନ୍ନତମାନର ଚିକିତ୍ସା ସହ ସଠିକ ରୋଗ ନିରୂପଣ କରିବା ନିମନ୍ତେ ଡାକ୍ତରଙ୍କୁ ସୁବିଧା ହେବ। ଏଥିସହ ରାଜ୍ୟ ବାହାରୁ ବହୁ ଟଙ୍କା ବିନିମୟରେ ଏକ୍ସ-ରେ ମେଶିନ, ପୋର୍ଟେବୁଲ ଏକ୍ସ-ରେ ମେଟାଲ ଡିଟେକସନ, ଅଲଟ୍ରାସାଉଣ୍ଡ ଆଦି ମେଶିନ କର୍ତ୍ତୃପକ୍ଷ କିଣିଥିବା ଜଣାପଡିଛି। ଏସବୁ ସତ୍ତ୍ୱେ ପଶୁପକ୍ଷୀଙ୍କ ମୃତ୍ୟୁହାର କମିବାର ନାଁ ଧରୁନାହିଁ। ଏତେସବୁ ନୂତନ ଜ୍ଞାନକୌଶଳର ମେଶିନ ଥାଇ ମଧ୍ୟ ପଶୁପକ୍ଷୀଙ୍କ ଏପରି ମୃତ୍ୟୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ରାମନବମୀରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଶିଳାନ୍ୟାସ



ବୈଠକରେ ଉପସ୍ଥିତ ଗାନ୍ଧୀସ୍ମୃତି କମିଟିର କର୍ମକର୍ତ୍ତାମାନେ ।

ବେଗୁନିଆ,୨୩।୩(ଡି.ଏନ୍.ଏ.): ବେଗୁନିଆ ସଦର ମହକୁମାରେ ଥିବା ଆଦର୍ଶ କ୍ଲବ ସଭାଗୃହରେ ଗୁରୁବାର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ.ହରି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ଆବାହକ ପ୍ରଫେସର ରବିନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ମତ ରଖିଥିଲେ। ପ୍ରଶାସନିକସ୍ତରରୁ ଅନୁମୋଦନ ମିଳିଛି। ଆଗକୁ ସମସ୍ତ ସଭ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗ ଆବଶ୍ୟକ ବୋଲି ନିବେଦନ କରିଥିଲେ। ସେହିପରି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅଟକଳ ପରିମାଣର ମୂଲ୍ୟ ସମ୍ବନ୍ଧରେ କୋଷାଧକ୍ଷ ଶରତ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ତେବେ ଆସନ୍ତା ୩୦ ତାରିଖ ରାମନବମୀରେ ପ୍ରତିମୂର୍ତ୍ତି ସ୍ଥାପନର ଶିଳାନ୍ୟାସ ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ବୈଠକରେ ନିଷ୍ପତ୍ତି ହୋଇଛି। ସ୍ମୃତି ସଂସଦକୁ ବିକେନ୍ଦ୍ରୀକରଣ କରିବା ପାଇଁ ୩ଟି କମିଟି ଗଠନ କରାଯାଇଛି। ସ୍ଥାନୀୟ ସମିତି ସଭ୍ୟ ପ୍ରକାଶ କୁମାର ବଳିୟାରସିଂହ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଡା.ଅମରେନ୍ଦ୍ର ନାଥ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ଇଂ.ଦେବାଶିଷ ସାହୁ, ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ସାମାଜିକ କର୍ମୀ ରାଜକିଶୋର ସାହୁ, ଶିବ କୁମାର ମୁନି, ଭାଗବତ ମହାପାତ୍ର, ଶିକ୍ଷାବିତ୍ ଭାଗୀରଥି ପରିଡା, ବିଜୟ କୁମାର ପ୍ରଧାନଙ୍କ ସହିତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ବେଗୁନିଆରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଗତ ଫେବୃୟାରୀ ୧୯ରେ ପ୍ରଥମ ପ୍ରସ୍ତୁତି ବୈଠକ ହୋଇଥିଲା। ଗାନ୍ଧୀ ସ୍ମୃତି ସଂସଦ ଗଠନ କରାଯାଇ ସ୍ଥାନୀୟ ଥାନା ଛକରେ ଥିବା ଆକ୍ସିସ୍ ବ୍ୟାଙ୍କ ନିକଟରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ କରାଯାଇଛି।

# ଆଜିଠାରୁ ଦିଲ୍ଲୀ ଯନ୍ତରମନ୍ତରରେ ବିକ୍ଷୋଭ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

### ଓଡ଼ିଶାରୁ ଯୋଗଦେବେ ୧୬ ଡିଏମ୍‌ଡି ପୀଡିତଙ୍କ ଅଭିଭାବକ

ବିରଳ ରୋଗ ଡୁଚେନେ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମଡି) ଦ୍ୱାରା ପ୍ରଭାବିତ ପିଲାଙ୍କ ମାତାପିତାଙ୍କ ଦ୍ୱାରା ଦିଲ୍ଲୀ ଯନ୍ତରମନ୍ତରରେ ଶୁକ୍ରବାରଠାରୁ ବିକ୍ଷୋଭ ଆରମ୍ଭ ହେବାକୁ ଯାଉଛି। ଦୁଇଦିନ ଚାଲିବାକୁ ଥିବା ଏହି ଆନ୍ଦୋଳନରେ ଓଡ଼ିଶା ସମେତ ୨୧ଟି ରାଜ୍ୟର ପୀଡିତ ପିଲାଙ୍କ ଅଭିଭାବକମାନେ ଏଥିରେ ଯୋଗଦେଇ ତୁରନ୍ତ ଚିକିତ୍ସା ଓ ସହାୟତା ଦାବି ଉପସ୍ଥାପନ କରିବା ସହ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଭାରତରେ ଏହାର କୌଣସି ଚିକିତ୍ସା ଉପଲବ୍ଧ ନ ଥିବାବେଳେ ବିଦେଶରେ ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି, ଯାହା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ଏଥିସହ ବିଦେଶରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସେପରି ଠିକ୍ ସୂଚନା ନାହିଁ। ତେଣୁ ଭାରତରେ ଏହାର ଔଷଧ ଉତ୍ପାଦନ ଏବଂ ଜିନ୍ ଥେରାପି ଉପରେ ଗବେଷଣା ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି ଜଣାଇବେ। ଧାରଣାରେ ଓଡିଶାର ୧୬ଜଣ ଅଭିଭାବକ ଅଂଶଗ୍ରହଣ କରିବେ। ଡିଏମଡି ପିଲାଙ୍କ ଅଭିଭାବକଙ୍କ ଦ୍ୱାରା ଗଠିତ 'ଓଡିଶା ଡୁଚେନେ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ' ଦ୍ୱାରା ପ୍ରାୟ ୫୦ ପିଲାଙ୍କୁ ଚିହ୍ନଟ କରାଯାଇଛି।

ଡିଏମ୍‌ଡି ଏକ ବିରଳ ଜେନେଟିକ୍ ବ୍ୟାଧି, ଯାହା ପ୍ରଗତିଶୀଳ ମାଂସପେଶୀକୁ ହ୍ରାସ କରିଥାଏ। ପିଲାଙ୍କୁ ୬-୭ ବର୍ଷ ବୟସ ବେଳକୁ ଏହି ରୋଗର ଲକ୍ଷଣ ଦେଖାଯାଇଥାଏ। ଧୀରେ ଧୀରେ ଏହା ହୃଦୟ ଏବଂ ଫୁସ୍‌ଫୁସ୍ ସମେତ ଶରୀରର ପ୍ରତ୍ୟେକ ମାଂସପେଶୀକୁ ଆକ୍ରାନ୍ତ କରେ। ପରବର୍ତ୍ତୀ ସମୟରେ ପିଲାକୁ ହ୍ୱିଲ ଚେୟାରର ସାହାରା ନେବାକୁ ପଡେ। ଏପିରିକି ଅଧିକାଂଶ ପିଲା ୨୦ ବର୍ଷରୁ ଅଧିକ ବଞ୍ଚନ୍ତି ନାହିଁ, ଯାହାକି ବଡ଼ ଚିନ୍ତାଜନକ ବିଷୟ। ତେଣୁ ଏହାର ଚିକିତ୍ସା ପଦ୍ଧତି ପାଇଁ ସରକାର ନିତାନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଓୟୁଏଟିରେ ଡ୍ରୋନ୍ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ତାଲିମ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ 'କୃଷି କାର୍ଯ୍ୟରେ ଡ୍ରୋନ୍ ଜ୍ଞାନ କୌଶଳ, ଆଗକୁ ଏହାର ବ୍ୟବହାରିକତାରେ ବୃଦ୍ଧି ଏବଂ ଏ ସମ୍ବନ୍ଧୀୟ ହାର୍ଡୱେୟାର, ସଫ୍ଟୱେୟାର, ସଂଯୋଗୀକରଣ ଓ ଉଡ଼ାଣ ବିଷୟରେ କୌଶଳ ପ୍ରଦାନ' ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ଦ୍ୱାରା ଡ୍ରୋନ୍ କୌଶଳର ବ୍ୟବହାର ସମ୍ବନ୍ଧିତ କ୍ଷେତ୍ର ପ୍ରକଳ୍ପର ଶୁଭାରମ୍ଭ ୧୯ତାରିଖରେ ହୋଇଥିଲା। ଜଗତ୍‌ସିଂହପୁର ଜିଲାର ଟାଇଁକୁଳଠାରେ ଏହାର ଉଡ଼ାଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ଯୋଗଦେଇ କୃଷକମାନଙ୍କ ସେବାରେ ଏହାର ସୁବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଳ୍ପ ଖର୍ଚ୍ଚ ଓ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ କିପରି ଡ୍ରୋନ୍‌ର ବ୍ୟବହାର ହୋଇପାରିବ ସେନେଇ ଗୁରୁତ୍ୱରୋପ କରିଥିଲେ। ଗବେଷଣା ନିର୍ଦ୍ଦେଶାଳୟର ଅଧକ୍ଷ ଡ.ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ, ଡ୍ରୋନ୍ ଟେକ୍ନୋଲୋଜି କିପରି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଲୋକପ୍ରିୟ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣେଇ କୃଷକ ଭଉଣୀଭାଇମାନେ ଖୁବ୍ ଲାଭବାନ୍ ହୋଇପାରିବେ ବୋଲି କହିଥିଲେ। ଡ୍ରୋନ୍ ମାଧ୍ୟମରେ ଅଳ୍ପ ଖର୍ଚ୍ଚରେ ସମନ୍ୱିତ ପ୍ରଣାଳୀରେ କୀଟନାଶକ ଔଷଧ ଓ ତରଳ ସାରର ପ୍ରୟୋଗ କରାଯାଇପାରିବ, ସେଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଶିକ୍ଷା ଲାଭ ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଜଣେ ଜଣେ ତାଲିମ୍‌ପ୍ରାପ୍ତ ଡ୍ରୋନ୍ ପରିଚାଳକ ହୋଇ କିପରି ଅନ୍ୟମାନଙ୍କୁ ତାଲିମ ଦେଇପାରିବେ ସେନେଇ ଗୁରୁତ୍ୱାରୋପ କରାଯାଉଛି। ବିଶ୍ୱବିଦ୍ୟାଳୟ ସ୍ତରରେ ବର୍ତ୍ତମାନ ୫ଟି ଡ୍ରୋନ୍ କ୍ରୟ କରାଯାଇ ୧୦ଟି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପରୀକ୍ଷାମୂଳକ ଭାବେ କ୍ଷେତ୍ର ପ୍ରଦର୍ଶନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି।




କାର୍ଯ୍ୟକ୍ରମରେ ଡ୍ରୋନ୍ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଉଛି ।

## ବାରିପଦାରୁ ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ସମ୍ପୃକ୍ତ ଅପହରଣକାରୀ ଯୁବକଙ୍କୁ ବାରିପଦାରୁ ଗିରଫ କରିଛି। ଏଥିସହ ନାବାଳିକା ଜଣଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଲେ ଶିଖରଚଣ୍ଡି ଅଞ୍ଚଳରେ ରହୁଥିବା କନ୍ଧମାଳର ଏଲସନ ନାୟକ (୨୦)। ଏ ନେଇ ପୋଲିସ ମାମଲା (ନଂ .୧୦୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୦ତାରିଖରେ ନାବାଳିକା ଜଣଙ୍କ କମ୍ପ୍ୟୁଟର କ୍ଲାସକୁ ଯାଉଥିବା ସମୟରେ ଅଭିଯୁକ୍ତ ଏଲସନ ତାଙ୍କୁ ରାସ୍ତାରୁ ଅପହରଣ କରିନେଇଥିଲେ। ପ୍ରଥମେ କନ୍ଧମାଳ ଏବଂ ପରେ ବାରିପଦା ଅଞ୍ଚଳକୁ ନେଇଯାଇଥିଲେ। ଅନ୍ୟପଟେ ନାବାଳିକାଙ୍କ ବାପା ଇନ୍‌ଫୋସିଟି ଥାନାରେ ଝିଅକୁ ଅପହରଣ କରାଯାଇଥିବା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ନାବାଳିକାଙ୍କୁ ଅପହରଣ କରିଥିବା ଯୁବକ ବାରିପଦାରେ ଥିବା ବିଶେଷ ସୂତ୍ରରୁ ପୋଲିସ ଜାଣିଥିଲା।

# ସଫେଇ ସଂସ୍ଥାକୁ ୧ଲକ୍ଷ ଟଙ୍କା ଜରିମାନା

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ପରିମଳ ନିୟମକୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ କଡ଼ାକଡ଼ି କରାଯାଇଛି। ପରିମଳ ନିୟମ

- ଜେଡିସି, ୱାର୍ଡ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍

ଅବମାନନା କ୍ଷେତ୍ରରେ ସଫେଇ ସଂସ୍ଥାରୁ ଆରମ୍ଭ କରି ସ୍ଥାନୀୟ ନାଗରିକ ଓ ଅନୁଷ୍ଠାନଠାରୁ ମୋଟା ଅଙ୍କର ଜରିମାନା ଆଦାୟ ହେଉଛି। ଏପରିସ୍ଥିତିରେ ପରିମଳ ନିୟମ ଖିଲାପ କରିବା ଘରୋଇ ଠିକା ସଫେଇ ସଂସ୍ଥା 'ଜାଗୃତି'କୁ ଭାରି ପଡିଛି। ସକାଳ ୯ଟା ପରେ ଅଳିଆ ଉଠାଯାଇ ନ ଥିବାରୁ ଏଥିପାଇଁ ୧ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ବିଏମ୍‌ସି ଅତିରିକ୍ତ କମିଶନର-୨ ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ଗୁରୁବାର ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ୍ ୱାର୍ଡ ନଂ.୬୩ ଅନ୍ତର୍ଗତ ଜାଗମରା ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରୁଥିଲେ। ସକାଳ ୯ଟା ପରେ ସମ୍ପୃକ୍ତ ଅଞ୍ଚଳରୁ ଅଳିଆ ଉଠି ନ ଥିବା ଦେଖି ସେ ବିରକ୍ତି ପ୍ରକାଶ କରିବା ସହ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଏମ୍‌ସି ପରିମଳ ଟିମ ଦ୍ୱାରା ଘଟଣାର ଯାଞ୍ଚ କରାଯାଇ ଘରୋଇ ସଂସ୍ଥାକୁ ଲକ୍ଷେ ଟଙ୍କା ଜରିମାନା କରାଯାଇଛି। ଏଥିସହ ଉକ୍ତ ଘରୋଇ ସଂସ୍ଥା ସମେତ ୱାର୍ଡ ପରିଚାଳନା ଦାୟିତ୍ୱରେ ଥିବା ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କାହିଁକି ଏତେ ସମୟ ଧରି ସେଠାରେ ଅଳିଆ ପଡି ରହିଥିଲା ଏବଂ ଅଧିକାରୀ କାହିଁକି ଏନେଇ ନଜର ଦେଇ ନ ଥିଲେ ତାହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସେମାନଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେନେଇ ଉତ୍ତର ରଖିବାକୁ କୁହାଯାଇଛି। ବିଏମ୍‌ସି ଦ୍ୱାରା ସହରର ସଫେଇ ଦାୟିତ୍ୱ ବିଭିନ୍ନ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି। ଠିକା ସଂସ୍ଥା 'ଜାଗୃତି'କୁ ମୋଟ ୨୮ ୱାର୍ଡର ସଫେଇ ଦାୟିତ୍ୱ ମିଳିଛି। ମାତ୍ର ଅଧିକାଂଶ ସମୟରେ ବିଭିନ୍ନ ଠିକା ସଂସ୍ଥା ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ନଜରକୁ ଆସୁଛି।

### ୨୩ଦିନରେ ଆଦାୟ ହେଲାଣି ୨୦ଲକ୍ଷ ଟଙ୍କା

ମାର୍ଚ୍ଚ ପହିଲାରେ ରାଜଧାନୀରେ ଥିବା ବିଭିନ୍ନ ଶୌଚାଳୟଗୁଡ଼ିକ ପରିଚାଳନା ଠିକେ ନ ଥିବା ଅଭିଯୋଗରେ ଘରୋଇ ସଂସ୍ଥା ସୁଲଭ ଇଣ୍ଟର ନ୍ୟାଶନାଲକୁ ବିଏମ୍‌ସି ୨୦ ହଜାର ଜରିମାନା କରିଥିଲା। ବୁଧବାର ଏକ ମସଲା ଫ୍ୟାକ୍ଟ୍ରି 'ଦର୍ଶନୀ ନ୍ୟୁଟ୍ରିମେଣ୍ଟ୍ସ'ଠାରୁ ୫୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାକୁ ମିଶାଇ ମାର୍ଚ୍ଚ ୨୩ ଯାଏ ପରିମଳ ନିୟମ ଅବମାନନା ଲାଗି ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି।

# ପୋଲିସ କବ୍‌ଜାରେ ତାମିଲନାଡୁ ଚୋର ଗ୍ୟାଙ୍ଗ୍

- ନକଲି ମୂକ-ବଧିର ସାର୍ଟିଫିକେଟ ଦେଖାଇ ଭିକ୍ଷା ମାଗୁଥିଲେ
- ସୁଯୋଗ ପାଇଲେ ଚୋରି ଆଦି ଅପରାଧ ଘଟାଉଥିଲେ
- ୪ ଲାପ୍‌ଟପ୍, ୭ ମୋବାଇଲ, ଚାର୍ଜର ଓ ଅନ୍ୟାନ୍ୟ ଜିନିଷ ଜବତ



ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ୩ ମାସ ଧରି ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବା ସହ ୩ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ତିରୁପତୁର ଜିଲାର କେ. ବାଲାଜି,ଏନ. ମୁରଗାନ ଏବଂ ଡି. ଗୋବିନ୍ଦନ। ସେମାନଙ୍କଠାରୁ ୪ଟି ଲାପ୍‌ଟପ, ୭ ମୋବାଇଲ ଫୋନ, ଚାର୍ଜର ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସ୍ ଜବତ ହୋଇଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ସାଧାରଣତଃ ନକଲି ମୂକ-ବଧିର ସାର୍ଟିଫିକେଟ ହାତରେ ଧରି ଘର, ହଷ୍ଟେଲ, ମେସ୍ ଆଦି ବୁଲି ବୁଲି ସହାୟତା ମାଗିବା ବାହାନାରେ ଯାହା ପାରୁଥିଲେ ଚୋରି କରି ଚମ୍ପଟ ମାରୁଥିଲେ। ବିଶେଷକରି ଟଙ୍କା, ସୁନା, ଲାପ୍‌ଟପ୍, ମୋବାଇଲ୍ ଫୋନ୍‌କୁ ଅଧିକ ଟାର୍ଗେଟ କରୁଥିଲେ। ଧରା ନ ପଡ଼ିବା ଲାଗି ଛୋଟ ହୋଟେଲରେ ରହିବା ସହ ଏପରି ଅଭିନବ ଉପାୟରେ ଚୋରି କରିବା ପରେ ଅନ୍ୟ ଅଞ୍ଚଳରେ ଥିବା ହୋଟେଲକୁ ପଳାଉଥିଲେ। ଚମ୍ପଟ ମାରିବାବେଳେ ଯଦି କାହା ହାବୁଡ଼ରେ ପଡିଯାଆନ୍ତି, ତେବେ ସେମାନେ ହାତରେ ଧରିଥିବା ମୂକ ବଧିର ସାର୍ଟିଫିକେଟ ଦେଖାଇ ଭିକ ମାଗିବାକୁ ଆସିଥିବା ଦର୍ଶାଇ ଖସି ଯାଆନ୍ତି। ତେବେ ଅଧିକାଂଶ ସମୟରେ ଏମାନେ ସକାଳ ସମୟରେ ଖୋଲା ଥିବା ଘର ଓ ମର୍ନିଂ ୱାକ୍‌ରେ ଯାଉଥିବା ଲୋକଙ୍କ ଘରକୁ ଟାର୍ଗେଟ କରିଥାନ୍ତି। ଚୋରି ଜିନିଷ ଅଧିକ ହେବା ପରେ ଟ୍ରେନ ମାଧ୍ୟମରେ ତାହାକୁ ତାମିଲନାଡୁ ପଠାଇଦିଅନ୍ତି। ଏହାପରେ ସେଠାରେ ଥିବା ଅନ୍ୟ ଗ୍ୟାଙ୍ଗ୍‌ର ସଦସ୍ୟମାନେ ସ୍ଥାନୀୟ ବଜାରରେ ଥିବା ଲୋକଙ୍କୁ କମ୍ ଟଙ୍କାରେ ବିକ୍ରି କରିଦିଅନ୍ତି। ସେହିପରି ଅଭିଯୁକ୍ତମାନେ ସ୍କୁଲ, କଲେଜକୁ ଯାଇ ପିଲାମାନଙ୍କୁ ଟଙ୍କା ମାଗୁଥିଲେ। ଯଦି କେହି ଦେଉ ନ ଥିଲେ ତା'ହେଲେ ମୂକ-ବଧିର ସାର୍ଟିଫିକେଟ ଦେଖାଇ ଅପରେଶନ ହେବ କହି ଟଙ୍କା ଆଦାୟ କରୁଥିଲେ। କୌଣସି କେସ୍ ହିଷ୍ଟ୍ରି ନ ଥିବାରୁ ପୋଲିସ ଏମାନଙ୍କୁ ଧରିବା କଷ୍ଟକର ହେଉଥିଲା। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଚଢାଉ ଜାରି ରଖିଛି। କଟକ-ଭୁବନେଶ୍ୱରରେ ମୋଟ ୧୨ଟି ମାମଲାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମଧ୍ୟ କାର କାଚ ଭାଙ୍ଗି ଚୋରି ଓ ଲୁଟ୍‌ପାଟ କରୁଥିବା ତାମିଲନାଡୁର ଏକ ଗ୍ୟାଙ୍ଗ ପୋଲିସ ହାତରେ ଧରାପଡିଥିଲା।

## ଘରୁ ବାହାରକୁ ଯାଉଥିଲେ ତାଲା ପକାଇ ଯାଆନ୍ତୁ : ଡିସିପି

ଚୋରି ଓ ଅନ୍ୟ ଅପରାଧରୁ ବର୍ତ୍ତିବା ଲାଗି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସହରବାସୀଙ୍କୁ ପୁଣି ଥରେ ସଚେତନତା କରାଇଛନ୍ତି। ଯଦି କୌଣସି କାମରେ କିମ୍ବା ମର୍ନିଂୱାକ୍ ବା ଫୁଲ ତୋଳିବାକୁ ଯାଉଛନ୍ତି, ତା'ହେଲେ ଘର ତାଲା ପକାଇ ଯାଆନ୍ତୁ। ସେହିପରି ହଷ୍ଟେଲ, ମେସ, କୋଚିଂ ସେଣ୍ଟର ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ କେହି ନ ଥିଲେ କବାଟ ଖୋଲା ରଖନ୍ତୁ ନାହିଁ। ସଚେତନ ରହିଲେ ଆପଣଙ୍କ ମୂଲ୍ୟବାନ ଜିନିଷ ନିରାପଦ ରହିପାରିବ ବୋଲି ଡିସିପି ସିଂ ସହରବାସୀଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ବେହରଣ ମଣ୍ଡପ ସୂଚନାଫଳକ ପରିବର୍ତ୍ତନ କରାଯାଉ ଶ୍ରୀଲିଙ୍ଗରାଜ ମନ୍ଦିର




ପୁରୁଣା ଭୁବନେଶ୍ୱର,୨୩।୩(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମନ୍ଦିରର ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ କରାଯାଇଥାଏ। ଅନେକ ସମୟରେ ବିଭାଗର ଅବହେଳା ଯୋଗୁ ପର୍ଯ୍ୟଟକ ଭ୍ରମରେ ପଡ଼ିଥାନ୍ତି। ଯାହାଫଳରେ ମନ୍ଦିର ସମ୍ବନ୍ଧରେ ସେମାନେ ଭୁଲ ତଥ୍ୟ ପାଇଥାନ୍ତି। ଏହିକ୍ରମରେ ମନ୍ଦିର ଦକ୍ଷିଣ ଘର ସମ୍ମୁଖରେ ଥିବା ବେହରଣ ମଣ୍ଡପରେ ଲାଗିଥିବା ସୂଚନା ଫଳକରେ ତ୍ରୁଟି ଥିବା ଜଣାପଡ଼ିଛି। ଏଏସ୍ଆଇ ବିଭାଗ ପକ୍ଷରୁ ଉକ୍ତ ବେହରଣ ମଣ୍ଡପକୁ ବେହେରାଣୀ ମଣ୍ଡପ ସୂଚିତ କରାଯାଇଛି। ଏହି ବେହରଣ ମଣ୍ଡପ ମନ୍ଦିର ହେବା ସମୟରେ ରହିଥିବା ବେଳେ ଏଠାରେ ଠାକୁରଙ୍କ ପୁଷ୍ପାଭିଷେକ, ମକର ସଂକ୍ରାନ୍ତି ଏବଂ ଓଢ଼ଣୀ ଷଷ୍ଠୀ ଆଦି ଦିନମାନଙ୍କରେ ଅଧିବାସ ପୂଜା ହୋଇଥାଏ। ଉକ୍ତ ମଣ୍ଡପରେ ଦିଅଁଙ୍କର ଚତୁର୍ଥୀ ହୋମ ମଧ ହୋଇଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ତ୍ରୁଟି ସୂଚନାଫଳକ ପାଇଁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଏସଆଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ସଠିକ୍ ତଥ୍ୟ ଥିବା ସୂଚନାଫଳକ ଲଗାଯିବା ପାଇଁ ସେବାୟତଙ୍କ ପକ୍ଷରୁ ଦାବି ହେଉଛି।

### ରାଷ୍ଟ୍ରୀୟ୍ କବି ସଙ୍ଗମର ପ୍ରାଦେଶିକ କବି ଗୋଷ୍ଠୀ

କଟକ ଅଫିସ,୨୩।୩: ରାଷ୍ଟ୍ରୀୟ୍ କବି ସଙ୍ଗମ ଓଡ଼ିଶା ଶାଖା ପକ୍ଷରୁ ଏକ ପ୍ରାଦେଶିକ କବି ଗୋଷ୍ଠୀ ଅନ୍‌ଲାଇନ୍‌ରେ ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା, ଅନୁଗୋଳ, ସମ୍ବଲପୁର, ବରଗଡ଼, କଟକ, ସୋନପୁର, ନବରଙ୍ଗପୁର ଜିଲାରୁ ୨୩ ଜଣ କବି ଯୋଗଦେଇ ରାଷ୍ଟ୍ରବାଦୀ ସମେତ ସମସାମୟିକ ବିଷୟ୍ ଉପରେ କବିତା ଉପସ୍ଥାପନ କରିଥିଲେ। ପ୍ରାଦେଶିକ ମହାମନ୍ତ୍ରୀ ପୁଷ୍ପା ସିଙ୍ଗି ସ୍ୱାଗତ ଭାଷଣ ଦେଇଥିଲେ। ବରଗଡ଼ର ରେଣୁ ଅଗ୍ରୱାଲ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ହିନ୍ଦୀ ଏବଂ ଓଡ଼ିଆ ଭାଷାରେ କବିତା ପାଠ ହୋଇଥିଲା। ପ୍ରାନ୍ତୀୟ୍ ଦାୟିତ୍ୱରେ ଥିବା ସାକ୍ଷୀଗୋପାଳ ପଣ୍ଡା ରାଷ୍ଟ୍ରୀୟ୍ କବି ସଙ୍ଗମର କାର୍ଯ୍ୟ ପ୍ରଣାଳୀ ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସବ୍ୟସାଚୀ ବିଶୋୟୀ, ରିମ୍‌ଜିମ୍ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଦେଶିକ ସଙ୍ଗଠନ ମନ୍ତ୍ରୀ ରୋହିତ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

### ଗାରେଡ଼ିପାଞ୍ଚଣ ସେବା ସମବାୟ୍ ସମିତିର ସାଧାରଣ ବୈଠକ

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ସେବା ସମବାୟ୍ ସମିତିର ବାର୍ଷିକ ସାଧାରଣ ବୈଠକ ଗୁରୁବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱ କରିଥିଲେ। ସରକାର ଚାଷୀମାନଙ୍କୁ ଦେଉଥିବା ପ୍ରତିଶ୍ରୁତି ଅନୁସାରେ ଧାନ କିଣୁ ନ ଥିବା ଅଭିଯୋଗ ହୋଇଥିଲା। ଟୋକନ ଅବଧି ବଢ଼ାଇବା, ଚାଷଜମି ଅନୁସାରେ ଧାନ କିଣିବା, କେତେ ଧାନ କିଣିବେ ସାଧାରଣ ଯୋଗାଣ ବିଭାଗ ଆଗୁଆ ଜଣାଇବାକୁ ଆଦି ଦାବି ରହିଥିଲା। ସୁଫଳ ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଉପସ୍ଥିତ ଚାଷୀମାନେ ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ସମବାୟ୍ ବ୍ୟାଙ୍କ ଶାଖା ପରିଚାଳକ ଶୁଭାଶିଷ ରାୟ୍, ସୁପରଭାଇଜର ସତ୍ୟାନନ୍ଦ ବିଶ୍ୱାଳ, ସୁକାନ୍ତ ପରିଡା, ଆରସିଏମଏସ ସମ୍ପାଦକ ନିରଞ୍ଜନ ନାଥ, ଇଫକୋ କ୍ଷେତ୍ର ଅଧିକାରୀ ସୌମ୍ୟରଞ୍ଜନ ହାତୀ ଓ ଅଲକା ବୋର୍ଡ ସଭ୍ୟ ପ୍ରଦୋଷ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ସମବାୟ୍ ବ୍ୟାଙ୍କ ସହାୟତା, ଜୈବିକ ଓ ବିଭିନ୍ନ ପ୍ରଣାଳୀରେ ଚାଷ କରିବାକୁ ସଚେତନ କରାଇଥିଲେ। ଡିଇଓ ହରିହର ଭାତ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଜାନକୀବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଗୁରୁବାର ଭୁବନେଶ୍ୱର ଏକ ହୋଟେଲ୍‌ରେ ଅନୁଷ୍ଠିତ ଉତ୍କଳ ଧନ୍ୱନ୍ତରୀ ଡ. ଅଭୟ କୁମାର ପତିଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

# ମୁଁ ଆଉ ତୁମେ ବୟସର ଅନ୍ତେ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଭିଜା ଭିଜା ସକାଳର ଭାବୁକ କୁହୁଡ଼ି... ଦେହେ ବାଜି ସ୍ମୃତି ସବୁ ଯାଆନ୍ତି ମାଡ଼ି। ବୟସର ପରିଣତ ସମୟରେ ପରସ୍ପର ସାଥୀ ହୋଇ ପୁରୁଣା ସ୍ମୃତି ସବୁକୁ ଜାବୁଡ଼ି ଧରି ରଖିବାକୁ ଚେଷ୍ଟା କରିଛନ୍ତି ପ୍ରଫେସର ନିତ୍ୟାନନ୍ଦ ଓ ତାଙ୍କ ପତ୍ନୀ ପ୍ରତୀମା। ପ୍ରଫେସର ନିତ୍ୟାନନ୍ଦ ପତ୍ନୀଙ୍କର ଶେଷ ଇଚ୍ଛାକୁ ପୂରଣ କରିବାକୁ ଯାଇ ତାଙ୍କ ପାଖେ ପୁରୁଣା ସ୍ମୃତି ସବୁକୁ ଅଜାଡ଼ି ଦେଇଛନ୍ତି। ସମ୍ପର୍କ ଆରମ୍ଭରୁ ସେହି ଦିନଗୁଡ଼ିକୁ ଭେଟି ଦେବାର ପ୍ରୟାସ ଶେଷରେ ପତ୍ନୀଙ୍କ ମୃତ୍ୟୁ ଆଗରେ ହାର ମାନିଛି। ବୟସର ଶେଷ ସମୟରେ ନାଟକ 'ବୟସର ଅନ୍ତେ' ଦର୍ଶକଙ୍କୁ ଏକ ନୂଆ ଅନୁଭବ ଆଣିଦେଇଛି। ପାଠ ପଢ଼ି ପୁଅ, ଝିଅ ବାହାରକୁ ଗଲାପରେ ବାପା, ମା'ମାନଙ୍କୁ ଭୁଲି ଯାଉଛନ୍ତି। ଆଜିକାଲିର ଆଧୁନିକ ଯୁଗରେ ବୁଢା ବାପା, ମା'ଙ୍କ ହାତରେ ମୋବାଇନ ଫୋନ ଧରେଇ ଦେଇ ଦୁଃଖ, ସୁଖ ବୁଝିବାରେ ପିଲାମାନେ ସୀମିତ ହୋଇଯାଉଛନ୍ତି। ଆଖିରେ ଦେଖିବାକୁ ଝୁରି ହେଉଥିବା ବାପା, ମା' ଭିଡିଓ କଲରେ ପିଲାଙ୍କୁ ଦେଖି ମନ ବୁଝାଉଛନ୍ତି। ପିଲାମାନଙ୍କ ବାଟକୁ ଅନାଇ ଶେଷରେ ପରସ୍ପରକୁ ସାହାର ଭାବି ଦିନ କାଟୁଛନ୍ତି। ପ୍ରଫେସର ନିତ୍ୟାନନ୍ଦ ଓ ପ୍ରତିମାଙ୍କ କାହାଣୀ ବି ଠିକ୍ ସେମିତି କିଛି। ପାଠ ପଢି ପିଲାମାନେ ବାହାରକୁ ଯିବାପରେ ଏମାନେ ଯେମିତି ଅଲୋଡ଼ା ହୋଇପଡ଼ିଛନ୍ତି। ହଠାତ୍ ଦିନେ ପ୍ରତିମାଙ୍କ ଦେହ ଖରାପ ହେବା ପରେ ପ୍ରଫେସର ବହୁତ ଭାଙ୍ଗିପଡ଼ନ୍ତି। ଡାକ୍ତର ସିଦ୍ଧାର୍ଥ ମୃତ୍ୟୁର ସମୟ ପାଖେଇ ଆସୁଛି ବୋଲି କହିବା ପରେ ନିତ୍ୟାନନ୍ଦଙ୍କ ଉପରେ ଆକାଶ ଛିଣ୍ଡି ପଡ଼ିଛି। ପ୍ରତିମାଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ସେ ଦୁହିଁଙ୍କ ଜୀବନ ଆରମ୍ଭର ପ୍ରାରମ୍ଭିକ ସମୟକୁ ତାଙ୍କ ଆଗେ ପୁଣି ଫେରାଇ ଦେବାର ଚେଷ୍ଟା କରିଛନ୍ତି। ମୁଁ ଆଉ ତୁମେରେ ଆରମ୍ଭ ହୋଇଥିବା ଏହି କାହାଣୀ ବୟସର ଅନ୍ତରେ ଶେଷ ହୋଇଛି। ଗୁରୁବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଓଡ଼ିଆୱାନ୍ ଥିଏଟର ଗ୍ରୁପ ପକ୍ଷରୁ ଏହି ନାଟକ ପରିବେଷିତ ହୋଇଛି। ମୁଖ୍ୟ ଚରିତ୍ରରେ ଅଭିନେତା ସମରେଶ ରାଉତରାୟଙ୍କ ସହ ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ଦେଖିବାକୁ ମିଳିଥିଲା। ଡ. ସିଦ୍ଧାର୍ଥ ଚରିତ୍ରରେ ରଶ୍ମି ମହାନ୍ତି ଅଭିନୟ କରିଛନ୍ତି। ନାଟକଟି ଯୁବ ନିର୍ଦ୍ଦେଶକ ବିଶାନ ବଳଭଦ୍ର ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଛି। ନାଟକଟିର ଟାଇଟଲ ସଙ୍ଗ ବୟସର ଅନ୍ତେ ବେଶ୍ ଲୋକପ୍ରିୟ ହୋଇଛି।

# ବିନା ସୂଚନା ଫଳକରେ ଚାଲିଛି ରାସ୍ତା ନିର୍ମାଣ

**ସରକାରଙ୍କ ନୀତି ନିୟମକୁ ବିଭାଗର ଉଲ୍ଲଂଘନ**

ବାରଙ୍ଗ,୨୩।୩(ଡି.ଏନ୍.ଏ.)

ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର ବିଚିତ୍ର ନୀତି ଦେଖିବାକୁ ମିଳିଛି। ରାଜଧାନୀ ଉପକଣ୍ଠ ଦାଢା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଟଣା କଲେଜ ଛକଠାରୁ ଦାଢା ଭୋଇସାହି ରାସ୍ତାରେ ବିନା ସୂଚନାଫଳକରେ ଉନ୍ନତୀକରଣ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ସରକାରୀ ଅନୁଦାନରେ ଆରମ୍ଭ ହେଉଥିବା କାର୍ଯ୍ୟର ସ୍ୱଚ୍ଛତା ସହ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସମସ୍ତ ତଥ୍ୟ ସୂଚନା ଫଳକରେ ଲିପିବଦ୍ଧ କରି କାର୍ଯ୍ୟ କରିବା ନିୟମ ରହିଛି। ହେଲେ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କରି କାର୍ଯ୍ୟ କରି ଚାଲିଛି। ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷା କାନ୍ଥ ସହ ରାସ୍ତାରେ ଟାଇଲ ବିଛାଇବା ଓ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ସରକାରଙ୍କ କେଉଁ ଅନୁଦାନରୁ ଟଙ୍କା ଆସିଛି, କେତେ ଟଙ୍କା ଆସିଛି ତାହାକୁ ଗୋପନ ରଖି ରାସ୍ତାର ଉନ୍ନତୀକରଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ କରିଚାଲିଛି। ଉକ୍ତ କାର୍ଯ୍ୟର ଦାୟିତ୍ୱରେ ଥିବା ଜେଇ ଓ ଏସ୍‌ଡିଓଙ୍କ ଏହି ଏକଚାଟିଆ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ରାସ୍ତା ଉନ୍ନତୀକରଣ ପାଇଁ କେଉଁ ଅନୁଦାନରୁ ଅର୍ଥ ଆସିଛି ଏବଂ କେତେ ଟଙ୍କାର ଅନୁଦାନ ଆସିଛି ଓ ରାସ୍ତା ଉପରେ ବାଲି, ଗୋଡି, ମିକ୍ସର ମେଶିନ ରଖି ରାସ୍ତା ଅବରୋଧ ସମ୍ପର୍କରେ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ସୁବାସ ବେହେରାଙ୍କୁ ପଚାରିବାରେ, ସେ ବ୍ୟସ୍ତ ଅଛନ୍ତି, ପରେ କଥା ହେବେ ବୋଲି କହି ଫୋନ ରଖିଦେଇଥିଲେ।

# ଓୟୁଏଟିରେ ଡ୍ରୋନ୍ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ତାଲିମ




ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ 'କୃଷି କାର୍ଯ୍ୟରେ ଡ୍ରୋନ୍ ଜ୍ଞାନ କୌଶଳ, ଆଗକୁ ଏହାର ବ୍ୟବହାରିକତାରେ ବୃଦ୍ଧି ଏବଂ ଏ ସମ୍ବନ୍ଧୀୟ ହାର୍ଡୱେୟାର, ସଫ୍ଟୱେୟାର, ସଂଯୋଗୀକରଣ ଓ ଉଡ଼ାଣ ବିଷୟରେ କୌଶଳ ପ୍ରଦାନ' ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ଦ୍ୱାରା ଡ୍ରୋନ୍ କୌଶଳର ବ୍ୟବହାର ସମ୍ବନ୍ଧିତ କ୍ଷେତ୍ର ପ୍ରକଳ୍ପର ଶୁଭାରମ୍ଭ ୧୯ତାରିଖରେ ହୋଇଥିଲା। ଜଗତ୍‌ସିଂହପୁର ଜିଲାର ଟାଇଁକୁଳଠାରେ ଏହାର ଉଡ଼ାଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ଯୋଗଦେଇ କୃଷକମାନଙ୍କ ସେବାରେ ଏହାର ସୁବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଳ୍ପ ଖର୍ଚ୍ଚ ଓ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ କିପରି ଡ୍ରୋନ୍‌ର ବ୍ୟବହାର ହୋଇପାରିବ ସେନେଇ ଗୁରୁତ୍ୱରୋପ କରିଥିଲେ। ଗବେଷଣା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଡ.ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ, ଡ୍ରୋନ୍ ଟେକ୍ନୋଲୋଜି କିପରି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଲୋକପ୍ରିୟ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣେଇ କୃଷକ ଭଉଣୀଭାଇମାନେ ଖୁବ୍ ଲାଭବାନ୍ ହୋଇପାରିବେ ବୋଲି କହିଥିଲେ। ଡ୍ରୋନ୍ ମାଧ୍ୟମରେ ଅଳ୍ପ ଖର୍ଚ୍ଚରେ ସମନ୍ୱିତ ପ୍ରଣାଳୀରେ କୀଟନାଶକ ଔଷଧ ଓ ତରଳ ସାରର ପ୍ରୟୋଗ କରାଯାଇପାରିବ, ସେଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଶିକ୍ଷା ଲାଭ ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଜଣେ ଜଣେ ତାଲିମ୍‌ପ୍ରାପ୍ତ ଡ୍ରୋନ୍ ପରିଚାଳକ ହୋଇ କିପରି ଅନ୍ୟମାନଙ୍କୁ ତାଲିମ ଦେଇପାରିବେ ସେନେଇ ଗୁରୁତ୍ୱାରୋପ କରାଯାଉଛି। ବିଶ୍ୱବିଦ୍ୟାଳୟ ସ୍ତରରେ ବର୍ତ୍ତମାନ ୫ଟି ଡ୍ରୋନ୍ କ୍ରୟ କରାଯାଇ ୧୦ଟି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପରୀକ୍ଷାମୂଳକ ଭାବେ କ୍ଷେତ୍ର ପ୍ରଦର୍ଶନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି।

## ପାହାଳ ସମବାୟ ସମିତିରେ ଋଣ କର୍ମଶାଳା

ବାଲିଅନ୍ତା,୨୩।୩(ଡି.ଏନ୍.ଏ.)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବାଲିଅନ୍ତା ଶାଖା ଅଧୀନ ପାହାଳ ସେବା ସମବାୟ ସମିତିର ସ୍ଥାୟୀ କାର୍ଯ୍ୟାଳୟରେ ଗୁରୁବାର ଏକ ବ୍ୟାଙ୍କସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିଥି ରୂପେ ଭୁବନେଶ୍ୱର ସମବାୟ ସମିତି ସହକାରୀ ନିବନ୍ଧକ ସ୍ନିଗ୍ଧାରାଣୀ ଶତପଥୀ, ସମବାୟ ସମିତି ଇନ୍ସପେକ୍ଟର ମିନତି ନନ୍ଦ, ଶାଖା ପରିଚାଳକ ରଞ୍ଜିତ ସାହୁ, ପୂର୍ବତନ ସଭାପତି ପଦ୍ମନାଭ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାକୁ ପରିଚାଳନା କରି ସମିତି ସଭାପତି ପ୍ରଶାନ୍ତ ଦାସ ଋଣ ଦେବାକୁ ସମିତି ସବୁବେଳେ ପ୍ରସ୍ତୁତ ଥିବା କହିଥିଲେ। କିନ୍ତୁ ଋଣ ନେଇ ଲୋକ ଏହାକୁ ଫେରାଉ ନ ଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଣକୃଷି ଋଣ ନେଇଥିବା ହିତାଧିକାରୀଙ୍କୁ ସବ୍‌ସିଡି ମିଳୁ ବୋଲି ସେ ଦାବି କରିଥିଲେ। ସମିତି ସମ୍ପାଦକ ସରୋଜ ରଥ ଧନ୍ୟବାଦ ଦେଇଥିଲେ।

## ସେବା ସମିତିର ସାଧାରଣ ସଭା

ବାଲିଅନ୍ତା,୨୩।୩(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ସେବା ସମବାୟ ସମିତିର ୬୬ତମ ବାର୍ଷିକ ସାଧାରଣ ସଭା ଓ ଆର୍ଥିକ ସାକ୍ଷରତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦିଗମ୍ବର ମଙ୍ଗରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ମାର୍କଫେଡ୍‌ର ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ବିପିନ ବିହାରୀ ପାତ୍ର, ଅକ୍ଷୟ ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ରାୟ, ଅନ୍ତର୍ଯାମୀ ଛୋଟରାୟ ଓ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମିତିର ଋଣ ଲଗାଣ ଓ ଆଦାୟ ଉପରେ ଆଲୋକପାତ କରିଥିଲେ। ସମିତି ସମ୍ପାଦକ ନିରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଏକ ଏସ୍‌ଏଚ୍‌ଜିକୁ ୧ଲକ୍ଷ ଟଙ୍କା, ୩ଜଣ ହିତାଧିକାରୀଙ୍କୁ କୃଷିଋଣ ବଣ୍ଟନ କରାଯାଇଥିଲା।

# ୫୦ ଦିବ୍ୟାଙ୍ଗଙ୍କୁ ଆଧୁନିକ ମୋଟରଯାନ ବଣ୍ଟନ



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ଦିବ୍ୟାଙ୍ଗଙ୍କୁ ମୋଟରଯାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗମାନଙ୍କୁ ୫୦ଟି ରେଟ୍ରୋ-ଫିଟେଡ୍ ମୋଟରଯାନ ବଣ୍ଟନ କରାଯାଇଛି। ଗୁରୁବାର ପୋଖରୀପୁଟସ୍ଥିତ ନ୍ୟାଶନାଲ୍ କ୍ୟାରିୟର ସର୍ଭିସ୍ ସେଣ୍ଟର ଫର୍ ଡିଫରେଣ୍ଟ୍‌ଲି ଏବୁଲଡ୍ (ଏନ୍‌ସିଏସ୍‌ଡିଏ) ପରିସରରେ ଏ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଯୋଗ୍ୟ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଏହି ଅତ୍ୟାଧୁନିକ ମୋଟରଯାନ ବଣ୍ଟନ କରିଥିଲେ। ଦିବ୍ୟାଙ୍ଗମାନଙ୍କ ସହଜ ଓ ସରଳ ଯାତାୟତ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ଉଦ୍ୟମ। ରାଜ୍ୟରେ ଦିବ୍ୟାଙ୍ଗଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏପରି କାର୍ଯ୍ୟକ୍ରମ ସେମାନଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ, ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭାଗକୁ ପ୍ରଶଂସା କରିଥିଲେ। ହିରୋ ମୋଟର୍ସର ଓଡ଼ିଶା ମୁଖ୍ୟ ହର୍ଷବର୍ଦ୍ଧନ ଯୋଗଦେଇ କହିଥିଲେ, ସମାଜ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଉଦ୍ୟୋଗୀମାନେ ଆଗ୍ରହୀ ଅଛନ୍ତି। ଏଥିସହ ଦିବ୍ୟାଙ୍ଗମାନଙ୍କୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଏପରି ମୋଟରଯାନ ବିତରଣ କରାଯାଉଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ବିଭାଗୀୟ ଶାସନ ସଚିବ ଭାସ୍କର ଶର୍ମା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ମୋଟରଯାନଗୁଡ଼ିକର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେବା ସହିତ ସେମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ବିଭାଗୀୟ ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଅଶୋକାଷ୍ଟମୀ ରଥଯାତ୍ରା ସମନ୍ୱୟ ବୈଠକ

ପୁରୁଣା ଭୁବନେଶ୍ୱର,୨୩।୩(ଡି.ଏନ୍.ଏ.)

ଆସନ୍ତା ୨୯ତାରିଖରେ ଅଶୋକାଷ୍ଟମୀ ରଥଯାତ୍ରା। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏହି ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର ଅପରାହ୍ନରେ ସର୍କିଟ ହାଉସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପି.କେ.ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରତ୍ୟେକ ବିଭାଗ ଦାୟିତ୍ୱ ଶୃଙ୍ଖଳିତଭାବେ ତୁଲାଇବା ପାଇଁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକ, ରୁଦ୍ର ନନ୍ଦଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବୈଠକରେ କୌଣସି ନିଯୋଗ ପ୍ରମୁଖ ଯୋଗଦେଇ ନ ଥିବା ଜଣାପଡ଼ିଛି।




ପ୍ରଗତିଶୀଳ ସାହିତ୍ୟ ପତ୍ରିକା ଅକ୍ଷର ପକ୍ଷରୁ ଗୁରୁବାର ରେଡ୍‌କ୍ରସ ଭବନରେ ଶହୀଦ୍ ଭଗତ୍ ସିଂଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ଆଲୋଚନା ଆସରରେ ଅତିଥିମାନେ ଅମିୟ ପାଣ୍ଡବଙ୍କ ପୁସ୍ତକ 'ନିର୍ଭୀକ ନିଷ୍କର୍ଷ'କୁ ଉନ୍ମୋଚନ କରୁଛନ୍ତି।




୯୩ତମ ଶହୀଦ ଦିବସରେ ଗୁରୁବାର ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଶହୀଦ ଭଗତ ସିଂ, ଶୁଖଦେବ ଓ ରାଜଗୁରୁଙ୍କୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଆଜି କ'ଣ କେଉଁଠି

**କଟକ**

- କଳା ବିକାଶ କେନ୍ଦ୍ର ପକ୍ଷରୁ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଘାଟନ, କେନ୍ଦ୍ର ପ୍ରେକ୍ଷାଳୟ, ବକ୍ସିବଜାର, ସନ୍ଧ୍ୟା ୬ଟା।

**ଟିଗିରିଆ**

- ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜନଶୁଣାଣି ଶିବିର, ବ୍ଲକ ସଭାଗୃହ, ପୂର୍ବାହ୍ନ ୧୧ଟା।
- ନୂଆପାଟଣା କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସମିତି ପରିସର, ଅପରାହ୍ନ ୩ ଟା।

## ରମଜାନ ମାସ ଆରମ୍ଭ

ଟିଗିରିଆ,୨୩।୩(ଡି.ଏନ୍.ଏ.): ମୁସଲମାନଙ୍କ ପବିତ୍ର ରମଜାନ ମାସ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଛି। ସନ୍ଧ୍ୟାରେ ଚାନ୍ଦ ଦର୍ଶନ ପରେ ନମାଜ ପାଠ ସହ ରମଜାନ ମାସ ଆରମ୍ଭ ହୋଇଥିଲା। ଟିଗିରିଆ ବ୍ଲକ ଜମାତ ଅହମଦିୟା ପଙ୍କାଲ ଜାମା ମସ୍‌ଜିଦରେ ମୌଲାନା ସେକ୍ କାଦିର ମହିଳା ପୁରୁଷଙ୍କୁ ସାମୂହିକ ନମାଜ ପାଠ କରାଇଥିଲେ। ପ୍ରତ୍ୟହ ରାତି ୩.୩୦ରୁ ରୋଜା ରଖାଯିବ।

## ସଡ଼କ ଦୁର୍ଘଟଣାରେ ଦିବ୍ୟାଙ୍ଗ ମୃତ

ବାଙ୍କୀ,୨୩।୩ (ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ପର୍ଶୁରାମ ଗାଁ ଛକରେ ସଡ଼କ ଦୁର୍ଘଟଣାରେ ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗାଁର ବିନୋଦ ବିହାରୀ ସାହୁ। ରାସ୍ତା ପାର ହେଉଥିବା ସମୟରେ ଏକ ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ରୂପାନ୍ତରଣ ପାଇଁ ବୈଠକ

ବାଙ୍କୀ,୨୩।୩(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ୫-ଟି ଯୋଜନାରେ ରୂପାନ୍ତରଣ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ଉପଖଣ୍ଡ ଚିକିତ୍ସାଳୟ ପରିସର ସଭାଗୃହରେ ରୋଗୀ କଲ୍ୟାଣ ସମିତି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ଶଶିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ୫-ଟି ମାଧମରେ ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସଭାରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବାଙ୍କୀ ଏନ୍‌ଏସି ଚେୟାରମ୍ୟାନ ମାଣିକ ସାହୁ, ଡାକ୍ତର ଧୂଳେଶ୍ୱର ପ୍ରଧାନ ଯୋଗଦେଇଥିଲେ। ଏନଏଚ୍‌ଏମ୍‌ର ନୋଡାଲ ଅଫିସର ତାରିଣି ପ୍ରସାଦ ପରିଡା ଏହି ଉପଖଣ୍ଡ ଚିକିତ୍ସାଳୟର ଉନ୍ନତି ପାଇଁ ୪କୋଟି ୪୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ବୋଲି ପ୍ରକାଶ କରିଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତି ସଭ୍ୟ ସନ୍ତୋଷ କୁମାର ରଣା, ସମରେନ୍ଦ୍ର ମହାପାତ୍ର, ପଠାଣୀ ବେହେରା, କାଉନସିଲର ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ର, ଜିଲା ପରିଷଦସ ସଭ୍ୟ ଆଶିଷ ସାହୁ , କେନ୍ଦ୍ରୀୟ ଜୋନ ଜିଲାପରିଷଦ ସଭ୍ୟ ମିନତି ମହାପାତ୍ର, ବାଙ୍କୀ ଡମପଡ଼ା ବ୍ଲକ ଚେୟାରମ୍ୟାନ ପ୍ରଣବ ପଟେଲ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଓ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବିନୟ କୁମାର ପଣ୍ଡା ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ଶଶିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା।

## ଚକ୍ଷୁ ଚିକିତ୍ସା ଶିବିର

ମାହାଙ୍ଗା,୨୩।୩(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ଗାଁ ରାଜୀବ ସେବା କେନ୍ଦ୍ରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ସାଇ ନେତ୍ରଧାମ ମେଡିକାଲ ପକ୍ଷରୁ ଆୟୋଜିତ ଶିବିରଟି ସକାଳ ୯ଟାରୁ ମଧାହ୍ନ ୧୨ ପର୍ଯ୍ୟନ୍ତ ଖୋଲାରହିଥିଲା। ଡା. ସିଲାରାଣୀ ବରାଳ ଏବଂ ଡା. ସୁଶୀଲ ରାଉତ ଯୋଗଦେଇ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଯେଉଁମାନଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଛି ସେମାନଙ୍କୁ ସାଇ ନେତ୍ରଧାମ ମେଡିକାଲରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ସୁଜାତା ମଲିକ, ସମିତିସଭ୍ୟା ରେବତୀ ସେଠୀ, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# 'ସ୍ୱାଧୀନତା ପାଇଁ ନୂଆ ଆଶା ସୃଷ୍ଟି କରିଥିଲେ ଗାନ୍ଧିଜୀ'

### ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୨ ବର୍ଷ ପୂର୍ତ୍ତି

କଟକ ଅଫିସ, ୨୩।୩:

ମହାତ୍ମା ଗାନ୍ଧୀ ତାଙ୍କ ଜୀବନକାଳରେ ୮ ଥର ଓଡ଼ିଶା ଗସ୍ତରେ ଆସିଥିଲେ। ଗାନ୍ଧିଜୀ ୧୦୨ ବର୍ଷ ପୂର୍ବେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅନୁରୋଧକ୍ରମେ ପ୍ରଥମ ଥର ଓଡ଼ିଶା ଆସିଥିଲେ। ଗାନ୍ଧିଜୀ କଟକର କାଠଯୋଡ଼ି ନଦୀବାଲିରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ଓଡ଼ିଶାବାସୀଙ୍କ ମନରେ ସ୍ୱାଧୀନତା ପାଇଁ ନୂଆ ଆଶା ସୃଷ୍ଟି କରିଥିଲେ। ତାଙ୍କ ଆଦର୍ଶରେ ଓଡ଼ିଶାବାସୀ ଅନୁପ୍ରାଣିତ ହୋଇଥିଲେ। ଓଡ଼ିଶାରେ ଖଦିବସ୍ତ୍ର ତିଆରି ଓ ବ୍ୟବହାର ମାଧ୍ୟମରେ ସ୍ୱଦେଶ ପ୍ରଚାର ସହ ଦାରିଦ୍ର୍ୟ ଦୂର କରିବା ଉପରେ ଗାନ୍ଧିଜୀ ପ୍ରୟାସ କରିଥିଲେ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଗାନ୍ଧିଜୀଙ୍କ କଟକ ଆଗମନର ୧୦୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ବେଲ୍‌ଭ୍ୟୁସ୍ଥିତ କାଠଯୋଡ଼ିକୂଳ ଗାନ୍ଧୀ ଉଦ୍ୟାନଠାରେ ଗୁରୁବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚୟନୀ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି, କସ୍ତୁରବା ଗାନ୍ଧୀ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉପରୋକ୍ତ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି, ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀ ମୁଖ୍ୟ ଡା ବିଶ୍ୱଜିତ୍, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ତାଙ୍କ ସ୍ତ୍ରୀ କସ୍ତୁରବା ଏବଂ ପୁତ୍ର ଦେବଦାସ ୧୯୨୧ ମାର୍ଚ୍ଚ ୨୨ରେ କଟକ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ପରଦିନ କାଠଯୋଡ଼ି ନଦୀବାଲିରେ ଆୟୋଜିତ ସାଧାରଣ ସଭାରେ ଗାନ୍ଧିଜୀ ଯୋଗଦେଇଥିଲେ। ଉକ୍ତ ସାଧାରଣ ସଭା ଓ କଟକ ଆଗମନର ସ୍ମୃତି ସ୍ୱରୂପ ବେଲ୍‌ଭ୍ୟୁସ୍ଥିତ କାଠଯୋଡ଼ି ନଦୀକୂଳରେ ଗାନ୍ଧିଜୀଙ୍କ ନାମରେ ଉଦ୍ୟାନ ନିର୍ମାଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି।



ଗାନ୍ଧୀ ଉଦ୍ୟାନରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

## ଛାତ୍ରାବାସ, ଆଉଟ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ବାଙ୍କୀ, ୨୩।୩(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରାବାସ, ଶୈକ୍ଷିକ ଭବନ ଓ ଆଉଟ୍‌ଡୋର ଷ୍ଟାଡିୟମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବ୍ୟାଙ୍କ ସହାୟତାରେ ଏସବୁ ନିର୍ମାଣକାର୍ଯ୍ୟ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଇଂ.ରୋହିତ କୁମାର ପୂଜାରୀ ଯୋଗଦେଇ ବାଙ୍କୀ କଲେଜର ସୁନାମ ସାରା ରାଜ୍ୟରେ ରହିଛି ବୋଲି କହିଥିଲେ। ଏହାର ବିକାଶ ପାଇଁ ଯାହା ସହାୟକ ଦରକାର ତାହା ରାଜ୍ୟ ସରକାର ନିଶ୍ଚିତ ପୂରଣ କରିବେ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ମହାବିଦ୍ୟାଳୟର ପ୍ରତିଷ୍ଠାରେ ଯେଉଁ ମହାମନୀଷୀଙ୍କର ଅବଦାନ ରହିଛି, ସେମାନେ ଚିରସ୍ମରଣୀୟ ବୋଲି କହିଥିଲେ। ଉତ୍ସବରେ କଲେଜ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ରାଜକିଶୋର ପାଲ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ଅଧ୍ୟାପକ ନିରାକାର ସାମନ୍ତରାୟ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, କ୍ରୀଡା ଅଧ୍ୟାପକ ରବି ନାରାୟଣ ପ୍ରଧାନ, ବୃନ୍ଦାବନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ କୁମାର ପୂଜାରୀ ଓ ଅନ୍ୟ ଅତିଥିମାନେ।

## ଶହୀଦ ଭଗତ ସିଂଙ୍କ ଆଦର୍ଶ, ବିଚାରଧାରାକୁ ଆପଣାଅ




ବଳିଦାନ ଦିବସ ଉପଲକ୍ଷେ ଆୟୋଜିତ ମଶାଲ ଶୋଭାଯାତ୍ରା।

ଆଠଗଡ଼,୨୩।୩(ସ୍ୱ.ପ୍ର.)

ଶହୀଦ ଭଗତ ସିଂ, ସାଥୀ ରାଜଗୁରୁ ଓ ସୁଖଦେବଙ୍କ ଆଦର୍ଶ, ବିଚାରଧାରାକୁ ଆପଣାଇବାକୁ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁବାର ଆହ୍ୱାନ ଦେଇଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡର ଲକ୍ଷ୍ମୀ ବଜାର ମଣ୍ଡପଠାରେ ଆୟୋଜିତ ବଳିଦାନ ଦିବସ ସଭାରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଦେଶପାଇଁ ଆଗେଇ ଆସିବାକୁ ଯୁବକମାନଙ୍କୁ କହିଥିଲେ। ଆଠଗଡ଼ ସହର ବିଜେଡି ଯୁବ ସଭାପତି ଶିବ ଶଙ୍କର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଇତିହାସ ବିଭାଗର ପ୍ରାଧ୍ୟାପକ ପ୍ରଶାନ୍ତ ପ୍ରଧାନ, ମାଲକାନଗିରି ମାନବାଧିକାର ସଦସ୍ୟ ଦେବବ୍ରତ ବେହେରା ଓ ପ୍ରଗତିଶୀଳ ଛାତ୍ର ମନୋଜ କର ପ୍ରମୁଖ ଯୋଗଦେଇ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଜେଡି ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆଠଗଡ଼ ନିର୍ବାଚନ ମଣ୍ଡଳୀର ୫ ଜୋନରୁ ମୋଟର ସାଇକେଲ ରାଲି ବାହାରି ପ୍ରଥମେ ଜଗନ୍ନାଥ ମନ୍ଦିର ଓ ପରେ ଲକ୍ଷ୍ମୀ ବଜାର ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଠଗଡ଼ ଯୁବ ଜନତା ସଭାପତି ବିନୋଦ କୁମାର ମାଝି, ଆଠଗଡ଼ ସହର ଛାତ୍ର ବିଜେଡି ସଭାପତି ଖଲିଦ ମହମ୍ମଦ, ଟିଗିରିଆ ବ୍ଲକ ଯୁବ ଜନତା ସଭାପତି ପ୍ରୀତିରଞ୍ଜନ ବେହେରା, ଆଠଗଡ଼ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଅଣ୍ଡିରା କୋକିଶିଆଳି ମୃତ

ବାରଙ୍ଗ,୨୩।୩(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୧୭ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୁରୁବାର ଏକ ଅଣ୍ଡିରା କୋକିଶିଆଳିର ମୃତ୍ୟୁ ଘଟିଛି। ସମ୍ପୂର୍ଣ୍ଣ ସୁସ୍ଥ ଥିବା କୋକିଶିଆଳି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଦେଖିଥିଲେ। ହେଲେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏମାନଙ୍କ ସଂଖ୍ୟା ହ୍ରାସପାଇ ୯ରେ ପହଞ୍ଚିଛି। ଅନ୍ୟପଟେ ନନ୍ଦନକାନନକୁ ବୁଧବାର ଡିଷ୍ଟାନ୍ସଟେମ୍ପେରେଚର ମେଶିନ ଆସିଛି। ଉନ୍ନତମାନର ଜ୍ଞାନକୌଶଳରେ ନିର୍ମିତ ଏହି ମେଶିନକୁ ନନ୍ଦନକାନନ କର୍ତ୍ତୃପକ୍ଷ ୧୧ଲକ୍ଷ ଟଙ୍କାରେ କିଣିଛନ୍ତି। ଏହି ମେଶିନ ସାହାଯ୍ୟରେ ୨୦୦ ମିଟର ଦୂରତାରୁ ପଶୁପକ୍ଷୀଙ୍କ ଶରୀରର ତାପମାତ୍ରା ମପାଯାଇ ପାରିବ। ଯଦିଓ ଏଭଳି ଏକ ମେଶିନ ନନ୍ଦନକାନନରେ ଥିଲା। ସେହି ପୁରୁଣା ତାପମାତ୍ରା ମେଶିନରେ ଏକ ଲେଜରଲାଇଟ ପଡିଲେ ହିଁ ପଶୁପକ୍ଷୀଙ୍କ ତାପମାତ୍ରା ମପାଯାଇପାରୁଥିଲା। କିନ୍ତୁ ଏହି ନୂଆ ମେଶିନରେ ପଶୁପକ୍ଷୀଙ୍କ ଫଟୋ ଉଠିବା କ୍ଷଣି ତାଙ୍କ ଶରୀରର ତାପମାତ୍ରା ରେକର୍ଡ ହୋଇପାରିବ।

## ରାଜ୍ୟସ୍ତରୀୟ କ୍ରିକେଟ: ବେଲିଆପାଳ ବିଜୟୀ

ବାଙ୍କୀ, ୨୩।୩ (ସ୍ୱ.ପ୍ର.)

ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ବଡ଼ମ୍ବା ବେଲିଆପାଳ ଓ କଟକ ପ୍ରେସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ରୀଡାବିତ୍ ଚିନ୍ତାମଣି ବେହେରା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବଡମ୍ବା ବେଲିଆପାଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୭ ଉଇକେଟ୍ ହରାଇ ୨୮୮ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଟୁନୁଖଟୁଆ ୪୩ ବଲରେ ୧୧୧ରନ ସଂଗ୍ରହ କରିଥିଲେ। ଜବାବରେ କଟକ ପ୍ରେସ କ୍ଲବ ୧୫୪ ରନ୍‌ରେ ଉଇକେଟ୍ ହରାଇ ପରାଜିତ ହୋଇଥିଲା । ବିଜୟୀ ଦଳର ଟୁନୁ ଖଟୁଆ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ଖେଳ ପରିଚାଳନା କରିଥିଲେ। ମନୋଜ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଓ ବିନ୍ଧାଣିମା ମଧ୍ୟରେ ମ୍ୟାଚ ହେବ ବୋଲି ସତ୍ୟରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

## ନୂଆପାଟଣା ପରିଦର୍ଶନ କଲେ ରାଜସ୍ଥାନ ବୁଣାକାର



ରାଜସ୍ଥାନର ବୁଣାକାରମାନେ ଶାଢ଼ି ଦେଖୁଛନ୍ତି।

ଟିଗିରିଆ,୨୩।୩(ଡି.ଏନ୍.ଏ.)

ଟିଗିରିଆର ପ୍ରସିଦ୍ଧ ହସ୍ତତନ୍ତ ଗ୍ରାମ ନୂଆପାଟଣାକୁ ଗୁରୁବାର ରାଜସ୍ଥାନ ଜୟପୁର ସହରର ୨୬ ବୁଣାକାର ଦିନିକିଆ ପରିଦର୍ଶନରେ ଆସିଥିଲେ। ବୁଣାକାର କିପରି ଶାଢ଼ି, ହାତ ବୁଣା କପଡ଼ା ଏଠାରେ ତିଆରି କରୁଛନ୍ତି ଓ ବିକ୍ରି କରୁଛନ୍ତି ତାହା ସେମାନେ ଦେଖିବା ସହ ବୁଣାକାରଙ୍କ ସହ ଏବିଷୟରେ ଆଲୋଚନା କରିଥିଲେ। ଏଥିରେ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଦେବିତ ନନ୍ଦୀ, ଆଠଗଡ଼ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା, ମା'ତାରିଣୀ ମହିଳା ବୁଣାକାର ସମିତିର ସମ୍ପାଦକ ବିଜୟ କୁମାର ସାହୁ ସହଯୋଗ କରିଥିଲେ।

## ବାଙ୍କୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାଙ୍କୀ, ୨୩।୩ (ସ୍ୱ.ପ୍ର.)

ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଗୁରୁବାର ବାଙ୍କୀ କଲେଜ ଗସ୍ତରେ ଆସିଥିଲେ। ଏହି ଅବସରରେ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ସମ୍ପର୍କରେ ପୁରାତନ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏନେଇ ସେମାନେ ଏକ ସ୍ମାରକପତ୍ର ପୂଜାରୀଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, କଲେଜର ପ୍ରବେଶ ଫାଟକ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏଥିପାଇଁ ଏକ ଅତ୍ୟାଧୁନିକ ଫାଟକ ନିର୍ମାଣ କରିବାକୁ ଦାବି ହୋଇଛି। ଛାତ୍ରୀଛାତ୍ରମାନଙ୍କ ଉଚ୍ଚ ଅଧ୍ୟୟନ ନିମନ୍ତେ ଏକ ଇ-ଲାଇବ୍ରେରି, ମହାବିଦ୍ୟାଳୟରେ ଥିବା ବ୍ୟାୟାମଶାଳାର ପୁନରୁଦ୍ଧାର, ଏହି କଲେଜରେ ସଙ୍ଗୀତ ଏବଂ ନାଚ ବିଭାଗ ଖୋଲିବା, ମହାବିଦ୍ୟାଳୟରେ ଥିବା ଛାତ୍ରୀନିବାସର କଳେବର ବୃଦ୍ଧି କରିବା, ଏଠାକାର ଏଲ.ଏନ.ମୋଦି ଛାତ୍ରାବାସ ଏବଂ ଜାନକୀବଲ୍ଲଭ ଛାତ୍ରାବାସର ପୁରୁଣା ଜରାଜୀର୍ଣ୍ଣ ଗୃହକୁ ହଟାଇ ନୂତନ ହଷ୍ଟେଲ ନିର୍ମାଣ କରିବା, ମହାବିଦ୍ୟାଳୟର ଖେଳପଡ଼ିଆ ବ୍ୟାପକ ହୋଇଥିଲେ ମଧ୍ୟ ଭିତ୍ତିଭୂମି ଅଭାବରୁ ନଷ୍ଟ ହୋଇଯାଇଛି। ଯଥାଶୀଘ୍ର ଏହାକୁ ସମତୁଲ କରି ଏକ ଉନ୍ନତମାନର ଖେଳପଡ଼ିଆ କରିବା, କଲେଜ ଖେଳପଡ଼ିଆର ଚତୁଃପାର୍ଶ୍ୱରେ ହାଇମାଷ୍ଟ ଲାଇଟ ଲଗାଇ ଆଲୋକୀକରଣ କରିବା ସହ ଏଠାରେ ରହିଥିବା ସୁଇମିଂପୁଲର ପୁନରୁଦ୍ଧାର କରିବାକୁ ଦାବି କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ପୁରାତନ ଛାତ୍ର ପାର୍ଥସାରଥି ପାଣି, କିରଣ କୁମାର ସ୍ୱାଇଁ, ଆଶିଷ କୁମାର ମହାପାତ୍ର, ସାଗର ରଞ୍ଜନ ପଣ୍ଡା, ଶ୍ରୁତିନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବ୍ୟାଙ୍କ ସେବା,ଋଣ ଯୋଜନା ସମ୍ପର୍କିତ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା,୨୩।୩(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗାଁସ୍ଥିତ ସ୍ୱପ୍ନେଶ୍ୱରଦେବ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କ ସେବା ଓ ଋଣ ଯୋଜନା ସମ୍ପର୍କିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ କୁମାର ଜେନା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ପରିଡ଼ା, ସ୍ଥାନୀୟ ଗାଁର ସମିତି ସଭ୍ୟଙ୍କ ପ୍ରତିନିଧି ଦିଲୀପ ପଙ୍ଗାରୀ ପ୍ରମୁଖ ଯୋଗଦେଇଥିଲେ। ସମିତି ସଭାପତି ଭିକାରି ପାଣିଙ୍କ ସଭାପତିତ୍ୱ କରିଥିଲେ। ଜନସାଧାରଣଙ୍କୁ ଋଣ ସହାୟତା ସମ୍ପର୍କିତ ସମସ୍ତ ତଥ୍ୟ ଓ ସରକାରଙ୍କ ପକ୍ଷରୁ ସମବାୟ ସମିତିରେ କି ପ୍ରକାର ଯୋଜନା ଏବଂ ସହାୟତା ମିଳିବ ତାହା ଉପରେ ସେମାନେ ଲୋକଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ଉପସଭାପତି ବନିତା ମାଝି ସମ୍ପାଦକ କେଶବ ତରାସିଆ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାଯାଏ ଶିଶୁଭବନରେ ରହିବେ

### ଦାନଗଦିର ଅପପୁଷ୍ଟି ପୀଡ଼ିତ ଶିଶୁ

- ଫେଲ୍ ମାରିଛି ପରିବାର ନିୟୋଜନ କାର୍ଯ୍ୟକ୍ରମ
- ୯ ପିଲାଙ୍କୁ ଜନ୍ମ ଦେଇଛନ୍ତି ମହିଳା

କଟକ ଅଫିସ,୨୩।୩:

ଯାଜପୁର ଜିଲା ଦାନଗଦି ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତ ଘାଟିସାହିର ୨ ଶିଶୁ ଅପପୁଷ୍ଟିର ଶିକାର ହୋଇ କଟକ ଶିଶୁଭବନରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ବାଙ୍କୁ ହେମ୍ବ୍ରମ୍ ଓ ତୁଳସୀ ହେମ୍ବ୍ରମ୍‌ଙ୍କ ୪ ବର୍ଷର ଝିଅ କୁନି ହେମ୍ବ୍ରମ୍ ଏବଂ ୭ ମାସର ପୁଅ ରାଇସିଂ ହେମ୍ବ୍ରମ୍। ଗତ ୨୦ ତାରିଖରେ ଉଭୟଙ୍କୁ ସେମାନଙ୍କ ମା'ବାପା ଆଣି ଶିଶୁଭବନରେ ପହଞ୍ଚିଥିଲେ। ଏବେ ସେମାନେ ପୁରୁଣା ମେଡିସିନ୍ ୱାର୍ଡରେ ଚିକିତ୍ସିତ ହେଉଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ବାଙ୍କୁ ଓ ତୁଳସୀଙ୍କର ଜନ୍ମିତ ୯ ସନ୍ତାନ ମଧ୍ୟରୁ ୭ ଝିଅ ଓ ୨ ପୁଅ। ସେମାନଙ୍କ ମଧ୍ୟରୁ ଗୋଟିଏ ପୁଅର ୫ ମାସ ତଳେ ମୃତ୍ୟୁ ହୋଇଥିଲା। ଏବେ ୮ଟି ସନ୍ତାନ ଜୀବିତ ଅଛନ୍ତି। କୁନିର ଶାରୀରିକ ଅଭିବୃଦ୍ଧି ଯେଭଳି ହେବା କଥା ହେଉନାହିଁ। ତାକୁ ଦେଖିଲେ ସେ ଅପପୁଷ୍ଟିର ଶିକାର ହୋଇଥିବା ସ୍ପଷ୍ଟ ଜାଣିହେଉଛି। ଶିଶୁ ଗର୍ଭସ୍ଥ ହେବାଠାରୁ ଆରମ୍ଭ କରି ଜନ୍ମ ଓ ବଡ଼ ହେବା ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ ହୋଇଛି। ଶିଶୁ ଓ ମା'ଙ୍କୁ ପୁଷ୍ଟିକର ଖାଦ୍ୟ, ଔଷଧ, ଟିକା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ପ୍ରଚାର କରାଯାଉଛି। ନିୟମିତ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି। ଏପରି ସ୍ଥଳେ ଏହି ଶିଶୁ ଅପପୁଷ୍ଟିର ଶିକାର ହେବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ବାଲ୍‌ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏଠାରେ ଫେଲ୍ ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁଣି ୮ଟି ସନ୍ତାନକୁ ଧରି ଏହି ଦମ୍ପତି କିପରି ସଂସାର ଚଳାଉଛନ୍ତି ତାହା ବି ଚିନ୍ତାର ବିଷୟ। ସରକାର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଚାଲୁ ରଖିଥିବାବେଳେ ଏମାନେ ଯେ ସରକାରୀ ସଚେତନତାଠାରୁ ବହୁ ଦୂରରେ ତାହା ଅନୁମେୟ। ତେବେ ଶିଶୁଦ୍ୱୟ ଶିଶୁଭବନ ବେଡ୍‌ରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାବେଳେ ଆହୁରି କେତେଦିନ ଯେ ଚିକିତ୍ସିତ ହେବେ, ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଶିଶୁଭବନ ଅଧୀକ୍ଷକ ଡା. ଜ୍ଞାନେନ୍ଦ୍ର ନାଥ ବେହେରା କହିଛନ୍ତି, ରାଇସିଂଙ୍କର ଶ୍ୱାସକ୍ରିୟାଜନିତ ସମସ୍ୟା ରହିଛି। ସେହିପରି ୪ ବର୍ଷ ଶିଶୁଟିର ସ୍ୱାଭାବିକ ଶାରୀରିକ ଅଭିବୃଦ୍ଧି ହୋଇ ପାରୁନାହିଁ। ସେ ବୟସାନୁସାରେ ଯେଭଳି ହେବା କଥା ତାହା ହେଉନାହିଁ। ବୟସ ତୁଳନାରେ ଓଜନ ମଧ୍ୟ ଖୁବ୍ କମ୍ ରହିଛି। ତେବେ ଶିଶୁଦ୍ୱୟ ଅପପୁଷ୍ଟିରେ ପୀଡ଼ିତ ଅଛନ୍ତି କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଶିଶୁଭବନର ବିଶେଷଜ୍ଞମାନେ ବିଭିନ୍ନ ପରୀକ୍ଷା କରିବା ସହ ଚିକିତ୍ସା ଜାରି ରଖିଛନ୍ତି। ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଭାବେ ସୁଧୁରିବା ପର୍ଯ୍ୟନ୍ତ ସେମାନେ ଶିଶୁଭବନରେ ରହି ଚିକିତ୍ସିତ ହେବେ।



## ସଂକ୍ଷେପରେ

### ପୋଲିସ ବିଟ୍ ହାଉସରୁ ଅଧିକାରୀଙ୍କ ବାଇକ୍ ଚୋରି

ଗମ୍ଭାରୀମୁଣ୍ଡା,୨୩।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ୍ ପରିସରରୁ ବୁଧବାର ମଧାହ୍ନରେ ବିଟ୍ ହାଉସ ଅଧିକାରୀ ଦିଲ୍ଲୀପ ବିଶ୍ୱାଳଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ମାମଲା ରୁଜୁ ହୋଇ ନ ଥିବା ବେଳେ ତଦନ୍ତ ଚାଲିଛି ବୋଲି ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା କହିଛନ୍ତି। ପ୍ରକାଶ ଯେ, ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଗତ ବିଛି ମାସ ହେବ ବିଭିନ୍ନ ସମୟରେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହେଉଥିବା ନେଇ ଅଭିଯୋଗ ହୋଇଛି। ତେବେ ପୋଲିସ ପ୍ରଶାସନ ଚୋରଙ୍କୁ ଧରିବାର ଏକପ୍ରକାର ବିଫଳ ହୋଇଛି। ଏବେ ପୁଣି ପୋଲିସ ବିଟ୍ ହାଉସରୁ ଗାଡ଼ି ଚୋରି ହେଉଥିବା ବେଳେ ସାଧାରଣ ଜନତା କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ହସ୍ତତନ୍ତ ବୁଣାକାରଙ୍କ ଚକ୍ଷୁ ପରୀକ୍ଷା ଶିବିର

ଖୋର୍ଦ୍ଧା ଅଫିସ,୨୩।୩: ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ତାରାଦେବୀ ତନ୍ତବାୟ ସହଯୋଗ ସମିତି ଲିଃ. ସିକୋ ଆନୁକୂଲ୍ୟରେ ସୁନେତ୍ର ଯୋଜନାରେ ହସ୍ତତନ୍ତ ବୁଣାକାରଙ୍କ ଏକ ଚକ୍ଷୁ ପରୀକ୍ଷା ଶିବିର ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ସିକୋ, ହଜ, ହୀରାପୁର, ରାୟମୂଳ ପାଟଣା, ଗୌଡିଆପଡା, ଖଡିପଦର, ଛତ୍ରପଡା, କଲରାଝର, ମୁକ୍ତାପୁର ଆଦି ଗ୍ରାମର ୨୦୨ ବୁଣାକାର ନାମ ପଞ୍ଜୀକରଣ କରାଇ ଚକ୍ଷୁ ପରୀକ୍ଷା କରାଇଥିଲେ। ଏମାନଙ୍କ ମଧ୍ୟରୁ ୧୮୧ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ଚିକିତ୍ସକଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଇଛନ୍ତି। ତନ୍ମଧ୍ୟରୁ ୧୨୧ ବୁଣାକାର ଚଷମା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୪୬ଜଣ ଅଧିକ ଚିକିତ୍ସା ପାଇଁ ଜିଲା ମହକୁମା ଚକ୍ଷୁ ବିଭାଗରେ ଚକ୍ଷୁ ଅସ୍ତ୍ରୋପଚାର କରାଇବା ପାଇଁ ପରାମର୍ଶ ଦିଆଯାଇଛି। ତାରାଦେବୀ ତନ୍ତୁବାୟ ସହଯୋଗ ସମିତି ଲିଃ. ସଭାପତି ଭାସ୍କର ଚନ୍ଦ୍ର ସାହୁ, ହୀରାପୁର ସରପଞ୍ଚ ଆରତ ମାଝୀ, ଲକ୍ଷ୍ମୀଧର ସାହୁ, ରୋଜାଲିନ ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

### ନନ୍ଦନକାନନରେ ଅଣ୍ଡିରା କୋକିଶିଆଳି ମୃତ

ବାରଙ୍ଗ,୨୩।୩(ଡି.ଏନ୍.ଏ.):ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୧୭ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୁରୁବାର ଏକ ଅଣ୍ଡିରା କୋକିଶିଆଳିର ମୃତ୍ୟୁ ଘଟିଛି। ସମ୍ପୂର୍ଣ୍ଣ ସୁସ୍ଥ ଥିବା କୋକିଶିଆଳି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଦେଖିଥିଲେ। ହେଲେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏମାନଙ୍କ ସଂଖ୍ୟା ହ୍ରାସପାଇ ୯ରେ ପହଞ୍ଚିଛି। ଅନ୍ୟପଟେ ନନ୍ଦନକାନନକୁ ବୁଧବାର ଡିଷ୍ଟାନ୍ସଟେମ୍ପରେଚର ମେଶିନ ଆସିଛି। ଉନ୍ନତମାନର ଜ୍ଞାନକୌଶଳରେ ନିର୍ମିତ ଏହି ମେଶିନକୁ ନନ୍ଦନକାନନ କର୍ତ୍ତୃପକ୍ଷ ୧୧ଲକ୍ଷ ଟଙ୍କାରେ କିଣିଛନ୍ତି।

# ଖାଉଟିଙ୍କୁ ଅପମିଶ୍ରଣ ଚାଉଳ ମିଳୁଥିବା ଅଭିଯୋଗ

ଡେଲାଙ୍ଗ,୨୩।୩ (ଡି.ଏନ୍.ଏ.)



ଗରିବ ହିତାଧିକାରୀଙ୍କ ଖାଦ୍ୟ ସମସ୍ୟା ଦୂର କରିବା ପାଇଁ ସରକାରଙ୍କ ତରଫରୁ ରାଶନ କାର୍ଡ ବ୍ୟବସ୍ଥା କରାଯାଇ ଏଥିରେ ଚାଉଳ ଓ ଗହମ ପ୍ରଦାନ କରାଯାଉଛି। ମୁଣ୍ଡପିଛା ମାସକୁ ୫କିଲୋ ଚାଉଳ ଓ ଗହମ ଜନସାଧାରଣଙ୍କୁ ବଣ୍ଟନ କରିବା ନିମନ୍ତେ ସରକାର ସଧାରଣ ବଣ୍ଟନ ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ସରକାରୀ ଖୁଚୁରା ଦୋକାନୀ(ଡିଲର ପଏଣ୍ଟ) ମାଧ୍ୟମରେ ହିତାଧିକାରୀଙ୍କୁ ଏହି ସୁବିଧା ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଏହି ପିଡିଏସ୍ ଚାଉଳ ଓ ଗହମ ଯୋଗାଉଛନ୍ତି। ହେଲେ ମିଳୁଥିବା ଏହି ଚାଉଳ ଅପମିଶ୍ରଣ ହୋଇଥିବା ନେଇ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଞ୍ଚଳରେ ଅଭିଯୋଗ ହୋଇଛି। ଗତ ଜାନୁୟାରୀ ମାସରୁ ଏହି ଚାଉଳ ମିଳୁଥିବା ବେଳେ ଜନସାଧରଣଙ୍କ ମନରେ ଏବେ ଭୟର ବାତାବରଣ ସୃଷ୍ଟି କରିଛି। ଏହି ଚାଉଳରେ ଶତକଡା ୧୦ଭାଗ ପ୍ଲାଷ୍ଟିକ ସଦୃଶ୍ୟ (ମୋଟା ଦାନା) ଚାଉଳରେ ମିଶ୍ରିତ ଥିବା ଦେଖିବାକୁ ମିଳିଛି। ଏହି ଚାଉଳକୁ ରୋଷେଇ ନିମନ୍ତେ ଧୋଇବାରେ ତାହା ହାତକୁ ନାଲୁଆ ଲାଗିବା ସହ ଭାତ ରାନ୍ଧିଲେ ପେଜ ଅତ୍ୟଧିକ ବହଳିଆ ହୋଇ ମଣ୍ଡ ହୋଇ ରହୁଛି। ଖାଇବା ସମୟରେ ପ୍ଲାଷ୍ଟିକର ବାସ୍ନା ଆସୁଥିବା ଓ ଦାନ୍ତରେ ଛିଣ୍ଡୁ ନ ନାହିଁ। ଖାଇବା ପରେ ଅନେକଙ୍କ ପେଟ

#### ପ୍ଲାଷ୍ଟିକ ଚାଉଳ ସନ୍ଦେହ

ଯନ୍ତ୍ରଣା ହେଉଥିବା ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତର ହିତାଧିକାରୀ ପ୍ରଦୀପ ଜେନା, କବି ସ୍ୱାଇଁ, ମଧୁସୂଦନ ବେହେରା, ଜଗବନ୍ଧୁ ଦାସ, ବଳରାମ ରାଉତ, ପ୍ରେମରଞ୍ଜନ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଡେଲାଙ୍ଗ ବ୍ଲକ ଖାଦ୍ୟଯୋଗାଣ ଅଧିକାରୀ ଅକ୍ଷୟ ସେଠୀଙ୍କୁ ଯୋଗାଯୋଗ କରିବାରେ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା। ତେବେ ଏହି ବଡଦାନା ଚାଉଳ କେଉଁଠି ତିଆରି ହେଉଛି ଏବଂ ସାଧାରଣ ବଣ୍ଟନ ସାମଗ୍ରୀରେ ଏହି ଚାଉଳକୁ କିଏ ମିଶାଉଛି ତାହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ସମେତ ଡେଲାଙ୍ଗ ବ୍ଲକର ଏଭଳି ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି।




ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ ଅବସରରେ ଗୁରୁବାର ମୁକ୍ତାକାଶ ରଙ୍ଗମଞ୍ଚରେ ପିଲାମାନେ ଯୋଗାସନ ପ୍ରଦର୍ଶନ କରୁଛନ୍ତି।

# ସାହି ଯାତ ପାଇଁ ପ୍ରସ୍ତୁତି ଜୋରଦାର



ପୁରୀ ଅଫିସ, ୨୩।୩

ଶ୍ରୀକ୍ଷେତ୍ରରେ ସାହିଯାତ ଏକ ଅନନ୍ୟ ପରମ୍ପରା, ଯାହା ଅନ୍ୟ କୌଣସିଠାରେ ଦେଖିବାକୁ ମିଳି ନ ଥାଏ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଲୀଳାର ପ୍ରତିଫଳନ ବହୁଳ ଭାବରେ ଦେଖିବାକୁ ମିଳିଥାଏ, ଯାହାର ଏକ ଉଦାହରଣ ହେଉଛି ଶ୍ରୀକ୍ଷେତ୍ରର ସାହିଯାତ ପରମ୍ପରା। ସାହିଯାତ୍ର ଚୈତ୍ର ମାସ ଶୁକ୍ଳପକ୍ଷ ନବମୀଠାରୁ ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ପର୍ଯ୍ୟନ୍ତ ପାଳିତ ହୁଏ, ଯେଉଁଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ବିବିଧ ଲୀଳା ପାରମ୍ପରିକ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ ଏବଂ ଲୋକବାଦ୍ୟ ମାଧ୍ୟମରେ ସମ୍ପାଦିତ ହୁଏ। ଏହି ଯାତ୍ରା ରାମ ଜନ୍ମଠାରୁ ଆରମ୍ଭ ହୋଇ ରାମାଭିଷେକ ଉତ୍ସବରେ ସମାପ୍ତ ହୁଏ। ସାହିଯାତର ପ୍ରମୁଖ ଲୀଳାଗୁଡ଼ିକ ଶ୍ରୀଜଗନ୍ନାଥଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଥାଏ। ପୁରୀର ସର୍ବପୁରାତନ ସାହି ବା ଶ୍ରୀମନ୍ଦିର ନିକଟରେ ଥିବା ସାହିଗୁଡ଼ିକ ପକ୍ଷରୁ ସାହିଯାତ ପ୍ରସ୍ତାବ ଆଗତ କରାଯାଇଥାଏ। ଯଥା କାଳିକାଦେବୀ ସାହି, ମାଟିମଣ୍ଡପ ସାହି, ହରଚଣ୍ଡୀ ସାହି, ମାର୍କଣ୍ଡେଶ୍ୱର ସାହି, କୁଣ୍ଢେଇବେଣ୍ଟ ସାହି, ଦୋଳମଣ୍ଡପ ସାହି, ବାଲିସାହି, ଗୌଡ଼ବାଡ଼ ସାହି ଇତ୍ୟାଦି। ତେବେ ସାହିଯାତର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ହେଉଛି ନାଗା ନୃତ୍ୟ। ସାହିର ଯୁବକମାନେ ବିଶେଷକରି ରାବଣ ଓ ନାଗା ବେଶରେ ସଜ୍ଜିତ ହୋଇ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଏଥିପାଇଁ ଯୁବକମାନଙ୍କୁ ଅତ୍ୟନ୍ତ ଓଜନିଆ ତାଟି ଧାରଣ କରିବାକୁ ପଡ଼ିଥାଏ। ସେମାନେ ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହିତ ଗୁରୁଙ୍କଠାରୁ ଏ ସମ୍ବନ୍ଧୀୟ ନୃତ୍ୟ ଶିକ୍ଷା ଲାଭ କରିଥାନ୍ତି। ସାହିଯାତର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ହେଉଛି ମେଢ଼ନୃତ୍ୟ, ଯେଉଁଥିରେ କି ବିଭିନ୍ନ ପ୍ରକାରର ଦେବଦେବୀଙ୍କର ମେଢ଼ ଯୁବକମାନେ ବନ୍ଧାଇଥାନ୍ତି। ଏଥିପାଇଁ ସେମାନେ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରିବା ସହିତ ସାତ୍ୱିକ ଖାଦ୍ୟ ଗ୍ରହଣ କରି ପ୍ରତିଦିନ ଜାଗାଘରେ ବାଦ୍ୟର ତାଳ ଲୟରେ ନୃତ୍ୟ ଅଭ୍ୟାସ କରିଥାନ୍ତି। ସେହିପରି ସାହିଯାତ ସମୟରେ ବିଭିନ୍ନ ସମର କଳା ମଧ୍ୟ ପ୍ରଦର୍ଶନ କରାଯାଏ। ସାହି ଯାତ ଉପଲକ୍ଷେ ପୁରୀର ସମସ୍ତ ସାହି ଆଖଡାରେ ଯୁବକମାନେ ବାଦ୍ୟରେ ତାଳେ ତାଳେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରିବା ସହ ସମରକଳା ଶିକ୍ଷା କରୁଛନ୍ତି। ତେବେ ଚଳିତବର୍ଷ ଦୋଳମଣ୍ଡପ ସାହି ଆଖଡ଼ା ପକ୍ଷରୁ ଅଭିଷେକ ପ୍ରତିହାରୀ ରାବଣ ବନ୍ଧେଇଛନ୍ତି। ସେ ଚମ୍ପାଗଡ଼ ଯାଗା ପରିସରରେ ଏ ନେଇ ଦିନକୁ ୭ଘଣ୍ଟା ଅଭ୍ୟାସ କରୁଛନ୍ତି। ସେ ଦୀର୍ଘ ୧ ମାସ ହେବ ଅଭ୍ୟାସ କରୁଛନ୍ତି। ତେବେ ଚଳିତବର୍ଷ ଦୋଳମଣ୍ଡପ ସାହି ପକ୍ଷରୁ ସାହିଯାତରେ କାଳୀମେଢ, ସପ୍ତଶିରା, ଅନ୍ୟାନ୍ୟ ମେଢ ୩ଟି, ଦଶ ଅବତାର ମେଢ଼ ଏହିପରି ୨୦ରୁ ୨୫ଟି ମେଢ, ନାଗା ଆଦି ନୃତ୍ୟ ପ୍ରଦର୍ଶନ କରିବେ। ଏଥିସହ ସମରକଳା ମଧ୍ୟ ପ୍ରଦର୍ଶନ କରାଯିବ ।

# ଜଳ ନିଷ୍କାସନ ପଥ ଅବରୋଧ ନେଇ ଅଭିଯୋଗ



ଡେଲାଙ୍ଗ,୨୩।୩ (ଡି.ଏନ୍.ଏ.)

ଡେଲାଙ୍ଗ ତହସିଲର ରେଞ୍ଜ ରାଜସ୍ୱ ବିଭାଗ ଅଧୀନରେ ଜଳ ନିଷ୍କାସନ ପଥକୁ କେତେଜଣ ବ୍ୟକ୍ତି ଅବରୋଧ କରି ରଖିଥିବାରୁ ସମସ୍ୟା ଉପୁଜିଛି। ଫଳରେ ଖରିଫ ଋତୁରେ ଶହ ଶହ ଏକର ଧାନଜମିରେ ଜଳମଗ୍ନ ହୋଇ ରହିବା ଯୋଗୁ ଫସଲ ହାନି ହେଉଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏଥିସହ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଥିବାବେଳେ ଯଥାଶୀଘ୍ର ସମାଧାନ କରିବା ସହ ଜଳ ନିଷ୍କାସନ ପଥକୁ ଖୋଲାଯାଇ ସଫେଇ କେନାଲ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀ ଜବାହାରଲାଲ ବିଶ୍ୱାଳ, ମଳୟ ସେଠୀ, ଦିଲୀପ ଜେନା, ରାଜକିଶୋର ଆଲୁକ, ଭଗବାନ ସ୍ୱାଇଁ, ବସନ୍ତ ରାଉତ, ବିରଞ୍ଚି ସ୍ୱାଇଁ, କୈଳାସ ଚନ୍ଦ୍ର ବିଶ୍ୱାଳ, ବଂଶୀଧର ବିଶ୍ୱାଳ, ମନୋରଞ୍ଜନ ସିଂହ ଓ ସରିତ କୁମାର ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ପୁରୀ ଜିଲାପାଳ, ଡେଲାଙ୍ଗ ତହସିଲଦାର, ଓଡ଼ିଶା ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ରେଞ୍ଜ ଆର୍‌ଆଇଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ଅନୁଯାୟୀ ବେରବୋଇ ମୌଜାର ପୋଖରୀ ମୁହଁ ଗହୀର ଓ ବରଡା ଗହୀରର ଉଦ୍‌ବୃତ୍ତ ଜଳ ଖୋର୍ଦ୍ଧା – ପଟ୍ଟନାୟିକିଆ ରାସ୍ତାର ବେରବୋଇ –ଡେଲାଙ୍ଗ ଷ୍ଟେଶନ ବଜାର ମଧ୍ୟରେ ଥିବା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ୩ଟି ଶଙ୍ଖ ଦେଇ ନିଷ୍କାସନ ହେବାର ବ୍ୟବସ୍ଥା ପୂର୍ବରୁ ରହିଥିଲା। ହେଲେ ରାସ୍ତାକୁ ସଂଲଗ୍ନ ଏହି ପଥକୁ କେତେଜଣ ବ୍ୟକ୍ତି ନିଜ ସ୍ୱାର୍ଥ ଉଦ୍ଦେଶ୍ୟରେ ପଥର ପକାଇ ଶଙ୍ଖ ମୁହଁଗୁଡିକ ଅବରୋଧ କରିବା ସହିତ ଶଙ୍ଖ ପୋତି ରାସ୍ତାକଡରେ ଗୃହ ନିର୍ମାଣ କରି ଜଳ ପଥକୁ ଅବରୋଧ କରିଛନ୍ତି। ଫଳରେ ଖରିଫ ଋତୁରେ ଅତିରିକ୍ତ ଜଳ ରହିବା ଫଳରେ ଫସଲ ନଷ୍ଟ ହେଉଛି। ବରବୋଇ ଗାନ୍ଧୀପୀଠ, ଉଚ୍ଚ ବିଦ୍ୟାଳୟ, ବ୍ରହ୍ମେଶ୍ୱରପୁର, ଉଦୟପୁର ମୌଜାର ୧୦ବାଟି ଗହୀର ଜଳାର୍ଣ୍ଣବ ହେଉଛି। ଫଳରେ ଅନେକ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି।

# ୨୬ରୁ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

କୃଷ୍ଣପ୍ରସାଦ,୨୩।୩ (ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନସୀମା ହାଇସ୍କୁଲଠାରେ ଆସନ୍ତା ୨୬ତାରିଖରୁ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଜଲା ଶିକ୍ଷା ଅଧିକାରୀ ଡ.ବିଶ୍ୱଜିତ୍ ଘୋଷଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମଚରଣ ଜେନାଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପରିଚାଳନାର ବିଭିନ୍ନ କାର୍ଯ୍ୟ ପାଇଁ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। କ୍ରୀଡ଼ା ପ୍ରତିଯୋଗିତାରେ ସର୍ବଭାରତୀୟ କାନାଡା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଯୋଗଦେଇ ଖେଳାଳିମାନଙ୍କ ପାଇଁ ସହାୟତା କରିବା ପାଇଁ କହିଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ ମହୋତ୍ସବ ଅବସରରେ ଗୁରୁବାର ପରିବେଷିତ ନାଟକ ‘ଓଡ଼ଶ’ର ଏକ ଦୃଶ୍ୟ।

# ‘ଗୋପ ଲୋକ ମହୋତ୍ସବ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ’

ଗୋପ,୨୩।୩(ଡି.ଏନ୍.ଏ.)



ଗୋପର ସଂସ୍କୃତି ପରମ୍ପରା ଓ ଭାଇଚାରାର ମେଳଣ ଏବଂ ଲୋକ ମହୋତ୍ସବ ଅତି ପୁରାତନ। ଏହି ଲୋକ ମହୋତ୍ସବକୁ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ହେଲେ ଆମକୁ ଏକତା ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଗୁରୁବାର ଆୟୋଜିତ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ ଅତିଥି ଭାବେ ଯୋଗ ଦେଇ ସାମାଜିକ କର୍ମୀ ଦିଲୀପ କୁମାର ନାୟକ ମତ ରଖିଥିଲେ। ସେ ଆହୁରି କହିଥିଲେ ଲୋକ ମହୋତ୍ସବରେ ଜଣେ ସଭ୍ୟ ଭାବେ ମୋତେ ରଖନ୍ତୁ। ସବୁବେଳେ ସହାୟତା, ଏକତା ସହିତ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଉଦ୍ୟମ କରିବି ବୋଲି କହିଥିଲେ। ଲୋକ ମହୋତ୍ସବର ସଭ୍ୟ ତଥା ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବାର୍ ଆସୋସିଏଶନ ସଭାପତି ରଞ୍ଜିତ ସାହୁ, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ସାମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ଅଶୋକ କୁମାର ନନ୍ଦ,ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଲୋକ ମହୋତ୍ସବ ଆମୋଦ ପ୍ରମୋଦର ଏକ ମାଧ୍ୟମ ବୋଲି କହିଥିଲେ। ଲୋକ ମହୋତ୍ସବ କମିଟିର ସମ୍ପାଦକ ସତ୍ୟପ୍ରିୟ ନାୟକ,ସହ ସମ୍ପାଦକ ନରେନ୍ଦ୍ର ଦାଶ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ସିଂ ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇ ଏହି ପରମ୍ପରା ସଂସ୍କୃତି ମନୋରଞ୍ଜନ ପୂର୍ଣ୍ଣସାଗର ସ୍ନାନ ମେଳଣରେ ଆମେ ପିଲାଦିନେ ବୁଲୁଥିଲୁ ବୋଲି କହିବା ସହ ଏବେ ଆମେ ଅତିଥି ହେବା ଆମମାନଙ୍କ ଲାଗି ପ୍ରଭୁ ଗୋପାଳଜୀଉଙ୍କ ଆଶୀର୍ବାଦ ବୋଲି କହିଥିଲେ। ଶେଷରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଗୋପ ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ରାସ୍ତାରେ ଜମୁଛି ନାଳପାଣି: ପର୍ଯ୍ୟଟକଙ୍କ ଅସନ୍ତୋଷ

ପୁରୀ ଅଫିସ,୨୩।୩

ପୁରୀ ରାଜ୍ୟ ତଥା ଦେଶର ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ଏକ ପ୍ରମୁଖ ସ୍ଥାନ ଅଟେ। ଏପରିକି ରାଜ୍ୟର ଧାର୍ମିକ ରାଜଧାନୀ ଭାବେ ପୁରୀ ସହରକୁ ଅଭିହିତ କରାଯାଇଥାଏ। କିନ୍ତୁ ପୁରୀର ପରିମଳ ବ୍ୟବସ୍ଥା ଦୟନୀୟ ହୋଇପଡ଼ିଛି। ପୁରୀର ଅନେକ ସ୍ଥାନରେ ନଳାପାଣି ଭାସି ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ପାଲଟିଛି। ତେବେ ପୁରୀରେ ଏବେ ପୌରସଂସ୍ଥାରେ ଜନପ୍ରତିନିଧି ନ ଥିବାରୁ ପୁରୀ ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡି ଯାଇଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସୁଛନ୍ତି। ତେବେ ପ୍ରଶାସନର ଅବହେଳା ଓ କେତେଜଣ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଦାୟିତ୍ୱହୀନ କାର୍ଯ୍ୟ କାରଣରୁ ପର୍ଯ୍ୟଟକମାନେ ଅନେକ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ପର୍ଯ୍ୟଟକଙ୍କ ମନରେ ନକାରାତ୍ମକ ଭାବ ସୃଷ୍ଟି ହେଉଛି। ପ୍ରଶାସନ ପରିମଳ ଉପରେ ସର୍ବଦା ଗୁରୁତ୍ୱ ଦେଉଥିବା କହିଆସୁଥିବା ବେଳେ ବାସ୍ତବରେ ତାହା ସମ୍ପୂର୍ଣ୍ଣ ଅଲଗା, ଯାହାର ଜ୍ୱଳନ୍ତ ଉଦାହରଣ ପୁରୀ ବେଳାଭୂମିଠାରେ ଦେଖିବାକୁ ମିଳିଛି। ଅନେକ ସମୟରେ ପୁରୀ ସହରର ଅନେକ ସାହି ଗଳି କନ୍ଦିରେ ନାଳ ଜାମ୍ ହୋଇ ନଳା ପାଣି ରାସ୍ତାରେ ଜମିରହୁଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ। ତେବେ ଏବେ ସମୁଦ୍ରକୂଳ ରାସ୍ତାରେ ନାଳପାଣି, ମଇଳା ପାଣି ମ୍ୟାନ ହୋଲରୁ ବାହାରି ରାସ୍ତାକୁ ଆସୁଛି। ଏପରିକି ସେହି ନର୍ଦ୍ଦମା ପାଣି ସମୁଦ୍ରରେ ମଧ୍ୟ ମିଶୁଥିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ମ୍ୟାନହୋଲ ଭିତରୁ ମଇଳା ପାଣିକୁ ସଫା କରିବା ସହ ତୁରନ୍ତ ଏହାର ସମାଧାନ ପଦକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।



ରାସ୍ତାରେ ଜମିଥିବା ନାଳପାଣିରେ ପର୍ଯ୍ୟଟକମାନେ ଯାଉଛନ୍ତି।

# ବିଧାନସଭାରେ ମହାନଦୀ ତାତି

## ଓଲିଏ ଅଚଳ କଲେ ବିରୋଧୀ



ଭୁବନେଶ୍ୱର,୨୩।୩(ବ୍ୟୁରୋ)

ମହାନଦୀ ପାଣିକୁ ନେଇ ରାଜନୀତି ସରଗରମ ହୋଇଛି। ବିରୋଧୀ କିମ୍ବା ଶାସକ ଏହି ପ୍ରସଙ୍ଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ମହାନଦୀରେ ପାଣି ଶୁଖିଯାଉଥିବା ନେଇ ବୁଧବାର ଶାସକ ବିଜେଡି ସଦସ୍ୟମାନେ ବିଧାନସଭାରେ ହଟ୍ଟଗୋଳ କରି ଜଳସମ୍ପଦ ମନ୍ତ୍ରୀଙ୍କ ବିବୃତି ଦାବି କରିଥିବା ବେଳେ ଗୁରୁବାର ବିରୋଧୀ ଦଳ ଭାଜପା ଓ କଂଗ୍ରେସ ଏହା ଉପରେ ଆଲୋଚନା କରିବା ଦାବିରେ ବିଧାନସଭାକୁ ଓଲିଏ ଅଚଳ କରି ଦେଇଥିଲେ।

ଗୁରୁବାର ୧୦ଟା ୩୦ ମିନିଟ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହରେ ମହାନଦୀ ପ୍ରସଙ୍ଗରେ ଏକ ମୋଶନ ଆଣି ଆଲୋଚନା କରିବାକୁ ଦାବି କରିଥିଲେ। ସେ କହିଥିଲେ, ରାଜ୍ୟର ଜୀବନରେଖା ଭାବେ ପରିଚିତ ମହାନଦୀର ମହାସମସ୍ୟା, ସ୍ରୋତ ହ୍ରାସ ଯୋଗୁ ପ୍ରଭାବିତ ଓଡ଼ିଶାର ଜନଜୀବନ ସମ୍ପର୍କିତ ମୋଶନ ଗୃହରେ ଆଲୋଚନା କରାଯାଉ। ଲୋକମାନଙ୍କ ଜୀବନଜୀବିକା କଥା ହୋଇଥିବାରୁ ପ୍ରଶ୍ନକାଳ ବନ୍ଦ କରି ଏହା ଉପରେ ଆଲୋଚନା ହେଉ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ସେଥିପ୍ରତି ଧ୍ୟାନ ନ ଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବିଜେଡି ସଭ୍ୟ ବଦ୍ରି ନାରାୟଣ ପାତ୍ରଙ୍କ ଲିଖିତ ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ମନ୍ତ୍ରୀ ଉତ୍ତର ଦେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ମହାନଦୀ ଉପରେ ଗୃହରେ ମୋଶନ ଆଣି ଆଲୋଚନା କରିବାକୁ ଦାବିକରି ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟମାନେ ଏହି ପ୍ରସଙ୍ଗରେ କଂଗ୍ରେସ ସହ ତାଳ ଦେଇ ଗୃହରେ ପାଟିତୁଣ୍ଡ କରିଥିଲେ। ବାଚସ୍ପତି କହିଥିଲେ, ବିଧାନସଭାରେ ଖର୍ଚ୍ଚଦାବି ଆଲୋଚନା ଚାଲିଥିବାରୁ ମୋଶନ ଅଣାଯାଇପାରିବ ନାହିଁ। କଂଗ୍ରେସ ବିଧାୟକ ଦଳ ନେତା ଦେଇଥିବା ମୋଶନ ଉପରେ ପରବର୍ତ୍ତୀ ସମୟରେ ବିଚାର କରାଯିବ। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ତେବେ ବିରୋଧୀ ନିଜ ଜିଦ୍‌ରେ ଅଡ଼ିବସି ବିଧାନସଭା ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ୫ ମିନିଟ୍ ପର୍ଯ୍ୟନ୍ତ ଗଡ଼େଇ ନେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ୧୦ଟା ୩୫ ମିନିଟ୍‌ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ବିଧାନସଭା ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ସଭ୍ୟ ପ୍ରତାପ ଜେନା କହିଛନ୍ତି, ବୁଧବାର ବିଜେଡି ମହାନଦୀ ପ୍ରସଙ୍ଗ ବିଧାନସଭାରେ ଉଠାଇ ଗୃହରେ ଜଳସମ୍ପଦ ମନ୍ତ୍ରୀଙ୍କ ବିବୃତି ଦେବାକୁ କହିଥିଲା। ଜଳସମ୍ପଦ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବାକୁ ବାଚସ୍ପତି ରୁଲିଂ ଦେଇଛନ୍ତି। ମହାନଦୀ ଆମର ଜୀବନ ଓ ଜୀବିକା। ଆମେ ମଧ୍ୟ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଚାହୁଁଛୁ। ଛତିଶଗଡ଼ର ଭାଜପା ଓ କଂଗ୍ରେସ ସରକାର ଏବଂ କେନ୍ଦ୍ରର ଭାଜପା ସରକାର ମହାନଦୀକୁ ନେଇ ଓଡ଼ିଶା ପ୍ରତି କିପରି ଅଣଦେଖା କରିଛନ୍ତି ସେ କଥାର ପର୍ଦ୍ଦାଫାଶ ହେଉ।

# ଉଚ୍ଚମାନର ଖଣିକୁ ନିମ୍ନମାନର ଦର୍ଶାଇ ଚାଲିଛି ବ୍ୟବସାୟ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

- କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜରିମାନା ଆଦାୟ ହେଲାନି: ମୋହନ
- ମନ୍ତ୍ରୀ ସଚ୍ଚୋଟ ହେଲେ, ବିଭାଗ ଦୁର୍ନୀତିର ଗନ୍ତାଘର: ନରସିଂହ
- ଖଣି ଅଞ୍ଚଳରେ ସବୁଜବଳୟ ସୃଷ୍ଟି ଲାଗି କାମ ଚାଲିଛି: ମୀନାକ୍ଷୀ

ବେଆଇନ ଭାବେ ଖଣି ଖନନ କରିଥିବା ଖଣି ମାଲିକମାନଙ୍କଠାରୁ ୬୧ ହଜାର କୋଟି ଟଙ୍କା ଜରିମାନା ଆଦାୟ ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ରାଶି କମାଇ ସେମାନଙ୍କଠାରୁ ୧୮ ହଜାର କୋଟି ଟଙ୍କା ଜରିମାନା ରାଶି ଆଦାୟ ଲାଗି ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ମାଲିକମାନଙ୍କୁ ଅନୁକମ୍ପା ଦେଖାଇଛନ୍ତି। ସେହିପରି ଖଣିଜ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳରେ ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ)କୁ ଠିକ୍ ଭାବେ ବିନିଯୋଗ କରାଯାଉ ନାହିଁ। ଖଣି ମାଲିକମାନଙ୍କୁ ଖୁସି କରିବା ଲାଗି ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଉଥିଲେ ମଧ୍ୟ ସେମାନଙ୍କ ଲାଗି ସର୍ବନିମ୍ନ ସୁବିଧା ସରକାର ଦେବାରେ ବିଫଳ ହୋଇଛନ୍ତି। ସେହି ଅଞ୍ଚଳରୁ ବହୁ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିବାସତ୍ତ୍ୱେ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ସଜାଡ଼ିବା ଦିଗରେ ରାଜ୍ୟ ସରକାରଙ୍କ ନୀତି ସନ୍ଦେହଜନକ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି। ଇସ୍ପାତ ଏବଂ ଖଣି ବିଭାଗ ଓ ଶିଳ୍ପ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ମୋହନ ଆହୁରି କହିଛନ୍ତି, ଦୁର୍ନୀତି ମୁକ୍ତ ଖଣି ପରିଚାଳନା କରାଗଲେ ରାଜ୍ୟକୁ ଏକ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମିଳିବ। ହେଲେ ରାଜ୍ୟ ସରକାରଙ୍କ ସହଯୋଗରେ ଉଚ୍ଚମାନର ଖଣିକୁ ନିମ୍ନମାନ ବୋଲି ଦର୍ଶାଇ ଖଣି ମାଲିକମାନେ କମ୍ ଦାମ୍‌ରେ ଖଣିଜ ପଦାର୍ଥ ଉତ୍ତୋଳନ କରୁଛନ୍ତି। ଶାସକ ଦଳର ସଦସ୍ୟ ପଦ୍ମନାଭ ବେହେରା କହିଛନ୍ତି, ନବୀନ ରାଜ୍ୟର ଦାୟିତ୍ୱ ନେବାପରେ ଖଣିଜ ଏବଂ ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ହୋଇପାରିଛି। ୪୯ଟି ଇସ୍ପାତ କାରଖାନା ଲାଗି ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି। ଦେଶର ଏକ ତୃତୀୟାଂଶ ଲୁହାପଥର ଓଡ଼ିଶାରେ ଅଛି। ଯେଉଁମାନେ ଇସ୍ପାତ କାରଖାନା କରିବେ ସେମାନଙ୍କୁ ଖଣିଜ ସମ୍ପଦ ଯୋଗାଇ ଦିଆଯିବ। ଖଣିଜ ସମ୍ପଦ ଉତ୍ତୋଳନ ଏବଂ ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା ଲାଗି ଅନ୍‌ଲାଇନ ବ୍ୟବସ୍ଥା ମଧ୍ୟ କରାଯାଇଛି। ରାଜ୍ୟ କରିଥିବା ଅନ୍‌ଲାଇନ ବ୍ୟବସ୍ଥାକୁ ଅନ୍ୟ ରାଜ୍ୟଗୁଡ଼ିକ ଗ୍ରହଣ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କହିଥିବା ସେ କହିଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରାଜ୍ୟରେ ମନଇଚ୍ଛା ଖଣିଜ ପଦାର୍ଥ ଲୁଟ୍ ଚାଲିଛି। ଉଚ୍ଚମାନର ଖଣିଜ ସମ୍ପଦକୁ ନିମ୍ନମାନର ବୋଲି ଦର୍ଶାଇ କମ୍ ଦାମ୍‌ରେ ଉତ୍ତୋଳନ କରିବା ଲାଗି ଖଣି ସଂସ୍ଥାକୁ ଯୋଗାଇ ଦିଆଯାଉଛି। ଭାଜପା ସଦସ୍ୟ ଶଙ୍କର ଓରାମ କହିଛନ୍ତି, ଡିଏମ୍ଏଫ୍ ପାଣ୍ଠିକୁ ଠିକ୍ ଭାବେ ବିନିଯୋଗ କରାଯାଉ ନାହିଁ। ଏହାସହ ବିର୍ସା ମୁଣ୍ଡା ଷ୍ଟାଡିୟମ ଲାଗି କରାଯାଇଥିବା ଖର୍ଚ୍ଚ କଥା କହି ସେ ସରକାରଙ୍କ ଉପରେ ବର୍ଷିଛନ୍ତି। ଶାସକ ଦଳର ସଦସ୍ୟ ବ୍ୟୋମକେଶ ରାୟ କହିଛନ୍ତି, ରାଜ୍ୟକୁ ଏକାଧିକ ଶିଳ୍ପ ସଂସ୍ଥାକୁ ଆଣିବାରେ ରାଜ୍ୟ ସରକାର ସଫଳତାର ସହ କାର୍ଯ୍ୟ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ରୋଜଗାର ସୃଷ୍ଟି କରାଯାଇପାରିଛି। ଯେଉଁଠି ଶିଳ୍ପ ସଂସ୍ଥା ବସାଇବାକୁ ସରକାର ଯୋଜନା କରୁଛନ୍ତି, ବିରୋଧୀ ସେଠାରେ ବିଭ୍ରାଟ କରୁଛନ୍ତି। ବିରୋଧୀ ବିଭ୍ରାଟ କରିବା କାରଣରୁ ପୋସ୍କୋ ଭଳି ସଂସ୍ଥା ରାଜ୍ୟରୁ ଚାଲିଗଲା। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏ ସରକାର ଖଣି ଟଙ୍କାରେ ଚାଲିଛି। ଖଣି ଟଙ୍କାର ହରିଲୁଟ ଚାଲିଛି। ଖଣି ଅର୍ଥ ଆଦାୟ କରିବା ଲାଗି ଅନେକ ଜିଲାରେ ଜିଲାପାଳ ଏବଂ ଏସ୍‌ପିଙ୍କୁ ବଦଳି କରାଯାଉ ନାହିଁ। ଭାଜପା ସଦସ୍ୟ ଗଣେଶ ରାମସିଂ ଖୁଣ୍ଟିଆ ସରକାର ଆଣିଥିବା ଖର୍ଚ୍ଚଦାବିକୁ ବିରୋଧ କରିଛନ୍ତି। ଶାସକ ଦଳ ସଦସ୍ୟ ଧ୍ରୁବ ଚରଣ ସାହୁ ଖର୍ଚ୍ଚଦାବିକୁ ସମର୍ଥନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଶିଳ୍ପମନ୍ତ୍ରୀଙ୍କୁ ଅନୁରୋଧ ବଲାଙ୍ଗୀର ଜିଲାରେ ଏକ ଟେକ୍ସଟାଇଲ ମିଲ୍ କରିବେ କି ନାହିଁ ଏହାର ଉତ୍ତର ରଖିବେ। ଖଣି ବିଭାଗ ମନ୍ତ୍ରୀ ଜଣେ ସଚ୍ଚୋଟ ବ୍ୟକ୍ତି, ହେଲେ ତାଙ୍କ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। ବହୁ ଖଣି ମାଲିକ ଜରିମାନା ଦେଉଛନ୍ତି, ହେଲେ ସେମାନଙ୍କ ବିରୋଧରେ ଫୌଜଦାରି ଆଇନ ଅନୁଯାୟୀ ମାମଲା ହେଉନାହିଁ। ୨୦୦୯ରେ ଯେଉଁ ମାମଲା ହୋଇଥିଲା ଏ ପର୍ଯ୍ୟନ୍ତ ତା'ର ଫଇସଲା ହୋଇନାହିଁ। ଯେତିକି ଖଣି ମାଲିକ ଆଇନ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ହେଉ। ମୁଖ୍ୟମନ୍ତ୍ରୀଙ୍କ ଜିରୋ ଟଲରାନ୍ସ ନୀତି କେବଳ ଲୋକ ଦେଖାଣିଆ। ଖଣିମାଲିକଙ୍କ କବ୍‌ଜାରୁ ସରକାର ନିଜକୁ ଦୂରେଇ ରଖନ୍ତୁ ବୋଲି ନରସିଂହ କହିଛନ୍ତି। ଶାସକ ଦଳ ସଦସ୍ୟ ମୀନାକ୍ଷୀ ମହନ୍ତ କହିଛନ୍ତି, ୨୦୦୯ରେ ଯେଉଁ ଖଣି ଲିଜ୍ ଅବଧି ସରିଥିଲା ତା'ପରେ ନୂଆ ଖଣି ପଟ୍ଟାଦାରଙ୍କୁ ବଣ୍ଟାଯାଇଛି। ଖଣି ଅଞ୍ଚଳରେ ଅଧିକରୁ ଅଧିକ ସବୁଜ ବଳୟ ସୃଷ୍ଟି ଲାଗି ଜଙ୍ଗଲ ବିଭାଗ ଚେଷ୍ଟା ଜାରି ରଖିଛି। ମହିଳାମାନେ ଏହି ଅଞ୍ଚଳରେ ସଶକ୍ତ ହେବା ସହିତ ଯୁବପିଢ଼ିଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଇପାରିଛି। ଆଦର୍ଶ ବିଦ୍ୟାଳୟ ସ୍ଥାପନ କ୍ଷେତ୍ରରେ ଦାୟିତ୍ୱ ନେବା ସହ ମାଇନିଂ ସ୍କୁଲ ଏକାଡ଼େମୀ ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି। ଏହାପରେ ମନ୍ତ୍ରୀ ଉତ୍ତର ରଖିବା ବେଳକୁ ବିରୋଧୀ ଭାଜପା ଏବଂ କଂଗ୍ରେସ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

# ୨୦୦୦ରେ ରାଜ୍ୟର ଆର୍ଥିକ ସ୍ଥିତିକୁ ବିରୋଧୀ ଭୁଲିଯାଉଛନ୍ତି: ମନ୍ତ୍ରୀ

## ଶିଳ୍ପ ବିଭାଗ ଖର୍ଚ୍ଚ ଦାବି ବିଧାନସଭାରେ ଗୃହୀତ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ଶିଳ୍ପ ଅଭିବୃଦ୍ଧି ଏବଂ ବିକାଶ ହେଉଛି ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଅନ୍ତର୍ଭୁକ୍ତିକୁ ସୁଗମ କରିବା, ନବସୃଜନ ଏବଂ ସ୍ଥାୟୀ ଶିଳ୍ପ ବିକାଶକୁ ଉତ୍ସାହିତ କରିବାକୁ ଧ୍ୟାନ ଦେଇ ଶିଳ୍ପ ଅନୁକୂଳ ନୀତି ଏବଂ ନିୟାମକ ଢାଞ୍ଚା ପ୍ରବର୍ତ୍ତନ ଦିଗରେ ଓଡ଼ିଶା ଅନେକ ପଦକ୍ଷେପ ନେଇଛି। ନିକଟରେ ରାଜ୍ୟ ସରକାର ମେକ୍ ଇନ ଓଡ଼ିଶା କନକ୍ଲେଭର ୩ୟ ସଂସ୍କରଣ ଆୟୋଜନ କରିଥିଲେ। ଏହି ସଂସ୍କରଣ ୧୦.୩୭ ଲକ୍ଷରୁ ଅଧିକ ରୋଜଗାର ସମ୍ଭାବନା ଥିବା ୨୨ଟି ବିବିଧ କ୍ଷେତ୍ରରେ ୧୦.୪୮ ଲକ୍ଷ କୋଟି ବିନିଯୋଗ ଆକର୍ଷିତ କରିଛି ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି। ହେଲେ ବିରୋଧୀଙ୍କ ସବୁ କଥାରେ ସେ ଏକମତ ନୁହନ୍ତି। ୨୦୦୦ ମସିହାରେ ରାଜ୍ୟର ଆର୍ଥିକ ପରିସ୍ଥିତି କ'ଣ ଥିଲା ବିରୋଧୀ ଭୁଲିଯାଉଛନ୍ତି ବୋଲି ମନ୍ତ୍ରୀ ଦେବ କହିଛନ୍ତି।

ବିଧାନସଭାରେ ଗୁରୁବାର ଶିଳ୍ପ ବିଭାଗ ଖର୍ଚ୍ଚଦାବି ଆଲୋଚନା ଶେଷରେ ଉତ୍ତର ରଖି ମନ୍ତ୍ରୀ ଦେବ କହିଛନ୍ତି, ମେକ୍ ଇନ୍ ଓଡ଼ିଶା କନକ୍ଲେଭର ପରବର୍ତ୍ତୀ କାର୍ଯ୍ୟାବଳୀ ନିମିତ୍ତ ପୁଞ୍ଜିନିବେଶ ଓ ପ୍ରଚାର ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୨୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ମେକ୍ ଇନ ଓଡ଼ିଶା କନକ୍ଲେଭ ଆୟୋଜନ କରିବା ବ୍ୟତୀତ ଭାରତ ତଥା ବିଦେଶରେ ପ୍ରମୁଖ ଶିଳ୍ପ ହବ୍ ଗୁଡ଼ିକରେ ବିଭିନ୍ନ ସମାରୋହ ଏବଂ ପଥପ୍ରାନ୍ତ ସଭା ସକ୍ରିୟ ଭାବେ ଆୟୋଜିତ ହୋଇଛି। ଏକକ ବାତାୟନ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ପ୍ରକଳ୍ପର ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ନିଶ୍ଚିତ କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଓଡ଼ିଶାକୁ ପୁଞ୍ଜିନିବେଶର ଲକ୍ଷ୍ୟସ୍ଥଳ କରିବା ପାଇଁ ନୂଆଦିଲ୍ଲୀଠାରେ ଥିବା ରେସିଡେଣ୍ଟ କମିଶନରଙ୍କ କାର୍ଯ୍ୟାଳୟରେ ଓଡ଼ିଶା ପୁଞ୍ଜିନିବେଶ ଏବଂ ରପ୍ତାନି ଅଭିବୃଦ୍ଧି କାର୍ଯ୍ୟାଳୟ କେନ୍ଦ୍ର ସରକାରଙ୍କ ସମେତ ଅନ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ କାର୍ଯ୍ୟ କରିଆସୁଛି। ମେଟାଲ ଡାଉନଷ୍ଟ୍ରିମ ଏବଂ ଆନୁଷଙ୍ଗିକ ବିଭାଗରେ ୫୦ ପ୍ରତିଶତ ମୂଲ୍ୟଯୁକ୍ତ ପ୍ରଭାବ ନିମିତ୍ତ ଏକ ପଥ ପ୍ରଦର୍ଶକ ମାନଚିତ୍ର ପ୍ରଦାନ କରିବା ନେଇ ପ୍ରସ୍ତାବ ଥିବା ମନ୍ତ୍ରୀ କହିଛନ୍ତି।

# ୫୭୭୦ ଗାଁରେ ମୋବାଇଲ ସେବା ନାହିଁ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟରେ ଏବେ ସୁଦ୍ଧା ୫୭୭୦ ଗ୍ରାମରେ ମୋବାଇଲ ଫୋନ ସେବା ଅପହଞ୍ଚ ହୋଇରହିଛି। ସେଥିରୁ କୋରାପୁଟ ଜିଲାର ୧୯୭୮ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନାହିଁ। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଜିଲାର ସମସ୍ତ ଗ୍ରାମକୁ ମୋବାଇଲ ସେବା ଉପଲବ୍ଧ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ଓଡ଼ିଶାର ଖଣି ରାଜସ୍ୱ ଅନ୍ୟଠୁ ଅଧିକ:ମନ୍ତ୍ରୀ

## ଇସ୍ପାତ ଓ ଖଣି ବିଭାଗର ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ଲାଗି ଇସ୍ପାତ ଓ ଖଣି ବିଭାଗର ବ୍ୟୟବରାଦ ୨୯୨ କୋଟି ୪୨ ଲକ୍ଷ ୨୫ ହଜାର ଟଙ୍କା କରାଯାଇଛି। ଓଡ଼ିଶା ଖଣି ସମ୍ପଦରେ ସମୃଦ୍ଧ। ରାଜ୍ୟରେ ଦେଶର ତୃତୀୟାଂଶ ଲୌହପଥର, ୯୬% କ୍ରୋମାଇଟ, ୨୪% କୋଇଲା ଏବଂ ୫୧% ବକ୍ସାଇଟ ଖଣିଜ ସମ୍ପଦ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ବାବଦକୁ ୩୫,୧୧୦.୫୯ କୋଟି ଟଙ୍କା ଆଦାୟ ହେଉଛି। ଓଡ଼ିଶାର ଖଣି ରାଜସ୍ୱ ଅନ୍ୟ ସବୁ ରାଜ୍ୟ ତୁଳନାରେ ଅଧିକ। ଝାଡ଼ଖଣ୍ଡଠାରୁ ଓଡ଼ିଶାର ଖଣି ରାଜସ୍ୱ ୩.୫ ଗୁଣ ଅଧିକ ହେବ। ଗୁରୁବାର ବିଧାନସଭାରେ ଇସ୍ପାତ ଓ ଖଣି ବିଭାଗର ଖର୍ଚ୍ଚଦାବି ଆଲୋଚନା ଶେଷରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହା କହିଛନ୍ତି। ମନ୍ତ୍ରୀ ମଲ୍ଲିକ ବିରୋଧୀ ଦଳର ନେତାମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଖଣିଜ ସାମଗ୍ରୀର ବେଆଇନ କାରବାର ରୋକିବା ପାଇଁ ରାଜ୍ୟ ସରକାର ଏକ ଅତ୍ୟାଧୁନିକ ଅନଲାଇନ୍ ବ୍ୟବସ୍ଥା ପ୍ରଣୟନ କରିଛନ୍ତି। ଏହି ଅନ୍‌ଲାଇନ ବ୍ୟବସ୍ଥା ଆପଣାଇବାକୁ ସବୁ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିରୋଧୀ ଦଳ ନେତାଙ୍କ ଦ୍ୱାରା ଉଠାଯାଇଥିବା ଉଲିବୁରୁ ଖଣିରେ ହେଉଥିବା ବ୍ୟାପକ ଦୁର୍ନୀତି ପ୍ରସଙ୍ଗ ପରିପ୍ରେକ୍ଷୀରେ ସୂଚାଇ ସେ କହିଛନ୍ତି, ୨୦୦୯ ପର୍ଯ୍ୟନ୍ତ ସେଠାରେ ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଥିବା ତଥ୍ୟ ପ୍ରାପ୍ତ ହେବାପରେ ଭିଜିଲାନ୍ସ ମାଧ୍ୟମରେ ଅନୁସନ୍ଧାନ କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ କମ୍ପାନୀ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି, ଯାହା ଅଦାଲତରେ ବିଚାରାଧୀନ ରହିଛି। ଖଣିଜ ପଦାର୍ଥର ଉଚ୍ଚମାନକୁ ହ୍ରାସ କରି ନିମ୍ନମାନର ଦର୍ଶାଇ ଖନନ ଓ ଉତ୍ତୋଳନ ବିରୋଧରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ମିଆଦ ଶେଷ ହୋଇଥିବା ଓ ନିଲାମ ପ୍ରକ୍ରିୟାରେ ଦିଆଯାଇଥିବା ଲିଜ୍ ଖଣିଗୁଡ଼ିକରେ ଖଣିଜର ମାନ ନିର୍ଣ୍ଣୟ ନିମନ୍ତେ କୋଇଡ଼ା, ଯୋଡ଼ା ଏବଂ ବାରିପଦା ଖଣି ସର୍କଲ ଅନ୍ତର୍ଗତ ୧୯ଟି ଖଣିରେ ଅନୁଧ୍ୟାନ କରାଯାଇଥିଲା। କେବଳ କୋଇଡ଼ା ସର୍କଲରେ ୩ଟି ଖଣିରେ ଖଣିଜ ମାନରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସମ୍ପୃକ୍ତ ଖଣିଗୁଡ଼ିକୁ ଆର୍ଥିକ ଶାସ୍ତି ଦିଆଯାଇଛି। ରାଜ୍ୟରେ ୪୧ଟି ଖଣି ବ୍ଲକର ସଫଳତାର ସହ ନିଲାମ ହୋଇପାରିଛି। ୨୦୨୦ ମାର୍ଚ୍ଚ ୩୧ରେ ୨୪ଟି ଖଣିର ଅବଧି ଶେଷ ହୋଇଛି। ସେସବୁ ମଧ୍ୟ ସ୍ୱଚ୍ଛତାର ସହ ନିଲାମ କରାଯାଇ ୧୯ଟି ଖଣି ନୂଆ ପଟ୍ଟାଦାରଙ୍କୁ ବଣ୍ଟନ କରାଯାଇଛି। ୧୮ଟି ଖଣି ସହିତ ନିଲାମ ହୋଇଥିବା ବ୍ଲକଗୁଡ଼ିକ ମଧ୍ୟରୁ ୨୩ଟି ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇଛି।

# ସଡ଼କ ଦୁର୍ଘଟଣା: ୫ ବର୍ଷରେ ୨୫,୯୩୪ ଜୀବନହାନି

## ଆହତ ହୋଇଛନ୍ତି ୫୨ ହଜାର

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତା ବଢ଼ାଇବାରେ ଲାଗିଛି। ଚାଲିଯାଉଛି ବହୁମୂଲ୍ୟ ଜୀବନ। ବେଳକୁ ବେଳ ଦୁର୍ଘଟଣା ହାର ବଢ଼ିଚାଲିଛି। ଗତ ୫ ବର୍ଷରେ ସଡ଼କ ଦୁର୍ଘଟଣାରେ ୨୫,୯୩୪ ଜଣଙ୍କ ଜୀବନ ଯାଇଥିବାବେଳେ ୫୧,୮୭୩ ଜଣ ଆହତ ହୋଇଛନ୍ତି। ବିଜେଡି ସଭ୍ୟ ପଦ୍ମିନୀ ଦିଆନଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗୁରୁବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାସ୍ତା ଦୁର୍ଘଟଣା କମାଇବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଗତ ୫ ବର୍ଷରେ ସରକାର ୬ କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମୋଟର ଯାନ ଆଇନକୁ କଡ଼ାକଡ଼ି କରାଯାଇଛି। ଆର୍‌ଟିଓ ଏବଂ ପୋଲିସ ଦ୍ୱାରା ମିଳିତ ଭାବେ ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ କରାଯାଉଛି।

# କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ପାଇଁ ୧୯.୬୪ ଲକ୍ଷ ଖର୍ଚ୍ଚ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟ ସରକାର କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୪୧ କୋଟି ୬୭ ଲକ୍ଷ ୮୩ ହଜାର ୧୨୬ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ପୁରୁଷ ହକି ବିଶ୍ୱକପ୍ ପାଇଁ କେବଳ କଳିଙ୍ଗ ଷ୍ଟାଡିୟମ୍‌ରେ ୧୯ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟ କରାଯାଇଛି। ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଷ୍ଟାଡିୟମର ଭିତ୍ତିଭୂମି ସଜାଡ଼ିବା ପାଇଁ ରାଜ୍ୟ ସରକାର ନିରନ୍ତର ଚେଷ୍ଟା ଜାରି ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଦୀର୍ଘକାଳୀନ କ୍ରୀଡ଼ା ଭିତ୍ତିଭୂମି ପାଇଁ ସରକାର ବିଭିନ୍ନ ପ୍ରକଳ୍ପ ଜରିଆରେ ଅର୍ଥ ଖର୍ଚ୍ଚ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ରାଜ୍ୟ ଖବର

# ଜୁଲାଇରୁ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ୍‌ରେ ପାଠପଢ଼ା

## ସିଣ୍ଡିକେଟ କମିଟି ବୈଠକ

- ୫୩୦ କୋଟିର ଚିଠା ବଜେଟ ପ୍ରସ୍ତୁତ
- ୬ ବିଭାଗ ସ୍ଥାନାନ୍ତର ହେବ
- କ୍ୟାମ୍ପସ୍‌ରେ ବ୍ୟାଙ୍କ୍ ବ୍ୟବସ୍ଥା

କଟକ ଅଫିସ,୨୩।୩

ଆସନ୍ତା ଜୁଲାଇରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍‌ରେ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ବିଭିନ୍ନ ବିଭାଗ ସ୍ଥାନାନ୍ତର କରାଯିବ। ବିଶେଷକରି ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଆଇଟିଏମ୍, ବିବିଏ, ଏମ୍‌ବିଏ ଭଳି ୬ଟି ବିଭାଗ ଦ୍ୱିତୀୟ କ୍ୟାମ୍ପସକୁ ଯିବ। ତେବେ ଏହା ପୂର୍ବରୁ ଦ୍ୱିତୀୟ କ୍ୟାମ୍ପସ୍‌ରେ ଏକ ବ୍ୟାଙ୍କ୍ ବ୍ୟବସ୍ଥା କରାଯିବ। ଏଥିପାଇଁ ଏକ ବିଜ୍ଞାପନ ପ୍ରକାଶ ପାଇବ। ଜାତୀୟକରଣ ବ୍ୟାଙ୍କକୁ ସ୍ଥାପନ କରାଯିବ ବୋଲି ସ୍ଥିର କରାଯାଇଛି। ଏ ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ସିଣ୍ଡିକେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ପ୍ରାୟ ୫୩୦ କୋଟି ଟଙ୍କାର ଚିଠା ବଜେଟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏହାକୁ ସିଣ୍ଡିକେଟ୍ କମିଟି ଅନୁମୋଦନ ସହ କୁଳାଧିପତିଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ହେବ। ଏଥିସହ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଉତ୍ସବ କେବେ ହେବ ଏବଂ ଅତିଥି ଭାବେ କାହାକୁ ନିମନ୍ତ୍ରଣ କରାଯିବ ସେନେଇ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସିଣ୍ଡିକେଟ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସିପିଆଇର 'ବିକଳ୍ପ ସମାବେଶ' | 'ଭାଜପା ହଟାଅ, ଦେଶ ବଞ୍ଚାଅ'

ଭୁବନେଶ୍ୱର,୨୩।୩(ବ୍ୟୁରୋ)




କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ବିଭିନ୍ନ ନୀତିକୁ ଗଣତନ୍ତ୍ର ଓ ଜନ ବିରୋଧୀ ଦର୍ଶାଇବା ସହ ରାଜ୍ୟ ସରକାରଙ୍କ ଶାସନକୁ କୁଶାସନ ବୋଲି କହିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)। ଏହା ବିରୋଧରେ ନୂତନ ଓଡ଼ିଶା ଗଠନ ଆହ୍ୱାନ ଦେଇ ପାର୍ଟି ପକ୍ଷରୁ ଗୁରୁବାର ଭୁବନେଶ୍ୱରଠାରେ 'ବିକଳ୍ପ ସମାବେଶ' କରାଯାଇଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ଏକାଧିକ ଗଣ ସଂଗଠନର ନେତୃବୃନ୍ଦ ଓ କର୍ମୀ ରାଜମହଲ ଛକରେ ଏକାଠି ହେବା ପରେ ଶୋଭାଯାତ୍ରାରେ ଦଳୀୟ ପତାକା ଧରି ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଆସିଥିଲେ। 'ଭାଜପା ହଟାଅ, ଦେଶ ବଞ୍ଚାଅ' ନାରାରେ ସ୍ଥାନୀୟ ଅଞ୍ଚଳ କମ୍ପି ଉଠିଥିଲା। ସେଠାରୁ ସମାବେଶ ସ୍ଥଳରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ସିପିଆଇର ଜାତୀୟ ସମ୍ପାଦକ ଡ. ଭାଲଚନ୍ଦ୍ର କାଙ୍ଗୋ ଉଦ୍‌ବୋଧନ ଦେଇଥିଲେ। ଆଦାନୀଙ୍କ କେଲେଙ୍କାରୀର ଜେପିସି ତଦନ୍ତ ଦାବିକୁ ଭଣ୍ଡୁର କରିବା ପାଇଁ ଶାସକ ଭାଜପା ପାର୍ଲାମେଣ୍ଟକୁ ଅଚଳ କରୁଥିବା କାଙ୍ଗୋ କହିଛନ୍ତି। କେନ୍ଦ୍ର ସରକାର ଫାସିଷ୍ଟ ଆଦର୍ଶରେ ବିଶ୍ୱାସ କରୁଥିବା ସଂଘ ପରିବାର ଦ୍ୱାରା ପରିଚାଳିତ। ଏହି ସାମ୍ପ୍ରଦାୟିକ ଫାସିବାଦୀମାନେ ସରକାରଙ୍କ ପ୍ରୋତ୍ସାହନରେ ଦେଶ ସାରା ଘୃଣା ଓ ବିଦ୍ୱେଷର ମଞ୍ଜି ବୁଣୁଥିବା ସେ ଅଭିଯୋଗ କରିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ୧୮ଟି ଦାବି ଉପସ୍ଥାପନ କରାଯାଇଛି। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଧାନ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା ଧାର୍ଯ୍ୟ କରିବା ସହ ଟୋକନ ବାହାରେ ଚାଷୀର ଧାନ କିଣିବା, ବନ୍ଦ ପଡ଼ିଥିବା ବିଭିନ୍ନ କାରଖାନା ପୁନଃ କାର୍ଯ୍ୟକ୍ଷମ କରି ନିଯୁକ୍ତି ସୁଯୋଗ ସୃଷ୍ଟି, କୁଟୀର ଶିଳ୍ପ କ୍ଷେତ୍ରରେ ୨୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ବ୍ୟବସାୟୀକରଣ ବିରତ ରଖାଯାଉ ଆଦି ଦାବି ରହିଛି। ସେହିପରି ନାରୀ ନିର୍ଯାତନା, ଦଳିତଙ୍କୁ ଶୋଷଣ ଓ ଆକ୍ରମଣ ବନ୍ଦ ହେଉ କହି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକ ମଣ୍ଡଳି ସଭ୍ୟମାନଙ୍କ ସମେତ ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରରୁ ଭାଜପା ସରକାର ହଟାଇବା ଜରୁରୀ ବୋଲି କହିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ଜନବିରୋଧୀ ବୋଲି ସେମାନେ ଦର୍ଶାଇଛନ୍ତି। ଏଣୁ ଉଭୟ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସଂଗ୍ରାମ ଚଳାଇବାକୁ ହେବ ବୋଲି ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ।

## ପରକୀୟା ପ୍ରୀତିରୁ ହତ୍ୟା ମାମଲା

# ଦୋଷୀଙ୍କୁ ଆଜୀବନ ଜେଲ

### ଅନ୍ୟ ଜଣେ ହାଜର ନ ହେବାରୁ ଗିରଫ ପରୱାନା ଜାରି

**ବ୍ରହ୍ମପୁର ଅଫିସ, ୨୩।୩**

ପ୍ରାୟ ୪ବର୍ଷ ତଳେ ପରକୀୟା ପ୍ରୀତିରୁ ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ଗଞ୍ଜାମ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅତିରିକ୍ତ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଜଣଙ୍କ ହେଲେ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ନାରାୟଣ ସାହୁ।

ସୂଚନାଯୋଗ୍ୟ, ୨୦୧୭ ମେ ୪ରେ ଗଜପତି ଜିଲା ମୋହନା ଅଞ୍ଚଳର ଉତ୍ତମ ପାତ୍ର ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ତାଙ୍କ ପୁଅ ଲକ୍ଷ୍ମୀନାରାୟଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏତଲାରେ ଦର୍ଶାଇଥିଲେ, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁର ଅରକ୍ଷିତ ଦଳବେହେରାଙ୍କ ଝିଅ ଯମୁନାଙ୍କ ସହ ଲକ୍ଷ୍ମୀନାରାୟଣଙ୍କର ବିବାହ ହୋଇଥିଲା। ଅନ୍ୟପଟେ ଯମୁନାଙ୍କର ପାଟପୁର ଥାନା ସିଙ୍ଗିପୁର ଗ୍ରାମର ନାରାୟଣ ସାହୁଙ୍କ ସହ ଅନୈତିକ ସମ୍ପର୍କକୁ ନେଇ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। କିନ୍ତୁ ଦୁଇ ପରିବାର ଏହାର ସମାଧାନ କରିଥିଲେ। କିନ୍ତୁ ଅଭିଯୋଗ କରିବାର ଦେଢ ମାସ ତଳେ ତାଙ୍କ ବୋହୂ ଯମୁନା ନାରାୟଣଙ୍କ ସହ କେଉଁଆଡ଼େ ଚାଲି ଯାଇଥିବା ନେଇ ବାପା ମୋହନା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବୋହୂ ଘରକୁ ଫେରିବାରୁ ତାଙ୍କୁ ନାତି ଓ ପୁଅ ସହ ପୋଇଗୁଡ଼ାକୁ ପଠାଇ ଦେଇଥିଲେ। ତା'ର ଦୁଇ ଦିନ ପରେ ନାରାୟଣ ସେଠାରେ ପହଁଚି ଯମୁନାଙ୍କ ସହ ଲକ୍ଷ୍ମୀନାରାୟଣଙ୍କ ଗୋଡ଼ରେ ଲାଗିଥିବା ଆଘାତ ଚିକିତ୍ସା ପାଇଁ ବ୍ରହ୍ମପୁର ନେଇ ଯାଇଥିଲେ, କିନ୍ତୁ ଲକ୍ଷ୍ମୀନାରାୟଣ ଆଉ ଘରକୁ ଫେରିନଥିଲେ।

କିଛିଦିନ ପରେ ବାପା ଉତ୍ତମ ପୋଇଗୁଡ଼ାରେ ରହୁଥିବା ବୋହୂ ଯମୁନାଙ୍କୁ ପୁଅ ସମ୍ପର୍କରେ ପଚାରିବାରୁ ସେ କିଛି ଜାଣିନଥିବା କହିଥିଲେ। ପରେ ସେ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯମୁନାଙ୍କୁ ମୋହନା ଥାନାକୁ ନେଇ ପଚରାଉଚରା କରିବାରୁ ନାରାୟଣ ସହ ମିଶି ସେ ଲକ୍ଷ୍ମୀନାରାୟଣଙ୍କୁ ଆଙ୍କୁଶପୁର ସ୍ଥିତ ମିଲ ସାହିର ଏକ ଭଡ଼ାଘରେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହାପରେ ଉତ୍ତମ ସମ୍ପର୍କୀୟଙ୍କ ସହ ସେଠାକୁ ଯାଇ ଦେଖିଲା ବେଳକୁ ଉକ୍ତ ଘରେ ତାଲା ଝୁଲୁଥିବା ବେଳେ ଭିତରୁ ପଚାଗନ୍ଧ ବାହାରୁଥିବାରୁ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ସେଠାରୁ ଲକ୍ଷ୍ମୀନାରାୟଣଙ୍କ ଗଳିତ ମୃତଦେହ ଜବତ କରି ନଂ. ୮୫/୧୭ରେ ଏକ ମାମଲା ରୁଜୁ ପରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଦୁହେଁ କୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ୨୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଶୁଣାଣି ବେଳେ ନାରାୟଣ କୋର୍ଟରେ ହାଜର ହୋଇଥିବା ବେଳେ ଯମୁନା ହାଜର ହୋଇନଥିଲେ। ଯମୁନାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ଏଡିଜେ ଚାର୍ଜଶିଟ ଓ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ନାରାୟଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ଜ୍ଞାନେନ୍ଦ୍ର ନାଥ ଜେନା ଓ ଅନିଲ ସାହୁ ମାମଲା ପରିଚାଳନା କରୁଥିଲେ।

## ରାଜ୍ୟର ଡ୍ରପ୍‌ଆଉଟ୍ ଅଭିଯୋଗକୁ ୟୁଡିଆଇଏସ୍‌ଇର ଖଣ୍ଡନ

**ନୂଆଦିଲ୍ଲୀ, ୨୩।୩: (ପିଆଇବି)**

ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିକଟରେ ରାଜ୍ୟ ବିଧାନସଭାରେ ପିଲାମାନଙ୍କର ସ୍କୁଲ୍ ଡ୍ରପଆଉଟ୍ ବା ପାଠପଢ଼ା ଛାଡ଼ିବା ହାର ସମ୍ପର୍କରେ ବିବୃତି ରଖିଥିଲେ। ରାଜ୍ୟରେ ୨୭.୩% ଛାତ୍ରୀଛାତ୍ର ସ୍କୁଲ ଡ୍ରପ୍ ଆଉଟ୍ ହାରକୁ ଖଣ୍ଡନ କରିବା ସହ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେଶନ୍ ସିଷ୍ଟମ୍ ଫର୍ ଏଜୁକେଶନ୍ (ୟୁଡିଆଇଏସ୍‌ଇ) ପ୍ଲସ୍ ରିପୋର୍ଟ ଭରସାଯୋଗ୍ୟ ନୁହେଁ ବୋଲି ଦର୍ଶାଯାଇଥିଲା। ଶିକ୍ଷା ପାଇଁ ଏକୀକୃତ ଜିଲା ସୂଚନା ପ୍ରଣାଳୀ ବା ୟୁଡିଆଇଏସ୍‌ଇ ପ୍ଲସ୍‌ର ତଥ୍ୟ କେବଳ ଭରସାଯୋଗ୍ୟ ନୁହେଁ ବରଂ ଦେଶରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକମାତ୍ର ବିଶ୍ୱସନୀୟ ଡେଟାବେସ୍। ଏଥିସହ ଡ୍ରପ୍‌ଆଉଟ୍ ଅଭିଯୋଗକୁ ୟୁଡିଆଇଏସ୍‌ଇ ପକ୍ଷରୁ ଖଣ୍ଡନ କରାଯାଇଛି। ୟୁଡିଆଇଏସ୍‌ଇ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଓ ସାକ୍ଷରତା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ସର୍ବବୃହତ ସୂଚନା ପରିଚାଳନା ବ୍ୟବସ୍ଥା। ଡେଟାବେସ୍ ଅନୁଯାୟୀ ୧୪.୮୯ ଲକ୍ଷରୁ ଅଧିକ ବିଦ୍ୟାଳୟ, ୯୫ ଲକ୍ଷ ଶିକ୍ଷୟିତ୍ରୀଶିକ୍ଷକ, ୨୬ କୋଟି ୫୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ୟୁଡିଆଇଏସ୍‌ଇ ପ୍ଲସ୍ ୨୦୨୦-୨୧ର ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ମୋଟ ୨୧.୪୨ ଲକ୍ଷ ଛାତ୍ରୀଛାତ୍ର ଥିବା ବେଳେ ମାଧ୍ୟମିକ ସ୍ତରରେ ୧୩.୨୫ ଲକ୍ଷ ଛାତ୍ରୀଛାତ୍ର ଥିଲେ। ଅନୁରୂପ ଭାବେ ୨୦୨୧-୨୨ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ମୋଟ ୨୦.୭୨ ଲକ୍ଷ ଛାତ୍ରୀଛାତ୍ର ଏବଂ ମାଧ୍ୟମିକ ସ୍ତରରେ ୧୨.୪୬ ଲକ୍ଷ ଛାତ୍ରୀଛାତ୍ର ଥିଲେ। ତେଣୁ ଉଭୟ ସ୍ତରର ଛାତ୍ରୀଛାତ୍ରଙ୍କ ନାମରଲେଖା ହ୍ରାସ ପାଇଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ୨୦୨୧-୨୨ର ୟୁଡିଆଇଏସ୍‌ଇ ପ୍ଲସ୍ ତଥ୍ୟରେ ମଧ୍ୟ ଦର୍ଶାଯାଇଛି ଯେ ଓଡ଼ିଶା ପ୍ରାଥମିକ ସ୍ତରରେ ଛାତ୍ରୀଛାତ୍ର ପାଠପାଢ଼ା ଛାଡ଼ିବା ହାର ୭.୩% ଏବଂ ମାଧ୍ୟମିକ ସ୍ତରରେ ୨୭.୩ ପ୍ରତିଶତ ରହିଛି ।

---

### GOVERNMENT OF ODISHA
### OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR

**No.O-2002:** E-Mail- eerwel_bbsr @yahoo.co.in

**e-Procurement Notice No-EERWELBBSR-37/2022-23**

| | | |
|---|---|---|
| 1 | Name of the work | 10 Nos. of shifting work of 11 Kv line LT line, Sub-Station due to PMGSY road widening work and bridge work under RW Division, Bhubaneswar and 1 No. shifting work of HT and LT line under RW Division, Jagasinghpur |
| 2 | Estimated Cost | From 7.35 lakhs to 48.51 lakhs (Excluding GST) |
| 3 | Period of completion | 60 days |
| 4 | Bid Identification No. | EERWELBBSR- 37/2022-23 |
| 5 | Date and time of availability of Bid documents in the portal | From Dt.28.03.2023 at 12.00 A.M.to Dt 10.04.2023 upto 5.00 P.M |
| 6 | Date & Time of opening of tender | Dt.11.04.2023 at 11:00 A.M. |
| 7 | Procurement officer/ Name and address of the officer inviting Bids | Executive Engineer, R W EL DIVN. BBSR, At- 1st floor of Divn. Complex, Rasulgarh Behind Explanade Mall. Dist. -Khurda, Odisha. Pincode-751010 |

Further detail can be seen from the Govt. website **www.tenderorissa.gov.in.**

**Sd./- Executive Engineer, Rural Work Electrical Division, Bhubaneswar**

**OIPR-25168/11/0016/2223**

---

### MUNICIPAL OFFICE, JHARSUGUDA
#### "E" Procurement Notice

**Tender Call Notice No. 1936/JM, Dt.17.03.2023**

No. C-2738: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tenderodisha.gov.in.**

1. Tender Reference : EO/JMC/11/2022-23
2. Tender ID No. : 2023_ORULB_87119
3. Name of the Work : Civil Construction works as mentioned in website
4. No. of Works : 06 Nos.
5. Estimated Cost : As per DTCN
6. Date & Time of availability of Bid Document in the portal : 20.03.2023 at 06.00 P.M.
7. Last date & time for receipt of bids in the portal : 03.04.2023 at 06.00 P.M.
8. Bids received online shall be opened on : 05.04.2023 at 03.30 P.M.
9. Name and address of the Officer Inviting : Executive Officer, Jharsuguda Municipality
10. Further details can be seen from the procurement portal i.e. **www. tenderodisha.gov.in.**

**Sd./- Executive Officer Jharsuguda Municipality**

**OIPR-13165/11/0040/2223**

---

### OFFICE OF THE PANCHAYAT SAMITI, BARPALI

**No. i-529:** **Letter No.419, Date:20.03.2023**

**Tender Call Notice No.415/20.03.23/ Block Office Building.**

| | | | |
|---|---|---|---|
| 1 | Type of works | : | Block Office Building |
| 2 | Total No. of Works | : | (01 ) Nos. |
| 3 | Estimated Cost | : | Rs. 34.37492 lakh (approx.) |
| 4 | Class Contractor | : | "C" & "B" Class |
| 5 | Period of Completion | : | 6 (six) calendar months |
| 6 | Date of Bidding | : | 22.03.2023 at 10.00 A.M. to 05.04.2023 up to 1.00 P.M. |
| 7 | Last Date of receipt Bid Documents | : | 05.04.2023 upto 1.00 PM |
| 8 | Date & Time of opening of tender | : | 06.04.2023 at 11.00 AM |

Bid documents consisting of specification & schedule of quantities (BOQ) and the set of terms and conditions of contract (DTCN) along with other necessary documents can be obtained from Panchayat Samiti Barpali and Sealed Bids must be enclosed with appropriate cost in shape of a nor-refundable Demand Draft of Rs.6000/-only for each work, separately issued from any scheduled bank payable at Barpali in favour of Block Development Officer, Barpali. Interested bidders may obtain further information at the same address.

**Sd./- Block Development Officer, Barpali**

**OIPR-19334/11/0002/2223**

---

### OFFICE OF THE PARADEEP MUNICIPALITY, PARADEEP

**No. 1136** **Dt.23.03.2023**

#### QUOTATION CALL NOTICE

No. C-2742: The Executive Officer, Paradeep Municipality on behalf of Paradeep Municipality, Dist.: Jagatsinghpur invites sealed quotations from the intending registered Supplier/Dealers/Firm for supply of Sanitary Materials to Paradeep Municipality for the financial year 2023-24. The prescribed quotation scheduled (DTCN) can be downloaded from Paradeep Municipality website: **www.paradeepmunicipality.org** from 10.00 A.M. date 23.03.2023 to date 04.04.2023 upto 5.00 P.M. on payment of Rs.500.00 (Rupees Five hundred) only (non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Paradeep Municipality payable at Paradeep from any Nationalized Bank.

The quotation paper alongwith all documents shall be received in the Office of the Executive Officer, Paradeep Municipality through by person on or before date 05.04.2023 upto 12.00 Noon. The quotation will be opened on the same date at 12.30 P.M. in presence of the quotationer or their authorized representative. The quotation received beyond the schedule date and time will not be considered at all.

The undersigned has the rights to accept, cancel or reject any or all the quotations without assigning any reason thereof.

**Sd./- Executive Officer, Paradeep Municipality**

**OIPR-13120/11/0039/2223**

---

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍
#### ଟେଣ୍ଡର ନୋଟିସ୍

ପତ୍ର ସଂ. ୫୭୪ ତା୨୨।୦୩।୨୦୨୩

No. C-2734: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅଧୀନସ୍ଥ ମଙ୍ଗଳ ବଜାର ହାଟ ତା୨୪।୦୪।୨୦୨୩ରୁ ୨୩।୦୪।୨୦୨୪ ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବ। ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୨।୦୩।୨୦୨୩ରୁ ତା୧୩।୦୪।୨୦୨୩ ଅପରାହ୍ନ ଘ.୧.୦୦ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବ୍‌ସାଇଟ୍: **www. nuapada.nic.in**ରୁ ଦେଖିପାରିବେ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍

**OIPR-13136/11/0029/2223**

---

### ବିଶେଷ ସୂଚନା

No. CAD-5262: ପ୍ରକଳ୍ପ ଯନ୍ତ୍ରୀ, ଜାଇକା (ଡ୍ରେନେଜ) କଟକ, ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଟକ ନଗର ନୂଆପଡ଼ାଠାରୁ ଆସୁଥିବା ଗାଡ଼ିଗୁଡ଼ିକ ଅନ୍ଦରପୁର ଯିବାକୁ କଲଭର୍ଟଠାରୁ ବାମ ପାର୍ଶ୍ୱ ଦେଇ ଗତି କରିବେ, ସେହିପରି ନୂଆପଡ଼ା ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ମତଗଜପୁର, ବେଲେଶ୍ୱର ଯିବା ପାଇଁ କଲଭର୍ଟ ଆଗରେ ଡାହାଣକୁ ବୁଲିକରି ଯିବେ। ଯେଉଁ ଗାଡ଼ିଗୁଡ଼ିକ ନୂଆବଜାରରୁ ମତଗଜପୁର, ବେଲେଶ୍ୱର ଯିବା ପାଇଁ ଚାହିଁବେ ସେମାନେ କଲଭର୍ଟ ପୂର୍ବରୁ ବାମପାର୍ଶ୍ୱ ଦେଇ ଗତି କରିବେ। ଯେଉଁମାନେ ନୂଆବଜାରଠାରୁ ନୂଆପଡ଼ା ଓ ଅନ୍ଦରପୁର ଯିବାକୁ ଚାହିଁବେ ସେମାନେ କଲଭର୍ଟ ପୂର୍ବରୁ ଡାହାଣ ପାର୍ଶ୍ୱ ଦେଇ ଗତି କରିବେ। ତା୨୫।୦୩।୨୦୨୩ରିଖଠାରୁ ତା୧୦।୦୫।୨୦୨୩ରିଖ ପର୍ଯ୍ୟନ୍ତ ସେହି ଜାଗାରେ କଲଭର୍ଟ କାମ ଚାଲୁ ରହିବ।

ଜନସାଧାରଣଙ୍କୁ ଉପରୋକ୍ତ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରି ସହଯୋଗ କରିବା ପାଇଁ ନିବେଦନ କରାଯାଉଛି।

ଆପଣଙ୍କ ବିଶ୍ୱସ୍ତ
ସ୍ୱା./- (ପ୍ରକଳ୍ପ ଯନ୍ତ୍ରୀ)
(ଜାଇକା ଡ୍ରେନେଜ)

**OIPR-32431/11/0021/2223**

---

### OFFICE OF THE DISTRICT JUDGE-CUM-CHAIRMAN, DISTRICT LEGAL SERVICES AUTHORITY, KENDRAPARA

#### CORRIGENDUM DATED 23RD MARCH 2023 TO ADVERTISEMENT NO. 01 OF 2023 DATED 5TH JANUARY 2023

No. W-79: In ADVT No. 01 of 2023 Dated 5th January, the minimum educational qualification for an applicant was fixed as +3 or equivalent examination as per GA & PG Deptt. Resolution No. 356 dated 29.11.2017 instead of OSLSA Rules, 1996 (as amended in 2016). Hence, in partial modification of the above advertisement, the educational qualification is fixed as +2 or equivalent examination. The detailed modified advertisement is now uploaded in the official website of District Court, Kendrapara at **https://district.ecourts.gov.in/kendrapara**. Hence, applications are now invited for the candidates possessing minimum +2 or equivalent examination for the posts, advertised. The applications already received by DLSA, Kendrapara pursuant to Advt. No. 01 of 2023 Dt.5th January 2023 shall be considered afresh along the new applications to be received as per this corrigendum.

The written examination scheduled to be held on 26th March 2023 is now deferred. Fresh Admit Card shall be issued to all the eligible candidates.

**Sd./- Chairman, DLSA, Kendrapara**

**OIPR-18063/11/0005/2223**

---

ANNEXURE - I

### PANCHAYAT SAMITI OFFICE, RAYAGADA

**At/P.O.: Rayagada, Dist.: Gajapati, PIN - 761213**

#### TENDER CALL NOTICE No. /2023

**No. 540** **Date: 22.03.2023**

No. i-527: The Block Development Officer, Rayagada invites sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/ Rural Works/M.I./C.P.W.D. conformity with the DTCN are invited from the **"B"** Class contractors for execution of works under Panchayat Samiti, Rayagada as detailed in **Annexure - I**. The tender document **(DTCN & BOQ)** can be obtained from district **NIC Website: (www.gajapati.nic.in)** from **Dt.24.03.2023 to 04.04.2023 till 5.30 P.M.** The tender document **(BOQ)** duly signed by the contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Rayagada, payable at "Rayagada" from any Nationalized Bank and NSC/KVP/Time Deposit duly pledged. The tender document **(BOQ)** should accompanied with requisite tender paper cost in shape of Demand Draft drawn in favour of BDO, Rayagada, payable at "Rayagada" from any Nationalized Bank. The tenders will be received upto **Dt.05.04.2023 till 5.30 P.M.** and addressed to O/o. Block Development Officer, Rayagada, Gajapati - 761213 through **Registered/ Speed Post only**. The tender to be opened on **Dt.06.04.2023 at 3.00 P.M.** at Block Conference Hall, O/o. the Block Development Officer, Rayagada, Gajapati in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at **NIC Website: (www.gajapati.nic.in)**. The name of the work should be written on the **top of the envelope**. The undersigned reserves the right to cancel the tender without assigning any reason thereof.

**Sd./- Block Development Officer, Rayagada**

**OIPR-19322/11/0002/2223**

---

**GOVERNMENT OF ODISHA** **No.RR-61:**

### OFFICE OF THE SUPERINTENDENT ODISHA STATE ARCHAEOLOGY

**1st FLOOR; SANSKRUTI BHAWAN, BHUBANESWAR -14**
**Office Phone No.0674-2432147/Email Id-suptosabbsr@gmail.com**

**NOTICE INVITATION FOR BIDS THROUGH E-PROCUREMENT**

**No. 2368 /Arch., Date:22.03.2023**

| | | |
|---|---|---|
| Tender Call Notice No. | : | No. 16 : Date:22.03.2023 |
| Bid Identification No. | : | No. 16 : Date:22.03.2023 |
| Nature of Work | : | Construction of Pedestal for installation Statue of Saheed Baji Rout, Unit-8, DAV School Chhack,Bhubaneswar, Dist-Khurda. |
| Number of work | : | 01 (One) |
| Estimated Cost | : | Rs.7,88,576/- |
| Period of Completion | : | 2 Calendar Months |
| Category of Contractor | : | D&C |
| Available period | : | Dt.23.03.2023 from 10.00 A.M. hours Dt.03.04.2023 by 17.00 P. M. hours |
| Tender Opening Date | : | Dt.04.04.2023 at 11.30 A. M. hours |

Bid documents such as NIT/DTCN / BoQ etc. can be seen / downloaded from www.tendersodisha.gov.in during the period from 10.00 A. M. hours of 23.03.2023 to 17.00 P. M. hours of 03.04.2023.

**Sd./- Superintendent**
**Odisha State Archaeology, Bhubaneswar**

**OIPR-03019/11/0011/2223**

---

### OFFICE OF THE DFO-CUM-DMU CHIEF, BARIPADA FOREST DIVISION

**At/P.O.: Baripada, Dist.: Mayurbhanj, PIN - 757001**
**Phone No. 06792-252613 (O), Email: dmuchiefbaripada@gmail.com**

**No. 119** **Date: 22.03.2023**

No. MM-492: Contractual Engagement of FMU Coordinator (Training & Process Documentation) for DMU, Baripada under OFSDP - II

| Division | Name of the Post | Vacancy | Essential Qualification and Experience |
|---|---|---|---|
| Baripada Forest Division | FMU Coordinator (Training & Process Documentation) | 01 | **Essential Qualification** Graduate in any Discipline (with more than 45% in aggregate in qualifying Exam.) |

Interested candidates may obtain terms of reference and the application form from O/o. the Divisional Forest Officer-cum-DMU Chief, Baripada during office hours in any working day between **10.30 A.M. to 5.30 P.M. from 23.03.2023 to 06.04.2023** or may download from the website **(www.mayurbhanj.nic.in)**. Filled in application complete in all respect alongwith self-attested Xerox copy of relevant documents in respect of qualificatios and experience and Bank Draft for Rs.500/- (non-refundable) drawn in favour of **DFO-cum-DMU Chief, Baripada, payable at Baripada Branch**, should reach the O/o. the Divisional Forest Officer-cum-DMU Chief, Baripada through **Speed Post/Courier Service on or before 4.00 P.M. on 06.04.2023**.

**Sd./- DFO-cum-DMU Chief**
**Baripada Forest Division**

**OIPR-08065/11/0007/2223**

---

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE
### Zilla Swasthya Samiti, Balasore

**District Programme Management Unit, National Health Mission, Balasore**

**Advt.No.4211** **Date:22.03.2023**

#### Advertisement/Walk-In Interview

**No.E-997:** Applications are invited from eligible candidates for filling up the following posts under National Health Mission, Balasore on contractual basis and subject to renewal as per the society norms. Annual increment is admissible as per the norms of the society besides the remuneration (including performance incentive maximum) noted against each post. All posts are purely contractual & are renewable in every 11 months subjected to approval of programme implementation plan.

| Sl.No. | Name of the Post as per NHM PIP | No. of Vacant Position | Remarks |
|---|---|---|---|
| 1 | BPM (Block Programme Manager) | 1 | Applications are invited through Regd. Post/Speed Post only |
| 2 | PHM (Public Health Manager) under NUHM | 1 | |
| 3 | Senior Treatment Supervisor(STS) | 1 | |
| 4 | Medical Officer (SNCU) | 3 | Walk-in Interview on 28.03.2023 (10.00 AM to 12.00 Noon) |
| 5 | Medical Officer-UHWCs | 4 | |

Eligible candidates are hereby informed to visit /log in to the District official website www.baleswar.nic.in to download the detail terms, conditions & application forms. The filled in application form in all respect should reach the O/o CDM&PHO, Balasore, Pin-756001 by Dt.05.04.2023 up to (5.30 PM) by Regd. Post/Speed Post only. The envelope containing the application must be superscripted as "APPLICATION FOR THE POST OF ..............................". Application received after due date will not be entertained. No personal query will be entertained. Number of vacancies under this advertisement are provisional and subject to change depending upon the recruitment at the time of selection. The authority reserves the right to cancellation / rejection of any or all applications and modify/cancel the advertisement without assigning any reason thereof.

**OIPR-10032/11/0027/2223** **Sd./-Chief District Medical & Public Health Officer, Balasore**

---

### ଉଦ୍ୟାନ ବିଭାଗ, ସୋନପୁର ଅଧୀନସ୍ଥ ଉଦ୍ୟାନ କୃଷି ଫାର୍ମ ଆମ୍ବ ଫଳ ପାଇଁ ନିଲାମ ଇସ୍ତାହାର

No.L-176:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ସୋନପୁର ଉଦ୍ୟାନ କୃଷି ଫାର୍ମ ପକ୍ଷରୁ ୨୦୨୨-୨୩ ବର୍ଷ ପାଇଁ ଆମ୍ବ ଫଳର ନିଲାମ ଦେବାପାଇଁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଉକ୍ତ ଟେଣ୍ଡର ପେପରଗୁଡିକ ରେଜିଷ୍ଟ୍ରି ଡାକ କିମ୍ବା କୋରିଅର ସେବା ମାଧ୍ୟମରେ ସୂଚିତ ଥିବା ସ୍ତମ୍ଭ ନମ୍ବର-୫ରେ ସୂଚିତ ତାରିଖ ଏବଂ ସମୟ ପର୍ଯ୍ୟନ୍ତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟଠାରେ ଗ୍ରହଣ କରାଯିବ । କୌଣସି ପରିସ୍ଥିତିରେ ସିଧାସଳଖ ଦରଖାସ୍ତ ଗ୍ରହଣ କରାଯିବନାହିଁ ।

| କ୍ରମିକ ନମ୍ବର | ଫାର୍ମର ନାମ ଏବଂ ଅଫିସର ନାମ | ବଉଳ ଆସିଥିବା ଆମ୍ବ ଗଛର ସଂଖ୍ୟା | ଅମାନତ ଜମା ରାଶି | ଟେଣ୍ଡର ଫର୍ମ ଗ୍ରହଣ କରିବାର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲା ଯିବା ତାରିଖ ଏବଂ ସମୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ସୋନପୁର ଉଦ୍ୟାନ କୃଷି ଫାର୍ମ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର | ୪୧୯ | ଟ.୧୧,୦୦୦/- | ତା.୦୪.୦୪.୨୦୨୩ ସମୟ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ | ତା.୦୫.୦୪.୨୦୨୩ ସମୟ ଦିବା ୧୧.୦୦ ଘଟିକା |

ଜଉମୁଦ ଦିଆ ଟେଣ୍ଡର ପେପର ସହିତ ଅମାନତ ଜମାରାଶି ସୋନପୁର ଉଦ୍ୟାନ କୃଷି ଫାର୍ମ ପାଇଁ ଟ.୧୧,୦୦୦/- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ ସପକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସୋନପୁର ଶାଖାରେ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଗ୍ରହଣ କରାଯିବ । ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ନିୟମାବଳୀ ଏବଂ ସର୍ତ୍ତ ଥିବା ଆବଶ୍ୟକ ଫର୍ମ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଟ.୧୦୦/- ଦେଲେ ଉପଲବ୍ଧ ହେବ । ଟେଣ୍ଡର ଜମାକାରୀମାନେ ଅଫିସ ସମୟରେ ସକାଳ ଘ.୧୦.୦୦ ଠାରୁ ଘ.୧.୦୦ ମଧ୍ୟରେ ଫାର୍ମ ଇନଚାର୍ଜଙ୍କ ଅନୁମତି ନେଇ ନିଲାମ କରାଯାଉଥିବା ଗଛଗୁଡିକୁ ବୁଲି ଦେଖିପାରିବେ । କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ଦରଖାସ୍ତ ନାକଚ କରିପାରିବେ ।

ବି.ଦ୍ର.:ସୋନପୁର,ଉଦ୍ୟାନ ବିଭାଗ ଫାର୍ମ ପାଇଁ ସୂଚିତ ତାରିଖ ଏବଂ ସମୟ ଅନୁଯାୟୀ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଆମ୍ବ ଫଳର ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ।

**OIPR-01383/11/0003/2223** ସ୍ୱା./- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର

---

### OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. I, BHUBANESWAR

E-mail- eebbsr1@yahoo.co.in

#### INVITATIONS FOR BIDS THROUGH e-Procurement

**No-1750 Date-01/03/2023**

**Bid Identification No- C.C. (R&B) - 01 e - Procurement Notice No. (111 ) of 2022-23**

**No.B-1377:** The Superintending Engineer, Bhubaneswar (R&B) Division No-1, Bhubaneswar on behalf of Governor of Odisha invites **Item** Rate Bids in **Double Cover** system **(Online)** for the works as detailed in table below.

| Sl. No. | Name of the Work | Class of Contractor | Cost of Bid documents (Rs.) | Period of Completion in Calendar Months |
|---|---|---|---|---|
| 1. | Natural History Gallery (Part 02) | "B" | Rs.10,000.00 (To be paid online) | 06 (Six) Calendar Months |
| 2. | Natural History Gallery (Part 03) | "B" | Rs.10,000.00 (To be paid online) | 06 (Six) Calendar Months |
| 3. | Natural History Gallery (Part 04) | "B" | Rs.10,000.00 (To be paid online) | 06 (Six) Calendar Months |
| 4. | Natural History Gallery (Part 05) | "B" | Rs.10,000.00 (To be paid online) | 06 (Six) Calendar Months |

The bidders have to participate in ONLINE bidding only. The website for **ONLINE BIDDING** is http://tendersorissa.gov.in.
Bid documents will be available in above Website from 12.00 hours of 13/03/2023 to 17.00 hours of 27.03.2023.
Bids of the above work shall be opened at 12.00 hours on 28/03/2023.
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e- Procurement website. www. tendersorissa.gov.in.

**N.B: Subsequent corrigendum / addendum if required shall be available in the website as indicated above.**

**Sd./- Superintending Engineer**
**Bhubaneswar (R&B) Division No.I, BBSR**

**OIPR-34076/11/0020/2223**

---

### ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
### DIRECTORATE OF FISHERIES, ODISHA, CUTTACK

**Ph-0671-2414061, Fax-0671-2410521, E-mail Id- director.odifish@gmail.com**

**Letter No.4735/DOF-IE-MISC-0065/2021 Dated. 22 March 2022**

**Expression of Interest (EoI) for taking up reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on Lease-Install-Operate Basis**

**No.M-92:** Director of Fisheries,Odisha, Cuttack, invites sealed Expression of Interest (EoI) for taking up reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on Lease-Install-Operate Basis. Applicants are advised to go through the EoI document carefully before filling up the application form. Filled up application form shall be submitted along with required document and fees. There is no time limit for submission of EoI. The EoI shall be opened every month till the exhaustion of all zones. The details of criteria, submission requirement, objective, scope of work etc is available in websites of www.odishafisheries.nic.in and www. fishfedodisha.com.

Sealed envelope containing EoI application along with all relevant documents should be submitted to below address, mentioning "Expression of Interest (EoI) for taking up reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on Lease-Install-Operate Basis" on the top of envelope. Director of Fisheries reserves the right to fix/ alter the date of opening of EoI and also to reject any all the EoI without assigning any reason whatsoever.

**Sd./- Director**

**The Director of Fisheries, Odisha, Cuttack**
**Directorate of Fisheries**
**Mangalabag, Cuttack-753001** **OIPR-06030/11/0029/2223**

## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ:** ଜାତୀୟ ଏବଂ ଅନ୍ତର୍ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ଭାରତୀୟ ଶେୟାର ବଜାରର କାରବାର ଗତ କିଛି ମାସ ହେବ ଅସ୍ଥିରତା ମଧ୍ୟରେ ଶେଷ ହେଉଛି। ଫଳରେ ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୮୯ (୨୮୯.୩୧) ପଏଣ୍ଟ ହ୍ରାସ ଘଟି ୫୭,୯୨୫(୫୭,୯୨୫.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୭୫(୭୫.୦୦) ପଏଣ୍ଟ ଖସି ୧୭,୦୭୭ (୧୭,୦୭୬.୯୦) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଡେଲ ରେଞ୍ଜର ମୂଲ୍ୟ ବଢ଼ାଇବ ମାରୁତି ସୁଜୁକି

## ଏପ୍ରିଲରୁ ନୂଆ ଦର ସୂଚୀ

**ନୂଆଦିଲ୍ଲୀ,୨୩।୩**



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ଼(ଏମ୍ଏସ୍ଆଇଏଲ୍) ତା'ର ବିଭିନ୍ନ ମଡେଲ ଉପରେ ଦର ବୃଦ୍ଧି କରିବାକୁ ଯାଉଛି। ଏପରିକି ଚଳିତ ବର୍ଷ ଏପ୍ରିଲରୁ ନୂଆ ଦର ସୂଚୀ ପ୍ରକାଶିତ ହେବ ବୋଲି ଗୁରୁବାର ଏମ୍ଏସ୍ଆଇଏଲ୍ ପକ୍ଷରୁ କୁହାଯାଇଛି। ବିଶେଷକରି ସାମଗ୍ରିକ ମୁଦ୍ରାସ୍ଫୀତି ଓ ନିୟାମକ ଆବଶ୍ୟକତାର ପ୍ରଭାବକୁ ଆଂଶିକ ଭାବେ ଭରଣା କରିବା ପାଇଁ କମ୍ପାନୀ ୨୦୨୩ ଏପ୍ରିଲରେ ତା'ର ମଡେଲ ରେଞ୍ଜର ମୂଲ୍ୟ ବୃଦ୍ଧି କରିବ ବୋଲି ଘୋଷଣା କରିଛି। ଏପରିକି ଆସନ୍ତା ମାସରୁ ଲାଗୁହେବାକୁ ଥିବା ଦର ବୃଦ୍ଧିର ପରିମାଣ ସମ୍ପର୍କିତ କୌଣସି ପ୍ରକାର ତଥ୍ୟ ଏବଂ ଦରସୂଚୀ ବର୍ତ୍ତମାନ ସମୟରେ ଘୋଷଣା କରିନାହିଁ।

ଏ ସମ୍ପର୍କରେ ଏମ୍ଏସ୍ଆଇଏଲ୍ କହିଛି, କମ୍ପାନୀ ୨୦୨୩ ଏପ୍ରିଲରେ ଉକ୍ତ ମୂଲ୍ୟ ବୃଦ୍ଧି ଯୋଜନା କରିଛି, ଯାହା ବ୍ରାଣ୍ଡର ବିଭିନ୍ନ ମଡେଲ ଉପରେ ଭିନ୍ନ ଭିନ୍ନ ପ୍ରକାର ହେବ। ଅପରପକ୍ଷରେ ସାମଗ୍ରିକ ମୁଦ୍ରାସ୍ଫୀତି ଏବଂ ନିୟାମକ ଆବଶ୍ୟକତା ଯୋଗୁ କମ୍ପାନୀର ମୂଲ୍ୟ ଚାପ ବୃଦ୍ଧି ପାଉଛି ବୋଲି ଏମ୍ଏସ୍ଆଇଏଲ୍ ଏକ ନିୟାମକ ଫାଇଲିଂରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ସେହିଭଳି କମ୍ପାନୀ ଖର୍ଚ୍ଚ ହ୍ରାସ କରିବା ଏବଂ ଆଂଶିକ ଭାବେ ନୂତନ ଦର ବୃଦ୍ଧିକୁ ଭରଣା କରିବା ପାଇଁ ସର୍ବାଧିକ ପ୍ରୟାସ କରୁଥିବା ଜଣାପଡ଼ିଛି। ଦରବୃଦ୍ଧି ଫଳରେ ଏହାର କିଛି ପ୍ରଭାବ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ବୃଦ୍ଧି ମାଧ୍ୟମରେ ଦେବା ଜରୁରୀ ହୋଇପଡ଼ିଛି। ସେହିପରି ଭାରତୀୟ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ସମୟରେ ଅନେକ ପ୍ରକାର ନୂଆ ନୀତି ନିୟମରେ କାର୍ଯ୍ୟ କରୁଛି। ଏପରିକି କମ୍ପାନୀଗୁଡ଼ିକୁ ନୂତନ ଉତ୍ପାଦକୁ ବିଏସ୍ ୬ ନିର୍ଗମନ ମାନଦଣ୍ଡର ୨ୟ ପର୍ଯ୍ୟାୟ ପୂରଣ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫଳରେ ୨୦୨୩ ଏପ୍ରିଲ ପହିଲାରୁ ଗାଡ଼ିଗୁଡ଼ିକରେ ରିୟଲ ଟାଇମ୍ ଡ୍ରାଇଭିଂ ନିର୍ଗମନ ସ୍ତର ଉପରେ ନଜର ରଖିବା ପାଇଁ ଏକ ଅନ୍-ବୋର୍ଡ ସେଲ୍ଫ ଡାଇଗ୍ନୋଷ୍ଟିକ୍ ଡିଭାଇସ୍ ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ,ଏହା ପୂର୍ବରୁ ହୋଣ୍ଡା କାର୍ସ,ଟାଟା ମୋଟର୍ସ ଏବଂ ହିରୋ ମୋଟୋକର୍ପ ସମେତ ଅନେକ ଅଟୋମୋବାଇଲ କମ୍ପାନୀ ୨୦୨୩ ଏପ୍ରିଲରୁ ବର୍ଦ୍ଧିତ ଦର ଲାଗୁ କରିବାକୁ ଯାଉଛନ୍ତି।

## ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୩।୩**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଏକ ନୂତନ ଉତ୍ପାଦ 'ମାଇକ୍ରୋପେ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଇଜି ଟ୍ୟାପ୍ ବାଏ ରେଜର ପେ ଓ ମାଇଁ ପିନ୍ ପ୍ୟାଡ୍ ସହଯୋଗରେ ବ୍ୟାଙ୍କ ଭାରତର ପ୍ରଥମ ପିନ୍ ଅନ୍ ମୋବାଇଲ ସମାଧାନ ଉପରେ ପର୍ଯ୍ୟବସିତ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା 'ମାଇକ୍ରୋପେ'ର ବିକଶିତ କରାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡ ଏବଂ ପେମେଣ୍ଟସ୍ ସଞ୍ଜୀବ ମୋଘେ କହିଛନ୍ତି, ବ୍ୟାପକ ଭାବେ ଡିଜିଟାଲ୍ ପେମେଣ୍ଟକୁ ଗ୍ରହଣ କରିବା ଲାଗି ବ୍ୟବସାୟୀମାନଙ୍କୁ ଏକ ସୁରକ୍ଷିତ ଓ ସୁଲଭ ଡିଭାଇସ୍ ପ୍ରଦାନ କରି ଆମେ ସେମାନଙ୍କ ପାଇଁ ପିଓଏସ୍ ସମାଧାନକୁ ଅଭିନବ ଓ ସୁଲଭ କରିବା ଦିଗରେ କାର୍ଯ୍ୟ କରୁଛୁ। ଏପରିକି ଗ୍ରାମୀଣ ଭାରତରେ ବ୍ୟବସାୟୀ ଗୋଷ୍ଠୀ ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମିକୁ ଗ୍ରହଣ କରିଛନ୍ତି। ଆମର ବିଶ୍ୱାସ, ମାଇକ୍ରୋପେ ସମାଧାନ ସେମାନଙ୍କ ଅନୁଭୂତିରେ ଉନ୍ନତି ଆଣିବା ପ୍ରତି ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରିବ। ବିଶେଷକରି ସେମାନଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ଗ୍ରହଣ କରିବାର ଏକ ନୂଆ ଓ ଆଧୁନିକ ପଦ୍ଧତି ପ୍ରଦାନ କରିବ।

# ଯାଜପୁର ରୋଡ୍‌ରେ ଚାନ୍ଦି ଭଣ୍ଡାର



ଯାଜପୁର ରୋଡ୍‌ର ରାଧାନାଥ ମାର୍ଗ ଉତ୍ସବ ପ୍ୟାଲେସ ନିକଟରେ ଗୁରୁବାର ଚାନ୍ଦି ଭଣ୍ଡାରର ନୂତନ ଶୋ'ରୁମ୍‌କୁ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ ଆନୁଷ୍ଠାନିକ ଭାବେ ଲୋକାର୍ପିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ରୋଡ୍ ଚାନ୍ଦି ଭଣ୍ଡାରର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଯାଜପୁର ଅଫିସ,୨୩।୩**

ଯାଜପୁର ରୋଡ୍‌ର ରାଧାନାଥ ମାର୍ଗ ଉତ୍ସବ ପ୍ୟାଲେସ ନିକଟରେ ଗୁରୁବାର ଚାନ୍ଦି ଭଣ୍ଡାରର ଏକ ନୂଆ ଶୋ'ରୁମ୍ ଲୋକାର୍ପିତ ହୋଇଛି। ଚାନ୍ଦିରେ ନିର୍ମିତ ଅଳଙ୍କାର ସହ ଏଠାରେ ଚାନ୍ଦି ବାସନ କୁସନ, ଉପହାର ଏବଂ ବିଭିନ୍ନ ପ୍ରକାର ଘରସଜ୍ଜା ସାମଗ୍ରୀ ଉପଲବ୍ଧ ରହିଛି। ଏହାର ପ୍ରତିଟି କାରିଗରୀକୁ ଓଡ଼ିଶାର ଦକ୍ଷ ଅଳଙ୍କାର ନିର୍ମାତାମାନେ ନିଖୁଣରୂପ ଦେଉଥିବାରୁ ଗ୍ରାହକମାନଙ୍କ ଦ୍ୱାରା ଏହା ବିଶେଷ ଭାବରେ ଆଦୃତ ହେବ। ଗ୍ରାହକମାନେ ଏଠାରୁ ନିଜର ପସନ୍ଦ ମୁତାବକ ଡିଜାଇନ୍ ସହ ଉତ୍କୃଷ୍ଟମାନର ଅଳଙ୍କାର ପାଇପାରିବେ ବୋଲି ଷ୍ଟୋର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଚାନ୍ଦି ନିର୍ମିତ ପାଉଁଜି, ଗୋଡ଼ମୁଦି, ମୁଦି, ଗଳାହାର, କାନଫୁଲ, ବ୍ରେସ୍‌ଲେଟ୍ ଆଦି କିଣିପାରିବେ। ବିବାହ, ବ୍ରତଘର, ଜନ୍ମଦିନ, ବିବାହ ବାର୍ଷିକୀ ଆଦି ପାଇଁ ଆବଶ୍ୟକ ଉପହାର ସାମଗ୍ରୀ ଏହି ଷ୍ଟୋର୍‌ରେ ରହିଛି। ଶୋରୁମ୍ ଉଦ୍‌ଘାଟନ ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍‌ର ବ୍ୟବସ୍ଥା କରାଯାଇଛି। ଏପ୍ରିଲ୍ ୨ ପର୍ଯ୍ୟନ୍ତ ଗ୍ରାହକମାନେ ସମସ୍ତ ସାମଗ୍ରୀର ଗଢ଼ାମଜୁରି ଉପରେ ୫୦% ରିହାତି ପାଇପାରିବେ ବୋଲି ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି। ଯାଜପୁରବାସୀଙ୍କୁ ନିଆରା ତଥା ସ୍ମରଣୀୟ ଅନୁଭୂତି ଦେବା ପାଇ ଚାନ୍ଦି ଭଣ୍ଡାର ଏହାର ଉଦ୍ୟମ ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନୂତନ ଷ୍ଟୋର୍ ପୂର୍ବାହ୍ନ ସାଢ଼େ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଗ୍ରାହକଙ୍କ ପାଇଁ ଖୋଲା ରହିବ। ଭୁବନେଶ୍ୱରସ୍ଥିତ ଶହୀଦନଗରରେ ପ୍ରଥମ ଷ୍ଟୋର୍ ଖୋଲିବା ପରେ ଚାନ୍ଦି ଭଣ୍ଡାର ଓଡ଼ିଶାର ଏକ ଲୋକପ୍ରିୟ ବ୍ରାଣ୍ଡ୍ ହେବାର ସୌଭାଗ୍ୟ ଅର୍ଜନ କରିଛି। ସେହିପରି ଭୁବନେଶ୍ୱରର ପଟିଆ ସହ ରାଉରକେଲାର ଉଦିତନଗର, ଅନୁଗୋଳର ଅମଲାପଡ଼ା, କଟକର କ୍ୟାଣ୍ଟନ୍‌ମେଣ୍ଟରୋଡ୍‌ରେ ମଧ୍ୟ ଚାନ୍ଦି ଭଣ୍ଡାର ଶୋ'ରୁମ୍ ରହିଥିବା ସୂଚନା ଦିଆଯାଇଛି।



ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି)ର ଆଗାମୀ କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ଆଦି ବିଷୟକୁ ନେଇ ବୁଧବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ନୂଆଦିଲ୍ଲୀ ସ୍ଥିତ ନର୍ଥ ବ୍ଲକ କାର୍ଯ୍ୟାଳୟରେ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଫିକି ଇଣ୍ଡିଆର ସଭାପତି ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଅମିତ ଶାହାଙ୍କୁ ସାକ୍ଷାତ କରିଛନ୍ତି। ଏପରିକି ପଣ୍ଡା ଫିକି ଇଣ୍ଡିଆର ସଭାପତି ଭାବେ ତାଙ୍କର ରହିଥିବା କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ସୂଚନା ସହିତ ଡ୍ରୋନ୍, ସୀମା ସୁରକ୍ଷା ଏବଂ ସ୍ମାର୍ଟ ପୋଲିସିଂ କ୍ଷେତ୍ରରେ ଫିକି ଦ୍ୱାରା ଚଳିତ ବର୍ଷ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟଧାରା ବିଷୟରେ ଶାହାଙ୍କୁ ବିସ୍ତୃତ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିକିର ବରିଷ୍ଠ ଉପସଭାପତି ଅନିଶ ଶାହା, ଉପସଭାପତି ହର୍ଷବର୍ଦ୍ଧନ ଅଗ୍ରୱାଲ, ପୂର୍ବ ସଭାପତି ହର୍ଷପତି ସିଙ୍ଗାନିଆଙ୍କ ସମେତ ସେକ୍ରେଟାରି ଜେନେରାଲ ଶୈଳେଶ ପାଠକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୟାମ୍ ଷ୍ଟିଲ୍ ଏଲ୍ଏସ୍‌ଜିର ପ୍ରମୁଖ ପ୍ରାୟୋଜକ

**ନୂଆଦିଲ୍ଲୀ,୨୩।୩**




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରମୁଖ ଟିମ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍ଏସ୍‌ଜି) ଏବଂ ଶ୍ୟାମ ଷ୍ଟିଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ବିଶେଷକରି ଆଇପିଏଲ୍ ଫ୍ରାଞ୍ଚାଇଜି ଲକ୍ଷ୍ନୌ ସୁପର ଜାଏଣ୍ଟସର ପ୍ରମୁଖ ପ୍ରାୟୋଜକ ଭାବେ ଶ୍ୟାମ ଷ୍ଟିଲ୍ ଉକ୍ତ ଏମ୍ଓୟୁ ସ୍ୱାକ୍ଷର କରିଛି।

ଏ ସମ୍ପର୍କରେ ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ଅନ୍ୟତମ ସର୍ବାଧିକ ଲୋକପ୍ରିୟ ଫ୍ରାଞ୍ଚାଇଜି ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ସହଭାଗିତା କରିବା ନେଇ ଆମେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। ଏହି ଟିମ୍ ପ୍ରତିଭା, ଅଭିଜ୍ଞତା ଏବଂ ଉତ୍ସାହର ଠିକ୍ ସମ୍ମିଶ୍ରଣ। ଏପରିକି ଉତ୍ତର ପ୍ରଦେଶ ଆମ ପାଇଁ ଏକ ମୁଖ୍ୟ ବଜାର ଭାବେ ବିବେଚିତ ଏବଂ ଉତ୍ତର ଭାରତ ବଜାର ପାଇଁ ଏହା ଆମ ସକାଶେ ପ୍ରବେଶ ଦ୍ୱାର ହୋଇଛି। ଆମେ ଆଶା କରୁଛୁ ଯେ, ଏହି ସହଭାଗିତା ଉକ୍ତ ଅଞ୍ଚଳରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ। ଉଭୟ ବ୍ରାଣ୍ଡ୍ ନିମନ୍ତେ ଆମେ ଆଗକୁ ଏକ ଅତ୍ୟନ୍ତ ସଫଳ ସିଜନ କାମନା କରୁଛୁ।

## ମହିନ୍ଦ୍ରା ଥର୍ ଅଫ୍ ରୋଡ୍ ଅନୁଭୂତି



**ଭୁବନେଶ୍ୱର,୨୩।୩:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍(ଏମ୍ଏମ୍ଏଲ୍) ପକ୍ଷରୁ 'ମହିନ୍ଦ୍ରା ଥର୍' ଗ୍ରାହକଙ୍କ ପାଇଁ ଏକ ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ମହିନ୍ଦ୍ରା ଥର ଗାଡ଼ିର ଭୁବନେଶ୍ୱର ଓ କଟକ ଗ୍ରାହକମାନଙ୍କ ପାଇଁ ସ୍ଥାନୀୟ କୁଆଖାଇ ନଦୀପଠାସ୍ଥିତ ବାଲିଯାତ୍ରା ପଡ଼ିଆଠାରେ 'ଅଫ୍ ରୋଡ୍ ଇଭେଣ୍ଟ' ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରାର ଏସ୍ଏମ୍ ମନୋଜ ମହାପାତ୍ରଙ୍କ ସମେତ ହିରନ୍ମୟ ଲାହାରି, ଧର୍ମେନ୍ଦ୍ର ପ୍ରଧାନ ଓ ପାର୍ଥ ଜୈନ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମହିନ୍ଦ୍ରାର ଅଧିକୃତ ଡିଲର ଉତ୍କଳ ଅଟୋ ମୋବାଇଲ୍ସ ଓ ଆଦିତ୍ୟ ମୋର୍ଟସର କର୍ମଚାରୀମାନେ ଆବଶ୍ୟକ ସହଯୋଗ କରିଥିଲେ।



# Classified Everyday 0674-2580101, 2549949



**REAL ESTATE**

**SALE**

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

**Residential gharabari plot with boundarywall inside 7 Family Complex, Safety, Secured, Brahmin Culture Family Stayed, 6 KM. from Nakhara, Cuttack. 7809525452.** D-74666

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

**Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି । 8114929186.** D-74660

ପିପିଲି ଟାଉନ୍‌କୁ ଲାଗି immediate ଘର କଲାଭଳି plot boundary, electricity, road, plantation with ପଟ୍ଟା ଓ ସମସ୍ତ ଖର୍ଚ୍ଚ ସହିତ sqft.-950/-ରେ ମିଳୁଛି। 7749800648. D-3047

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662

**ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 9937450545.** D-74830

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998



**CONSTRUCTION**

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999




2500 sqft. Warehouse for rent at Mancheswar. Contact9437549004/ 8249093546. D-3068

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Newly open health benefits Spa special offer@999, Nayapalli, 7846814019. D-73694

Newly open health benefits SPA Special Offer@999 Sahidnagar. 8118028440. D-73695

"Only Professional body massage, Steam-Bath & Body Scrubbing. 9861550765". D-2985

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74664

Newly open full body massage ladies and gents. 8327740003, 9861883292. D-74659



**BUSINESS**

ଅଗରବତୀ, ପେପର ପ୍ଲେଟ୍, ସ୍କବର ମେସିନ୍ ବସାଇ ଦିନକୁ ୧୦୦୦ରୁ ୧୮୦୦ ରୋଜଗାର କରନ୍ତୁ। ଫୋନ୍ ନଂ. 9040039118. D-73374

**LOST**

Biswajit Jena was a student of Ajay Binay Institute of Technology under Biju Pattnaik University of Technology during the year (2004-2008), Bearing Regd. No-0401206055, have lost my HSC, CHSE and B.Tech Certificate due to ARSON FIRE Accident AFF-No 366/367/368 on 10/03/2023. D-3069

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before Notary Public, Chatrapur, Ganjam I changed my surname from Pradhan to Reddy and have affixed our Family title i.e. 'N' before my name so I have been recognized my self in the Society as N. Gopinath Reddy, S/o- N. Ganesh Reddy instead of my previous name Gopinath Pradhan, S/o- Ganesh Pradhan for all purposes. D-3071

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେିଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।





## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୩୦୭୨

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ସଦାଶିବ ପ୍ରଧାନ**
ନୀଳଚକ୍ର ନଗର, ପୁରୀ
ଆବିର୍ଭାବ: ୨୫।୦୪।୧୯୪୨
ତିରୋଧାନ: ୧୮।୦୩।୨୦୧୦
(ଚୈତ୍ୟ ଶୁକ୍ଳ ତୃତୀୟା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଝିଅ: ମଞ୍ଜୁ, ମମତା, ଜ୍ୱାଇଁ: କାହ୍ନୁ, ରାଜା, ନାତି: ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ ।
ଧ-୬୨୦୭୯

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର କ୍ଷମତା ଓ କାର୍ଯ୍ୟ ନିର୍ଦ୍ଧାରଣ ପାଇଁ ନୂଆ ଆଇନ ପ୍ରଣୟନ ସକାଶେ ଏକ ସଂସଦୀୟ କମିଟି ପକ୍ଷରୁ ସୁପାରିସ କରାଯାଇଛି। ୧୯୬୩ରେ ଦିଲ୍ଲୀ ସ୍ପେଶାଲ ଏଷ୍ଟାବ୍ଲିଶ୍‌ମେଣ୍ଟ (ଡିଏସ୍‌ପିଇ) ଆଇନ ବଳରେ ଗଠିତ ଦେଶର ଏହି ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥାକୁ ତଦନ୍ତ ଲାଗି ଦିଆଯାଉଥିବା ଜେନେରାଲ କନ୍‌ସେଣ୍ଟକୁ ୯ ରାଜ୍ୟର ସରକାର ପ୍ରତ୍ୟାହାର କରିନେଇଥିବାବେଳେ ବର୍ତ୍ତମାନର ଆଇନରେ 'ଅନେକ ସୀମା' ରହିଥିବା କମିଟି କହିଛି।

## ଆମେରିକାରେ ଚାକିରି ପାଇଁ ଆବେଦନ କରିପାରିବେ ଟୁରିଷ୍ଟ ଭିଜାଧାରୀ

**ୱାଶିଂଟନ, ୨୩।୩:** ଆମେରିକାକୁ ବିଜ୍‌ନେସ କିମ୍ବା ଟୁରିଷ୍ଟ ଭିଜା ବି-୧, ବି-୨ ଧରି ଯାତ୍ରା କରୁଥିବା ବ୍ୟକ୍ତିମାନେ ସେଠାରେ ନୂଆ ନିଯୁକ୍ତି ପାଇଁ ଆବେଦନ କରିପାରିବେ। ଏପରି କି ସେମାନେ ସାକ୍ଷାତ୍‌କାର ମଧ ଦେଇପାରିବେ ବୋଲି ଏକ ସଂଘୀୟ ଏଜେନ୍ସି ପକ୍ଷରୁ ବୁଧବାର କୁହାଯାଇଛି। ତେବେ ଆବେଦନକାରୀମାନେ ନୂଆ ଭୂମିକା ଆରମ୍ଭ ପୂର୍ବରୁ ଯେପରି ନିଜ ଭିଜା ଷ୍ଟାଟସ୍‌ରେ ପରିବର୍ତ୍ତନ କରିବେ ତାହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୟୁଏସ୍ ସିଟିଜେନ୍‌ଶିପ୍ ଆଣ୍ଡ୍ ଇମିଗ୍ରେଶନ ସର୍ଭିସେସ୍ (ୟୁଏସ୍‌ସିଆଇଏସ୍) ପକ୍ଷରୁ ଜାରି ଏକାଧିକ ଟୁଇଟ୍‌ରେ କୁହାଯାଇଛି ଯେ, ଯେତେବେଳେ ଅପ୍ରବାସୀ ଶ୍ରମିକମାନଙ୍କୁ ଛଟେଇ କରାଯିବ ସେମାନେ ନିଜ ବିକଳ୍ପ ସମ୍ପର୍କରେ ସଚେତନ ଥାଇ ନ ପାରନ୍ତି। କେତେକ ସ୍ଥଳେ ସେମାନଙ୍କ ପାଖରେ ୬୦ ଦିନ ମଧରେ ଦେଶ ଛାଡ଼ିବା ବ୍ୟତୀତ କିଛି ବିକଳ୍ପ ନ ଥିବା ମନେକରିପାରନ୍ତି। ୬୦ ଦିନର ଏହି ସର୍ବାଧିକ ଗ୍ରେସ୍ ପିରିୟଡ୍ (କୋହଳ ଅବଧି) ଚାକିରିରୁ ବିଦାହେବା ଦିନ ଆରମ୍ଭ ହେବ, ଯାହାକୁ ଦରମା ବା ପାରିଶ୍ରମିକ ପ୍ରଦାନର ଶେଷ ଦିବସ ଭାବେ ଧରାଯାଇଥାଏ।

## ୧ ବିଲିୟନ୍ ପାଉଣ୍ଡ ଟିକସ ଦେଇଛନ୍ତି ଋଷି ସୁନକ

**ଲଣ୍ଡନ, ୨୩।୩:** ୨୦୧୯ରେ ଜଣେ ଆଗଧାଡ଼ିର ନେତା ପାଲଟିବା ପରଠୁ ବ୍ରିଟେନ



ପ୍ରଧାନମନ୍ତ୍ରୀ ଋଷି ସୁନକ ୧ ବିଲିୟନ୍ ପାଉଣ୍ଡ ଟିକସ ଦେଇଛନ୍ତି। ଗତ ନଭେମ୍ବରରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଦେଇଥିବା ସ୍ୱଚ୍ଛତା ପ୍ରତିଶ୍ରୁତି ଅନୁସାରେ ସେ ଏହି ଟିକସ ପଇଠ କରିଛନ୍ତି। ୪୩ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଋଷି ସୁନକ ହେଉଛନ୍ତି ବ୍ରିଟେନର ସବୁଠୁ ଧନୀ ରାଜନେତାମାନଙ୍କ ମଧରେ ଅନ୍ୟତମ। ସେ ୨୦୧୯ରୁ ୨୦୨୨ ମଧରେ ୪.୭୬୬ ନିୟୁତ ପାଉଣ୍ଡ ଆୟ କରିଥିଲେ। ଏହି ଅବଧି ମଧରେ ସୁନକ ରାଜକୋଷକୁ ୧.୦୫୨ ନିୟୁତ ଡଲାର ଟିକସ ଦେଇଛନ୍ତି, ଯାହାକି ତାଙ୍କ ମୋଟ ଆୟର ୨୨ ପ୍ରତିଶତ।

# ପୁଟିନ୍‌ଙ୍କୁ ଗିରଫ ଉଦ୍ୟମ ରୁଷିଆ ବିରୋଧରେ ଯୁଦ୍ଧ

### ଆଇସିସିକୁ ମେଡ୍‌ଭେଡେଭ୍‌ଙ୍କ ଚେତାବନୀ



ଡିମିଟ୍ରି ମେଡ୍‌ଭେଡେଭ

**ମସ୍କୋ, ୨୩।୩**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ଗିରଫ ପରୱାନା ଜାରି କରିଛି। ତାଙ୍କୁ ଗିରଫ କରିବା ପାଇଁ କୌଣସି ଉଦ୍ୟମକୁ ଦେଶ ବିରୋଧରେ ଯୁଦ୍ଧ ଘୋଷଣା ବିବେଚନା କରାଯିବ ବୋଲି ପୁଟିନ୍‌ଙ୍କ ସହଯୋଗୀ ତଥା ରୁଷିଆ ସୁରକ୍ଷା ପରିଷଦର ଉପାଧକ୍ଷ ଡିମିଟ୍ରି ମେଡ୍‌ଭେଡେଭ ଗୁରୁବାର କହିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଫଳରେ ସେଠାରୁ ବେଆଇନ ଭାବେ ଶହ ଶହ ପିଲାଙ୍କୁ ତଡ଼ିଦିଆଯାଇଛି। ଏଥିପାଇଁ ପୁଟିନ୍‌ଙ୍କ ବିରୋଧରେ ଯୁଦ୍ଧ ଅପରାଧ ଅଭିଯୋଗ ଆଣି ଆଇସିସି ଶୁକ୍ରବାର ତାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଥିଲା। ଆଇସିସିକୁ ରୁଷିଆ, ଚାଇନା, ଆମେରିକା ସମେତ ଅନେକ ଦେଶ ସ୍ୱୀକୃତି ଦେଇ ନ ଥିବାରୁ ଏହା ନ୍ୟାୟିକ ଅସ୍ତିତ୍ୱ ନ ଥିବା ଏକ ସଂସ୍ଥା ବୋଲି ମେଡ୍‌ଭେଡେଭ ରୁଷିଆ ଗଣମାଧମକୁ କହିଛନ୍ତି। ଆଇସିସିର ଆରେଷ୍ଟ ୱାରେଣ୍ଟ ଏକ ଅପମାନଜନକ ପକ୍ଷପାତପୂର୍ଣ୍ଣ ନିଷ୍ପତ୍ତି ବୋଲି କ୍ରେମଲିନ୍ କହିଛି। ଏଭଳି ୱାରେଣ୍ଟ ରୁଷିଆ ପାଇଁ ଅର୍ଥହୀନ। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଅପରାଧକୁ ରୁଷିଆ କର୍ତ୍ତୃପକ୍ଷ ଖଣ୍ଡନ କରିଆସୁଛନ୍ତି।

## ଫ୍ରାନ୍ସରେ ପେନ୍‌ସନ ସଂସ୍କାରକୁ ବିରୋଧ
# ଉଗ୍ର ହେଲା ଆନ୍ଦୋଳନ



ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍‌ରଁଙ୍କ ବେଶଧାରୀ ଜଣେ ବ୍ୟକ୍ତି ନାଇସ୍‌ରେ ବିକ୍ଷୋଭକାରୀଙ୍କ ସହ ସାମିଲ ହୋଇଛନ୍ତି।

**ପ୍ୟାରିସ୍, ୨୩।୩**

ଫ୍ରାନ୍ସ ସରକାରଙ୍କ ପେନସନ୍ ସଂସ୍କାରକୁ ବିରୋଧ କରି କର୍ମଚାରୀମାନଙ୍କ ଦେଶବ୍ୟାପୀ ଆନ୍ଦୋଳନ ଗୁରୁବାର ନବମ ଦିନରେ ପହଞ୍ଚିଛି। ରାଜଧାନୀ ପ୍ୟାରିସ, ନାଇସ୍ ସହର ସମେତ ଦେଶର ବିଭିନ୍ନ ଭାଗରେ ଆନ୍ଦୋଳନ ମୁଣ୍ଡ ଟେକିଛି। ବିକ୍ଷୋଭକାରୀଙ୍କ ଭଙ୍ଗାରୁଜା, ଜଳାପୋଡ଼ା ମଧରେ ଟ୍ରେନ୍ ଓ ବିମାନ ଯାତ୍ରା ବାଧାପ୍ରାପ୍ତ ହୋଇଛି। ସରକାରୀ କର୍ମଚାରୀଙ୍କ ଅବସର ବୟସ ସୀମା ୨ ବର୍ଷ ବଢ଼ାଇ ୬୪ କରାଯାଇଛି। ଇମାନ୍ୱେଲ ମାକ୍‌ରଁ ସରକାର ଏହି ବିଷୟ ଘୋଷଣା କରିବା ପରଠୁ ବହୁ ଶିକ୍ଷକ ଓ ଅନ୍ୟ ପେସାଦାରମାନେ ଚାକିରି ଛାଡ଼ିଲେଣି।

## ବୟଫ୍ରେଣ୍ଡଙ୍କୁ ଗଛରେ ବାନ୍ଧି ଯୁବତୀଙ୍କୁ ଗଣବଳାତ୍କାର

**ପାଲଘର, ୨୩।୩:** ମହାରାଷ୍ଟ୍ର ପାଲଘରରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଛି। ବୁଧବାର ଯୁବତୀଜଣକ ବୟଫ୍ରେଣ୍ଡଙ୍କ ସହିତ ସାନ୍ଧ୍ୟଭ୍ରମଣରେ ଯାଉଥିବାବେଳେ ଦୁଇଜଣ ଯୁବକ ସେମାନଙ୍କୁ ଧମକାଇ ଥିଲେ। ଯୁକ୍ତିତର୍କ ହେବା ପରେ ଅଭିଯୁକ୍ତମାନେ ଏକ ମଦ ବୋତଲରେ ବୟଫ୍ରେଣ୍ଡଙ୍କୁ ମୁଣ୍ଡକୁ ଆଘାତ ଦେଇଥିଲେ। ସେମାନେ ତାଙ୍କୁ ଏକ ଗଛରେ ବାନ୍ଧି ଯୁବତୀଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ।

## ନବଜାତକ ଉପରେ ଚଢ଼ିଗଲା ପୋଲିସ: ଶିଶୁ ମୃତ

**ବୋକାରୋ, ୨୩।୩:** ଝାଡ଼ଖଣ୍ଡ ଗିରିଡିହରେ ପୋଲିସ କର୍ମଚାରୀ ୪ ଦିନର ନବଜାତକ ଉପରେ ଚଢ଼ିଯିବା ଯୋଗୁ ଶିଶୁର ମୃତ୍ୟୁ ଘଟିଛି। ଆକ୍ରମଣ ଅଭିଯୁକ୍ତ ଭୂଷଣ ପଣ୍ଡେଙ୍କ ଘରେ ଗୁରୁବାର ପୋଲିସ ଚଢ଼ାଉ କରିଥିଲା। ପୋଲିସ ଆସିବା ଦେଖି ପରିବାର ସଦସ୍ୟ ଘରଛାଡ଼ି ପଳାଇଥିବାବେଳେ ନବଜାତକଟି ଏକୁଟିଆ ରହିଯାଇଥିଲା। ଖୋଜାଖୋଜି ପରେ ସେମାନେ ଚାଲିଯାଇଥିଲେ। ଘର ଲୋକେ ଆସି ଦେଖିଲାବେଳକୁ ଶିଶୁଟି ଅଚେତ ଅବସ୍ଥାରେ ପଡ଼ିରହିଥିଲା। ପୋଲିସ ଅଜାଣତରେ ଶିଶୁ ଉପରେ ଚଢ଼ିଯିବାରୁ ତା'ର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

# ଗଜାନନ କୀର୍ତ୍ତିକାର ଶିବସେନା ସଂସଦୀୟ ଦଳ ନେତା

### ଉଦ୍ଧବ ଗୋଷ୍ଠୀର ସଞ୍ଜୟ ରାଉତଙ୍କ ସ୍ଥାନ ନେଲେ



ଗଜାନନ କୀର୍ତ୍ତିକାର

**ନୂଆଦିଲ୍ଲୀ, ୨୩।୩(ପି.ଟି.)**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନେତୃତ୍ୱାଧୀନ ଶିବସେନା ସଞ୍ଜୟ ରାଉତଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟାଇ ତାଙ୍କ ସ୍ଥାନରେ ଦଳର ଲୋକ ସଭା ସଦସ୍ୟ ଗଜାନନ କୀର୍ତ୍ତିକାରଙ୍କୁ ଏହି ପଦରେ ଅବସ୍ଥାପିତ କରିଛି। ଶିବସେନା ମୁଖ୍ୟ ଏକନାଥ ଏନେଇ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ପତ୍ର ଲେଖି ଜଣାଇଦେଇଛନ୍ତି। ପାର୍ଲାମେଣ୍ଟ ବିଲ୍ଡିଂର ତୃତୀୟ ମହଲାରେ ଥିବା ପାର୍ଲାମେଣ୍ଟାରି ପାର୍ଟି ଅଫିସରେ କୀର୍ତ୍ତିକାରଙ୍କୁ ଶିବସେନା ନେତାମାନେ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ଲୋକ ସଭାରେ ଶିବସେନାର ୧୮ ସଦସ୍ୟଙ୍କ ମଧ୍ୟରୁ ୪ ଜଣଙ୍କର ଉଦ୍ଧବ ଠାକ୍‌ରେଙ୍କ ପ୍ରତି ଆନୁଗତ୍ୟ ରହିଛି। ଗତ ମାସରେ ନିର୍ବାଚନ କମିଶନ ଏକନାଥଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ସହ ଦଳୀୟ ଚିହ୍ନ ଧନୁତୀର ମଞ୍ଜୁର କରିଥିଲେ। ରାଜ୍ୟ ସଭାରେ ଶିବସେନାର ୩ ସଦସ୍ୟ ସଞ୍ଜୟ ରାଉତ, ଅନିଲ ଦେଶାଇ ଏବଂ ପ୍ରିୟଙ୍କା ଚତୁର୍ବେଦୀ ଠାକ୍‌ରେଙ୍କ ଗୋଷ୍ଠୀରେ ରହିଛନ୍ତି।

# ସିବିଆଇକୁ ଚିଠି ଲେଖିଲେ ଜୟରାମ

### ଶାହାଙ୍କ 'ସାଙ୍ଗ୍‌ମା ସରକାର ସବୁଠୁ ଦୁର୍ନୀତିଗ୍ରସ୍ତ' ମନ୍ତବ୍ୟ



ଜୟରାମ ରମେଶ

**ନୂଆଦିଲ୍ଲୀ, ୨୩।୩**

୨୦୨୩ ଫେବୃୟାରୀ ୧୭ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମାଙ୍କ ନେତୃତ୍ୱାଧୀନ ତତ୍କାଳୀନ ସରକାରଙ୍କୁ ସମାଲୋଚନା କରିଥିଲେ। ସାଙ୍ଗ୍‌ମା ସରକାର ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ବୋଲି ଶାହା ଏକ ସଭାରେ କହିଥିଲେ। ଶାହାଙ୍କ ଦାବିକୁ ନେଇ ତଦନ୍ତ କରିବା ପାଇଁ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁଖ୍ୟ ସୁବୋଧ ଜୟସ୍ୱାଲଙ୍କୁ ପତ୍ର ଲେଖିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ବେଳେ ଶ୍ରୀନଗରରେ 'ମହିଳାମାନେ ଏବେ ବି ଯୌନ ନିର୍ଯାତନାର ଶିକାର ହେଉଛନ୍ତି' ବୋଲି ଦେଇଥିବା ମନ୍ତବ୍ୟକୁ ନେଇ ଦିଲ୍ଲୀ ପୋଲିସ ନିକଟରେ ତାଙ୍କ ଘରକୁ ଯାଇ ତଥ୍ୟ ମାଗିଥିଲା। ଏହି ପରିପ୍ରେକ୍ଷୀରେ ଶାହାଙ୍କଠାରୁ ତଥ୍ୟ ନେଇ ସାଙ୍ଗ୍‌ମାଙ୍କ ଦୁର୍ନୀତିର ତଦନ୍ତ କରାଇବାକୁ ଜୟରାମ ଗତ ୨୧ରେ ଲେଖିଥିବା ପତ୍ରରେ ଅନୁରୋଧ କରିଛନ୍ତି।

## ଫୁରସତ

# ମୟୂରଭଞ୍ଜର ଯକ୍ଷ୍ମା ଚାମ୍ପିୟନ ବିନୟ

### ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ



ବିନୟ ପାତ୍ର

ଦିନେ ସେ ଯକ୍ଷ୍ମା ରୋଗରେ ପୀଡ଼ିତ ଥିଲେ, ଏବେ ଯକ୍ଷ୍ମା ରୋଗୀଙ୍କ ପାଇଁ ପାଲଟିଯାଇଛନ୍ତି ଦେବଦୂତ। ଚିତ୍ର ମାଧମରେ ସେ ସଚେତନତାର ବାର୍ତ୍ତା ଦେବା ସହ ରୋଗୀ ସେବାରେ ନିଜକୁ ସମର୍ପଣ କରିଛନ୍ତି। ଯକ୍ଷ୍ମାକୁ ଜିଣିପାରିଥିବାରୁ ଲୋକେ ତାଙ୍କୁ ଯକ୍ଷ୍ମା ଚାମ୍ପିୟନ ଭାବେ ଆଖ୍ୟା ଦେଇଛନ୍ତି। ନାଁ ତାଙ୍କର ବିନୟ ପାତ୍ର(୩୨)। ଘର ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଚାନ୍ଦୁଆ ଅଞ୍ଚଳରେ।

ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା କରିଥିବା ଶୈଳେନ୍ଦ୍ର ପାତ୍ର ଓ ମା' ଦମୟନ୍ତୀଙ୍କ ପୁଅ ବିନୟ ଏବେ ମୟୂରଭଞ୍ଜ ଜିଲାର ଚର୍ଚ୍ଚିତ ଚେହେରା। ତାଙ୍କ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମା ରୋଗ ନିରାକରଣରେ ମୟୂରଭଞ୍ଜ ଜିଲା ଶ୍ରେଷ୍ଠ ଜିଲା ଭାବେ ବିବେଚିତ ହୋଇଛି। ଏଥିପାଇଁ ଯକ୍ଷ୍ମା ଦିବସ ଉପଲକ୍ଷେ ଶୁକ୍ରବାର ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲା ପୁରସ୍କାର ପାଇବ ବୋଲି ଜଣାପଡ଼ିଛି। ସେହିପରି ଉତ୍ତରପ୍ରଦେଶର ବାରାଣସୀଠାରେ ଯକ୍ଷ୍ମା ନିରାକରଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଡାକରା ପାଇ ବାରାଣସୀ ଯାଇଛନ୍ତି। ଗତ ଫେବୃୟାରୀ ୨୩ ଓ ୨୪ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇଦିନିଆ ଯକ୍ଷ୍ମା ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ଗୋଷ୍ଠୀ ଦକ୍ଷତା ବୃଦ୍ଧି କର୍ମଶାଳାରେ ଯୋଗଦେଇ ସେ ନିଜର ଅଭିଜ୍ଞତା ବାଣ୍ଟି ଫେରିଛନ୍ତି। ୨୦୨୫ ସୁଦ୍ଧା ଭାରତ ସରକାରଙ୍କ ସମ୍ପୂର୍ଣ୍ଣ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଆହ୍ୱାନକୁ ହୃଦୟଙ୍ଗମ କରି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ନିଜ ସେବା ମନୋବୃତ୍ତି ଜାରି ରଖିଛନ୍ତି।

ପାଠପଢ଼ା ପରେ ରୋଜଗାର ପାଇଁ ବିନୟ ବିହାର ପଳାଇଯାଇଥିଲେ। ସେଠାରେ ଦେହ ଖରାପ ହେବାରୁ କାମ ଛାଡ଼ି ଓଡ଼ିଶା ଫେରି ଆସିଥିଲେ। ପରେ ସେ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ମେଡିକାଲ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ୬ ମାସ ନିୟମିତ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲେ। ତା ପରେ ତାଙ୍କ ଜୀବନର ମୋଡ଼ ବଦଳିଯାଇଥିଲା। ସେ ଯକ୍ଷ୍ମା ପୀଡ଼ିତଙ୍କ ସେବା କରିବା ପାଇଁ ମନସ୍ଥ କରିଥିଲେ। ଅସହାୟ ଯକ୍ଷ୍ମାରୋଗୀଙ୍କୁ ନିଜ ଗାଡ଼ିରେ ବସାଇ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ଆଣି ଚିକିତ୍ସା କରିଛନ୍ତି। ତାଙ୍କ ସହଯୋଗରେ ୨୭ଜଣ ଯକ୍ଷ୍ମା ରୋଗୀ ସୁସ୍ଥ ହୋଇଛନ୍ତି। ପିଲାବେଳୁ ଚିତ୍ରକଳା ପ୍ରତି ତାଙ୍କର ରୁଚି ଥିଲା। ୨୦୨୧ରେ ରିଚ୍ ଅନୁଷ୍ଠାନର ଏକ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଯାହାର ନାମ ଥିଲା ଆଲାଇସ ପ୍ରକଳ୍ପ। ଏହି ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ଥିଲା ଗୋଷ୍ଠୀର ସହଭାଗିତା। ପ୍ରଥମ ପର୍ଯ୍ୟାୟରୁ ହିଁ ବିନୟ ଏହି ପ୍ରକଳ୍ପରେ କାମ ଆରମ୍ଭ କରିଥିଲେ। ଅଦ୍ୟାବଧି ସେ ଏଥିରେ ସାମିଲ ଅଛନ୍ତି। ଯକ୍ଷ୍ମା ସମ୍ବନ୍ଧୀୟ ସାମାଜିକ ଭେଦଭାବ ଓ ଘୃଣାଭାବ ଉପରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏଥିପାଇଁ ସେ ନିଜ ଚିତ୍ରକଳାକୁ କାମରେ ଲଗାଉଥିଲେ। ବିଭିନ୍ନ ସ୍ଥାନର କାନ୍ଥରେ ବାର୍ତ୍ତା ଓ ଚିତ୍ର ଆଙ୍କି ଲୋକଙ୍କ ମଧରେ ଯକ୍ଷ୍ମା ନିରାକରଣ ନେଇ ସଚେତନ କରୁଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଯକ୍ଷ୍ମା ଉପରେ ଆଧାରିତ ୱାଲ ପେଣ୍ଟିଂ କରିଛନ୍ତି ସେ। ବିନୟଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

–ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା

# ରାଜନେତାଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା



ପରିଣୀତି ଚୋପ୍ରା

**ମୁମ୍ବାଇ:** ରାଜନୀତି ଏବଂ ବଲିଉଡ୍ ମଧରେ ସମ୍ପର୍କ ନୂଆ ନୁହେଁ। ଅନେକ ରାଜନେତା ଏବଂ ସେଲିବ୍ରିଟି ପୂର୍ବରୁ ବିବାହ କରିଥିବା ନଜରକୁ ଆସିଛି। ନିକଟରେ ଆଉ ଏକ ବଲିଉଡ୍ ସେଲିବ୍ରିଟି ଓ ରାଜନେତା ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଛି। ସେମାନେ ହେଲେ ଆମ୍ ଆଦ୍‌ମୀ ପାର୍ଟିର ଚର୍ଚ୍ଚିତ ନେତା ତଥା ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ରାଘବ ଚଡ଼ା ଏବଂ ଅଭିନେତ୍ରୀ ପରିଣୀତି ଚୋପ୍ରା। ଉଭୟଙ୍କୁ ନିକଟରେ ଏକ ରେଷ୍ଟୁରାଣ୍ଟ ବାହାରେ ଦେଖିବାକୁ ମିଳିଛି। ଉଭୟ ଧଳା ଶାର୍ଟରେ ନଜରକୁ ଆସିଛନ୍ତି। ଗତ ଜାନୁୟାରୀରେ ପରିଣୀତି ଏବଂ ରାଘବ 'ଇଣ୍ଡିଆ ୟୁକେ ଆଉଟ୍‌ଷ୍ଟାଣ୍ଡିଂ ଆଚିଭର୍ ଅନର୍ସ'ରେ ସମ୍ମାନିତ ହୋଇଥିଲେ। ଭାରତରେ ପ୍ରଥମଥର ପାଇଁ ଏହି ସମ୍ମାନ ଦିଆଯାଇଛି। ନ୍ୟାଶନାଲ ଇଣ୍ଡିଆନ୍ ଷ୍ଟୁଡେଣ୍ଟସ୍ ଏବଂ ଆଲୁମିନି ୟୁନିଅନ (ଏନ୍‌ଆଇଏସ୍‌ଏୟୁ) ଏବଂ ଭାରତର ବ୍ରିଟିଶ୍ କାଉନସିଲ ଏବଂ ବ୍ରିଟେନର ଅନ୍ତର୍ଜାତୀୟ ବାଣିଜ୍ୟ ବିଭାଗ (ଡିଆଇଟି)ର ମିଳିତ ସହଯୋଗରେ ଏହି ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ବ୍ରିଟିଶ ବିଶ୍ୱବିଦ୍ୟାଳୟରେ ପଢୁଥିବା ଭାରତୀୟ ଛାତ୍ରଙ୍କୁ ଧ୍ୟାନରେ ରଖି ଏହି ସମାରୋହ କରାଯାଇଥିଲା। ଭାରତୀୟ ଛାତ୍ରଙ୍କ ସଫଳତାକୁ ବିଚାର କରି ଏଠାରେ ତାହାର ସେଲିବ୍ରେଶନ କରାଯାଇଥିଲା। ପରିଣୀତି ଚୋପ୍ରା ୧୫ ବର୍ଷ ପୂର୍ବେ ବ୍ରିଟେନର ମଞ୍ଚେଷ୍ଟର ସ୍କୁଲର ଛାତ୍ର ଥିଲେ। ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରୁ ରାଘବ ଚଡ଼ା ଅଧ୍ୟୟନ କରିଥିଲେ। ଉଭୟ ପରିଣୀତି ଏବଂ ରାଘବ ଅଧ୍ୟୟନରେ ଶ୍ରେଣୀରେ ଟପ୍ପର ମଧ ହେଉଥିଲେ।



ତାଇୱାନ୍‌ର ତାଇନାନ୍‌ରେ ବୁଧବାର ଆୟୋଜିତ ତାଇପେଇ ଫ୍ୟାଶନ୍ ୱିକ୍ ଆରମ୍ଭ ହେବା ପୂର୍ବରୁ ଜଣେ ମଡେଲ୍ ମେକ୍‌ଅପ୍ ନେଉଛନ୍ତି।

# ୯୦ ବର୍ଷୀୟ ବଡିବିଲ୍ଡର

**ୱାଶିଂଟନ:** ବୟସ ୬୦ ଛୁଇଁଲେ ବ୍ୟକ୍ତି ନିଜକୁ ବୃଦ୍ଧ ବୋଲି ମନେକରେ। ଶରୀରରେ ଶକ୍ତି କମିଯାଏ। ସେମାନେ ନିଜକୁ ଅନ୍‌ଫିଟ୍ ବୋଲି ମନେକରନ୍ତି। ହେଲେ କିଛି ବ୍ୟକ୍ତି ପରିଣତ ବୟସରେ ମଧ ନିଜ ସ୍ୱପ୍ନକୁ ସାକାର କରିବାକୁ ପଛାଇ ନ ଥାନ୍ତି। ସେଥିପାଇଁ ସେ ଅନ୍ୟମାନଙ୍କର ମଧ ପ୍ରେରଣା ପାଲଟିଛନ୍ତି। ସେ ହେଉଛନ୍ତି ଆମେରିକାର ଜିମ୍ ଆରିଙ୍ଗଟନ୍। ୯୦ ବର୍ଷୀୟ ଜିମ୍ ସବୁଠାରୁ ବୟସ୍କ ବଡିବିଲ୍ଡର ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ଜିମ୍‌ଙ୍କୁ ୧୩ ବର୍ଷ ବୟସ ହୋଇଥିବାବେଳେ ସେ ଏକ ଔଷଧ ଦୋକାନରେ ଥିବା ମାଗାଜିନ୍‌ରେ ବଡିବିଲ୍ଡରଙ୍କ ଫଟୋ ଦେଖିଥିଲେ। ସେବେଠାରୁ ସେ ବଡିବିଲ୍ଡିଂ ଶିଖିବା ଆରମ୍ଭ କରିଥିଲେ। ସେ ତାଙ୍କ ବାପାଙ୍କ ୩ ପାଉଣ୍ଡ ଷ୍ଟିଲ୍ ବଲ୍‌ରେ ଏହା ଶିଖିଥିଲେ। କିଛି ମାସ ମଧରେ ତାଙ୍କର ୧୦ ପାଉଣ୍ଡର ମସଲ କରିପାରିଥିଲେ। ସେ ମିଷ୍ଟର ଆମେରିକା ହେବାକୁ ଚାହୁଁଥିଲେ, ହେଲେ ବୟସ ଅଧିକ ହେବାରୁ ସେ ସେଥିରେ ଭାଗ ନେଇପାରି ନ ଥିଲେ। ବଡିବିଲ୍ଡିଂ ତାଙ୍କ ପ୍ୟାଶନ



ହୋଇଥିବାବେଳେ ସେ ଏପର୍ଯ୍ୟନ୍ତ ତାକୁ ଚାଲୁ ରଖିଛନ୍ତି। ଏଥିସହ ସେ ଶରୀରକୁ ପୂରା ଗୁରୁତ୍ୱ ଦେଇଥାନ୍ତି। ୨୦୧୮ରେ ତାଙ୍କୁ ୮୫ ବର୍ଷ ବୟସ ହୋଇଥିବାବେଳେ ସେ ବିଶ୍ୱର ସବୁଠାରୁ ବୟସ୍କ ବଡିବିଲ୍ଡର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିଲେ। ବର୍ତ୍ତମାନ ସମୟରେ ସେ ୮୦ରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଭାଗ ନେଉଛନ୍ତି।

# ଆଇପିଏଲ୍ ଉତ୍କଣ୍ଠା

**ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପରବର୍ତ୍ତୀ ସଂସ୍କରଣ ମାର୍ଚ୍ଚ ୩୧ ତାରିଖରେ ଆରମ୍ଭ ହେବାକୁ ଯାଉଛି। ମୋଟ ୧୦ଟି ଟିମ୍ ମଧ୍ୟରେ ଏଥର ୭୪ ମ୍ୟାଚ ଖେଳାଯିବ। ଦୀର୍ଘ ୪ବର୍ଷ ପରେ ଲିଗ୍‌ର ସମସ୍ତ ମ୍ୟାଚ ଘରୋଇ ପରିବେଶରେ ୧୨ ଭେନ୍ୟୁରେ ଖେଳାଯିବ...**


ନିର୍ମଳ କୁମାର ମିଶ୍ର

ମାର୍ଚ୍ଚ ୩୧ରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ସଂସ୍କରଣ। ପ୍ରଥମଥର ହେଉଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଫାଇନାଲ ମାର୍ଚ୍ଚ ୨୬ ତାରିଖରେ ଖେଳାଯିବ। ଏହାପରେ ଆରମ୍ଭ ହେବ ଆଇପିଏଲ୍ ରୋମାଞ୍ଚ। ବିଶ୍ୱ କ୍ରିକେଟରେ ଏହି ଶ୍ରେଷ୍ଠ ପ୍ରିମିୟର ଲିଗ୍ ଟି୨୦ କ୍ରିକେଟର ସ୍ୱତନ୍ତ୍ର ପରିଚୟ ରହିଛି। କେବଳ ପାକିସ୍ତାନ ଖେଳାଳିଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ଆଇସିସି ସଦସ୍ୟ ଦେଶ ଏବଂ ଆସୋସିଏଟ ମେମ୍ବର ଦେଶର ଖେଳାଳି ଏହି ବ୍ୟୟ ବହୁଳ ଲିଗ୍‌ରେ ଅଂଶ ଗ୍ରହଣ କରନ୍ତି। ଯୁବ ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କ ପାଇଁ ଆଇପିଏଲ୍ ଏକ ବଡ ପ୍ଲାଟଫର୍ମ। ଆଇପିଏଲ୍ ତୁଳନାରେ ବିଶ୍ୱ କ୍ରିକେଟରେ ଖେଳାଯାଉଥିବା ବିଗ୍ ବାସଲିଗ୍, କାରିବିୟନ ପ୍ରିମିୟର ଲିଗ୍, ପାକିସ୍ଥାନ ସୁପର ଲିଗ ଏବଂ ଶ୍ରୀଲଙ୍କା ପ୍ରିମିୟର ଲିଗର ଆୟୋଜନ କ୍ରିକେଟ ପ୍ରେମୀମାନଙ୍କୁ ସେତେ ଆକୃଷ୍ଟ କରିପାରି ନାହିଁ। ଫ୍ରାଞ୍ଚାଇଜମାନଙ୍କ ଆଗ୍ରହ, ଦର୍ଶକମାନଙ୍କ ଉପସ୍ଥିତି, ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ଉପସ୍ଥିତି, ବିଜ୍ଞାପନ, ସର୍ବାଧିକ ପୁରସ୍କାର ରାଶି, ଗ୍ଲାମର ଆଦି ଦୃଷ୍ଟିକୋଣରୁ ଏହା ଏକ ସ୍ୱତନ୍ତ୍ର ଲିଗ୍ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରମାଣ କରିଛି।

ମାର୍ଚ୍ଚ ୩୧ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ୍‌ର ଫାଇନାଲ ମେ' ୨୮ରେ ଅନୁଷ୍ଠିତ ହେବ। ମୋଟ ୧୦ଟି ଟିମ୍ ମଧ୍ୟରେ ୭୪ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇସାରିଛି। ଚେନ୍ନାଇ ସୁପର କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଟାଇଟନ୍ସ, କୋଲକୋତା ନାଇଟ ରାଇଡର୍ସ, ଲକ୍ଷ୍ନୌ ସୁପରଜାଏଣ୍ଟ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ପଞ୍ଜାବ କିଙ୍ଗ୍ସ, ରାଜସ୍ଥାନ ରୟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ଏହି ମେଗା ଲିଗ୍‌ରେ ଅବତୀର୍ଣ୍ଣ ହେବେ। ଦୀର୍ଘ ୪ବର୍ଷ ପରେ ଏହି ଲିଗ୍‌ର ସମସ୍ତ ମ୍ୟାଚ ଘରୋଇ ପରିବେଶରେ ୧୨ଟି ଭେନ୍ୟୁରେ ଖେଳାଯିବ।

ଏଥର କିଛି ନୂତନ ନିୟମ ବିସିସିଆଇର ଟେକନିକାଲ କମିଟି ପ୍ରୟୋଗ କରିଛି। ପୂର୍ବରୁ ଟସ୍ ପଡିବା ପୂର୍ବରୁ ଉଭୟ ଦଳର ଅଧିନାୟକଙ୍କୁ ଦଳ ଘୋଷଣା କରିବାକୁ ପଡୁଥିଲା। ଏଣିକି ଟସ୍ ପରେ ମଧ୍ୟ ଟିମ୍ ଘୋଷଣା କରାଯାଇପାରିବ। ଏହା ସହିତ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଦଳ ଚାହିଁଲେ ଏହାର ଚୂଡାନ୍ତ ଏକାଦଶ ପରିବର୍ତ୍ତନ କରି ପାରିବ। ଏ ନେଇ ପ୍ରତିପକ୍ଷ ଦଳର ଅଧିନାୟକଙ୍କ ଅନୁମତି ଆବଶ୍ୟକ ପଡିବ ନାହିଁ ବୋଲି କୁହାଯାଇଛି। ତେବେ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଅଧିନାୟକ ୧୧ ଜଣିଆ ଚୂଡାନ୍ତ ଦଳ ଓ ୫ ଜଣ ସବ୍‌ଷ୍ଟିଚ୍ୟୁଟ ଫିଲ୍ଡରଙ୍କ ତାଲିକା ପ୍ରକାଶ କରିବାକୁ ବାଧ ରହିବେ। ୫ ଜଣ ସବ୍‌ଷ୍ଟିଚ୍ୟୁଟ ଫିଲ୍ଡରଙ୍କ ମଧ୍ୟରୁ ଜଣଙ୍କୁ ହିଁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ସାମିଲ କରାଯିବ। ୪ବର୍ଷ ପରେ ପ୍ରଥମ ଥର ପାଇଁ ଆଇପିଏଲର ଉଦ୍‌ଘାଟନୀ ଉତ୍ସବ ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଟିମ୍ ପରସ୍ପର ସହିତ ମୋଟ ୧୪ଟି ମ୍ୟାଚ ଖେଳିବାକୁ ଥିବା ବେଳେ ୭ଟି ମ୍ୟାଚ ନିଜର ହୋମ ଭେନ୍ୟୁ ଏବଂ ଅନ୍ୟ ୭ଟି ମ୍ୟାଚ ବାହାର ଭେନ୍ୟୁରେ ଖେଳିବେ। ପଏଣ୍ଟ ଟେବୁଲର ଶ୍ରେଷ୍ଠ ୪ଟି ଦଳ ଗ୍ରୁପ ପର୍ଯ୍ୟାୟ ପ୍ରଦର୍ଶନ ଆଧାରରେ ପ୍ଲେ ଅଫ ମ୍ୟାଚ ଖେଳିବାର ସୁଯୋଗ ପାଇବେ।

ଗୁଜୁରାଟ ଟାଇଟାନ୍ସର ହୋମ ଭେନ୍ୟୁ ନରେନ୍ଦ୍ର ମୋଦୀ ଷ୍ଟାଡିୟମ (ଅହମ୍ମଦାବାଦ), ରୟାଲ ଚ୍ୟାଲେ ବାଙ୍ଗାଲୋରର ଚିନ୍ନାସ୍ୱାମୀ ଷ୍ଟାଡିୟମ (ବାଙ୍ଗାଲୁର), ଚେନାଇ ସୁପର କିଙ୍ଗସ ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ), ଦିଲ୍ଲୀ କ୍ୟାପିଟାଲ୍ସର ଅରୁଣ ଜେଟଲି ଷ୍ଟାଡିୟମ (ଦିଲ୍ଲୀ), ସନରାଇଜର୍ସ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନାଶନାଲ ଷ୍ଟାଡିୟମ (ହାଇଦ୍ରାବାଦ), ରାଜସ୍ଥାନ ରୟାଲ୍ସର ସବାଇ ମାନସିଂହ ଷ୍ଟାଡିୟମ (ଜୟପୁର), କୋଲକାତା ନାଇଟ ରାଇଡର୍ସର ଇଡେନ ଗାର୍ଡେନ୍ସ (କୋଲକାତା), ଲକ୍ଷ୍ନୌ ସୁପରଜାଣ୍ଟସ ଏକନା କ୍ରିକେଟ ଷ୍ଟାଡିୟମ (ଲକ୍ଷ୍ନୌ), ପଞ୍ଜାବ କିଙ୍ଗ୍ସର ମୋହାଲି ଏବଂ ମୁମ୍ବାଇ ଇଣ୍ଡିଆନ୍ସ ୱାଙ୍ଖେଡେ ଷ୍ଟାଡିୟମ (ମୁମ୍ବାଇ) ରହିଛି। ୧୦ଟି ଦଳକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଥିବା ବେଳେ ଗ୍ରୁପ 'ଏ'ରେ ମୁମ୍ବାଇ ଇଣ୍ଡିଆନ୍ସ, କୋଲକୋତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁରପଜାଣ୍ଟସ ରହିଛି। ସେହିପରି ବେଳେ ଗ୍ରୁପ୍ 'ବି'ରେ ଚେନ୍ନାଇ ସୁପର କିଙ୍ଗସ, ସନରାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଟାଇଟାନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗ୍ସ ସ୍ଥାନ ପାଇଛି।

ଆଇପିଏଲ୍-୧୫ରେ ଗୁଜୁରାଟ ଟାଇଟନ୍ସ ଚାମ୍ପିୟନ ହୋଇଥିଲା। ଏହାର ଅଧିନାୟକ ଥିଲେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କୋଚ୍ ଆଶିଷ ନେହେରା। ଏଥର ମଧ୍ୟ ଦୁହେଁ ଦଳର ଦାୟିତ୍ୱରେ ରହିଛନ୍ତି। ବିଦେଶୀ ଖେଳାଳି ରୂପେ ଡେଭିଡ ମିଲର, ମାଥ୍ୟୁ ୱେଡ, କେନ ୱିଲିୟମସନ, ରଶିଦ୍ ଖାନ ରହିଛନ୍ତି। ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ ରହିଥିବା ବେଳେ କୋଚ ଅଛନ୍ତି କୁମାର ସଙ୍ଗକାରା। ବିଦେଶୀ ଖେଳାଳି ରୂପେ ଜୋସ୍ ବଟଲର, ଆଡାମ ଜାମ୍ପା, ଟ୍ରେଣ୍ଟ ବୋଲ୍ଟ, ଜାସନ୍ ହୋଲଡର, ଜୋ ରୁଟ୍, ସିମରନ୍ ହେଟମେର ରହିଛନ୍ତି। ସେହିପରି ଲକ୍ଷ୍ନୌ ସୁପର ଜାଏଣ୍ଟସର ଅଧିନାୟକ ହେଉଛନ୍ତି ଲୋକେଶ ରାହୁଲ ଓ କୋଚ ଆଣ୍ଡି ପ୍ଲାୱାର। ଦଳରେ କ୍ୱିଣ୍ଟନ ଡି କକ୍, କାଇଲ ମେୟର୍ସ, ନିକୋଲସ ପୁରନ, ମାର୍କୁସ ଷ୍ଟୋଇନିସ, ମାର୍କ ଉଡ୍‌ଙ୍କ ଭଳି ନାମୀ ବିଦେଶୀ ଖେଳାଳି ରହିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଅଧିନାୟକ ହେଉଛନ୍ତି ଫାଫ୍ ଡୁ'ପ୍ଲେସି। ଅନ୍ୟ ନାମୀ ବିଦେଶୀ ଖେଳାଳି ହେଲେ ଡେଭିଡ ୱିଲି, ଗ୍ଲେନ ମାକ୍ସୱେଲ, ଫିନ୍ ଆଲେନ। ରିଷଭ ପନ୍ତଙ୍କ ଆଘାତ ସମସ୍ୟା ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଦାୟିତ୍ୱ ଡେଭିଡ ୱାର୍ନରଙ୍କ ଉପରେ ନ୍ୟସ୍ତ ରହିଛି। ରିକି ପଣ୍ଟିଂ କୋଚ ରହିଥିବା ବେଳେ ରୋଭମାନ ପାୱେଲ, ମିଚେଲ ମାର୍ଶ, ଲୁନଗି ଏନଗିଡି, ରିଲେ ରୁଷୋ, ଏନରିଚ ନର୍ଜେ ହେଉଛନ୍ତି ବିଦେଶୀ ଖେଳାଳି। ପଞ୍ଜାବ କିଙ୍ଗ୍ସ ଦଳର ଅଧିନାୟକ ଶିଖର ଧାୱନ ଏବଂ କୋଚ ଟ୍ରେଭର ବେଲିସ। ବିଦେଶୀ ଖେଳାଳି ହେଲେ ସାମ କରନ, କାଗିଶୋ ରାବାଡା, ନାଥାନ୍ ଇଲିସ। କୋଲକତା ନାଇଟ ରାଇଡର୍ସ ଦଳର ଅଧିନାୟକ ଶ୍ରେୟାସ ଆୟର ଆହତ ସମସ୍ୟା ଯୋଗୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ନୂଆ ଅଧିନାୟକ ଦାୟିତ୍ୱରେ ରହିବେ। ବ୍ରେଣ୍ଡନ ମ୍ୟାକକୁଲମ ଦଳର କୋଚ୍ ଏବଂ ଲୋକି ଫର୍ଗୁସନ, ଟିମ୍ ସାଉଦୀ, ସୁନୀଲ ନାରିନ, ଶକିବ ଅଲ ହାସନ, ଲିଟନ ଦାସ ହେଉଛନ୍ତି ଦଳର ବିଦେଶୀ ଖେଳାଳି। ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ଏଡେନ ମାରକ୍ରାମ ଏବଂ ବ୍ରାଏନ ଲାରା କୋଚ ଅଛନ୍ତି। ଦଳରେ ହ୍ୟାରି ବ୍ରୁକ୍ ଅବଦୁଲ ସମଦ୍, ଗ୍ଲେନ ଫିଲିପସ୍, ଆଦିଲ୍ ରସିଦ, ମାର୍କୋ ଜାସେନଙ୍କପରି ବିଦେଶୀ ଖେଳାଳି ରହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ଦାୟିତ୍ୱ ପୁଣି ମହେନ୍ଦ୍ର ସିଂ ଧୋନୀଙ୍କୁ ଅର୍ପଣ କରାଯାଇଛି। ଅଭିଜ୍ଞ ଷ୍ଟିଫେନ ଫ୍ଲେମିଂ କୋଚ ପଦ ବଜାୟ ରଖିଛନ୍ତି। ଦଳରେ ବେନ୍ ଷ୍ଟୋକ୍ସ, ମିଚେଲ ସାଣ୍ଟନର, ମୋଇନ ଅଲ୍ଲୀ, ଡେଭନ କନୱେଙ୍କପରି ବିଦେଶୀ ଖେଳାଳି ଥିବାବେଳେ ସର୍ବାଧିକ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ରୋହିତ ଶର୍ମା ଏବଂ କୋଚ ମହିଲା ଜୟବର୍ଦ୍ଧନେ ରହିଛନ୍ତି। ଖେଳାଳି ନିଲାମରେ ଦାମି ଖେଳାଳି କାମେରନ୍ ଗ୍ରୀନ୍, ଟିମ୍ ଡେଭିଡ, ଜୋଫ୍ରା ଆର୍ଚରଙ୍କ ପରି ବିଦେଶୀ ଖେଳାଳି ସ୍ଥାନ ପାଇଛନ୍ତି। ଆଉ ଏକ ରୋମାଞ୍ଚକ ଆଇପିଏଲ ଅପେକ୍ଷାରେ ରହିଛନ୍ତି କ୍ରିକେଟ ପ୍ରେମୀ।


ରୋହିତ ଶର୍ମା

ଶିଖର ଧାୱନ

ଡେଭିଡ୍ ୱାର୍ନର


ହାର୍ଦ୍ଦିକ ପାଣ୍ଡ୍ୟା


ଲୋକେଶ ରାହୁଲ


ଫାଫ୍ ଡୁ ପ୍ଲେସି


ଏଡେନ୍ ମାରାକ୍ରମ


ସଞ୍ଜୁ ସାମସନ୍


ମହେନ୍ଦ୍ର ସିଂ ଧୋନୀ

# କ୍ରିକେଟର ପରିବର୍ତ୍ତିତ ନିୟମ

**କ୍ରିକେଟର ନିୟମ ପରିବର୍ତ୍ତନ ଓ ପ୍ରଚଳନ ପାଇଁ ୧୭୮୮ରେ ସ୍ଥାପନ ହୋଇଥିଲା ମେରିଲବୋନ୍ କ୍ରିକେଟ କ୍ଲବ(ଏମ୍‌ସିସି)। ୧୮୩୪ ପର୍ଯ୍ୟନ୍ତ କ୍ରିକେଟ ନିୟମରେ କୌଣସି ସଂଶୋଧନ କରାଯାଇ ନ ଥିଲା। ମେ ୧୯, ୧୮୩୫ରେ କ୍ରିକେଟର ସମ୍ବିଧାନ 'ଦ ଲଜ୍ ଅଫ୍ ନୋବଲ୍ ଗେମ୍ ଅଫ୍ କ୍ରିକେଟ' ପ୍ରଚଳନ କରାଯାଇଥିଲା...**

କ୍ରିକେଟକୁ ଜେଣ୍ଟଲମ୍ୟାନ୍ସ ଗେମ୍ ବା ଭଦ୍ର ଲୋକଙ୍କ ଖେଳ ବୋଲି କୁହାଯାଏ। ୧୭୪୪ରୁ କ୍ରିକେଟ ଖେଳ ଆରମ୍ଭ ହୋଇଥିଲା। ବ୍ରିଟିଶଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ଆବିଷ୍କୃତ ଏହି ଖେଳରେ ବିଭିନ୍ନ ସମୟରେ ଅନେକ ନିୟମ ପରିବର୍ତ୍ତନ ହୋଇଛି। ୨୨ ଗଜର ପିଚ୍ ଉପରେ ଖେଳା ଯାଉଥିବା ଏହି ଖେଳରେ ଆରମ୍ଭରୁ କ୍ରିକେଟ ପଡିଆର କୌଣସି ସୀମାରେଖା ନଥିଲା। ଏପରିକି କୌଣସି ସମୟ ନିର୍ଘଣ୍ଟ ମଧ୍ୟ ନ ଥିଲା। ଧୀରେ ଧୀରେ ବାଉଣ୍ଡାରି ପ୍ରଚଳନ ହେବା ସହିତ ଟେଷ୍ଟ କ୍ରିକେଟକୁ ୫ ଦିନ ବିଶିଷ୍ଟ କରାଗଲା। ଏହା ପରେ ଦିନିକିଆ କ୍ରିକେଟକୁ ପ୍ରଥମେ ୬୦ ଓଭର ଓ ପରବର୍ତ୍ତୀ ସମୟରେ ୫୦ ଓଭର ବିଶିଷ୍ଟ କରାଗଲା। ସମୟ ସହିତ ତାଳ ଦେଇ ବର୍ତ୍ତମାନ ଟି୨୦ କ୍ରିକେଟ ଓ ଟି୧୦ ଲିଗ୍ ମଧ୍ୟ ଲୋକପ୍ରିୟତା ହାସଲ କରିବାରେ ଲାଗିଲାଣି। କ୍ରିକେଟର କିଛି ନିୟମ ରହିଛି ଯାହା କଦାପି ପରିବର୍ତ୍ତନ ହେବନାହିଁ। ଯେମିତିକି ୨୨ଗଜର ପିଚ୍, ୨୨ ଇଞ୍ଚର ଷ୍ଟମ୍ପ ଓ ୬ ଇଞ୍ଚର ବେଲ୍। ତେବେ କ୍ରିକେଟର ଆବିର୍ଭାବ ପରଠାରୁ ଅନେକ ନିୟମରେ ପରିବର୍ତ୍ତନ ଆସିଛି। ୧୭୭୪ରେ କ୍ରିକେଟରେ ଲେଗ୍ ବିଫୋର ଉଇକେଟ(ଏଲ୍‌ବିଡବ୍ଲ୍ୟୁ) ନିୟମ ପ୍ରଚଳିତ ହେଲା। ୧୭୭୫ ଯାଏ ଦୁଇଟି ଷ୍ଟମ୍ପରେ ମ୍ୟାଚ ଖେଳା ଯାଉଥିବା ବେଳେ କେଣ୍ଟ ଓ ହାମ୍ବେଲଡନ୍ ମ୍ୟାଚରେ ଝଗଡା ହେବା ପରେ ୩ ଷ୍ଟମ୍ପର ବ୍ୟବହାର ଆରମ୍ଭ ହୋଇଥିଲା। ୧୭୮୮ରେ ମେରିଲବୋନ କ୍ରିକେଟ କ୍ଲବ(ଏମ୍‌ସିସି)ର ପ୍ରତିଷ୍ଠା ହୋଇଥିଲା। ଏହା ପରଠାରୁ ବିଭିନ୍ନ କ୍ରିକେଟ ନିୟମର ପ୍ରଚଳନ ଓ ସଂଶୋଧନ ଏହି ସଂସ୍ଥାର ପ୍ରମୁଖ ଦାୟିତ୍ୱ ରହିଛି।

**ଏମ୍‌ସିସି:** କ୍ରିକେଟର ନିୟମ ପରିବର୍ତ୍ତନ ଓ ପ୍ରଚଳନ ପାଇଁ ୧୭୮୮ରେ ସ୍ଥାପନ ହୋଇଥିଲା ମେରିଲବୋନ୍ କ୍ରିକେଟ କ୍ଲବ(ଏମ୍‌ସିସି)। ତେବେ ୧୮୩୪ ପର୍ଯ୍ୟନ୍ତ କ୍ରିକେଟ ନିୟମରେ କୌଣସି ସଂଶୋଧନ କରାଯାଇନଥିଲା। ମେ ୧୯, ୧୮୩୫ରେ କ୍ରିକେଟର ସମ୍ବିଧାନ 'ଦ ଲଜ୍ ଅଫ୍ ନୋବଲ୍ ଗେମ୍ ଅଫ୍ କ୍ରିକେଟ' ପ୍ରଚଳନ କରାଯାଇଥିଲା। ଏଥିରେ ଦ୍ୱିତୀୟ ଧାରା ୧୮୮୪ ମସିହାରେ ଲାଗୁ କରାଯାଇଥିଲା। ୧୯୪୭, ୧୯୮୦ ଓ ୨୦୦୦ରେ ଆଉ ୩ଟି ସଂଶୋଧନ ହୋଇଥିଲା। ଶେଷ ଥର ପାଇଁ ୨୦୧୭ ମସିହାରେ ସମ୍ବିଧାନରେ ଷଷ୍ଠ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କ୍ରିକେଟ ସମ୍ବିଧାନରେ ୪୨ଟି ନିୟମ ରହିଥିବା ବେଳେ ଆଗାମୀ ଦିନରେ ଆହୁରି ପରିବର୍ତ୍ତନର ସମ୍ଭାବନା ରହିଛି। ଏହି ପରିବର୍ତ୍ତିତ ନିୟମ ଉପରେ ଏକ ନଜର.....

**୫୦ ଓଭର ବା ଦିନିକିଆ କ୍ରିକେଟ:** ଦିନିକିଆ କ୍ରିକେଟ ବା ଦିବାରାତ୍ର କ୍ରିକେଟ ୫୦ ଓଭର ବିଶିଷ୍ଟ। ତେବେ ଆରମ୍ଭରୁ ଏହା ୬୦ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଉଥିଲା। ୧୯୭୫, ୧୯୭୯ ଓ ୧୯୮୩ କ୍ରିକେଟ ବିଶ୍ୱକପ ଏହି ଫର୍ମାଟରେ ଖେଳାଯାଇଥିଲା। ତେବେ ୧୯୮୭ ବିଶ୍ୱକପରେ ପ୍ରଥମ ଥର ପାଇଁ ଦିନିକିଆ କ୍ରିକେଟକୁ ୫୦ ଓଭରକୁ ହ୍ରାସ କରାଯାଇଥିଲା। ବର୍ତ୍ତମାନ ରବି ଶାସ୍ତ୍ରୀଙ୍କ ପରି କ୍ରିକେଟର ଏହାକୁ ୪୦ ଓଭରକୁ ହ୍ରାସ କରିବା ପାଇଁ ଦାବି କରୁଛନ୍ତି।

**ବ୍ୟାଟିଂ ପାୱାର ପ୍ଲେ:** ସୀମିତ ଓଭର କ୍ରିକେଟକୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ବ୍ୟାଟିଂ ପାୱାର ପ୍ଲେର ପ୍ରଚଳନ କରାଯାଇଥିଲା। ଆରମ୍ଭରୁ ଦିନିକିଆରେ ପ୍ରଥମ ୧୫ ଓଭର ମଧ୍ୟରେ ଦୁଇ ଜଣ ଖେଳାଳି ୩୦ ଗଜ ଇନ ଫିଲ୍ଡ (ଥାର୍ଟି ୟାର୍ଡ ସର୍କଲ) ବାହାରେ ରହୁଥିଲେ। ପ୍ରଥମ ଥର ପାଇଁ ୨୦୦୫ରେ ଏହି ନିୟମରେ ପରିବର୍ତ୍ତନ ଆସିଥିଲା। ପାୱାର ପ୍ଲେକୁ ୩ ଭାଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ୧୦ ଓଭର ବାଧ୍ୟତାମୂଳକ ରହିଥିଲା। ଦ୍ୱିତୀୟ ପାୱାର ପ୍ଲେର ୫ ଓଭର ବୋଲିଂ ଦଳ ଓ ତୃତୀୟ ପାୱାର ପ୍ଲେର ୫ ଓଭର ବ୍ୟାଟିଂ କରୁଥିବା ଦଳ ନିର୍ଦ୍ଧାରଣ କରୁଥିଲେ। ୨୦୧୫ରେ ଏହି ନିୟମରେ ଆଉଥରେ ପରିବର୍ତ୍ତନ ଆସିଥିଲା। ୧୦ ଓଭର ମଧ୍ୟରେ ଦୁଇ ଜଣ ଖେଳାଳି ୩୦ ଗଜ ବାହାରେ ରହିବା ବାଧତାମୂଳକ ଥିବ। ବେଳେ ୧୧ରୁ ୪୦ ଓଭର ମଧ୍ୟରେ ୪ ଜଣ ଓ ୪୧ରୁ ୫୦ ଓଭର ମଧ୍ୟରେ ୫ ଜଣ ଫିଲ୍ଡର ବାହାରେ ରହି ପାରିବେ।

**ଫ୍ରି ହିଟ୍:** ଟି୨୦ କ୍ରିକେଟର ପ୍ରଚଳନ ପରେ ନୋ ବଲ୍‌ରେ ଫ୍ରି ହିଟ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା ଓ ଦିନିକିଆ କ୍ରିକେଟରେ ମଧ୍ୟ ସମାନ ନିୟମ ଲାଗୁ କରାଯାଇଥିଲା। ଆରମ୍ଭରୁ କେବଳ ଓଭର ଷ୍ଟେପିଂ ଓ ଅଣ୍ଟାରୁ ଉପରେ ବୋଲିଂ ପାଇଁ ଫ୍ରି ହିଟ୍ ମିଳୁଥିବା ବେଳେ ପରବର୍ତ୍ତୀ ସମୟରେ ଦୁଇଟି ବାଉନ୍ସର ପାଇଁ ମଧ୍ୟ ଫ୍ରି ହିଟ୍ ପ୍ରଦାନ କରାଗଲା। ତେବେ ୨୦୦୭ ଟି୨୦ ବିଶ୍ୱକପ ପରେ ଫ୍ରି ହିଟ୍ ନିୟମରେ ଆଉ ଏକ ପରିବର୍ତ୍ତନ ଆସିଥିଲା। ନୋ ବଲ୍ ବୋଲିଂ ହେଇଥିବା ଖେଳାଳି ଫ୍ରି ହିଟ୍ ବଲ୍‌ରେ ଷ୍ଟ୍ରାଇକରେ ଥିଲେ ଫିଲ୍ଡରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ମାତ୍ର ଯଦି ପାର୍ଶ୍ୱ ପରିବର୍ତ୍ତନ ହୋଇଥାଏ ତେବେ ଫିଲ୍ଡ ଚେଞ୍ଜ କରାଯିବ।



**ଦୁଇଟି ନୂଆ ବଲ୍:** ଦିନିକିଆ କ୍ରିକେଟରେ ପାରିପାର୍ଶ୍ୱିକ ସ୍ଥିତିର ପ୍ରଭାବ(କୁହୁଡି) ହ୍ରାସ କରିବା ପାଇଁ ୨୦୧୦ରେ ଦୁଇଟି ନୂଆ ବଲ୍ ନିୟମ ଲାଗୁ କରାଯାଇଥିଲା। ପେସ୍ ବୋଲରଙ୍କ ପାଇଁ ଏହି ନିୟମ ଲାଭଦାୟକ ରହିଥିବା ବେଳେ ସ୍ପିନରଙ୍କୁ ଏଥିରେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଏହି ନିୟମ ଫଳରେ କ୍ରିକେଟରେ ଅଧିକ ୩୦୦+ ସ୍କୋର ଦେଖିବାକୁ ମିଳୁଛି। ୨୦୧୦ରେ ଏହି ନିୟମ ଲାଗୁ ହେବା ପରଠାରୁ ୧୬୦୬ ଇନିଂସରେ ୨୫୭ ଥର ୩୦୦+ ରନ୍ ସ୍କୋର ହୋଇଥିବା ବେଳେ ଏହା ପୂର୍ବରୁ ମାତ୍ର ୧୬ ଥର ଏଭଳି ହୋଇଥିଲା।

**ସବଷ୍ଟିଚ୍ୟୁଟ୍:** ଖେଳ ମଝିରେ ଜଣେ ଖେଳାଳି ଆହତ ହେଲେ ଅନ୍ୟ ଜଣେ ଖେଳାଳି ଫିଲ୍ଡିଂ ପାଇଁ ଆସିଥାନ୍ତି। ଏହାକୁ ସବଷ୍ଟିଚ୍ୟୁଟ୍ ଫିଲ୍ଡର ବୋଲି କୁହାଯାଏ। ୨୦୦୫ରେ ପ୍ରଥମେ ସୁପର ସବ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ବ୍ୟାଟିଂ କରି ସାରିଥିବା ଜଣେ ଖେଳାଳିଙ୍କ ସ୍ଥାନରେ ଜଣେ ବୋଲର କିମ୍ବା କୋଟା ସମ୍ପୂର୍ଣ୍ଣ ହୋଇଥିବା ଜଣେ ବୋଲରଙ୍କ ସ୍ଥାନରେ ବ୍ୟାଟରଙ୍କୁ ସାମିଲ କରିବା ପାଇଁ ନିୟମ ରହିଥିଲା। ସମସ୍ତ ଦଳ ପକ୍ଷରୁ ବିରୋଧ କରାଯିବା ପରେ ମାତ୍ର ୧ ବର୍ଷ ମଧ୍ୟରେ ଏମ୍‌ସିସି ପକ୍ଷରୁ ଏହି ନିୟମକୁ ଉଚ୍ଛେଦ କରାଯାଇଥିଲା। ମାତ୍ର ୨୦୧୯ରେ କନ୍‌କସନ୍ ସବଷ୍ଟିଚ୍ୟୁଟ୍ ଭାବରେ ଖେଳାଳିଙ୍କୁ ସାମିଲ କରିବା ନେଇ ନିୟମ ଲାଗୁ କରାଯାଇଥିଲା। ୨୦୧୯ ଆସେସ୍ ସିରିଜ୍‌ରେ ଷ୍ଟିଭ୍ ସ୍ମିଥ୍‌ଙ୍କ ମୁଣ୍ଡରେ ବଲ୍ ବାଜିବା ପରେ ମାର୍ନସ ଲାବୁଶେନ୍ କ୍ରିକେଟ ଇତିହାସର ପ୍ରଥମ କନ୍‌କସନ୍ ସବଷ୍ଟିଚ୍ୟୁଟ୍ ଖେଳାଳି ପାଲଟିଥିଲେ।

**ସୁପର ଓଭର:** ଟି୨୦ କ୍ରିକେଟରେ ମ୍ୟାଚ୍ ଟାଇ ରହିଲେ ମ୍ୟାଚର ଫଳାଫଳ ନିର୍ଦ୍ଧାରଣ ପାଇଁ ସୁପର ଓଭରର ସାହାଯ୍ୟ ନିଆଯାଉଛି। ତେବେ ଟି୨୦ କ୍ରିକେଟରେ ଆରମ୍ଭରୁ ବୋଲ୍ ଆଉଟ ବ୍ୟବସ୍ଥା ରହିଥିଲା। ପ୍ରତି ଦଳର ୬ ଜଣ ଖେଳାଳି ଷ୍ଟମ୍ପକୁ ବଲ୍ ମାରୁଥିଲେ। ଅଧିକ ଥର ଷ୍ଟମ୍ପରେ ବଲ୍ ବଜାଉଥିବା ଦଳ ବିଜୟୀ ହେଉଥିଲା। ପରେ ଏହାକୁ ବଦଳା ଯାଇ ଏହା ସ୍ଥାନରେ ସୁପର ଓଭର ପ୍ରଚଳିତ ହେଲା। ୩ ଜଣ ଖେଳାଳିଙ୍କୁ ବ୍ୟାଟିଂ ଓ ଜଣେ ଖେଳାଳିଙ୍କୁ ବୋଲିଂ ପାଇଁ ମନୋନୀତ କରାଯାଏ। ୬ ବଲ୍ ମଧ୍ୟରେ ଯେଉଁ ଦଳ ଅଧିକ ରନ୍ ସଂଗ୍ରହ କରେ ତାକୁ ବିଜୟୀ ଘୋଷଣା କରାଯାଏ। ତେବେ ଯଦି ସୁପର୍ ଓଭର-୧ ମଧ୍ୟ ଟାଇ ରୁହେ ତେବେ ଆଉ ୩ ଜଣ ଖେଳାଳିଙ୍କୁ ବ୍ୟାଟିଂ ଓ ଜଣେ ଖେଳାଳିଙ୍କୁ ବୋଲିଂ ପାଇଁ ବଛାଯାଇଥାଏ।

**ସାଲିଭା ବ୍ୟାନ୍:** କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ଅକ୍ଟୋବର ୨୦୨୨ରେ ଆଇସିସି ପକ୍ଷରୁ ସାଲିଭା ବ୍ୟାନ୍ ଘୋଷଣା କରାଯାଇଥିଲା।

–ସରୋଜ କୁମାର ଜେନା

## ମାନ

**ଟେ**ଷ୍ଟ ପରାଜୟ ପ୍ରତିଶୋଧ ନେଲା
ଷ୍ଟିଭେନ ସ୍ମିଥର ଦଳ
ଚେନ୍ନାଇ ଚେପକ୍ ଷ୍ଟାଡିୟମଠାରେ
ଶେଷ ଦୁଇ ଏକରେ ଖେଳ
ଟିମ୍‌କୁ ସ୍ପିନର କାଳ
ଓଳିଏ ଖାଇବା ଓଳିଏ ଉପାସ
ଅଭ୍ୟାସର ଏଇ ଫଳ।

ବିଶ୍ୱ ଲେଡି ବକ୍ସିଂ ଚାମ୍ପିୟନଶିପ୍‌ରେ
ମାକୋଡ଼ା ୱାଟାକୁ ଧକ୍କା
ଭାରତର ନୀତୁ ଘଂଘାସ ହରାଇ
ପଦକ କରିଛି ପକ୍କା
ବାକି ତିନିକଥା ପକ୍କା
ନିଖତ ଜରିନ ଲଭଲିନା ବୁରାଙ୍କ
ଫାଇଟ୍ ପଦକ ଲେଖା।

ବୋପନ୍ନା ସବୁଠୁ ବୟସ୍କ ଚାମ୍ପିୟନ
ବଡି ତା'ର ବଡ଼ ଧନ
ବିଏନ୍‌ପି ପାରିବାସ ଓପନ ଟେନିସ
ସାଥୀ ମ୍ୟାଟ୍ ଇବିଡେନ
ସମ୍ପେଟିଭ୍ ପରେ ବି କୁନ
ବୟସ୍କ ମ୍ୟାଟ୍ରିକଧାରୀ ବାହାରନ୍ତି
ବଢୁନି ଶିକ୍ଷାର ମାନ।

–ସୁବାସ ଚନ୍ଦ୍ର ପ୍ରଧାନ

# ସୂର୍ଯ୍ୟଙ୍କ ଫର୍ମକୁ ନେଇ ଚିନ୍ତାରେ ଭାରତ

**ନୂଆଦିଲ୍ଲୀ, ୨୩।୩ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ପରାଜିତ ହୋଇଛି ଭାରତ। ଅକ୍ଟୋବର-ନଭେମ୍ବରରେ ଦିନିକିଆ କ୍ରିକେଟ ବିଶ୍ୱକପ ରହିଥିବା ବେଳେ ଭାରତର ଏଭଳି ପ୍ରଦର୍ଶନ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ଭାରତୀୟ ମଧ୍ୟକ୍ରମ ବ୍ୟାଟିଂ ଉପରେ ଆସିଛି ସବୁଠୁ ଅଧିକ ପ୍ରଶ୍ନବାଚୀ। ସୂର୍ଯ୍ୟକୁମାର ଯାଦବ ୩ଟି ଯାକ ମ୍ୟାଚରେ ଗୋଲ୍ଡେନ୍ ଡକ୍‌ରେ ଆଉଟ ହେବା ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପ୍ରଥମ ଦୁଇ ଦିନିକିଆରେ ମିଚେଲ ଷ୍ଟାର୍କଙ୍କ ବଲ ରିଭର୍ସ ସୁଇଂ ହୋଇଥିଲା। ତେବେ ଚେନ୍ନାଇର ଚେପକ୍‌ରେ ଖେଳା ଯାଇଥିବା ଅନ୍ତିମ ଦିନିକିଆରେ ଏକ ସାଧାରଣ ବଲରେ ସେ ଆଉଟ ହୋଇଥିଲେ। ଫ୍ରଣ୍ଟଫୁଟ୍‌ରେ ଖେଳିବା ବଲ୍‌କୁ ସେ ବ୍ୟାକ୍‌ଫୁଟ୍‌ରେ ଖେଳିବାକୁ ପ୍ରୟାସ କରି ବୋଲ୍ଡ ହୋଇଥିଲେ। ଏହି ଆଉଟକୁ ଦେଖିଲେ ସେ କେତେ ଚାପରେ ବ୍ୟାଟିଂ କରୁଛନ୍ତି ତାହା ସ୍ପଷ୍ଟ ହୋଇଛି। ଆଇପିଏଲ୍ ସମୟରେ ନିଜର ଏହି ଦୁର୍ବଳତା ଉପରେ କାମ କରି ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବେ ସୂର୍ଯ୍ୟକୁମାର।

**ରାହୁଲଙ୍କ ସ୍ଥାନରେ ଖେଳିପାରନ୍ତି ସାମସନ**


ସୂର୍ଯ୍ୟ କୁମାର ଯାଦବ


ସଞ୍ଜୁ ସାମସନ୍

ଅନ୍ୟପକ୍ଷରେ ଭାରତର ନିୟମିତ ୪ ନମ୍ବର ଖେଳାଳି ରହିଥିବା ଶ୍ରେୟସ୍ ଆୟାରଙ୍କ ଫିଟ୍‌ନେସ୍ ବଡ ସମସ୍ୟା ରହିଥିବା ବେଳେ ସର୍ଟ ପିଚ୍ ବୋଲିଂ ବିପକ୍ଷରେ ତାଙ୍କ ପ୍ରଦର୍ଶନ ଏତେଟା ଭଲ ନୁହେଁ। ତେବେ ଆୟାରଙ୍କୁ ଟିମ୍ ମ୍ୟାନେଜମେଣ୍ଟ ନିୟମିତ ସୁଯୋଗ ଦେଇଥିଲା। ସମାନ ଢଙ୍ଗରେ ସୂର୍ଯ୍ୟକୁମାରଙ୍କୁ ମଧ୍ୟ ସୁଯୋଗ ମିଳିବା ଉଚିତ୍।

ଲୋକେଶ ରାହୁଲ ଓ ସଞ୍ଜୁ ସାମସନ୍: ଅନ୍ୟତମ ପ୍ରତିଭାବାନ ଉଇକେଟ କିପର ବ୍ୟାଟର ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରିବା ସମଗ୍ର ଦେଶରେ ଦାବି ଉଠୁଛି। ଅନ୍ୟ ପକ୍ଷରେ ଭାରତୀୟ ମ୍ୟାନେଜମେଣ୍ଟ ଲୋକେଶ ରାହୁଲଙ୍କୁ ସୁଯୋଗ ପରେ ସୁଯୋଗ ପ୍ରଦାନ କରି ଚାଲିଛି। ଚଳିତ ସିରିଜରେ ରାହୁଲ ଭାରତର ଟପ୍ ସ୍କୋରର ରହିଥିଲେ ମଧ୍ୟ ତାଙ୍କ ବ୍ୟାଟିଂ ଆପ୍ରୋଚ୍ ଅତ୍ୟନ୍ତ ଧୀମା ରହୁଛି। ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ୭୫ ରନ୍ କରିଥିବା ବେଳେ ଏହା ଏକ ଲୋ ସ୍କୋରିଂ ମ୍ୟାଚ୍ ରହିଥିଲା। ତୃତୀୟ ମ୍ୟାଚରେ ୨୭୦ ରନ୍ ଲକ୍ଷ୍ୟର ପିଛା କରୁଥିବା ବେଳେ ରାହୁଲ ୫୦ ବଲ୍ ଖେଳି ୩୨ ରନ୍ କରିଥିଲେ। ୪୪ ବଲ ପର୍ଯ୍ୟନ୍ତ ରାହୁଲଙ୍କ ବ୍ୟାଟରୁ ଗୋଟିଏ ବି ବାଉଣ୍ଡାରୀ ଆସି ନଥିଲା ଯାହା ପରୋକ୍ଷରେ ଦଳ ଉପରେ ଚାପ ସୃଷ୍ଟି କରିଥିଲା। ୩୦୦ରୁ ଅଧିକ ରନ୍‌ର ପିଛା କରୁଥିବା ସମୟରେ ରାହୁଲଙ୍କ ଆଭରେଜ୍ ଖରାପ ରହିଥିବା ବେଳେ ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ସାମସନ୍‌ଙ୍କୁ ସୁଯୋଗ ମିଳିବା ଉଚିତ୍। ରଜତ ପଟିଦାରଙ୍କ ରୂପରେ ମ୍ୟାନେଜମେଣ୍ଟ ନିକଟରେ ଆଉ ଏକ ବିକଳ୍ପ ମଧ୍ୟ ରହିଛି। ଆସନ୍ତା ବିଶ୍ୱକପରେ ପିଚ୍ ଗୁଡିକ କିଭଳି ରହିବ ତାହାକୁ ନେଇ ଆଶଙ୍କା ରହିଛି। ଏହି ପିଚ୍ ଗୁଡିକ ଅକ୍ଟୋବର ମାସରେ କିଭଳି ପ୍ରଦର୍ଶନ କରିବ ତାହା ଦେଖିବାକୁ ବାକି ରହିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୪୦୦ ମିଟର ବାଧାଦୌଡ ଧାବକ ବାପି ହାଁସଦା।

# ୨୨ ଜଣିଆ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

**ଜାତୀୟ ମହିଳା ଫୁଟବଲ**

୨୭ ତମ ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍ ପାଇଁ ୨୨ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆସନ୍ତା ୨୫ ମାର୍ଚ୍ଚରୁ ଗୋଆରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ୨୨ ଜଣିଆ ଓଡ଼ିଶା ଦଳରେ ୩ ଜଣ ଗୋଲକିପର, ୭ ଜଣ ଡିଫେଣ୍ଡର, ୬ ଜଣ ମିଡଫିଲ୍ଡର ଓ ୬ ଜଣ ଫରୱାର୍ଡ ଖେଳାଳି ସାମିଲ ଅଛନ୍ତି। କ୍ରିସ୍ପିନ୍ ଛେତ୍ରୀ ଓଡ଼ିଶା ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଗୀତାଞ୍ଜଳି ଖୁଣ୍ଟିଆ ସହକାରୀ କୋଚ୍, ଗାୟତ୍ରୀ ମଲିକ୍ ମ୍ୟାନେଜର ଓ ସୌମ୍ୟାଶ୍ରୀ ମିଶ୍ର ଫିଜିଓ ରହିଛନ୍ତି।

ଓଡ଼ିଶା ଦଳ: ଗୋଲ କିପର:ସ୍ୱନ୍ଦିତା ଦାସ, ମଞ୍ଜୁ ଗଞ୍ଝୁ,ଶ୍ୱେତପଦ୍ମା ସାହୁ।
ଡିଫେଣ୍ଡର: ନିକିତା ବିଶି, ମମତା ପାତ୍ର, ସୁସ୍ମିତା ତନ୍ତି, ଶ୍ରଦ୍ଧାଞ୍ଜଳି ପଣ୍ଡା, ଆରିଫା ଜାହିର,ଶିବାନୀ ମୁଣ୍ଡାରୀ, କାମିନୀ ମୁଣ୍ଡା।
ମିଡଫିଲ୍ଡର: ବନ୍ୟା କବିରାଜ, ପୂର୍ଣ୍ଣିମା ରାଓ, ଭାରତୀ ଦାସ, ଗ୍ରେସ୍ ଲାଲରାମପରୀ ହଉନହାର, ସୁମିତ୍ରା ହେମ୍ବ୍ରମ, ଶ୍ରୀଜନା ତମାଙ୍ଗ।
ଫରୱାର୍ଡ: ଦୀପା ନାୟକ, ସୁଭଦ୍ରା ସାହୁ, ମାଳତୀ ମୁଣ୍ଡା, ସସ୍ମିତା ବେହେରା, ସତ୍ୟବତୀ ଖାଡିଆ, ଜଶୋଦା ମୁଣ୍ଡା।


ଓଡ଼ିଶା ମହିଳା ଫୁଟ୍‌ବଲ ଦଳ।

## ଗୋଲ୍‌ଡେନ ବୁଟ୍ ବିଜେତା ମରିସିଓ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୨-୨୩ ସିଜନରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ପାଇଁ ଗୋଲ୍‌ଡେନ ବୁଟ୍ ପୁରସ୍କାର ପାଇଥିବା ଡିଏଗୋ ମରିସିଓଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଡିଏଗୋଙ୍କ ସହିତ ଓଡ଼ିଶା ଏଫ୍‌ସି ସଭାପତି ରାଜ ଅଟୱାଲ ଆସିଥିଲେ। ଓଡ଼ିଶା ଏଫ୍‌ସି ପ୍ରତି ସମର୍ଥନ ସହିତ ଫୁଟ୍‌ବଲର ବିକାଶ ଓ ପ୍ରୋତ୍ସାହନ ପାଇଁ ଏକ ସାମଗ୍ରିକ କ୍ରୀଡ଼ା ଇକୋସିଷ୍ଟମ ସୃଷ୍ଟି କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କ୍ରୀଡ଼ାର ଭିତ୍ତିଭୂମି ବିଶେଷ କରି ଟ୍ରେନିଂ ଗ୍ରାଉଣ୍ଡକୁ ସେମାନେ ପ୍ରଶଂସା କରିଥିଲେ, ଯାହା ସେମାନଙ୍କ ପ୍ରଦର୍ଶନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ଆଇଏସ୍‌ଏଲ୍ ସିଜନ ୨୦୨୨-୨୩ରେ ମରିସିଓ ୨୧ଟି ମ୍ୟାଚ ଖେଳି ୧୨ ଗୋଲ୍ ସ୍କୋର କରିଥିଲେ। ଏଥିପାଇଁ ସେ ସମ୍ମାନଜନକ ଗୋଲ୍‌ଡେନ୍ ବୁଟ୍ ପୁରସ୍କାର ଲାଭ କରିଥିଲେ।

# ବାପି ହାଁସଦାଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

**୪୦୦ ମିଟର ବାଧା ଦୌଡରେ ବିଶ୍ୱ ରେକର୍ଡ**

ଓଡ଼ିଶାର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ବାପି ହାଁସଦାଙ୍କୁ ଗୁରୁବାର ସମ୍ମାନିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୮ ତମ ନ୍ୟାସନାଲ ୟୁଥ୍ ଆଥଲେଟିକ୍ସରେ ଜାତୀୟ ରେକର୍ଡ ନିଜ ନାମରେ କରିଥିବା ବାପିଙ୍କୁ ସମ୍ମାନିତ କରିବା ସହିତ ୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି। ୪୦୦ ମିଟର ବାଧାଦୌଡରେ ବାପି ୫୧.୯୦ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ଟାଇମିଂ ସହିତ ୧୮ ବର୍ଷରୁ କମ୍ ବୟସ ବର୍ଗରେ ବାପି ବିଶ୍ୱର ଦ୍ରୁତତମ ବାଧାଦୌଡ ଧାବକ ରହିଛନ୍ତି। ଏହା ସହିତ ବାପି ଏସିଆନ୍ ୟୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ବାପିଙ୍କୁ ଜଣେ ପରିଶ୍ରମୀ ଆଥଲେଟ ବୋଲି କହିବା ସହିତ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ସହଯୋଗ ପାଇଁ ବାପି ଧନ୍ୟବାଦ ଜ୍ଞାପନ କରିଛନ୍ତି। ବାଲେଶ୍ୱରର ବାପିଙ୍କ ଦକ୍ଷତା ଏଚ୍‌ପିସିର କୋଚ୍ ମାନଙ୍କ ନଜରରେ ଆସିବା ପରେ ସେ ୨୦୧୯ରୁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରୁଛନ୍ତି।

## ହକି ଇଣ୍ଡିଆକୁ ଏଏଚ୍‌ଏଫ୍‌ର ସମ୍ବର୍ଦ୍ଧନା

**ନୂଆଦିଲ୍ଲୀ, ୨୩।୩ (ପି.ଟି.)**

ହକି ବିଶ୍ୱକପ୍ ୨୦୨୩ର ସଫଳ ଆୟୋଜନ ପାଇଁ ହକି ଇଣ୍ଡିଆ ସମ୍ବର୍ଦ୍ଧିତ। ଗୁରୁବାର ଏସିଆନ୍ ହକି ମହାସଂଘ(ଏଏଚ୍‌ଏଫ୍) ପକ୍ଷରୁ ଏହ ସମ୍ମାନ ପ୍ରଦାନ କରାଯାଇଛି। ହକି ବିଶ୍ୱକପ୍ ୨୦୨୩ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ଆୟୋଜକ ଭାବରେ ହକି ଇଣ୍ଡିଆକୁ ସମ୍ମାନିତ କରାଯାଇଥିଲା। ଦକ୍ଷିଣ କୋରିଆର ମୁଙ୍ଗୟେୟୋଙ୍ଗରେ ଆୟୋଜିତ ଏଏଚ୍‌ଏଫ୍ କଂଗ୍ରେସରେ ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୂର୍ବରୁ ୨୦୧୮ ବିଶ୍ୱକପ୍ ମଧ୍ୟ ଭାରତରେ ଅନୁଷ୍ଠିତ ହୋଇଥିଲା। ୨୦୧୮ରେ କେବଳ କଳିଙ୍ଗ ଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳା ଯାଇଥିଲା। ତେବେ ୨୦୨୩ରେ ନବନିର୍ମିତ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯାଇଥିଲା। ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅଲିମ୍ପିକ୍ସ ଭିଲେଜ୍ ଷ୍ଟାଇଲରେ ହକି ଭିଲେଜ୍ ରହିଥିବା ବେଳେ ଏହାକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି ଟୁର୍ନାମେଣ୍ଟର ମାସ୍କଟ ରହିଥିବା ଓଲି ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ନେଇ ସଚେତନତା ବାର୍ତ୍ତା ଦେଇଥିଲା। ଏହି ସମ୍ମାନ ପାଇଁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏଏଚ୍‌ଏଫ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଘରୋଇ ମାଟିରେ ବିଶ୍ୱକପ୍ ଆୟୋଜନ ସର୍ବଦା ସ୍ୱତନ୍ତ୍ର। ଖେଳାଳିଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ ପାଇଁ ଆମେ ବଦ୍ଧପରିକର ଥିଲୁ। ଖେଳାଳି, ଅଫିସିଆଲ ଓ ଦର୍ଶକଙ୍କୁ ଶ୍ରେଷ୍ଠ ସୁବିଧା ପ୍ରଦାନ ପାଇଁ ଆମେ ସର୍ବଦା ଚେଷ୍ଟା କରିଥିଲୁ ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି।

**ବିଶ୍ୱକପ୍‌ର ସଫଳ ଆୟୋଜନ**


ଏଏଚ୍‌ଏଫ୍ କଂଗ୍ରେସରେ ପୁରସ୍କାର ଗ୍ରହଣ କରୁଛନ୍ତି ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ।

## ପଲ୍ ରାମ୍ଫାଙ୍ଗଜାଉଭାଙ୍କ ସହ ଓଏଫ୍‌ସିର ଚୁକ୍ତି



**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ମିଡଫିଲ୍ଡର ପଲ୍ ରାମ୍ଫାଙ୍ଗଜାଉଭାଙ୍କ ସହିତ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଏହାର ଚୁକ୍ତିନାମା ଦୁଇ ବର୍ଷ ବୃଦ୍ଧି କରିଛି। ମିଜୋରାମର ପଲ୍ ରାମ୍ଫାଙ୍ଗଜାଉଭା ୨୦୨୧ରେ ଓଏଫ୍‌ସି ସହିତ ଚୁକ୍ତି କରିଥିଲେ। ୨୨ ବର୍ଷୀୟ ଏହି ପ୍ରତିଭାବାନ ଖେଳାଳି ଜଣଙ୍କ ପ୍ରଥମେ ଆଇଜ୍ୱାଲ ଏଫ୍‌ସି ପାଇଁ ଖେଳିଥିଲେ। ମିଡଫିଲ୍‌ଡରେ ନିଜର କ୍ଷିପ୍ରତା ପାଇଁ ପ୍ରସିଦ୍ଧି ହାସଲ କରିବା ପରେ ବିଗତ ସିଜନରେ ସେ ଓଏଫ୍‌ସି ପାଇଁ ୨୦ ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରେ ସେ ୩ଟି ଗୋଲ ସ୍କୋର କରିଥିଲେ। ଆସନ୍ତା ୨୦୨୫ ସିଜନ ପର୍ଯ୍ୟନ୍ତ ପଲ୍ ରାମ୍ଫାଙ୍ଗଜାଉଭାଙ୍କ ସହିତ ଚୁକ୍ତିକୁ ବୃଦ୍ଧି କରାଯାଇଛି। ଏହା ସହିତ ଯୁବ ପ୍ରତିଭା ମାନଙ୍କୁ ଆଗକୁ ବଢିବାର ସୁଯୋଗ ଦେବା କ୍ଲବର ପ୍ରାଥମିକତା ବୋଲି ମଧ୍ୟ ସ୍ପଷ୍ଟ ହୋଇଛି। ନିୟମିତ ଭାବରେ କ୍ଲବ୍ ଯୁବ ଖେଳାଳିଙ୍କୁ ସୁଯୋଗ ଦେଉଥିବା ବେଳେ ପଲ୍ ଏହା ମଧ୍ୟରୁ ଅନ୍ୟତମ। ଆସନ୍ତା ହିରୋ ସୁପର୍ କପ୍‌ରେ ସେ ଓଏଫ୍‌ସିର ଅନ୍ୟତମ ପ୍ରମୁଖ ଖେଳାଳି ରହିବେ।

## ସଲିମା ଟେଟେ ଏଏଚ୍‌ଏଫ୍ ଆଥଲେଟ୍ସ ଆମ୍ବାସାଡର

**ନୂଆଦିଲ୍ଲୀ, ୨୩।୩ (ପି.ଟି.):** ଜାତୀୟ ମହିଳା ହକି ଦଳର ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ଗୁରୁବାର ଭାରତରୁ ଏଏଚ୍‌ଏଫ୍ ଆଥଲେଟ୍ସ ଆମ୍ବାସାଡର ଭାବେ ନିଯୁକ୍ତି ପାଇଛନ୍ତି। ମାର୍ଚ୍ଚ ୨୫ରୁ ଆରମ୍ଭ କରି ତାଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ରହିବ। କୋରିଆର ମୁଙ୍ଗୟେଙ୍ଗଠାରେ ଏସିଆନ ହକି ମହାସଂଘ (ଏଏଚ୍‌ଏଫ୍) କଂଗ୍ରେସରେ ସେ ପ୍ରମାଣପତ୍ର ଓ ପଦବୀ ଗ୍ରହଣ କରିଛନ୍ତି। ଟେଟେଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ମହିଳା ହକି ଦଳ ୨୦୨୧ରେ ଦକ୍ଷିଣ ଆଫ୍ରିକାର ପୋଚେଫ୍‌ଷ୍ଟ୍ରୁମ୍‌ଠାରେ ଏଫ୍‌ଆଇଏଚ୍ ମହିଳା ଜୁନିୟର ବିଶ୍ୱକପ୍‌ରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ତାଙ୍କ ସହିତ ଏସିଆର ୪ଜଣ ଖେଳାଳି ଏହି ପଦବୀରେ ନିଯୁକ୍ତି ପାଇଛନ୍ତି। ଟେଟେ ଏହି ଅଞ୍ଚଳରୁ ଆଥଲେଟଙ୍କ ଅଧିକାର ଓ କଲ୍ୟାଣ ବିଷୟରେ ସଚେତନତା ସୃଷ୍ଟି ଦିଗରେ କାର୍ଯ୍ୟକରିବେ।

# ଜାତୀୟ ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତମାସ ୨୫ରୁ ୨୮ ପର୍ଯ୍ୟନ୍ତ ବିହାରର ଗୋପାଳଗଞ୍ଜଠାରେ ୪୪ତମ ଜାତୀୟ ସିନିୟର ଥ୍ରୋ ବଲ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଭାଗନେଉଛନ୍ତି। ଗୁରୁବାର ୨୮ଜଣ ଖେଳାଳି ବିହାର ଅଭିମୁଖେ ଯାତ୍ରା କରିଛନ୍ତି। ସୁଧାସିନ୍ଧୁ ସାହୁ ମହିଳା ଦଳର ଏବଂ ଦେବାଶିଷ ସ୍ୱାଇଁ ପୁରୁଷ ଦଳର ଅଧିନାୟକ ରହିଛନ୍ତି। ଦଳ ସହ କୋଚ୍ ଦୀପ୍ତି ରଞ୍ଜନ ସାମନ୍ତରାୟ, ମ୍ୟାନେଜର ଭାବେ ଏସ୍. ଜଗା ରେଡ୍ଡୀ ଏବଂ ରେଫରି ଭାବେ ଚିରଞ୍ଜୀବୀ ମହାନ୍ତି ଦଳ ସହିତ ଗସ୍ତ କରିଥିବା ଓଡ଼ିଶା ଥ୍ରୋ ବଲ୍ ଦଳର ସହସମ୍ପାଦକ ଯଶୋବନ୍ତ ପରମଗୁରୁ ପ୍ରକାଶ କରିଛନ୍ତି।



ଜାତୀୟ ସିନିୟର ଥ୍ରୋ ବଲ୍ ପାଇଁ ମନୋନୀତ ଓଡ଼ିଶା ପୁରୁଷ ଓ ମହିଳା ଦଳ।

# ଓଡ଼ିଶାରୁ ଭାଗନେବେ ୧୨ ଖେଳାଳି

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

**ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଓଡ଼ିଶାରୁ ୧୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଉତ୍ତର ପ୍ରଦେଶର ଲକ୍ଷ୍ନୌ ସ୍ଥିତ ନ୍ୟାଶନାଲ ରିହାବିଲିଟେଶନ ୟୁନିଭର୍ସିଟିରେ ମାର୍ଚ୍ଚ ୨୩ରୁ ୨୬ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶାରୁ ସିନିୟର ବର୍ଗରେ ୮, ୧୯ ବର୍ଷରୁ କମ୍ ବର୍ଗରେ ୨ ଓ ୧୭ ବର୍ଷରୁ କମ୍ ବୟସ ବର୍ଗରେ ଦୁଇ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏହା ବ୍ୟତିତ ୨ ଜଣ କୋଚ୍, ଜଣେ ମ୍ୟାନେଜର ଓ ଜଣେ ସପୋର୍ଟ ଷ୍ଟାଫ୍ ଦଳ ସହିତ ରହିବେ।

ସିନିୟର ଦଳ: ନୁରୁଲ ହୋସେନ୍ ଖାନ୍, ସୁଦର୍ଶନ ନାଗ, ଶେଷଗିରି କଇତାମ, ଦିଲେଶ୍ୱର ରାଓ, ଦୀପ୍ ରଞ୍ଜନ ବିଷୋୟୀ, ଶୁଭ୍ରଜିତ୍ ମହାରଣା, ଅଭିଜିତ୍ ପ୍ରଧାନ ଓ ଆଲୋକ ମହାନ୍ତି।
୧୯ ବର୍ଷରୁ କମ୍ ଦଳ: କୁଲଦୀପ ମହାକୁଲ, ଅନୁପ ରଞ୍ଜନ ବଡ
୧୭ ବର୍ଷରୁ କମ୍ ଦଳ: ବିଭା ସିନ୍ଧୁ ବାରିକ, ରାଣୀ ଗଡିଆ।


ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପାଇଁ ଓଡ଼ିଶା ଦଳ।

## ଅସ୍ମିତା ଭୌମିକଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ମେଣ୍ଟାଶାଳରେ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଆଇଟା (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗର ଅସ୍ମିତା ଭୌମିକ ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ସହ ଦ୍ୱିମୁକୁଟ ହାସଲ କରିଛନ୍ତି। ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ଦୁଇ ଖେଳାଳି ଆହାନ ମିଶ୍ର ଓ ରୋନକ୍ ଗିର୍ଲାଙ୍କ ମଧ୍ୟରେ ଖେଳାଯିବ। ବାଳିକା ଫାଇନାଲରେ ଅସ୍ମିତା ପଶ୍ଚିମବଙ୍ଗର ସଂରଚନା ଦାସଙ୍କୁ ୬-୨, ୬-୨ରେ ପରାସ୍ତ କରିଛନ୍ତି। ବାଳିକା ଡବଲ୍ସରେ ଅସ୍ମିତା ଓ ତାଙ୍କ ପାର୍ଟନର ସଂରଚନା ଦାସ ୬-୨, ୬-୨ରେ ଓଡ଼ିଶାର ରାଚେଲ ଦାସ ଓ ଦିବ୍ୟାଳି ରାୟଙ୍କୁ ୬-୧,୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ବିଜେତା ଓ ରନରଅପ୍ ଯଥାକ୍ରମେ ୧୫ ଓ ୧୨ ଆଇଟା ର୍ୟାଙ୍କିଙ୍ଗ ପଏଣ୍ଟ ପାଇବେ। ଅନ୍ୟପକ୍ଷରେ ବାଳକ ସେମିଫାଇନାଲରେ ଆହାନ ମିଶ୍ର ୬-୦, ୬-୧ରେ ଆର୍ୟନ ରାଠିଙ୍କୁ ଏବଂ ରୋନକ ଗିର୍ଲା ୬-୨, ୬-୨ରେ ଜଗତଜ୍ୟୋତି ପତିଙ୍କୁ ପରାସ୍ତ କରିଛନ୍ତି।

# ପୁରୁଷ ଓ ମହିଳା ବର୍ଗରେ ଭାରତ ଚାମ୍ପିୟନ

**ଗୌହାଟୀ, ୨୩।୩**

ଆସାମର ଗୌହାଟୀ ସ୍ଥିତ ତାମୁଲପୁର ଠାରେ ୪ର୍ଥ ଏସିଆନ ଖୋଖୋ ପ୍ରତିଯୋଗିତା ୨୦୨୩ ଗୁରୁବାର ଶେଷ ହୋଇଛି । ଆସାମ ରାଜ୍ୟପାଳ ଗୁଲାବ ଚାନ୍ଦ କାଟରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆସାମ ବିଟିଆରର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରମୋଦ ବୋରୋ, ଭାରତୀୟ ଖୋଖୋ ସଂଘର ସଭାପତି ସୁଧାଂଶୁ ମିତ୍ତଲ, ସାଧାରଣ ସମ୍ପାଦକ ଏମଏସ ତ୍ୟାଗି ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଐତିହାସିକ ବିଜୟ ହାସଲ କରିଛି। ଭାରତୀୟ ଦଳର ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଚୂଡାନ୍ତ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ୪୯-୧୬ରେ ନେପାଳ ଓ ପୁରୁଷ ଦଳ ୫୭-୨୨ରେ ନେପାଳକୁ ପରାସ୍ତ କରିଥିଲା। ଏଥିରେ ବାଂଲାଦେଶ, ଭୂଟାନ, ଇଣ୍ଡିଆ, ନେପାଳ, ଶ୍ରୀଲଙ୍କା, ଇରାନ, ଦକ୍ଷିଣ କୋରିଆ, ମ୍ୟାଲେସିଆ, ଇଣ୍ଡୋନେସିଆ ପ୍ରମୁଖ ଦେଶ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳରେ ସାମିଲ ଓଡିଶାର ଅର୍ଚ୍ଚନା ମାଝୀ ଉଚ୍ଚକୋଟୀର କ୍ରୀଡା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ଉଚ୍ଚକୋଟୀର କ୍ରୀଡା ପ୍ରଦର୍ଶନ କରିଥିବାରୁ ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତ ବେହେରା, କ୍ରୀଡା ସଚିବ ଆର.ଭିନୀଲ କ୍ରୀଷ୍ଣା, ରାଜ୍ୟ କ୍ରୀଡା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଆଶୀର୍ବାଦ ବେହେରା, ରାଜ୍ୟ ଖୋଖୋ ସଂଘ ସଭାପତି ନାରାୟଣ ପାତ୍ର, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଶୁଭେଚ୍ଛା ପ୍ରଦାନ କରିଛନ୍ତି।

**ଏସିଆନ ଖୋଖୋ ପ୍ରତିଯୋଗିତା**


ଚତୁର୍ଥ ଏସିଆନ ଖୋଖୋ ଚାମ୍ପିୟନଶିପ୍ ଚାମ୍ପିୟନ ଭାରତୀୟ ମହିଳା ଦଳ ଟ୍ରଫି ସହ।

# ଦ୍ୱିତୀୟ ଦିନରେ ଭାରତକୁ ଦୁଇ ପଦକ

**ଭୋପାଳ,୨୩ା୩ (ପି.ଟି.)** ଭୋପାଳରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ର ଦ୍ୱିତୀୟ ଦିବସରେ ଭାରତ ଦୁଇଟି ପଦକ ହାସଲ କରିଛି। ପ୍ରଥମ ଦିନରେ ଏୟାର ପିସ୍ତଲ ପୁରୁଷ ଇଭେଣ୍ଟରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏୟାର ପିସ୍ତଲ ଇଭେଣ୍ଟରେ ସରବଜୋତ ସିଂ ସ୍ୱର୍ଣ୍ଣ ପଦକ ଓ ବରୁଣ ତୋମାର ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଗୁରୁବାର ଭାରତ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ଓ ଏୟାର ରାଇଫଲ୍ ମିକ୍ସଡ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛି। ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବରୁଣ ତୋମାର ଓ ରିଦିମ୍ ସାଙ୍ଗୱାନ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ରୁଦ୍ରାଂକ୍ଷ ପାଟିଲ ଓ ଆର. ନର୍ମଦା ନିତିନ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଭୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଚାଇନା। ମଧ୍ୟପ୍ରଦେଶ ଶୁଟିଂ ଏକାଡେମୀ ରେଞ୍ଜରେ ଗୁରୁବାର ବରୁଣ ଚଳିତ ସଂସ୍କରଣର ଦ୍ୱିତୀୟ ପଦକ ହାସଲ କରିଥିଲେ। ଚାଇନାର କ୍ୱିଆନ୍ ୱେଇ ଓ ଲିଉ ଜିନ୍ୟାଓଙ୍କ ନିକଟରୁ ୧୧-୧୭ରେ ପରାଜିତ ହେବା ସହିତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ବରୁଣ-ରିଦିମ୍। ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ

## ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍

ଚାଇନା ଯୋଡି ଆରମ୍ଭରୁ ୭-୧୫ରେ ଆଗୁଆ ରହିଥିଲେ। ତେବେ ରିଦିମ୍-ବରୁଣ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହିତ ମ୍ୟାଚ୍‌କୁ ୧୧-୧୫ ସ୍ଥିତିକୁ ନେଇ ଆସିଥିଲେ। ଚାଇନିଜ୍ ଯୋଡି ୨ ପଏଣ୍ଟ ହାସଲ କରିବା ସହିତ ବିଜୟୀ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ କ୍ୱିଆନ୍ ୱେଇ ଓ ଲିଉ ଜିନ୍ୟାଓ ୫୮୬ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିବା ବେଳେ ରିଦିମ୍-ବରୁଣ



ରିଦିମ୍ ସାଙ୍ଗୱାନ ଓ ବରୁଣ ତୋମାର ।

୫୮୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ଯୋଡି ଦିବ୍ୟା ଟିଏସ୍ ଓ ସରବଜୋତ୍ ସିଂ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ। ୫୭୪ ପଏଣ୍ଟ ସହିତ ଉଭୟ ପଞ୍ଚମ ସ୍ଥାନରେ ରହିଥିଲେ।

ଏୟାର ରାଇଫଲ୍ ବର୍ଗରେ ବିଶ୍ୱ ଚାମ୍ପିୟନ ରୁଦ୍ରାଂକ୍ଷ ପାଟିଲ ଓ ଆର. ନର୍ମଦା ନିତିନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏକ ମାସ ତଳେ କାଇରୋରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଉଭୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ଉଭୟ ୬୩୨ ପଏଣ୍ଟ ଅର୍ଜନ କରିବା ସହିତ ତୃତୀୟ ସ୍ଥାନରେ ରହିଥିଲେ। ଚାଇନାର ଝାଙ୍ଗ କ୍ୱିଓଙ୍ଗ ଓ ୟୁ ହାଓନାନ ମଧ୍ୟ ସମାନ ପଏଣ୍ଟ ଅର୍ଜନ କରି ଚତୁର୍ଥ ସ୍ଥାନରେ ରହିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚରେ ଚାଇନିଜ୍ ଯୋଡିଙ୍କୁ ୧୬-୮ରେ ପରାସ୍ତ କରିଥିଲେ ରୁଦ୍ରାଂକ୍ଷ-ନର୍ମଦା। ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଉଭୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିଲେ। ଗୋଟିଏ ବି ଶଟ୍ ୧୦ ପଏଣ୍ଟରୁ ତଳେ ରହି ନ ଥିଲା। ସ୍ୱର୍ଣ୍ଣ ଅଳ୍ପକେ ହାତ ଛଡା କରିଥିଲେ ହେଁ ପଦକ ହାସଲ କରିବା ଆମକୁ ଉତ୍ସାହିତ କରିଥିଲା ବୋଲି କହିଥିଲେ ରୁଦ୍ରାଂକ୍ଷ ପାଟିଲ। ଚାଇନାର ହୁଆଙ୍ଗ ୟୁଟିଙ୍ଗ ଓ ଶେଙ୍ଗ ଲିହାଓ ୧୬-୨ରେ ହଙ୍ଗେରୀର ଇଷ୍ଟଭାନ ପେନି ଓ ଡେନେସ୍ ଏସ୍‌ଜରଙ୍କ ଯୋଡିକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ଭାରତର ୪ ଫାଇନାଲରେ



ଭାରତର ନିଖତ ଜରିନ (ଡାହାଣ) କଲମ୍ବିଆର ଇନ୍‌ଗ୍ରିଟ୍ ଭାଲେନ୍‌ସିଆଙ୍କୁ ପଞ୍ଚ ମାରୁଛନ୍ତି।

**ନୂଆଦିଲ୍ଲୀ, ୨୩ା୩ (ପି.ଟି.):** ଭାରତର ନିଖତ ଜରିନ୍ (୫୦କେଜି), ନୀତୁ ଘଙ୍ଘାସ (୪୮କେଜି), ଲଭଲିନା ବର୍ଗୋହେନ୍ (୭୫କେଜି) ଓ ସାୱିଟି ବୁରା (୮୧କେଜି) ଏଠାରେ ଚାଲିଥିବା ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ନିଖତ ରିଓ ଅଲିମ୍ପିକ ବ୍ରୋଞ୍ଜ ବିଜେତା କଲମ୍ବିଆର ଇନ୍‌ଗ୍ରିଟ୍ ଭାଲେନ୍‌ସିଆଙ୍କୁ ୫-୦ରେ ହରାଇ ଦେଇଥିବା ବେଳେ ନୀତୁ ୫-୨ରେ କାଜାଖସ୍ତାନର ଆଲିଆ ବାଲ୍‌କିବେକୋଭାଙ୍କୁ ପରାସ୍ତ କରିଛନ୍ତି। ଗତଥରର ଚାମ୍ପିୟନ ନିଖତ ତାଙ୍କ ସ୍ପିଡ୍ ଓ ଟାକ୍ଟିସର ଉପଯୋଗ କରି ଭାଲନ୍‌ସିଆଙ୍କୁ ପଛରେ ପକାଇ ଦେଇଥିଲେ। ବିଜୟ ସେ ତାଙ୍କ ଟାଇଟଲ ବଜାୟ ରଖିବା ଅଭିଯାନ ଜାରି ରଖିଛନ୍ତି। ନୀତୁ ଓ ବାଲ୍‌କିବେକୋଭାଙ୍କ ମଧ୍ୟରେ ମୁକାବିଲା ଗତବର୍ଷର କ୍ୱାର୍ଟରଫାଇନାଲର ରିମ୍ୟାଚ ଥିଲା। ଉଭୟଙ୍କ ମଧ୍ୟରେ ପ୍ରଥମ ରାଉଣ୍ଡ ମୁକାବିଲା ଜୋରଦାର ଥିଲା। କାଜାଖସ୍ତାନ ବକ୍ସର ଯଦିଓ ପ୍ରାଧାନ୍ୟ ବିସ୍ତାର କରିଥିଲେ ୨-୩ରେ ପଛୁଆ ରହିଥିଲେ। ଦ୍ୱିତୀୟ ରାଉଣ୍ଡର ନୀତୁ ହୁକ୍ସ ଓ ଜାବ୍ସ ସହ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିରେ ଉଭୟ ବକ୍ସର କିନ୍ତୁ ପଞ୍ଚ ଖାଇଥିଲେ। ଫାଇନାଲ ୩ ମିନିଟ ଲଢେଇ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ଏପରିକି ଏକ ବାଉଟ୍ ରିଭ୍ୟୁ କରିବାକୁ ପଡ଼ିଥିଲା। ନୀତୁ କିନ୍ତୁ ବାଲ୍‌କିବେକୋଭାଙ୍କଠାରୁ ଭାରି ପଡ଼ିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ